DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୭/୨୦୨୦ (୧୩ ପୃଷ୍ଠା) | Bhubaneswar, Tuesday, July 7/2020 | ★★★★★★
୪୬ଶ ଭାଗ ୨୨୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

# ପଛକୁ ଘୁଞ୍ଚିଲେ ଚାଇନା-ଭାରତ



- ଗଲ୍‌ୱାନ୍‌ରୁ ଟେଣ୍ଟ, ଅସ୍ଥାୟୀ ନିର୍ମାଣ ହଟାଇଲା ପିଏଲ୍‌ଏ
- ୨କି.ମି. ପଛକୁ ଗଲେ ଚାଇନା ସୈନ୍ୟ
- ଡୋଭାଲ-ୱାଙ୍ଗ ଆଲୋଚନାରେ ସହମତି ପରେ ପଦକ୍ଷେପ



**ନୂଆଦିଲ୍ଲୀ,୬।୭(ପି.ଟି.)**

ଦୀର୍ଘ ଦୁଇମାସ ଧରି ପୂର୍ବ ଲଦାଖରେ ଭାରତ ଓ ଚାଇନା ସୈନ୍ୟ ମୁହାଁମୁହିଁ ସ୍ଥିତି ପରେ ବେଜିଂ ପଛକୁ ଘୁଞ୍ଚିଛି। ସୋମବାର ସଂଘର୍ଷ ସ୍ଥଳ ଗଲୱାନ ଉପତ୍ୟକା ସମେତ ଗୋଗ୍ରା-ହଟ୍ ସ୍ପ୍ରିଙ୍ଗ୍ ଅଞ୍ଚଳରୁ ଚାଇନା ଓ ଭାରତ ସୈନ୍ୟ ପ୍ରତ୍ୟାହାର ଆରମ୍ଭ କରିଛନ୍ତି। ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଗଲୱାନ୍ ଉପତ୍ୟକା ଏବଂ ଗୋଗ୍ରା-ହଟ୍‌ସ୍ପ୍ରିଙ୍ଗ୍ ଅଞ୍ଚଳରୁ ଏହାର ସୈନ୍ୟମାନଙ୍କୁ ପାଖାପାଖି ୨ କିଲୋମିଟର ପଛକୁ ଫେରାଇ ନେବା ସହ ସେଠାରେ ଥିବା ପାଟ୍ରୋଲିଂ ପଏଣ୍ଟ ୧୪, ୧୫ ଏବଂ ୧୭ଏରୁ କେତେକ ଟେଣ୍ଟ ଏବଂ ଅସ୍ଥାୟୀ ନିର୍ମାଣକୁ ହଟାଇନେଇଛି। ଏଥିସହିତ ସେଠାରୁ ପିଏଲ୍‌ଏର ଗାଡ଼ିଗୁଡ଼ିକ ମଧ୍ୟ ଫେରିଯାଇଛନ୍ତି।

ଜୁନ୍ ୧୫ରେ ରକ୍ତାକ୍ତ ସଂଘର୍ଷ ପରେ ପୂର୍ବ ଲଦାଖରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। ଚାଇନାର ଆକ୍ରମଣାତ୍ମକ ଆଭିମୁଖ୍ୟର ଦୃଢ଼ ଜବାବ ଦେବା ଲାଗି ସୀମାକୁ ଭାରତ ୬୦ ହଜାର ଯବାନ ସମେତ ଭାରୀ ଯୁଦ୍ଧାସ୍ତ୍ର ଓ ଲଢୁଆ ବିମାନ ପଠାଇଥିଲା। ଏଥିସହିତ ସୀମାରେ କ୍ଷେପଣାସ୍ତ୍ର ମଧ୍ୟ ମୁତୟନ କରିଥିଲା ଭାରତ। ବାୟୁସେନାର ଲଢୁଆ ବିମାନଗୁଡ଼ିକ ସୀମାରେ ପଇଁତରା ମାରି ଚାଇନା ପକ୍ଷର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ବିସ୍ତାରବାଦର ଯୁଗ ଶେଷ ହୋଇଛି, ସୀମାରେ ଯେକୌଣସି ସ୍ଥିତିର ମୁକାବିଲା ପାଇଁ ଭାରତ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଦାଖରୁ ଚାଇନାକୁ କଡ଼ା ଚେତାବନୀ ଦେଇଥିଲେ।

ରବିବାର ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ଏବଂ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ ୟି ଟେଲିଫୋନ୍ ଯୋଗେ ପରସ୍ପର ☞ପୃଷ୍ଠା-୪

# 'ତ୍ୟାଗ, ସଂଯମ, ଶୃଙ୍ଖଳା ବିଜୟ ଦେବ'

- କୋଭିଡ୍ ନିୟମ ମାନିବାକୁ ଯୁବଗୋଷ୍ଠୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ
- ମହାପ୍ରଭୁଙ୍କ ରଥଯାତ୍ରା ଇତିହାସ ସୃଷ୍ଟି କରିଛି



**ଭୁବନେଶ୍ୱର,୬।୭(ବ୍ୟୁରୋ)**

ତ୍ୟାଗ ହେଉଛି ସର୍ବଶ୍ରେଷ୍ଠ ଭକ୍ତି। ମାନବ ସମାଜର ମଙ୍ଗଳ ପାଇଁ ତ୍ୟାଗ ହିଁ ଭକ୍ତ ଓ ଭଗବାନଙ୍କ ସମ୍ପର୍କକୁ ଅଧିକ ନିବିଡ଼ କରିଥାଏ। ପୁରୀ ଆଜି ସାରା ଦୁନିଆକୁ ବାଟ ଦେଖାଇଛି। କୋଭିଡ୍ ଗାଇଡ୍‌ଲାଇନ ମାନି କିପରି କାମ କରିବାକୁ ହେବ ସେଥିପାଇଁ ପ୍ରେରଣା ଦେଇଛି। ମହାପ୍ରଭୁ ନିଜେ ବାହାରକୁ ଆସି ତ୍ୟାଗ, ସଂଯମ ଓ ଶୃଙ୍ଖଳାର ବାଟ ଦେଖାଇଲେ। କୋଭିଡ୍ ଯୁଦ୍ଧ ଜିତିବାକୁ ହେଲେ ଆମକୁ ତ୍ୟାଗ, ସଂଯମ ଓ ଶୃଙ୍ଖଳାର ମାର୍ଗ ଆପଣାଇବାକୁ ହେବ। ଏହି ତିନୋଟି ଅସ୍ତ୍ର ହିଁ କୋଭିଡ ଯୁଦ୍ଧରେ ଆମକୁ ବିଜୟ ଆଣି ଦେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏଭଳି ବାର୍ତ୍ତା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ଇତିହାସ ସୃଷ୍ଟି କରିଛି। କୋଭିଡ ସମୟରେ କିପରି ନିୟମକୁ ପାଳନ କରି ମହାପ୍ରଭୁଙ୍କ ଯାତ୍ରା କରାଯାଉଛି ତା' ଉପରେ ସମଗ୍ର ବିଶ୍ୱ ନଜର ରଖିଥିଲା। ମହାପ୍ରଭୁଙ୍କ ଆଶୀର୍ବାଦରୁ ଆମେ ସଫଳ ହୋଇଛୁ ଏବଂ ଉଦାହରଣ ସୃଷ୍ଟି କରି ପାରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହାପ୍ରଭୁ ୪ ଦିନ ବଡ଼ଦାଣ୍ଡରେ ରହିଲେ। କିନ୍ତୁ ପୁରୀ ଜନସାଧାରଣ କୋଭିଡ୍ ଗାଇଡ୍‌ଲାଇନ ମାନି କେହି ଜଣେ ବି ରାସ୍ତାକୁ ଆସି ନ ଥିଲେ। ସମସ୍ତେ ଘରେ ବସି ଟିଭିରେ ମହାପ୍ରଭୁଙ୍କ ରଥଯାତ୍ରା ଦେଖିଲେ। ପୁରୀବାସୀଙ୍କ ଏହି ଶୃଙ୍ଖଳା ଓ ସଂଯମତାର ତୁଳନା ନାହିଁ। ବିନା ଭକ୍ତରେ ରଥଯାତ୍ରାର ☞ପୃଷ୍ଠା-୪




# ନୀଳଗିରି ବିଧାୟକଙ୍କୁ କରୋନା

**ବାଲେଶ୍ୱର ଅଫିସ, ୬।୭**

ରାଜ୍ୟର ପ୍ରଥମଥର ପାଇଁ ଜଣେ ବିଧାୟକ କରୋନା ସଂକ୍ରମିତ ହୋଇଛନ୍ତି। ବାଲେଶ୍ୱର ଜିଲା ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହୋଇଛି। ବିଧାୟକ ନାୟକ ଗଜ ୧ତାରିଖରେ ଭୁବନେଶ୍ୱର ଯାଇଥିଲେ। ୨ତାରିଖରେ ସେଠାରୁ ଆସି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ସହ ମିଶି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୩ ତାରିଖରେ ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହାପରେ ଅସୁସ୍ଥ ଅନୁଭବ କରିବାରୁ ସେ ଉକ୍ତ ଦିନ କରୋନା ଟେଷ୍ଟ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାବ୍ ଦେଇଥିଲେ। ସୋମବାର ରିପୋର୍ଟ ପଜିଟିଭ୍ ଆସିଛି। ବିଧାୟକ ପ୍ରତ୍ୟହ ଗାଁଠାରୁ ସହର ପର୍ଯ୍ୟନ୍ତ ଲୋକମାନଙ୍କୁ ମାସ୍କ ପିନ୍ଧାଇ କରୋନା ସମ୍ପର୍କରେ ସଚେତନତା କରାଇ ମାସ୍କ ବଣ୍ଟନ କରିଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ ବୈଠକରେ ସେ ଯୋଗଦେଇଛନ୍ତି। ତାଙ୍କର କଣ୍ଟାକ୍ଟ ଟ୍ରେସିଂ ବାହାର କରିବା କଷ୍ଟସାଧ୍ୟ ବୋଲି ଚର୍ଚ୍ଚା ହେଉଛି। ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ କୋଭିଡ୍-୧୯ ହସ୍‌ପିଟାଲରେ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟର ଡିପିଏମ୍ ଅନିଲ କୁମାର ମହାନ୍ତି କହିଛନ୍ତି।


ଇଂ. ସୁକାନ୍ତ ନାୟକ

ବିଧାୟକଙ୍କ ବ୍ୟତୀତ ବାଲେଶ୍ୱର ଜିଲାରେ ସୋମବାର ଆଉ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୧୧ ଲୋକାଲ କେସ୍ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୩ଜଣ ତାମିଲନାଡୁ, ଦିଲ୍ଲୀ ଓ ମୁମ୍ବାଇ ଫେରନ୍ତା ବୋଲି ଜିଲା ମାଜିଷ୍ଟ୍ରେଟ୍, ବାଲେଶ୍ୱର ଟୁଇଟ୍ କରି ଜଣାଇଛନ୍ତି। ଜିଲାରେ ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୧୨ରେ ପହଞ୍ଚିଛି। ଅନ୍ୟପକ୍ଷରେ ଜିଲାରେ ସୋମବାର ଆଉ ୩ଜଣ ସୁସ୍ଥ ହୋଇଥିବାରୁ ମୋଟ ସୁସ୍ଥ ସଂଖ୍ୟା ୩୨୪ରେ ପହଞ୍ଚିଛି। ଅନ୍ୟ ୮୬ ଜଣ ବିଭିନ୍ନ କୋଭିଡ୍-୧୯ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବାବେଳେ ୨ଜଣଙ୍କର ମୃତ୍ୟୁ ହୋଇଛି।

## ପରଲୋକରେ ବିଷ୍ଣୁ ଦାସ



ପୃଷ୍ଠା ୪

**ଆଜିର ସମ୍ପାଦକୀୟ**

ଅନ୍‌ଲାଇନ୍ ଶିକ୍ଷା

**ଆଜିର ମନ୍ତବ୍ୟ**

" ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ଲାଗି ଦେଶକୁ ଆଉ ଏକ ସବୁଜ ବିପ୍ଳବର ଆବଶ୍ୟକତା ରହିଛି।

- ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷିମନ୍ତ୍ରୀ





ଚାଇନା ବିଶ୍ୱ ତଥା ଆମେରିକାର ବହୁତ କ୍ଷତି କରିଛି। ସେଠାରୁ ଆସିଥିବା କରୋନା ଭୂତାଣୁ ସମସ୍ୟା ବଢ଼ାଇ ଚାଲିଛି ବୋଲି ୨୪୪ତମ ସ୍ୱାଧୀନତା ଦିବସ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରକାଶ କରିଛନ୍ତି। ଗତ ମେ ମାସରେ ମଧ୍ୟ କରୋନା ଭୂତାଣୁକୁ ନେଇ ଟ୍ରମ୍ପ ଚାଇନାକୁ ସମାଲୋଚନା କରିଥିଲେ। ଭୂତାଣୁ ସମ୍ପର୍କରେ ନ ଜଣାଇବା କାରଣରୁ ସେ ଚାଇନାକୁ କଟୁ ସମାଲୋଚନା କରିଥିଲେ।

# ୭ ଲକ୍ଷ ଟପିଲା କରୋନା ସଂକ୍ରମଣ

ନୂଆଦିଲ୍ଲୀ,୬।୭(ପି.ଟି.)

ଭାରତରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ିଚାଲିଥିବାବେଳେ ସୋମବାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭ ଲକ୍ଷ ଟପିଛି। ୨୪ ଘଣ୍ଟା ମଧ୍ୟରେ ୨୪,୨୪୮ ନୂଆ ସଂକ୍ରମିତ ଚିହ୍ନଟ ହେବା ସହ ୪୨୫ ଜଣଙ୍କର ମୃତ୍ୟୁ ଘଟିଛି। ଫଳରେ ଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭,୧୪,୦୧୫ରେ ପହଞ୍ଚିଥିବାବେଳେ ୨୦,୧୦୦ ଜଣଙ୍କ ଜୀବନ ଗଲାଣି। କ୍ରମାଗତ ୪ ଦିନ ହେଲା ଦୈନିକ ୨୦ ହଜାରରୁ ଅଧିକ ନୂଆ ପଜିଟିଭ୍ ବାହାରୁଛନ୍ତି। ସଂକ୍ରମଣରେ ଭାରତ ରବିବାର ରୁଷିଆକୁ ଅତିକ୍ରମ କରି ତୃତୀୟ ସ୍ଥାନରେ ପହଞ୍ଚିଥିଲା।

ସୁସ୍ଥ ହେଉଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ସୋମବାର ସୁଦ୍ଧା ଦେଶରେ ୪,୨୪,୪୩୨ ଜଣ ସୁସ୍ଥ ହୋଇଛନ୍ତି। ଏବେ ବିଭିନ୍ନ ହସ୍ପିଟାଲରେ ୨,୫୩,୨୮୭ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସିତ ହେଉଛନନ୍ତି। ଦେଶରେ କୋଭିଡ୍-୧୯ ଆରୋଗ୍ୟ ହାର ୬୦.୮୫ ପ୍ରତିଶତ ରହିଛି। ସୋମବାର ପୂର୍ବାହ୍ନ ୧୧ଟା ସୁଦ୍ଧା ଦେଶରେ କୋଟିଏରୁ ଊର୍ଦ୍ଧ୍ୱ କୋଭିଡ୍ ନମୁନା ପରୀକ୍ଷା କରାଯାଇଥିବା ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ପକ୍ଷରୁ କୁହାଯାଇଛି। ରବିବାର ୧,୮୦,୫୯୬ ଜଣଙ୍କ ସ୍ୱାବ୍ ନମୁନା ପରୀକ୍ଷା କରାଯାଇଥିଲା। ଏହାକୁ ମିଶାଇ ମୋଟ ୧,୦୦,୦୪,୧୦୧ ଜଣଙ୍କର କୋଭିଡ୍ ପରୀକ୍ଷା ହେଲାଣି ବୋଲି ଆଇସିଏମ୍ଆର୍‌ର ବୈଜ୍ଞାନିକ ତଥା ଗଣମାଧ୍ୟମ ସଂଯୋଜକ ଡ. ଲୋକେଶ ଶର୍ମା କହିଛନ୍ତି। ଦେଶରେ ମୋଟ ୭୮୮ ସରକାରୀ ଓ ୩୧୭ ଘରୋଇ ଲାବରେଟୋରିରେ ପରୀକ୍ଷା କରାଯାଉଛି।

## କୋଟିଏ ନମୁନା ପରୀକ୍ଷା ହେଲାଣି



କରୋନାରୁ ସୁସ୍ଥ ହୋଇଥିବା ଲୋକେ ଓ ମୁର୍ସିଦାବାଦର କୋଭିଡ୍ ଯୋଦ୍ଧା କ୍ଲବ୍ ସଦସ୍ୟମାନେ କୋଲକାତାରେ ଗୋଲାପ ଫୁଲଧରି ସଚେତନତା ସୃଷ୍ଟି କରୁଛନ୍ତି।

## 'ଅଗଷ୍ଟ ୧୫ ସୁଦ୍ଧା ଟିକା ସମ୍ଭବ ନୁହେଁ'

କାନପୁର/ଲକ୍ଷ୍ନୌ,୬।୭(ପି.ଟି.)

ଅଗଷ୍ଟ ୧୫ ସୁଦ୍ଧା କୋଭିଡ୍ ଟିକା ଶୁଭାରମ୍ଭ କରିବା ପାଇଁ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଏହା ଅବାସ୍ତବ ଓ ସମ୍ଭବ ନୁହେଁ ବୋଲି ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସ (ଆଇଏଏସ୍‌ସି) ପକ୍ଷରୁ କୁହାଯାଇଛି। କରୋନା ମହାମାରୀ ଭାରତ ସମେତ ସାରା ବିଶ୍ୱରେ ମାଡ଼ିଚାଲିଥିବାବେଳେ ଏହାକୁ ରୋକିବା ପାଇଁ ଟିକାର ଜରୁରୀ ଆବଶ୍ୟକତା ରହିଛି। ତେବେ ମାନବ ବ୍ୟବହାର ପାଇଁ ପ୍ରସ୍ତୁତ ହେବାକୁ ଥିବା ଟିକା ବୈଜ୍ଞାନିକ ପଦ୍ଧତିରେ ବିଭିନ୍ନ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଦେଇ ବିକଶିତ କରାଯିବ। ଏଥିପାଇଁ ସମୟ ଲାଗିବ ବୋଲି ଆଇଏଏସ୍‌ସି କହିଛି। ପ୍ରଶାସନିକ ମଞ୍ଜୁରୀକୁ ତ୍ୱରାନ୍ୱିତ କରାଯାଇପାରେ, କିନ୍ତୁ ବୈଜ୍ଞାନିକ ଅନୁଧ୍ୟାନ ପ୍ରକ୍ରିୟା ଓ ତଥ୍ୟ ସଂଗ୍ରହ ପାଇଁ ସ୍ୱାଭାବିକ ସମୟ ବ୍ୟବଧାନ ଆବଶ୍ୟକ, ଯାହାକୁ କମାଇ ହେବନାହିଁ। ଦେଶର ପ୍ରଥମ କୋଭିଡ୍ ଟିକା କୋଭାକ୍ସିନ୍‌କୁ ଆଇସିଏମ୍ଆର ଏବଂ ଘରୋଇ ଔଷଧ କମ୍ପାନୀ ଭାରତ ବାୟୋଟେକ୍ ଇଣ୍ଡିଆ ଲିମିଟେଡ୍ ମିଳିତ ଭାବେ ପ୍ରସ୍ତୁତ କରୁଛନ୍ତି। ଏହାକୁ ଆଇଏଏସ୍‌ସି ପକ୍ଷରୁ ସ୍ୱାଗତ କରାଯିବା ସହ ଯଥାଶୀଘ୍ର ସର୍ବସାଧାରଣଙ୍କ ବ୍ୟବହାର ଲାଗି ଉପଲବ୍ଧ ହେବାକୁ ଆଶା ରଖିଛି। ତେବେ ଏଥିପାଇଁ ସମୟସୀମା ଧାର୍ଯ୍ୟ ହେବା ସମୀଚୀନ ନୁହେଁ। ସମୟସୀମା ଧାର୍ଯ୍ୟ ହେବା ଦ୍ୱାରା ଏହା ଜନସାଧାରଣଙ୍କ ମଧ୍ୟରେ ଅହେତୁକ ଆଶା ଆକାଂକ୍ଷା ସୃଷ୍ଟି କରିବ। ଭାକ୍ସିନ୍ ପ୍ରସ୍ତୁତି ପାଇଁ ବିଶ୍ୱ ସ୍ତରରେ ଗ୍ରହଣୀୟ ନିୟମାବଳୀକୁ ପାଳନ କରିବାକୁ ପଡ଼ିବ ବୋଲି ବୈଜ୍ଞାନିକମାନଙ୍କର ଏହି ସଂଗଠନ ପକ୍ଷରୁ କୁହାଯାଇଛି।



ଶ୍ରାବଣ ପ୍ରଥମ ସୋମବାରରେ ଲକ୍ଷ୍ନୌର ମାନକମେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ଶିବଙ୍କୁ ଜଳଲାଗି କରୁଛନ୍ତି।

## ୨ ସୀମାନ୍ତ ପୋଷ୍ଟ ହଟାଇଲା ନେପାଳ

ପିଥୋରାଗଡ଼/ଡେରାଡୁନ,୬।୭

ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲାର ଧରଚୁଲା ଅଞ୍ଚଳରେ ଭାରତର ସୀମାକୁ ଲାଗି ରହିଥିବା ନେପାଳର ୬ଟି ନୂଆ ସୀମା ଆଉଟପୋଷ୍ଟ ମଧ୍ୟରୁ ୨ଟିକୁ ଏହା ଉଠାଇନେଇଛି। ଏହି ସୀମାନ୍ତ ପୋଷ୍ଟରେ ନେପାଳ ସଶସ୍ତ୍ର ପ୍ରହରି (ଏନ୍ଏସ୍‌ପି) ଜଗିରହିଥିଲେ। ଭାରତ ବିରୋଧୀ ମନୋଭାବ ଯୋଗୁ ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଶାସକ ଦଳ ମଧ୍ୟରେ ବିରୋଧର ସମ୍ମୁଖୀନ ହୋଇଥିବାବେଳେ ତାଙ୍କ ଇସ୍ତଫା ଦାବି ଜୋର୍ ଧରିଛି। ତାଙ୍କର ରାଜନୈତିକ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ଲାଗି ଶାସକ ଦଳ ଏନ୍‌ସିପି ଷ୍ଟାଣ୍ଡିଂ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ବସିବାକୁ ଥିବାବେଳେ ଏହାକୁ ବୁଧବାର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ନେପାଳ ଏହାର ରାଜନୈତିକ ମାନଚିତ୍ରରେ ପରିବର୍ତ୍ତନ କରି ଭାରତର ତିନୋଟି ଅଞ୍ଚଳକୁ ନିଜର ବୋଲି ଦର୍ଶାଇଥିଲା। ଭାରତ ପକ୍ଷରୁ ଏହାକୁ ଦୃଢ଼ ବିରୋଧ କରାଯାଇଥିଲା। ପିଥୋରାଗଡ଼ ଜିଲାରେ ଥିବା କାଲାପାନି, ଲିପୁଲେଖ ଏବଂ ଲିମ୍ପିୟାଧୁରା ଅଞ୍ଚଳକୁ ନେପାଳ ନିଜର ବୋଲି ଦାବି କରିଥିଲା। ନେପାଳ ପାର୍ଲାମେଣ୍ଟ ମଧ୍ୟ ନୂଆ ମାନଚିତ୍ରକୁ ଅନୁମୋଦନ କରିଥିଲା। ଭାରତ ସହ ସୀମା ବିବାଦ ପରେ ମାସେ ତଳେ ନେପାଳ ୬ଟି ନୂଆ ଆଉଟପୋଷ୍ଟ ନିର୍ମାଣ କରିଥିଲା। ଏବେ ଦୁଇଟି ସୀମା ପୋଷ୍ଟକୁ କାଠମାଣ୍ଡୁ ହଟାଇନେଇଥିବା ଧରଚୁଲାର ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ଅନୀଲ କୁମାର ଶୁକ୍ଳା ସ୍ପଷ୍ଟ କରିଛନ୍ତି।

## ପାକିସ୍ତାନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କରୋନା

ଇସ୍‌ଲାମାବାଦ,୬।୭(ପି.ଟି.)



ଡ. ଜାଫର ମିର୍ଜା

ପାକିସ୍ତାନର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ଜାଫର ମିର୍ଜା କରୋନା ଆକ୍ରାନ୍ତ ଥିବା ସୋମବାର ପରୀକ୍ଷାରୁ ଜଣାପଡ଼ିଛି। ତାଙ୍କଠାରେ ସାମାନ୍ୟ ଲକ୍ଷଣ ଦେଖାଦେଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ସେ ଘରେ ଆଇସୋଲେଶନରେ ରହିଥିଲେ। ଗତ ଶୁକ୍ରବାର ପାକ୍ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶିଙ୍କଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲା। ସେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ପାକିସ୍ତାନର ବହୁ ଏମ୍‌ପି ସଂକ୍ରମିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେଜଣଙ୍କର ମୃତ୍ୟୁ ଘଟିଲାଣି। ବାଲୁଚିସ୍ତାନର ପୂର୍ବତନ ଗଭର୍ନର ସୟେଦ ଫଜଲ ଆଘା, ପାକିସ୍ତାନ ତେହରିକ୍ ଇ-ଇନ୍‌ସାଫ (ପିଟିଆଇ)ର ପଞ୍ଜାବ ଏମ୍‌ପି ଶାହିଦ ରାଜା, ସିନ୍ଧ ପ୍ରଦେଶର ମନ୍ତ୍ରୀ ଗୁଲାମ ମୁର୍ତାଜା ବାଲୋଚ୍, ଆଇନ ପ୍ରଣେତା ମୁନିର ଖାନ ଓରାକ୍‌ଜାଇ, ପିଟିଆଇର ମିଆଁ ଜାମ୍‌ଶେଦୁଦ୍ ଡିନ୍ କାକାଖେଲଙ୍କର କରୋନାରେ ମୃତ୍ୟୁ ଘଟିଛି।



ଦିଲ୍ଲୀର ସଫ୍‌ଦରଜଙ୍ଗ ଟମ୍ବ ସୋମବାର ସର୍ବସାଧାରଣଙ୍କ ପାଇଁ ଖୋଲିବା ପରେ ଦର୍ଶକ ଏହାକୁ ବୁଲି ଦେଖୁଛନ୍ତି।

## ପରୀକ୍ଷା ଲାଗି ବିଶ୍ୱବିଦ୍ୟାଳୟକୁ ଅନୁମତି

ନୂଆଦିଲ୍ଲୀ,୬।୭

ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ପରୀକ୍ଷା ପରିଚାଳନା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୋମବାର ଅନୁମତି ପ୍ରଦାନ କରିଛି। ୟୁଜିସିର ପରୀକ୍ଷା ସମ୍ପର୍କିତ ଗାଇଡ୍‌ଲାଇନ ଏବଂ ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ୟାଲେଣ୍ଡର ଅନୁଯାୟୀ ଶେଷବର୍ଷ ପରୀକ୍ଷା କରାଇବା ବାଧ୍ୟତାମୂଳକ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର୍ (ଏସ୍‌ଓପି) ଅନୁଯାୟୀ ପରୀକ୍ଷା କରାଇବା ଲାଗି କେନ୍ଦ୍ର ଉଚ୍ଚଶିକ୍ଷା ସଚିବଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପତ୍ର ଲେଖି ଜଣାଇଦେଇଛି।

## ସେନାକୁ ଶ୍ରେୟଦେଲା କଂଗ୍ରେସ

ନୂଆଦିଲ୍ଲୀ,୬।୭



ପଓ୍ୱନ ଖେର

### ଚାଇନା ପଛକୁ ଫେରିବା ଘଟଣା

ଶେଷରେ ଚାଇନା ସୈନ୍ୟ ଏଲ୍ଏସିରୁ ୨ କିଲୋମିଟର ପଛକୁ ହଟିଛି। ଏଥିଲାଗି ସବୁ ଶ୍ରେୟ ଭାରତୀୟ ସେନାକୁ ଦେଇଛି କଂଗ୍ରେସ। ପୂର୍ବ ଲଦାଖରେ ଚାଇନା ସୈନ୍ୟଙ୍କ ଅନୁପ୍ରବେଶ ନେଇ ବାରମ୍ବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଆସୁଥିବା କଂଗ୍ରେସ ପିଏଲ୍ଏ କେବେହେଲେ ଭାରତୀୟ ସେନାର ସାମ୍ନା କରିପାରିବ ନାହିଁ, ତେଣୁ ପଛକୁ ଫେରିବାକୁ ବାଧ୍ୟ ହେଲା ବୋଲି କହିଛି। କଂଗ୍ରେସ ମୁଖପାତ୍ର ପଓ୍ୱନ ଖେର କହିଛନ୍ତି, ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ମୋଦି ଭାରତୀୟ ଅଞ୍ଚଳକୁ ଚାଇନା କବ୍ଜାକରିନି ବୋଲି କହିବା ସମ୍ପର୍କରେ ବିବୃତି ରଖିବା ଉଚିତ। ସେ ସତ କହିଲେ କଂଗ୍ରେସ ତାଙ୍କୁ ଆଉ ପ୍ରଶ୍ନ କରିବନାହିଁ ବୋଲି ସେ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଚାଇନା ବୈଦେଶିକ ମନ୍ତ୍ରୀଙ୍କ ସହ ଆଲୋଚନା କରି ସମାଧାନ ବାଟ କାଢ଼ିଲେ। ଭାରତର ବୈଦେଶିକ ମନ୍ତ୍ରୀ କ'ଣ କରୁଛନ୍ତି ବୋଲି ଖେର ପ୍ରଶ୍ନ ଉଠାଇ ସମାଲୋଚନା କରିଛନ୍ତି।

## ଜାପାନ ବନ୍ୟାରେ ୪୦ ମୃତ

**ଟୋକିଓ,୬।୭:** ଜାପାନର ଦକ୍ଷିଣ ଭାଗରେ ତିନିଦିନ ଧରି ପ୍ରବଳ ବର୍ଷା ସହ ବନ୍ୟା ଆସିବା ଯୋଗୁ ୪୦ ଜଣଙ୍କ ମୃତ୍ୟୁ ଘଟିଛି ଓ ୧୦ ଜଣ ନିଖୋଜ ଅଛନ୍ତି। ନଦୀ ପାର୍ଶ୍ୱରେ ଥିବା ଏକ ନର୍ସିଂହୋମ୍‌ର ୧୪ ଜଣ ବନ୍ୟାଜଳରେ ଭାସିଯାଇଛନ୍ତି। କୁମା ନଦୀରେ ବନ୍ୟା ଆସି ଅନେକ ଘର ପାଣିରେ ବୁଡ଼ି ରହିଥିବାବେଳେ ଉଦ୍ଧାର କାର୍ଯ୍ୟରେ ସୈନ୍ୟ ଓ ଅନ୍ୟ ଟିମ୍‌କୁ ମୁତୟନ କରାଯାଇଛି। ସେହିପରି କ୍ୟୁଶୁର ଉଭୟ ପାର୍ଶ୍ୱ ଓ କୁମାମୋଟୋ ସହରର ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ୫ ଲକ୍ଷରୁ ଅଧିକ ଲୋକଙ୍କୁ ଅନ୍ୟତ୍ର ପଳାଇଯିବା ଲାଗି ପରାମର୍ଶ ଦିଆଯାଇଛି। କରୋନା ମହାମାରୀ ଯୋଗୁ ଆଶ୍ରୟସ୍ଥଳରେ ସାମାଜିକ ଦୂରତ୍ୱ ରଖିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## କାମ୍‌ରୁଜ୍ଜନ ସରକାରଙ୍କୁ ଫାଶୀଦଣ୍ଡ

କୋଲକାତା,୬।୭

### ବଳାତ୍କାର ଓ ହତ୍ୟା ମାମଲା

ସିରିୟଲ କିଲର ଭାବେ ଜଣାଶୁଣା ପଶ୍ଚିମବଙ୍ଗର କାମ୍‌ରୁଜ୍ଜନ ସରକାରଙ୍କୁ ସୋମବାର ଫାଶୀ ଦଣ୍ଡାଦେଶ ଶୁଣାଯାଇଛି। ୯ ମହିଳାଙ୍କୁ ହତ୍ୟା କରିବା ଓ ସେମାନଙ୍କ ୨ ସମ୍ପର୍କୀୟଙ୍କୁ ବଳାତ୍କାର କରିବା ଭଳି ସଙ୍ଗିନ ଅଭିଯୋଗ ତାଙ୍କ ବିରୋଧରେ ଆସିଥିଲା। ପଶ୍ଚିମବଙ୍ଗର ପୂର୍ବ ବର୍ଦ୍ଧମାନ ଜିଲା କୋର୍ଟ ପକ୍ଷରୁ ମାମଲାର ଶୁଣାଣି କରାଯାଇ ଅତିରିକ୍ତ ଜିଲା ଜଜ୍ ଅଭିଯୁକ୍ତ କାମ୍‌ରୁଜ୍ଜନଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୯ ମେ'ରେ ଜଣେ ୧୬ ବର୍ଷୀୟ ଯୁବତୀଙ୍କୁ ସେ ବଳାତ୍କାର କରିବା ପରେ ଜୁନ୍ ୨ରେ ଗିରଫ ହୋଇଥିଲେ। ଦୁଇ ଜିଲାରେ ସେ ପୂର୍ବରୁ ୧୫ ମାମଲାରେ ଅଭିଯୁକ୍ତ ରହିଥିଲେ। ତାଙ୍କ ବିରୋଧରେ ୬ଟି ବଳାତ୍କାର ଉଦ୍ୟମ ମାମଲା ମଧ୍ୟ ରହିଛି। ୧୬ରୁ ୭୫ ବର୍ଷ ବୟସର ୯ ଜଣଙ୍କୁ ସେ ହତ୍ୟା କରିଛନ୍ତି। ୨୦୧୩ରୁ ୨୦୧୯ ମଧ୍ୟରେ ସେ ଅନେକ ଚୋରି, ଡକାୟତି କରିଥିଲେ। କୋର୍ଟ ଏହାକୁ ରେୟାରେଷ୍ଟ ଅଫ୍ ରେୟାର ମାମଲା ଭାବେ ଗ୍ରହଣ କରି ତାଙ୍କୁ ଫାଶୀ ଦଣ୍ଡାଦେଶ ଦେଇଛନ୍ତି।

## ଆଉ ୩ ପୋଲିସ ନିଲମ୍ବିତ

କାନପୁର/ଲକ୍ଷ୍ନୌ,୬।୭(ପି.ଟି.)

ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କୁ ଚଢ଼ାଉ ସମ୍ପର୍କରେ ଆଗୁଆ ସୂଚନା ଦେଇଥିବା ସନ୍ଦେହରେ ଆଉ ୩ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ଦୁବେଙ୍କ ସମ୍ପର୍କରେ ସୂଚନା ଦେଲେ ୨.୫ ଲକ୍ଷ ଟଙ୍କା ପୁରସ୍କାର ମିଳିବ ବୋଲି ସୋମବାର ପୋଲିସ ପକ୍ଷରୁ ଘୋଷଣା କରାଯାଇଛି। ଗତ ଶୁକ୍ରବାର ଭୋର ସମୟରେ ପୋଲିସ ଟିମ୍ ଦୁବେଙ୍କୁ ଗିରଫ କରିବା ଯାଇଥିବାବେଳେ ତାଙ୍କ ଲୋକମାନେ ଅତର୍କିତ ଆକ୍ରମଣ କରିବାରୁ ୮ ପୋଲିସ ନିହତ ହୋଇଥିଲେ।

## ଦାବେନ୍ଦରଙ୍କୁ ପାକ୍ ବ୍ୟବହାର କରୁଥିଲା

ନୂଆଦିଲ୍ଲୀ,୬।୭



### ୬ ଜଣଙ୍କ ବିରୋଧରେ ଏନ୍ଆଇଏର ଚାର୍ଜଶିଟ୍

ଜମ୍ମୁ-କଶ୍ମୀରର ନିଲମ୍ବିତ ଡିଏସ୍‌ପି ଦାବେନ୍ଦର ସିଂଙ୍କ ସମେତ ୬ ଜଣଙ୍କ ବିରୋଧରେ ଜାତୀୟ ତଦନ୍ତ ଶାଖା(ଏନ୍ଆଇଏ) ସୋମବାର ଚାର୍ଜଶିଟ୍ ଦାଖଲ କରିଛି। ଏମାନେ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଥିଲେ ବୋଲି ଅଭିଯୋଗ କରାଯାଇଛି। ପାକିସ୍ତାନ ଅଧିକାରୀଙ୍କ ସହ ସିଂ ଯୋଗାଯୋଗ ରଖୁଥିଲେ। ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ହାଇକମିଶନର ଅଧିକାରୀଙ୍କ ସହ ସୁରକ୍ଷିତ ସୋସିଆଲ ମିଡିଆ ଜରିଆରେ ଯୋଗସୂତ୍ର ରକ୍ଷାକରି ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ତଥ୍ୟମାନ ପ୍ରଦାନ କରୁଥିଲେ ବୋଲି ଏନ୍ଆଇଏ ପକ୍ଷରୁ ଦର୍ଶାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଚାର୍ଜଶିଟ୍‌ରେ ହିଜ୍‌ବୁଲ ମୁଜାହିଦ୍ଦିନ କମାଣ୍ଡର ସୟେଦ ନଭିଦ ମୁସ୍ତାକ ଓରଫ୍ ନଭିଦ ବାବୁ, ଇର୍ଫାନ୍ ସଫି ମୀର, ରଫି ଅହମଦ ରାଥର, ବ୍ୟବସାୟୀ ତନ୍‌ବୀର ଅହମଦ ୱାନି ଓ ଦଭିଦ୍ ବାବୁଙ୍କ ଭାଇ ସୟେଦ୍ ଇର୍ଫାନ୍ ଅହମଦଙ୍କ ନାମ ରହିଛି। ପାକିସ୍ତାନ ହାଇକମିଶନ ଅଧିକାରୀମାନେ ଇର୍ଫାନ୍ ସଫି ମୀର୍‌ଙ୍କୁ ଅର୍ଥଦେଇ ଜମ୍ମୁ-କଶ୍ମୀରରେ ଭାରତ ବିରୋଧୀ ସେମିନାର କରିବା ଲାଗି କହୁଥିଲେ। ପାକିସ୍ତାନ ଯିବା ଲାଗି କଶ୍ମୀର ଯୁବକଙ୍କ ନିମନ୍ତେ ସେ ଭିଜା ଦରଖାସ୍ତ ପ୍ରସ୍ତୁତ କରୁଥିଲେ।

## ଚାଇନାରେ ବୁବୋନିକ୍ ପ୍ଲେଗ୍: ୨ ଆକ୍ରାନ୍ତ

ବେଜିଂ,୬।୭



ଚାଇନାର ଉହାନ ସହରରୁ ସୃଷ୍ଟ କରୋନା ଭୂତାଣୁ ସାରା ବିଶ୍ୱକୁ ବ୍ୟାପିଥିବାବେଳେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଗଲାଣି। ଏବେ ଚାଇନାର ଉତ୍ତର ଭାଗରେ ଥିବା ଏକ ସହରରେ ମାରାତ୍ମକ ବୁବୋନିକ୍ ପ୍ଲେଗ୍ ରୋଗ ଚିହ୍ନଟ ହୋଇଛି। ଆନ୍ତଃ ମଙ୍ଗୋଲିଆ ସ୍ୱୟଂଶାସିତ ଅଞ୍ଚଳର ବୟାନ୍ନୁରରେ ଏହି ରୋଗ ସଂକ୍ରମଣ ହୋଇଥିବାବେଳେ ଏହାର ପ୍ରତିକାର ଓ ନିୟନ୍ତ୍ରଣ ଲାଗି ପ୍ରଶାସନ ପକ୍ଷରୁ ରବିବାର ଲେଭଲ୍-୩ ସତର୍କ ସୂଚନା ଜାରି କରାଯାଇଛି। ଶନିବାର ବୟାନ୍ନୁରର ଏକ ହସ୍ପିଟାଲ ପକ୍ଷରୁ ଏ ସମ୍ପର୍କରେ ରିପୋର୍ଟ କରାଯାଇଥିଲା। ସହରରେ ଏହି ରୋଗ ସଂକ୍ରମଣ ଆଶଙ୍କା ଥିବାରୁ ଆତ୍ମସୁରକ୍ଷା ସଚେତନତା ଏବଂ ସାମର୍ଥ୍ୟ ବଢ଼ାଇବା ପାଇଁ ପରାମର୍ଶ ଦିଆଯାଇଛି। ବୁବୋନିକ୍ ପ୍ଲେଗ୍ ରୋଗରେ ହଠାତ୍ ଜ୍ୱର ହେବା ସହ ମୁଣ୍ଡବିନ୍ଧା ହୁଏ, ଶୀତ ଲାଗେ ଓ ଦୁର୍ବଳ ଲାଗେ। ଶରୀରର ବିଭିନ୍ନ ସ୍ଥାନ ଫୁଲିଯାଏ। ସଂକ୍ରମିତ ଡାଆଁଶ କାମୁଡ଼ିବା ଦ୍ୱାରା ଏହି ରୋଗର ବ୍ୟାକ୍ଟେରିଆ ମଣିଷ ଶରୀରକୁ ଯାଇଥାଏ।

ପଶ୍ଚିମ ମଙ୍ଗୋଲିଆର ଖୋଭଡ୍ ପ୍ରଦେଶରେ ବୁବୋନିକ୍ ପ୍ଲେଗ୍ ଚିହ୍ନଟ ହୋଇଥିବା ଲାବରେଟୋରି ପରୀକ୍ଷାରୁ ସ୍ପଷ୍ଟ ହୋଇଛି। ସଂକ୍ରମିତ ଦୁଇଭାଇଙ୍କ ମଧ୍ୟରୁ ଜଣକ ବୟସ ୨୭ ହୋଇଥିବାବେଳେ ଅନ୍ୟ ଜଣେ ୧୭ ବର୍ଷୀୟ। ସେମାନେ ଦୁଇଟି ଅଲଗା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ମାର୍ମୋଟ୍ ମାଂସ ଖାଇଥିଲେ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଏହି ମାଂସ ନ ଖାଇବା ପାଇଁ ପରାମର୍ଶ ଦିଆଯାଇଛି। ଦୁଇଭାଇଙ୍କ ସଂସ୍ପର୍ଶରେ ଆସିଥିବା ୧୪୬ ଜଣଙ୍କୁ ଆସୋଲେଶନରେ ରଖାଯିବା ସହ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ମାର୍ମୋଟ ଭଳି ପ୍ରାଣୀ ଦେହରେ ଲାଗୁଥିବା ଡାଆଁଶରୁ ଏହି ବ୍ୟାକ୍ଟେରିଆ ଜନିତ ରୋଗ ମଣିଷ ଶରୀରକୁ ବ୍ୟାପିଥାଏ। ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଏହା ୨୪ ଘଣ୍ଟା ମଧ୍ୟରେ ରୋଗୀର ଜୀବନ ନେଇପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ କୁହାଯାଇଛି। ଗତବର୍ଷ ମଙ୍ଗୋଲିଆ ପ୍ରଦେଶରେ ବୁବୋନିକ୍ ପ୍ଲେଗ୍‌ରେ ଦମ୍ପତିଙ୍କ ମୃତ୍ୟୁ ଘଟିଥିଲା। ସେମାନେ ମାର୍ମୋଟର କଞ୍ଚା ମାଂସ ଖାଇଥିଲେ।

## କୁଏତ୍‌ରୁ ବିଦାହେବେ ୮ ଲକ୍ଷ ଭାରତୀୟ

ନୂଆଦିଲ୍ଲୀ,୬।୭

### ନୂଆ ବିଲ୍‌କୁ ମଞ୍ଜୁରୀ

ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା କମାଇବା ଲାଗି କୁଏତ୍ ସରକାର ପ୍ରସ୍ତୁତ କରିଥିବା ଚିଠା ବିଲ୍‌କୁ ମଞ୍ଜୁରୀ ମିଳିଛି। କୁଏତ୍ ନ୍ୟାଶନାଲ ଆସେମ୍ବ୍ଲି କମିଟିରେ ଏହାକୁ ଅନୁମୋଦନ କରାଯିବା ପରେ ସେଠାରେ କାମ କରୁଥିବା ଭାରତର ପ୍ରାୟ ୮ ଲକ୍ଷ ଲୋକ ବିଦାହେବେ ବୋଲି କୁହାଯାଉଛି। ଏହି କୋଟା ଅନୁଯାୟୀ କେବଳ ୧୫ ପ୍ରତିଶତ ଭାରତୀୟ ହିଁ କୁଏତ୍‌ରେ ରହିପାରିବେ। ସେଠାରେ ପ୍ରାୟ ୧.୪୫ ନିୟୁତ ଭାରତୀୟ ରହୁଥିବା ଜଣାପଡ଼ିଛି। ଏବେ କୁଏତ୍‌ର ଜନସଂଖ୍ୟା ୪.୩ ନିୟୁତ ଥିବାବେଳେ ପ୍ରବାସୀଙ୍କ ସଂଖ୍ୟା ଏଠାରେ ୩ ନିୟୁତ ବୋଲି ଜଣାପଡ଼ିଛି। ତୈଳଦର ବୃଦ୍ଧି ଓ କରୋନାର ପ୍ରକୋପ ବଢ଼ିବାରୁ କୁଏତ୍‌ରୁ ପ୍ରବାସୀ ଶ୍ରମିକମାନଙ୍କୁ ବିଦାକରିବା ଲାଗି ଅଧିକାରୀମାନେ ଚାପ ପକାଇ ଆସୁଛନ୍ତି।

ଗତମାସରେ କୁଏତ୍ ପ୍ରଧାନମନ୍ତ୍ରୀ ଶେଖ୍ ସବାହ ଅଲ୍ ଖଲିଦ ଅଲ୍ ସବାହ ପ୍ରବାସୀଙ୍କ ସଂଖ୍ୟା ୭୦ ପ୍ରତିଶତରୁ ୩୦ ପ୍ରତିଶତକୁ କମାଇବା ଲାଗି ପ୍ରସ୍ତାବ ଦେଇଥିଲେ। ପ୍ରତିବର୍ଷ ପ୍ରବାସୀ ଶ୍ରମିକଙ୍କୁ ବାହାର କରିବା ଲାଗି ପ୍ରୟାସ ଜାରି ରହିବ। କୁଏତ୍‌ସ୍ଥିତ ଭାରତୀୟ ଦୂତାବାସ ରିପୋର୍ଟ ଅନୁଯାୟୀ ବୈଜ୍ଞାନିକ, ଇଞ୍ଜିନିୟର, ନର୍ସ, ତୈଳ କମ୍ପାନୀ କର୍ମଚାରୀ ଭାବେ ପ୍ରାୟ ୨୮ ହଜାର ଭାରତୀୟ ବିଭିନ୍ନ ସରକାରୀ କାର୍ଯ୍ୟରେ ସେଠାରେ ନିୟୋଜିତ ଅଛନ୍ତି। ବିଭିନ୍ନ ଘରୋଇ ସେକ୍ଟରରେ ୫.୨୩ ଲକ୍ଷ ଭାରତୀୟ ନିଯୁକ୍ତି ପାଇଛନ୍ତି। ୬୦ ହଜାର ଛାତ୍ରଙ୍କୁ ମିଶାଇ ବାକି ୨ ଲକ୍ଷ ଭାରତୀୟ ସେଠାରେ ରହୁଛନ୍ତି। ପ୍ରତିବର୍ଷ ଭାରତ କୁଏତ୍‌ରୁ ୪.୮ ବିଲିୟନ ଅର୍ଥ ପାଇଥାଏ। ଦୁଇଦେଶ ମଧ୍ୟରେ ଭଲ ସମ୍ପର୍କ ରହିଆସିଛି। ହେଲେ କେତେକ କାରଣରୁ ସେଠାକାର ସରକାର ପ୍ରବାସୀ କୋଟା ଲାଗୁକରିବା ଲାଗି ନିଷ୍ପତ୍ତି ନେଇଛନ୍ତି। କୁଏତ୍‌ରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୯ ହଜାର ଟପିଲାଣି। ପରିସ୍ଥିତିକୁ ଦେଖି ପ୍ରବାସୀଙ୍କ ସଂଖ୍ୟା କମାଇବା ଲାଗି ସରକାର ନିଷ୍ପତ୍ତି ନେଇଥିବା କୁହାଯାଉଛି।



# ଆଖିବୁଜିଲେ ଆଉ ୨ ଆକ୍ରାନ୍ତ, ୪୫୬ ଚିହ୍ନଟ

- ରାଜ୍ୟରେ ମୃତ୍ୟୁ ସଂଖ୍ୟା ୩୮କୁ ବୃଦ୍ଧି
- କ୍ୱାରାଣ୍ଟାଇନ୍‌ରୁ ୩୦୯, ସ୍ଥାନୀୟ ସଂକ୍ରମିତ ୧୪୭
- ପୁଣି ସୁସ୍ଥ ହେଲେ ୨୬୨

ଭୁବନେଶ୍ୱର,୬।୭(ବ୍ୟୁରୋ)

ରାଜ୍ୟରେ ପ୍ରତିଦିନ କରୋନାରେ ଯାଉଛି ଜୀବନ। ପୂର୍ବରୁ ୩୬ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ଆଉ ୨ ମୁଣ୍ଡ ନେଇଛି ଏହି ମହାମାରୀ। ମୃତକଙ୍କ ମଧ୍ୟରେ ଗଞ୍ଜାମରୁ ଜଣେ ଓ ଅନ୍ୟଜଣେ ଯାଜପୁରର ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଗଞ୍ଜାମ ମୃତକ ୭୭ ବର୍ଷୀୟ ପୁରୁଷ ହୋଇଥିବାବେଳେ ସେ ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିଲେ। ସେହିପରି ଯାଜପୁର ଜିଲାର ୬୪ ବର୍ଷୀୟ ବ୍ୟକ୍ତି ଜଣକ ମଧୁମେହରେ ପୀଡ଼ିତ ଥିଲେ। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୮କୁ ବୃଦ୍ଧି ପାଇଥିବାବେଳେ କେବଳ ଗଞ୍ଜାମ ଜିଲାର ୨୧ଜଣ ରହିଛନ୍ତି। ତେବେ ଯାଜପୁର ଜିଲାର ଏହା ପ୍ରଥମ କରୋନା ମୃତ୍ୟୁ। ପୂର୍ବରୁ ଏନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ସୋମବାର ସ୍ୱାସ୍ଥ୍ୟ ବିଭାଗର କରୋନା ମୃତ୍ୟୁ ତାଲିକାରେ ଏହି ତଥ୍ୟ ଦିଆଯାଇଛି।

ଏପଟେ ରାଜ୍ୟରେ ୨୪ଟି ଜିଲାରୁ ୪୫୬ ନୂଆ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୩୦୯ଜଣ ଓ ସ୍ଥାନୀୟ ସଂକ୍ରମିତ ୧୪୭ଜଣ ରହିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗର ତଥ୍ୟ ଅନୁସାରେ, ଗଞ୍ଜାମ ଜିଲାରୁ ସର୍ବାଧିକ ୧୬୬ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ତଳକୁ ଯାଜପୁର ଜିଲାରୁ ୫୭, ଖୋର୍ଦ୍ଧାରୁ ୨୧, କଟକରୁ ୧୩, ଜଗତ୍‌ସିଂହପୁରରୁ ୨୩, ନବରଙ୍ଗପୁରରୁ ୨୪, ସୁନ୍ଦରଗଡ଼ରୁ ୨୦, ସମ୍ବଲପୁରରୁ ୧୫, କୋରାପୁଟରୁ ୧୦, ପୁରୀରୁ ୩, ମୟୂରଭଞ୍ଜରୁ ୮, ରାୟଗଡ଼ାରୁ ୧୩, ଭଦ୍ରକରୁ ୧୨, ବଲାଙ୍ଗୀରରୁ ୬, ବରଗଡ଼ରୁ ୩୩, ବାଲେଶ୍ୱରରୁ ୧୪, କେନ୍ଦ୍ରାପଡ଼ାରୁ ୫, ନୟାଗଡ଼ରୁ ୪, କନ୍ଧମାଳରୁ ୩, କେଉଁଝରରୁ ୨ ଏବଂ ଢେଙ୍କାନାଳ, ଅନୁଗୋଳ, କଳାହାଣ୍ଡି ଓ ଗଜପତିରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୫୨୬କୁ ବୃଦ୍ଧି ପାଇଥିବାବେଳେ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ୩,୨୫୪ଜଣ ଚିକିତ୍ସିତ ହେଉଛନ୍ତି।

ସେହିପରି ରାଜ୍ୟରେ ପୁଣି ୨୬୨ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କ ଭିତରୁ ଗଞ୍ଜାମ ଜିଲାରୁ ସର୍ବାଧିକ ୭୩ଜଣ ରହିଛନ୍ତି। ସେହିଭଳି ଗଜପତିରୁ ୪୯, ଜଗତ୍‌ସିଂହପୁରରୁ ୨୫, ରାୟଗଡ଼ାରୁ ୧୬, କଟକରୁ ୧୫, ବରଗଡ଼ରୁ ୧୪, ଖୋର୍ଦ୍ଧାରୁ ୧୩, ଭଦ୍ରକରୁ ୧୨, ପୁରୀରୁ ୧୨, କେନ୍ଦ୍ରାପଡ଼ାରୁ ୮, ଯାଜପୁର ଓ ସୁନ୍ଦରଗଡ଼ରୁ ୪ ଜଣ ଲେଖାଏ, ଅନୁଗୋଳ, ବାଲେଶ୍ୱର, ନୟାଗଡ଼ ଓ ନବରଙ୍ଗପୁରରୁ ୩ଜଣ ଲେଖାଏ, ବୌଦ୍ଧ, ଝାରସୁଗୁଡ଼ା, କଳାହାଣ୍ଡି, କୋରାପୁଟ ଓ ମୟୂରଭଞ୍ଜ ଜିଲାରୁ ଜଣେ ଲେଖାଏ ଆରୋଗ୍ୟ ହୋଇଛନ୍ତି। ଏମାନଙ୍କୁ ମିଶାଇ ମୋଟ ୬୪୮୬ଜଣ କରୋନାମୁକ୍ତ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୩୦% ସ୍ଥାନୀୟ ସଂକ୍ରମିତ

ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୨୯୭୨୩୪ କୋଭିଡ୍ ଟେଷ୍ଟ କରାଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପ୍ରତିଦିନ ଯେଉଁ ହାରରେ ସ୍ଥାନୀୟ ସଂକ୍ରମିତ ବଢୁଛନ୍ତି ତାହା ଆଗାମୀ ଦିନରେ ଗୁରୁତର ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ପ୍ରଥମେ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶ ବିଦେଶ ଓ ବାହାର ରାଜ୍ୟ ଫେରନ୍ତା ଥିଲେ। ପରେ ଧୀରେ ଧୀରେ ସ୍ଥାନୀୟ ଆକ୍ରାନ୍ତ ବାହାରିଲେ। ଏବେ ନୂଆ ଚିହ୍ନଟଙ୍କ ମଧ୍ୟରେ ପ୍ରାୟ ୩୦ ପ୍ରତିଶତ ସ୍ଥାନୀୟ ଆକ୍ରାନ୍ତ ରହୁଛନ୍ତି। ୨ ତାରିଖରେ ୫୬୧ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୩୬ଜଣ ସ୍ଥାନୀୟ ଆକ୍ରାନ୍ତ ଥିଲେ। ୩ ତାରିଖରେ ଚିହ୍ନଟ ୪୯୫ ଆକ୍ରାନ୍ତଙ୍କ ମଧ୍ୟରୁ ୩୫୫ଜଣ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ୧୪୦ଜଣ ସ୍ଥାନୀୟ ଆକ୍ରାନ୍ତ ଥିଲେ। ସେହିଭଳି ୪ ତାରିଖରେ ୪୬୯ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୩୧୭ଜଣଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଠାବ କରାଯାଇଥିବାବେଳେ ୧୫୨ଜଣ ସ୍ଥାନୀୟ ଆକ୍ରାନ୍ତ ରହିଥିଲେ। ୫ ତାରିଖରେ ମଧ୍ୟ ୪୫୬ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧୪୭ ସ୍ଥାନୀୟ ଆକ୍ରାନ୍ତ ରହିଥିବା ସୋମବାର ସୂଚନା ଓ ଲୋକ ସମ୍ପର୍କ ବିଭାଗର ତଥ୍ୟରୁ ଜଣାପଡିଛି। ଏହାକୁ ନେଇ ଏବେ ଚିନ୍ତା ବଢ଼ିଛି।

# କରୋନା ଛଡ଼ାଉଛି ଆଘ୍ରାଣ କ୍ଷମତା

## 'ଅଦୃଶ୍ୟ ଅକ୍ଷମତା'ର ଶିକାର ହେଉଛନ୍ତି ଆରୋଗ୍ୟ

ପ୍ୟାରିସ,୬।୭



ମହାମାରୀ କରୋନା ଯୋଗୁ ସାରା ବିଶ୍ୱବାସୀ ଦୁର୍ଦ୍ଦଶାରେ ଜିଉଁଛନ୍ତି। ଅଦ୍ୟାବଧି ୧.୧୬ କୋଟିରୁ ଉର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାବେଳେ ପ୍ରାୟ ୫ ଲକ୍ଷ ୪୦ ହଜାର ଲୋକଙ୍କ ଜୀବନଗଲାଣି। ହେଲେ ଯେଉଁମାନେ କରୋନାରୁ ଆରୋଗ୍ୟ ହେଉଛନ୍ତି ସେମାନଙ୍କ ମଧ୍ୟରୁ କେତେଜଣ ଆନ୍ସୋମିଆ(ଗନ୍ଧ ଅନୁଭବ ନ କରିବା)ର ଶିକାର ହୋଇଛନ୍ତି। ସେମାନଙ୍କୁ ଆଘ୍ରାଣ କ୍ଷମତା ହରାଇବା ଭଳି 'ଅଦୃଶ୍ୟ ଅକ୍ଷମତା' ସହ ହିଁ ବଞ୍ଚିବାକୁ ପଡ଼ିପାରେ। ଏହାର ପ୍ରକୃତ ଚିକିତ୍ସା ନ ଥିବାରୁ ଏଭଳି ଅକ୍ଷମତା ସହ ଜିଇବା ମାନସିକସ୍ତରରେ କଷ୍ଟସାଧ ବୋଲି କରୋନା ପୀଡ଼ିତଙ୍କୁ ସାହାଯ୍ୟ ପାଇଁ ଗଠିତ ଫ୍ରାନ୍ସ ଗ୍ରୁପ୍ 'ଆନ୍ସୋମିଆ.ଓଆରଜି'ର ସଭାପତି ଜିନ୍ ମାଇକେଲ ମେଲାର୍ଡ କହିଛନ୍ତି। ତାଙ୍କ କହିବାନୁଯାୟୀ, 'ଆନ୍ସୋମିଆ ଗନ୍ଧ ବାରିବାର ଶକ୍ତିକୁ ସମାପ୍ତ କରିଦିଏ। ଏହା ଏକ ଯନ୍ତ୍ରଣା। ସକାଳ କଫିର ବାସ୍ନା, ସାବୁନ ଗନ୍ଧ କିଛି ବି ଅନୁଭବ କରିହେବ ନାହିଁ। ଆନ୍ସୋମିଆର ଶିକାର ବ୍ୟକ୍ତିମାନେ ଧୂଆଁ, ଗ୍ୟାସ୍ ଲିକ୍ କିମ୍ବା ଡଷ୍ଟବିନ୍‌ର ଦୁର୍ଗନ୍ଧକୁ ବାରିବାରେ ମଧ୍ୟ ଅସମର୍ଥ।

ଫ୍ରାନ୍ସ ରାଜଧାନୀ ପ୍ୟାରିସସ୍ଥିତ ଏକ ହସ୍ପିଟାଲର କାନ, ନାକ ଏବଂ ଗଳା ବିଶେଷଜ୍ଞ ଆଲାନ କୋରେ କୁହନ୍ତି, ଖାଇବା ସମ୍ପୂର୍ଣ୍ଣ ଭିନ୍ନ ଅନୁଭୂତି। ଖାଦ୍ୟର ସୁଗନ୍ଧ ଅନୁଭବ କରିବା ପରେ ଲୋକେ ଖାଦ୍ୟକୁ ପ୍ରଶଂସା କରିଥାନ୍ତି। କିନ୍ତୁ ଆନ୍ସୋମିଆ ହେତୁ ଏହା କରିପାରିବେ ନାହିଁ। ସେ କହିଛନ୍ତି, ଆନ୍ସୋମିଆ ହେବା ପଛରେ ନାସିକା ସଂକ୍ରମଣ, ମଧୁମେହ, କ୍ରୋନିକ ରାଇନାଇଟିସ୍, ଅଲଜାଇମର୍, ପାର୍କିନ୍‌ସନ୍ସ ଭଳି ଅନେକ କାରଣ ରହିଛି। ଏହି ତାଲିକାରେ ଏବେ କରୋନା ସଂକ୍ରମଣ ଯୋଡ଼ି ହୋଇଯାଇଛି। କୋରେ କହିଛନ୍ତି ଯେ, ସଂକ୍ରମଣରୁ ସୁସ୍ଥ ହେବା ପରେ ମଧ୍ୟ ଆନ୍ସୋମିଆରୁ ମୁକ୍ତି ନ ମିଳିଲେ ତାହା ନିହାତି ଚିନ୍ତାଜନକ। କାରଣ ଏଭଳି ପରିସ୍ଥିତିର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଅନେକ କରୋନା ରୋଗୀଙ୍କର ଓଲଫ୍ୟାକ୍ଟ୍ରି ନ୍ୟୁରନ୍ସଗୁଡ଼ିକ (ଯାହା ଗନ୍ଧ ଚିହ୍ନଟ କରେ) ନଷ୍ଟ ହୋଇଯାଏ। କିନ୍ତୁ ଭଲ ଖବର ହେଉଛି, ନାକ ପଛପଟେ ଥିବା ଏହି ନ୍ୟୁରନ୍ସଗୁଡ଼ିକ ପୁନରୁତ୍ପତ୍ତି ହେବାରେ ସକ୍ଷମ। ପ୍ୟାରିସ୍‌ର ଦୁଇଟି ହସ୍ପିଟାଲରେ ଏଭଳି ମାମଲା ଉପରେ ଅଧିକ ଅଧ୍ୟୟନ ଚାଲିଛି। ଏକ କର୍ଟିସୋନ (ପ୍ରଦାହ ଓ ଆଲର୍ଜି ନିରାକରଣ ପାଇଁ ବ୍ୟବହୃତ ଜୀବରସ ବା ହରମୋନ) ଆଧାରିତ ଚିକିତ୍ସା ପ୍ରଭାବଶାଳୀ ପ୍ରମାଣିତ ହୋଇଛି ଏବଂ ସେଥିରୁ ଆଶା ସଞ୍ଚାର ହୋଇଛି ବୋଲି କୋରେ କହିଛନ୍ତି।

# ଜେଲ ଗଲେ ବହିଷ୍କୃତ ଆଇଆଇସି

## ବୀରମିତ୍ରପୁର ଥାନା ନାବାଳିକା ବଳାତ୍କାର ଘଟଣା

ସୁନ୍ଦରଗଡ଼, ୬।୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନାରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ପରେ ଗର୍ଭପାତ ଘଟଣାରେ ବହିଷ୍କୃତ ଆଇଆଇସି ଆନନ୍ଦ ଚନ୍ଦ୍ର ମାଝିଙ୍କ ୪ ଦିନିଆ ରିମାଣ୍ଡ ଅବଧି ସୋମବାର ଶେଷ ହୋଇଛି। ଏହାପରେ ତାଙ୍କୁ ସୁନ୍ଦରଗଡ଼ର ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ହାଜର କରାଯାଇଥିଲା । ତାଙ୍କ ଓକିଲ ଜାମିନ ପାଇଁ କୋର୍ଟରେ ଆବେଦନ କରିଥିଲେ । ହେଲେ କୋର୍ଟ ତାଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରିଛନ୍ତି। ଏହାପରେ ତାଙ୍କୁ



ଆନନ୍ଦ ଚନ୍ଦ୍ର ମାଝି

ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ଆସନ୍ତା ୧୮ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି । ସୂଚନାଯୋଗ୍ୟ, ନାବାଳିକାଙ୍କୁ ବଳାତ୍କାର ଓ ଗର୍ଭପାତ ଘଟଣାରେ ମାଝିଙ୍କୁ ଚାକିରିରୁ ପ୍ରଥମେ ନିଲମ୍ବିତ କରାଯିବା ପରେ ବହିଷ୍କୃତ କରାଯାଇଥିଲା । ପରେ ଡିଜିପି ଅଭୟ ଏହି ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। କ୍ରାଇମବ୍ରାଞ୍ଚ ତାଙ୍କୁ ଅନୁଗୋଳ ଜିଲା ହଣ୍ଡପା ଥାନା ଅଧୀନ ଏକ ଜଙ୍ଗଲରୁ ଗିରଫ କରିବା ପରେ ପୋକ୍‌ସୋ ଅଦାଲତରେ ହାଜର କରିଥିଲା। ଏହାପରେ କ୍ରାଇମବ୍ରାଞ୍ଚ ତାଙ୍କୁ ୪ ଦିନିଆ ରିମାଣ୍ଡରେ ନେଇ ପଚରାଉଚରା କରିବା ପରେ ସୋମବାର ପୁଣି କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପୋକ୍‌ସୋ ଅଦାଲତରେ ହାଜର କରିଥିଲା।

# ୨୦୨୨ ସୁଦ୍ଧା ୧୫୦୦ ମେଗାୱାଟ୍ ସୌର ଶକ୍ତି ଉତ୍ପାଦନ ହେବ

## ଜଳାଶୟ ଉପରେ ହେବ ୫୦୦ ମେଗାୱାଟ୍ ଭାସମାନ ପ୍ରକଳ୍ପ

ଭୁବନେଶ୍ୱର,୬।୭(ବ୍ୟୁରୋ)

୨୦୨୨ ସୁଦ୍ଧା ରାଜ୍ୟରେ ୧୫୦୦ ମେଗାୱାଟ୍ ସୌରଶକ୍ତି ଉତ୍ପାଦନ ହେବ। ସୋମବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସମ୍ବଲପୁର ଓ ବୌଦ୍ଧ ଜିଲାରେ ୨୭୫ ମେଗାୱାଟ୍ କ୍ଷମତା ବିଶିଷ୍ଟ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରାଯିବ । ସେହିପରି ବୃହତ ଜଳାଶୟଗୁଡିକ ଉପରେ ୫୦୦ ମେଗାୱାଟ ଭାସମାନ ପ୍ଲାଣ୍ଟ ସ୍ଥାପନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହାଛଡା ଛାତ ଉପରେ ୧୯ ମେଗାୱାଟର ଏବଂ ଭୂମି ଉପରେ ୮ ମେଗାୱାଟ ପ୍ଲାଣ୍ଟ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଜେଡକଲ ଏବଂ ଓରେଡା ମାଧ୍ୟମରେ ରାଜ୍ୟର ବିଭିନ୍ନ ସ୍ଥାନରେ ୪୭୪ ମେଗାୱାଟ ସୌରଶକ୍ତି ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଓରେଡା ଆଉ ୪୬୦ ମେଗାୱାଟ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି।

ରାଜ୍ୟରେ ପର୍ଯ୍ୟାପ୍ତ ସୌରଶକ୍ତି ଉତ୍ପାଦନ ସମ୍ଭାବନା ଥିବାରୁ ବାଣିଜ୍ୟିକ ଭିତ୍ତିରେ ଅଧିକ ଉତ୍ପାଦନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସବୁଜ ଶକ୍ତି ଉତ୍ପାଦନ ଉପରେ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ଏହି ବୈଠକରେ ଶକ୍ତି ବିଭାଗ ସଚିବ ନିକୁଞ୍ଜ ଧଳ, ଜେଡକଲ ଅଧ୍ୟକ୍ଷ ବିଷ୍ଣୁ ପଦ ସେଠୀ, ଅର୍ଥ ବିଭାଗ ସଚିବ ଅଶୋକ ମୀନା ଏବଂ ସମ୍ପୃକ୍ତ ବିଭାଗଗୁଡିକର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।


THANKS TO ALL HAVING TRUST US FROM LAST 10 YEARS
ORIGINAL NAVRATNA BHAVISHYA
NAVRATNA YANTRA
Live NEPAL 1 TV
Lucky Yantra In Every 15 Minutes
Check Your Lucky Yantra on NEPAL 1 TV
DTH Platform Channel No.
TATA SKY - 1956
DISH TV - 1537
VIDEOCONE - 848
AIRTEL - 672
BIG TV - 783
SUN - 693
also available on Jain HITS - 949 & AO TV (Mobile Arlin) A

| 06.07.2020 | NAVRATNA | RAJARANI | ROYAL | CHETAK |
| --- | --- | --- | --- | --- |
| 08.30 | 86 | 91 | 95 | 70 |
| 09.00 | 33 | 96 | 90 | 64 |
| 09.30 | 91 | 86 | 18 | 52 |
| 10.00 | 43 | 72 | 12 | 69 |
| 10.30 | 26 | 89 | 25 | 14 |
| 11.00 | 62 | 21 | 45 | 02 |
| 11.30 | 22 | 05 | 73 | 92 |
| 12.00 | 88 | 44 | 10 | 80 |
| 12.30 | 32 | 91 | 77 | 28 |
| 01.00 | 59 | 92 | 02 | 46 |
| 01.30 | 44 | 99 | 17 | 41 |
| 02.00 | 18 | 29 | 64 | 81 |
| 02.30 | 08 | 24 | 60 | 64 |
| 03.00 | 71 | 42 | 43 | 84 |
| 03.30 | 51 | 70 | 85 | 55 |
| 04.00 | 05 | 43 | 53 | 19 |
| 04.30 | 36 | 02 | 23 | 97 |
| 05.00 | 06 | 14 | 36 | 81 |
| 05.30 | 99 | 87 | 58 | 42 |
| 06.00 | 81 | 19 | 84 | 96 |

Contact for Bulk Booking of Ring
Contact for Subh Ank on This Phone Numbers :
Ph.: 8657216263, 9136183911, 9967910136, 9967793681
Website : navratnayantracoupon.com goldennavratnacoupon.com


# ନନ୍ଦନକାନନରେ ଜଳହସ୍ତୀ ଶାବକ ଜନ୍ମ

- କୁମାରଖୁଣ୍ଟିରେ ଶଙ୍କର ଅସୁସ୍ଥ

ବାରଙ୍ଗ,୬।୭(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୬୨ ନଂ. ଏନକ୍ଲୋଜରରେ ରହୁଥିବା ଜଳହସ୍ତୀର ସୋମବାର ଏକ ଶାବକ ଜନ୍ମ ଦେଇଛି। ଶାବକ ଜନ୍ମ ଦେବା ପରେ ମା ଓ ଛୁଆ ସୁସ୍ଥ ଥିବା ଜଣାପଡିଛି। ଏବେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୫ରେ ପହଞ୍ଚିଛି। ସେଥିମଧ୍ୟରେ ୧୦ଟି ମାଈ, ୪ ଅଣ୍ଡିରା ସହ ନବଜାତକ ଛୁଆର ଲିଙ୍ଗ ନିରୁପଣ ହୋଇପାରି ନାହିଁ। ସେହିପରି ଚନ୍ଦକା ଅଭୟାରଣ୍ୟର କୁମାରଖୁଣ୍ଟିରେ ରହୁଥିବା ଦନ୍ତାହାତୀ ଶଙ୍କର ଏବେ ଅସୁସ୍ଥ। ସୂଚନାଯୋଗ୍ୟ, ମାଉନ୍ତକୁ ମାରି ଚର୍ଚ୍ଚାରେ ରହିଥିବା ଶଙ୍କର ୨୦୦୧ ଡିସେମ୍ବର ୨୭ତାରିଖରେ କପିଳାସରୁ ନନ୍ଦନକାନନକୁ ଆସିଥିଲା। କିନ୍ତୁ ୨୦୦୭ରେ ସାତକୋଶିଆକୁ ପଠାଯାଇଥିଲା। ସେଠାରେ ମଧ୍ୟ ମାଉନ୍ତ ନ ଥିବାବେଳେ ତା'ର ସହଯୋଗୀକୁ ଆକ୍ରମଣ କରିଥିଲା। ଫଳରେ କର୍ତ୍ତୃପକ୍ଷ ଚନ୍ଦକା କୁମାରଖୁଣ୍ଟିକୁ ଆଣି ଦେଇଥିଲେ। ସେଠାରେ ସେ ଏକାକୀ ବନ୍ଦୀ ଜୀବନ ବିତାଉଥିବାବେଳେ ଗତ କିଛିଦିନ ତଳେ ଅସୁସ୍ଥ ହୋଇପଡିଥିଲା। ଚାରିଦିନ ତଳେ ଶଙ୍କର ତଳେ ପଡିରହିଥିଲେ ମଧ୍ୟ ଉଠି ନ ଥିଲା। ଯାହା କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ସାଜିଥିଲା। ଖବରପାଇ ଓୟୁଏଟି ବିଶେଷଜ୍ଞ ଦଳ ସହ ନନ୍ଦନକାନନର ଡାକ୍ତରୀ ଟିମ ପହଞ୍ଚି ଶଙ୍କରର ଚିକିତ୍ସା କରି ଫେରିଛନ୍ତି। ଶଙ୍କରର ନିମ୍ନ ରକ୍ତଚାପରେ ପୀଡ଼ିତ ଥିବା ଜଣାପଡିଛି।

# ଶିକ୍ଷୟିତ୍ରୀଙ୍କୁ ତଣ୍ଟିକାଟି ହତ୍ୟା

- ଝିଅ, ସ୍ୱାମୀ ଗୁରୁତର: କଟକ ବଡ଼ ମେଡିକାଲରେ ଭର୍ତ୍ତି
- ଭଡ଼ାଘର ଅଗଣାରୁ ମିଳିଲା ମୃତଦେହ
- ହତ୍ୟାକାଣ୍ଡର କାରଣ ଜଣାପଡ଼ିନି
- ତଦନ୍ତ କରୁଛି ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର



ତରୁଲତାଙ୍କ ଭଡ଼ା ଘର ଅଗଣାରେ ପୋଲିସ ଟିମ୍।

ଜେନାପୁର/ଧର୍ମଶାଳା, ୬।୭ (ଡି.ଏନ୍.ଏ.)

ଧର୍ମଶାଳା ଥାନା ଅଧୀନ ମିର୍ଜାପୁର ପଞ୍ଚାୟତ ମହାନ୍ତି ସାହିରେ ରବିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଦୁର୍ବୃତ୍ତମାନେ ଜଣେ ଶିକ୍ଷୟିତ୍ରୀଙ୍କୁ ତଣ୍ଟିକାଟି ହତ୍ୟା କରିଛନ୍ତି। ତାଙ୍କ ଝିଅ ଓ ସ୍ୱାମୀଙ୍କୁ ହତ୍ୟା ଉଦ୍ୟମ କରାଯାଇଛି। ମୃତକ ହେଲେ ସ୍ଥାନୀୟ ଅନନ୍ତ କୁମାରୀ ବାଳିକା ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତରୁଲତା ବିଶ୍ୱାଳ(୫୨)। ତାଙ୍କ ସ୍ୱାମୀ ନିତ୍ୟରଞ୍ଜନ ମଲିକ(୫୫) ଓ ଝିଅ ଜୟଶ୍ରୀ(୧୭)ଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଧର୍ମଶାଳା ଥାନା ପୋଲିସ, ଯାଜପୁର ଏସ୍‌ପି ଚରଣ ସିଂ ମୀନା, ଯାଜପୁର ରୋଡ୍ ଡିଏସ୍‌ପି ଚିନ୍ମୟ କୁମାର ନାୟକ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ଫେରିଛନ୍ତି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ତରୁଲତା ତାଙ୍କ ସ୍ୱାମୀ ଓ ଝିଅ ସହ ମହାନ୍ତି ସାହିରେ ୨୫ବର୍ଷ ହେବ ଭଡ଼ାରେ ରହିଆସୁଥିଲେ। ସୋମବାର ସକାଳୁ ଭଡ଼ା ଘର ଅଗଣାରେ ତରୁଲତାଙ୍କ ମୃତଦେହ ପଡ଼ିଥିବା ପଡ଼ିଶା ଘର ଲୋକେ ଦେଖିଥିଲେ। ଖବରପାଇ ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ନିତ୍ୟରଞ୍ଜନ ଓ ଜୟଶ୍ରୀଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତରୁଲତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ନିତ୍ୟରଞ୍ଜନ ଓ ଜୟଶ୍ରୀଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ନିତ୍ୟରଞ୍ଜନଙ୍କ ଡାହାଣ ଆଖି ଓ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ଜୟଶ୍ରୀଙ୍କ ମୁହଁ କ୍ଷତାକ୍ତ ହୋଇଛି। ଏହି ଘଟଣାରେ ପୋଲିସ ସନ୍ଦେହରେ ସ୍ଥାନୀୟ ଅଞ୍ଚଳର ୨ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପୂର୍ବ ଶତ୍ରୁତାରୁ କେହି ଏଭଳି କାଣ୍ଡ ଘଟାଇ ଥାଇପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଥିବା ବେଳେ ଏହାର ପ୍ରକୃତ କାରଣ ଜଣାପଡ଼ିନାହିଁ। ପୋଲିସ ମାମଲା (ନଂ.-୨୬୫/୨୦) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଡାକ୍ତରଖାନାକୁ ପଠାଇଛି।

# ସ୍ୱର୍ଗଦ୍ୱାର ସମ୍ମୁଖରେ କୂଳ ଲଂଘିଲା ସମୁଦ୍ର

## ୪ ଫୁଟ ଗଭୀରରେ ତାଡ଼ି ନେଲା ବାଲି

ପୁରୀ ଅଫିସ, ୬।୭

ସ୍ୱର୍ଗଦ୍ୱାର ସମ୍ମୁଖରେ କୂଳ ଲଂଘିଛି ସମୁଦ୍ର। ଦେଖାଇଛି ଭୟଙ୍କର ରୂପ। ସୋମବାର ସମୁଦ୍ର ଉଗ୍ର ରୂପ ଧାରଣ କରି ପ୍ରାୟ ୪ ଫୁଟ ଗଭୀରରେ ତାଡ଼ି ନେଇଛି ବାଲି। ସ୍ୱର୍ଗଦ୍ୱାର ସମ୍ମୁଖ ଭାଗରେ ପ୍ରାୟ ୧୫୦ରୁ ୨୦୦ ମିଟର ଲମ୍ବ ପର୍ଯ୍ୟନ୍ତ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ତେବେ ଏହା ସମୁଦ୍ରର ସ୍ୱାଭାବିକ ପ୍ରକ୍ରିୟା। ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ। ଅବକ୍ଷୟ ସ୍ଥାନ ପୁଣି ବାନ୍ଧି ହୋଇଯିବ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଦେବାନନ୍ଦ ବେଉରା କହିଛନ୍ତି।

ସମୁଦ୍ରର ଏଭଳି ସ୍ଥିତି ସମ୍ପର୍କରେ ଡ. ବେଉରା କହିଛନ୍ତି, କେବଳ ପୁରୀ ନୁହେଁ, ଓଡ଼ିଶାର ତଟ କ୍ଷୟ ହେଉଛି। ବିଶେଷକରି ପୁରୀ, ଗୋପାଳପୁର, ପାରାଦୀପ, ଏରସମାର ଶିଆଳି, କେନ୍ଦ୍ରାପଡ଼ାର ସାତଭାୟା ଏହିସବୁ ସ୍ଥାନରେ ସମୁଦ୍ର କୂଳ ଖାଉଛି। ପୁରୀ ପାଇଁ ଏହା ନୂଆ କଥା ନୁହେଁ। ପୂର୍ବରୁ ୨୦୦୭ରେ ବଳିଆପଣ୍ଡା ଏବଂ ୨୦୧୬ରେ ସ୍ୱର୍ଗଦ୍ୱାର ନିକଟରେ ସମୁଦ୍ର କୂଳ ଖାଇ ରାସ୍ତା ପାଖକୁ ମାଡ଼ି ଆସିଥିଲା। ଗତବର୍ଷ ସ୍ୱର୍ଗଦ୍ୱାର ଏବଂ ପାନ୍ଥନିବାସ ନିକଟରେ ଉଚ୍ଚ ଢେଉ ଆସି ବେଳାଭୂମିକୁ ଅବକ୍ଷୟ କରିଥିଲା। ତେବେ ଏହାର ବିଭିନ୍ନ କାରଣ ଅଛି। ସାଧାରଣତଃ ଜୁଲାଇ, ଅଗଷ୍ଟ ଏବଂ ସେପ୍ଟେମ୍ବରରେ ମୌସୁମୀ ଅଧିକ ସକ୍ରିୟ ରହିଥିବାବେଳେ ସମୁଦ୍ରରେ ଉଚ୍ଚ ଜୁଆର ଆସିଥାଏ। ବଡ଼ ବଡ଼ ଢେଉ ଆସି କୂଳରେ ମାଡ଼ ହୁଏ। ତେବେ ପୁରୀ କ୍ଷେତ୍ରରେ ମଙ୍ଗଳା ନଦୀ ମୁହାଣ ସଂକୁଚିତ ହୋଇଯିବା ପ୍ରମୁଖ କାରଣ କୁହାଯାଇପାରେ। କିନ୍ତୁ ଏଥିପାଇଁ ଏତେଟା ଭୟଭୀତ ହେବାର ନାହିଁ। ସମୁଦ୍ରର ଏହା ସ୍ୱାଭାବିକ ପ୍ରକ୍ରିୟା ଏବଂ ସମ୍ପୂର୍ଣ୍ଣ ଅସ୍ଥାୟୀ।



ସୂଚନାଥାଉ କି, ୨୦୧୬ ଅଗଷ୍ଟରେ ସ୍ୱର୍ଗଦ୍ୱାର ସମ୍ମୁଖରେ ବେଳାଭୂମି କ୍ଷୟ ହୋଇଥିଲା। ପ୍ରାୟ ୨୦୦ ଫୁଟରୁ ଉର୍ଦ୍ଧ୍ୱ କୂଳ ଖାଇଥିଲା। ବେଳାଭୂମି ମାର୍ଗ ପର୍ଯ୍ୟନ୍ତ ସମୁଦ୍ର ଛୁଇଁଥିଲା। ଏହାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ବିଶେଷଜ୍ଞମାନେ ଆସି ସମୁଦ୍ରର ଏଭଳି ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗର ଉଚ୍ଚ ପଦାଧିକାରୀ ମଧ୍ୟ ଆସି ଦେଖିଥିଲେ। ତେବେ ପରବର୍ତ୍ତୀ ସମୟରେ ସମୁଦ୍ର ପୁଣି ତା' ପୂର୍ବ ସ୍ଥିତିକୁ ଫେରିଥିଲା।




## ହୋମ୍ କ୍ୱାରାଣ୍ଟାଇନରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ

ବାଲେଶ୍ୱର ଅଫିସ, ୬।୭: କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଚଳିତମାସ ୨ ଓ ୩ ତାରିଖରେ ନୀଳଗିରି ବିଧାୟକ ଇଂ ସୁକାନ୍ତ ନାୟକଙ୍କ ସହ ସରକାରୀ କାର୍ଯ୍ୟକ୍ରମ ଓ ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତଙ୍କ ଏକାଦଶାହ କାର୍ଯ୍ୟରେ ଯୋଗ ଦେଇଥିଲେ। ବିଧାୟକ ନାୟକ କରୋନାରେ ସଂକ୍ରମିତ ହୋଇଥିବା ସୋମବାର ଜଣାପଡିବା ପରେ ସେ ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ହୋମ କ୍ୱାରାଣ୍ଟାଇନରେ ରହିଥିବା କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀ ଟୁଇଟ୍ କରି ଜଣାଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କଂଗ୍ରେସର ମୋବାଇଲ ଫୋନ ଦୁର୍ନୀତି ଅଭିଯୋଗ

ଭୁବନେଶ୍ୱର,୬।୭(ବ୍ୟୁରୋ)

କରୋନା ସମୟରେ ଓଡ଼ିଶା ଔଷଧ ନିଗମରେ ବ୍ୟାପକ ଦୁର୍ନୀତି ଓ କେଲେଙ୍କାରୀ କଂଗ୍ରେସ ଲୋକଲୋଚନକୁ ଆଣି ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲା। ମାସ୍କ, ପିପିଇ, ସାନିଟାଇଜର, ରିଏଲଟାଇମ ପିସିଆର, ରାପିଡ୍ କୋଭିଡ୍ ଟେଷ୍ଟିଂ ମେଶିନ, ନେବୁଲାଜର ଇତ୍ୟାଦି କିଣାରେ ଦୁର୍ନୀତିର ପର୍ଦ୍ଦାଫାଶ କଲାପରେ ସୋମବାର ଦଳ ଆଉ ଏକ ଦୁର୍ନୀତିର ଖୁଲାସା କରିଛି। ମୋବାଇଲ କିଣାରେ ମଧ୍ୟ ଦୁର୍ନୀତି ହୋଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

କଂଗ୍ରେସ ନେତା ସୁଦର୍ଶନ ଦାସ କହିଛନ୍ତି, ସ୍ୱାସ୍ଥ୍ୟକ୍ଷେତ୍ରର ତୃଣମୂଳସ୍ତରରେ କାର୍ଯ୍ୟରତ ଆଶାକର୍ମୀଙ୍କ ପାଇଁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ମୋବାଇଲ ଫୋନ୍ କିଣିବାକୁ ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶାଳୟକୁ ଅର୍ଥ ଯୋଗାଇ ଦିଆଯାଇଛି। ଏହି ଅର୍ଥ ଦ୍ୱାରା ୧୦୯୨୫ଟି ସ୍ମାର୍ଟ ଫୋନ୍ କିଣାଯାଇ ଆଶାକର୍ମୀଙ୍କୁ ହସ୍ତାନ୍ତର କରିବାର ଯୋଜନା ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଉକ୍ତ ବିଭାଗ ବଜାରରେ ଉପଲବ୍ଧ ଥିବା ମୂଲ୍ୟଠାରୁ ଯଥେଷ୍ଟ ଅଧିକ ମୂଲ୍ୟରେ, ଓଡ଼ିଶା ବଜାରରୁ କ୍ରୟ ନ କରି ହରିୟାଣାର ଗୁରୁଗ୍ରାମ, ଏକ ନିର୍ଦ୍ଦିଷ୍ଟ ଡିଲରଠାରୁ କିଣାଯିବାର ଚକ୍ରାନ୍ତ ହେଉଛି। ୨୦୧୭ରୁ ଏହି ଡିଲର ଦ୍ୱାରା ରାଜ୍ୟ ସରକାର ବାରମ୍ବାର ଇଲେକ୍ଟ୍ରୋନିକ୍ ସାମଗ୍ରୀ କ୍ରୟ କରି ଆସୁଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକଙ୍କ ଦ୍ୱାରା ସରକାରଙ୍କ ଇ-ମାର୍କେଟ୍ ପ୍ଲସ୍ ପୋର୍ଟାଲରେ, ସ୍ମାର୍ଟ ଫୋନ୍ କିଣାଯିବା ପାଇଁ ଟେଣ୍ଡର ଆବେଦନ ହୋଇଥିଲା। ବିଭାଗର ବୈଷୟିକ ଅଧିକାରୀମାନେ ସେହି ନିର୍ଦ୍ଦିଷ୍ଟ ଡିଲରକୁ କାର୍ଯ୍ୟାଦେଶ ପ୍ରଦାନ କରିବା ପାଇଁ ଇଚ୍ଛୁକ ଭଳି ପରିଦର୍ଶିତ ହେଉଛି। ସାମ୍‌ସଙ୍ଗର ରାଜ୍ୟ ସାରା କମ୍ପାନୀର ନେଟ୍‌ୱର୍କ ଓ ବିକ୍ରୟକେନ୍ଦ୍ର ଅଛି, ଆବଶ୍ୟକ ମଡେଲଟି ମଧ୍ୟ ଓଡ଼ିଶା ବଜାରରେ ଉପଲବ୍ଧ ଅଛି। ଏହାସତ୍ତ୍ୱେ ଏହି ସାମଗ୍ରୀକୁ ହରିୟାଣାର ଏକ ନିର୍ଦ୍ଦିଷ୍ଟ ଡିଲର ଦ୍ୱାରା ସପ୍ଲାଇ କରାଯିବା ସନ୍ଦେହ ଘେରରେ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି।

# ୪.୫% ଖସିଯିବ ଜିଡିପି

ନୂଆଦିଲ୍ଲୀ,୬।୭

- ଚିନ୍ତା ବଢ଼ାଇଲା ଅର୍ଥ ମନ୍ତ୍ରଣାଳୟ ରିପୋର୍ଟ
- କୋଭିଡ୍-୧୯ ଯୋଗୁ ବୃହତ୍ ପରିମାଣର କ୍ଷତି
- ଲଗାତର ଟିକସ ସଂଗ୍ରହ କମୁଛି
- ଅଭିବୃଦ୍ଧି ୧.୯% ରହିବା ନେଇ ପୂର୍ବାନୁମାନ ହୋଇଥିଲା




କରୋନା ମହାମାରୀ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥାକୁ ବୃହତ୍ ପରିମାଣର କ୍ଷତି ହୋଇଥିବା ସରକାର ମାନିଛନ୍ତି। ଦେଶର ଅର୍ଥନୈତିକ ଅଭିବୃଦ୍ଧି ଚଳିତ ଆର୍ଥିକ ବର୍ଷରେ ୪.୫% ଖସିବା ନେଇ ଆକଳନ କରାଯାଇଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ପକ୍ଷରୁ ଏହାର ୱାର୍ଲ୍ଡ ଇକୋନୋମିକ ଆଉଟଲୁକ୍‌ରେ ଭାରତର ଅଭିବୃଦ୍ଧି ଖସିବା ନେଇ ଉଲ୍ଲେଖ କରାଯାଇଛି। ଏହି ପୂର୍ବାନୁମାନ ଆଧାରରେ ଭାରତର ଅଭିବୃଦ୍ଧି କ୍ଷତିଗ୍ରସ୍ତ ରହିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏକ ରିପୋର୍ଟରେ ପ୍ରକାଶ ପାଇଛି। ଚଳିତ ବର୍ଷ ଏପ୍ରିଲରେ ଆଇଏମ୍ଏଫ୍ ଯେଉଁ ପୂର୍ବାନୁମାନ କରିଥିଲା ସେହି ତୁଳନାରେ ଦେଶର ଜିଡିପି ୬.୪ % ଖସିବ ବୋଲି ଆଶଙ୍କା କରାଯାଇଛି। ଦେଶର ବିକାଶ ହାର ୧.୯% ରହିବ ବୋଲି ସରକାର ଏପ୍ରିଲରେ ପୂର୍ବାନୁମାନ କରିଥିଲେ।

ଆଇଏମ୍ଏଫ୍ ଜୁନରେ ପ୍ରକାଶ କରିଥିବା ଏହାର ରିପୋର୍ଟରେ କହିଥିଲା ଯେ, ସାରା ବିଶ୍ୱର ଅର୍ଥ ବ୍ୟବସ୍ଥା ୨୦୨୦ରେ ୪.୯% ହ୍ରାସ ଘଟିବ। ଏପ୍ରିଲ ପୂର୍ବାନୁମାନଠାରୁ ଏହା ୧.୯% ଅଧିକ ରହିଛି। ବିଶ୍ୱ ଅର୍ଥ ବ୍ୟବସ୍ଥା ୩% ଖସିଯିବ ବୋଲି ପୂର୍ବରୁ ଆଶଙ୍କା କରାଯାଇଥିଲା। କରୋନା ଯୋଗୁ ବିଶ୍ୱର ଅଧିକାଂଶ ଦେଶ କ୍ଷତି ସହିବେ ବୋଲି ରିପୋର୍ଟରେ କୁହାଯାଇଥିଲା। ବିକଶିତ ଦେଶଗୁଡ଼ିକରେ ୮% ଏବଂ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡିକର ବିକାଶ ହାର ୩% ଖସିପାରେ। ୨୦୧୯-୨୦ରେ ଭାରତର ଜିଡିପି ଅଭିବୃଦ୍ଧି ୪.୨% ରହିଛି। ଏହାର ପୂର୍ବ ଆର୍ଥିକ ବର୍ଷରେ ଏହା ୬.୧% ରହିଥିଲା।

ଅର୍ଥ ମନ୍ତ୍ରଣାଳୟ ରିପୋର୍ଟରେ କୁହାଯାଇଛି ଯେ, ୨୦୧୯-୨୦ରେ ସରକାର ୧୩.୫୬ ଲକ୍ଷ କୋଟି ଟଙ୍କାର ନେଟ୍ ଟିକସ ସଂଗ୍ରହ କରିଥିଲେ। ଏହା ପରିବର୍ତ୍ତିତ ଧାର୍ଯ୍ୟଲକ୍ଷ୍ୟଠାରୁ ୯.୯% ନିମ୍ନରେ ରହିଛି। ଦେଶରେ ଆର୍ଥିକ କାର୍ଯ୍ୟକଳାପ ହ୍ରାସ ହେବା ଯୋଗୁ ଚଳିତ ଆର୍ଥିକ ବର୍ଷ ପ୍ରଥମ ୨ ମାସରେ ଟିକସ ସଂଗ୍ରହ ହ୍ରାସ ଘଟିଛି। ମେ ୨୦୨୦ ସୁଦ୍ଧା ବିତ୍ତୀୟ ନିଅଣ୍ଟ ୪.୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ରାଜସ୍ୱ ସଂଗ୍ରହରେ ଋଣାତ୍ମକ ସ୍ଥିତି ଉପୁଜିବା ଯୋଗୁ ଏହା ୬୮.୯% ସ୍ତରରେ ରହିଛି। ବ୍ୟକ୍ତିଗତ ଆୟକରରେ ଅଭିବୃଦ୍ଧିରେ ନକାରାତ୍ମକ ପ୍ରଭାବ ସହ ସମସ୍ତ ପରୋକ୍ଷ ଟିକସ ସଂଗ୍ରହ ଏବଂ ଅଣ ଟିକସ ରାଜସ୍ୱ ସଂଗ୍ରହ ବର୍ତ୍ତମାନ ଆଶାନୁରୂପ ହେଉନାହିଁ। ବଜାର ଉପରେ ପଡୁଥିବା ପ୍ରଭାବକୁ କମ୍ କରିବା ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ସ୍ୱଳ୍ପ ମିଆଦୀ ଏବଂ ଦୀର୍ଘ ମିଆଦୀ ପଦକ୍ଷେପ ଗ୍ରହଣ କରାଯାଇଛି।

# ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସଙ୍କ ପରଲୋକ

ଜଗତ୍‌ସିଂହପୁର ଅଫିସ, ୬।୭

ବରିଷ୍ଠ ବିଜେଡି ନେତା ତଥା ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସଙ୍କ ୬୬ ବର୍ଷ ବୟସରେ ସୋମବାର ସନ୍ଧ୍ୟାରେ ପରଲୋକ ଘଟିଛି। ସେ ବ୍ରେନ୍ ଷ୍ଟ୍ରୋକ୍‌ରେ ପୀଡ଼ିତ ହେବା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପ୍ରାୟ ୧୨ ଦିନ ହେଲା ଚିକିତ୍ସାଧୀନ ଥିଲେ। ଦାସ ରାଜ୍ୟ ରାଜନୀତିରେ ଜଣେ ଆଗଧାଡିର ନେତା ଥିଲେ। ବିଶେଷକରି ଜନତା ଦଳରୁ ରାଜନୀତି କ୍ୟାରିୟର ଆରମ୍ଭ କରି ପରବର୍ତ୍ତୀ ସମୟରେ ବିଜେଡିରେ ନିଜର ସ୍ୱତନ୍ତ୍ରତା ବଜାୟ ରଖି ପାରିଥିଲେ। ୩୫ ବର୍ଷର ରାଜନୀତି କ୍ୟାରିୟରରେ ସେ ୬ଥର ବିଧାୟକ ହୋଇଥିଲେ। ୨୦୦୭ରେ ମନ୍ତ୍ରୀ ହେବା ସହ ପରବର୍ତ୍ତୀ ସମୟରେ ରାଜ୍ୟ ସଭା ସଦସ୍ୟ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ହେବାର ଗୌରବ ହାସଲ କରିଥିଲେ। ୧୯୮୫ରେ ସେ ଜଗତ୍‌ସିଂହପୁର ବିଧାନସଭା ଆସନରୁ ଜନତା ଦଳ ପ୍ରାର୍ଥୀ ହୋଇ ହାରିଥିଲେ ସୁଦ୍ଧା ୧୯୯୦ରୁ ୨୦୦୯ ନିର୍ବାଚନ ପର୍ଯ୍ୟନ୍ତ ୫ଥର କ୍ରମାଗତ ବିଜୟୀ ହୋଇଥିଲେ। ୨୦୧୪ରେ ଜଗତ୍‌ସିଂହପୁର ଆସନରୁ ସେ ହାରିଯାଇଥିବାବେଳେ ୨୦୧୯ରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। କେବଳ ଏତିକି ନୁହେଁ, ବିଜେଡି ଜିଲା ସଭାପତି ଭାବେ ଦଳ ପ୍ରତିଷ୍ଠାଠାରୁ ଅର୍ଥାତ୍ ୧୯୯୭ରୁ ୨୦୧୯ ପର୍ଯ୍ୟନ୍ତ ସେ ସୁଚାରୁରୂପେ ଦାୟିତ୍ୱ ସମ୍ପାଦନ କରି ଆସିଛନ୍ତି। ତାଙ୍କ ସାଙ୍ଗଠନିକ ଦକ୍ଷତା, ଶୃଙ୍ଖଳା, ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଆନୁଗତ୍ୟ ବଜାୟ ରହିଥିଲା। ଜଗତ୍‌ସିଂହପୁର ଜିଲା ଗଠନରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ଜଣେ ମେଳାପୀ ରାଜନେତା ଭାବେ ତାଙ୍କର ସ୍ୱତନ୍ତ୍ରତା ଥିଲା। ତାଙ୍କ ବିୟୋଗରେ ସାଧାରଣରେ ଗଭୀର ଶୋକ ପ୍ରକାଶ ପାଇଛି। ମଙ୍ଗଳବାର ଦାସଙ୍କ ମରଶରୀର ଜଗତ୍‌ସିଂହପୁର ସିପି-ମକୁନ୍ଦପୁରସ୍ଥିତ ବାସଭବନକୁ ଅଣାଯିବ ବୋଲି ତାଙ୍କ ପୁଅ ବିଜୟ ଶଙ୍କର ଦାସ କହିଛନ୍ତି।

## ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୬।୭(ବ୍ୟୁରୋ)

ବିଷ୍ଣୁ ଦାସଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ,ବିଷ୍ଣୁ ଦାସ ଜଣେ ଲୋକପ୍ରିୟ ରାଜନେତା ଓ ଦକ୍ଷ ସଙ୍ଗଠକ ଥିଲେ। ମନ୍ତ୍ରୀ, ଏମ୍‌ପି ଏବଂ ବିଧାୟକ ଭାବେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ତାଙ୍କର ଅବଦାନ ରଖିଯାଇଛନ୍ତି। ବିଶେଷଭାବେ ଜଗତ୍‌ସିଂହପୁର ଅଞ୍ଚଳର ବିକାଶ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ଦଳିତ ଓ ସମାଜର ଅବହେଳିତ ବର୍ଗର ଲୋକମାନଙ୍କ କଲ୍ୟାଣ ପାଇଁ ସେ ସାରା ଜୀବନ ଉତ୍ସର୍ଗୀକୃତ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅମାୟିକ ସ୍ୱଭାବ ପାଇଁ ସେ ଦଳମତ ନିର୍ବିଶେଷରେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

ସେହିପରି ଦାସଙ୍କ ଦେହାନ୍ତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ, ଦାସଙ୍କ ମୃତ୍ୟୁରେ ଓଡ଼ିଶା ରାଜନୀତିରେ ଏକ ଯୁଗର ଅବସାନ ଘଟିଲା। ଗରୀବ ଲୋକଙ୍କ ସେବାରେ ସେ ଏକ ଅଲିଭା ଛାପ ଛାଡ଼ିଯାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, କୃଷିମନ୍ତ୍ରୀ ଅରୁଣ ସାହୁ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛନକ ଛଟା,**
**ତିନି ବେଳ ତା'ର ଖଦି ପାଲଟା,**
**ମାଉସୀ ଦୁଆରେ ଥାଏ;**
**ନାକଟି ଆଗରେ ଚିଟା କୁଟିଥାଏ,**
**ଅଘଷା ପାଟିରେ ଖାଏ।**

କିଛି ବ୍ୟକ୍ତି ଖୁବ ନିଷ୍ଠାବାନ ବୋଲି ଜଣାପଡ଼ିଥାନ୍ତି। କିନ୍ତୁ ତାଙ୍କ ଭିତରର ଗୁଣ ବା ପ୍ରକୃତି ସେହି ଧରଣର ହୋଇ ନ ଥାଏ। ଉପରକୁ ନିଷ୍ଠାପରର ଛଳନା ଦେଖାଇ ଭିତରେ ଭିତରେ ନାନା ଅନ୍ୟାୟ ଅନୀତିରେ ଲିପ୍ତ ରହୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଛଅ ଗୋଡ଼ ମିଞ୍ଜନି ଆଖି**
**ପାରଇ ଡିମ୍ବ ନୁହଁଇ ପକ୍ଷୀ**
**ବନସ୍ତ ଭିତରୁ ନୁହେଁ ବାହାର**
**ପ୍ରତିଦିନ ଖାଏ ମନୁଷ୍ୟ ଆହାର।**

ଏହା ଏକ ପ୍ରହେଳିକା। ସାଧାରଣତଃ ଉକୁଣି ଭଳି ଛୋଟ ଜୀବ ମଣିଷର ମୁଣ୍ଡରେ ବାସ କରିଥାଏ। କେଶ ମୂଳରେ ରହି ମୁଣ୍ଡରୁ ରକ୍ତ ଶୋଷି ସେ ତା'ର ବଂଶ ବିସ୍ତାର କରିଚାଲୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# classifieds

Everyday
0674-2580101, 2549302




SALE

**Gharabari boundary ସହିତ developed plot ଫୁଲନଖରା ଛକ ନିକଟରେ କିଣନ୍ତୁ। 9937166932.** D-69320

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, outright. 9348232008, 6371569855. D-69128

**ଭୁବନେଶ୍ୱର ପିତାପଲ୍ଲୀ ଛକ NH sideରେ boundary wall, 30ft. ରାସ୍ତା ସହିତ plot ମିଳୁଛି ଏବଂ ଜଟଣୀଗେଟ୍‌ରୁ 500, ଦୂରତାରେ ଘରବାରି ପ୍ଲଟ୍ କିଣି ଘର କରନ୍ତୁ। 6370292040.** D-69127

**Bhubaneswar-Khordha NH side ରେ boundary wall road ସହିତ plot ମିଳୁଅଛି। 6372852525.** D-69124

**Gharabari boundary plot at Chhatabara, NH-5 bypass near Infocity-II. 7008563697.** D-17645

ସୁନ୍ଦରପଦା କ୍ଷେତ୍ରପାଳ ମୌଜା ଓ କୁହାମୌଜାରେ yellow zone ଘରବାରି plot ମିଳୁଛି। 8480348215. D-69521

ତମାଣ୍ଡୋ N.H ରୁ 800mtr ଦୂରରେ yellow zone plot ଓ ଖୋର୍ଦ୍ଧା ଟାଙ୍ଗିଆପଡ଼ାରେ sqft. 420/-, ରେ possession plot ମିଳୁଛି। 8480348215. D-69522




Monalisa massage club : All types body massage with hiprofile smart lady rooms service available 9708545108. D-17661

Experience winter therapeutic Abhyanga Massage feeling refreshing energetic : Appointment- 9668374480. D-69800

Get refreshment body massage by expert therapist (Home service). 9556978408. D-69298

Rejuvenate and Ayurvedic full body massage by smart therapist. 9114402304. D-69299

Newly open full body massage SPA in Bhubaneswar. Contact: 7205058838. D-69292

Experience full body massage with us (expert). Call: 7377048581, 06742597822. D-69293

Full body herbal massage with refreshment expert therapist. 7381239385, 06742540855. D-69294

AFFIDAVIT

I, Sasmita Mahapatra spouse of Chandramani Dwibedi resident of vill/po/teh. Bari, Dist: JAJPUR (Odisha) have changed my name from "Sasmita Mahapatra to Sasmita Dwibedi vide Affidavit dated 29.6.20 before the Notary Regd. 4921 Delhi. D-17689

ଦ୍ୱିତୀୟ ଜନ୍ମବାର୍ଷିକୀ



ଆରାଧ୍ୟା ରାଉତ
ରିଜର୍ଭ ପୋଲିସ୍ ଲାଇନ୍, ଢେଙ୍କାନାଳ
ତୋ ଚଲାପଥ କୁସୁମିତ ହେଉ, ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ପିତା: ମୃତ୍ୟୁଞ୍ଜୟ, ମାତା: ନିଲମ୍, ମାମୁ: ସିଦ୍ଧାନ୍ତ, ଜେଜେ ବାପା, ଜେଜେ ମା, ଅଜା, ଆଇ ଓ ଅନ୍ୟମାନେ।
ଧ-୬୬୮୬


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପଛକୁ ଘୁଞ୍ଚିଲେ...

ପ୍ରଥମ ପୃଷ୍ଠାରୁ...

ସହ କଥା ହୋଇଥିଲେ। ଏହି ଆଲୋଚନାବେଳେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରୁ ଯଥାଶୀଘ୍ର ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର କରିବା ଓ ସୀମାରେ ଉତ୍ତେଜନା ହ୍ରାସ ପାଇଁ ରାଜି ହୋଇଥିଲେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୀମାରେ ପୂର୍ବଭଳି ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉପରେ ଦୁଇଦେଶର ସ୍ୱତନ୍ତ୍ର ପ୍ରତିନିଧି ଡୋଭାଲ ଏବଂ ୱାଙ୍ଗ ଆଲୋଚନା କରିଥିଲେ। ଏହି ଆଲୋଚନା ପରେ ଚାଇନା ସୋମବାର ଗଲୱାନ ଏବଂ ଗୋଗ୍ରା ହଟ୍‌ସ୍ପ୍ରିଙ୍ଗ୍‌ସରୁ ସୈନ୍ୟ ଫେରାଇ ନେଇଛି। ଉଭୟ ଦେଶ ଏଲ୍ଏସିକୁ ସମ୍ମାନ ଦେବା ସହ ସମସ୍ତ ନିୟମ ଓ ସର୍ତ୍ତାବଳୀ କଡ଼ାକଡ଼ି ଭାବେ ପାଳନ କରିବା ଉଚିତ ବୋଲି ଡୋଭାଲ ଏବଂ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ସ୍ପଷ୍ଟ କରିଥିଲେ। ସେହିପରି ସୀମାରେ ପୂର୍ବ ସ୍ଥିତି ବଜାୟ ରଖିବା ଏବଂ ଭବିଷ୍ୟତରେ ଶାନ୍ତି ଓ ସ୍ଥିରତା ବାଧାପ୍ରାପ୍ତ ହେବା ଭଳି ସ୍ଥିତି ଯେପରି ନ ଘଟେ ସେଥିପାଇଁ ଦୁଇଦେଶର ସେନା ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଆଲୋଚନା ବେଳେ ସହମତି ପ୍ରକାଶ ପାଇଥିଲା।

ଜୁନ୍ ୧୫ରେ ଗଲୱାନ୍ ଉପତ୍ୟକାରେ ଚାଇନା ଓ ଭାରତୀୟ ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା, ଯେଉଁଥିରେ ଭାରତର ୨୦ ଯବାନ ଶହୀଦ ହେବା ସହ ଅନେକେ ଆହତ ହୋଇଥିଲେ। ଏହା ପରେ ଉଭୟ ସୀମାରେ ଅଧିକ ସୈନ୍ୟ ଠୁଳ କରିବା ସହ ଯୁଦ୍ଧବିମାନ ଓ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ମୁତୟନ କରିଥିଲେ। ପୂର୍ବ ଲଦାଖର ଉପରୋକ୍ତ ଅଞ୍ଚଳରୁ ପର୍ଯ୍ୟାୟକ୍ରମେ ସୈନ୍ୟ ପ୍ରତ୍ୟାହାର ପାଇଁ ଗତ ଜୁନ୍ ୩୦ରେ ଦୁଇଦେଶର ସେନା କମାଣ୍ଡରସ୍ତରୀୟ ବୈଠକରେ ସହମତି ହୋଇଥିଲା। ଏହା ସତ୍ତ୍ୱେ ସୈନ୍ୟ ପ୍ରତ୍ୟାହାର ପରିବର୍ତ୍ତେ ଉଭୟ ପକ୍ଷ ଅଧିକ ସୈନ୍ୟ ମୁତୟନ କରିବା ସହ ସୀମା ଉପରେ କଡ଼ା ନଜର ରଖିଥିଲେ। ତିନିଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହଠାତ୍ ଲଦାଖ ଗସ୍ତ କରି ସେଠାରେ ଥିବା ହଜାର ହଜାର ଯବାନଙ୍କୁ ଉଦ୍‌ବୋଧନ ଦେଇ ସେମାନଙ୍କ ମନୋବଳ ବୃଦ୍ଧି କରିବା ସହ ଚାଇନାକୁ ଚେତାବନୀ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ସୀମାବିବାଦର ସମାଧାନ ପାଇଁ ଚାଇନା ଉପରେ କୂଟନୈତିକ ଚାପ ବଢ଼ିଥିଲା। ଶେଷରେ ଭାରତକୁ କୂଟନୈତିକ ସଫଳତା ମିଳିଛି ଓ ଚାଇନା ନିଜର ବିସ୍ତାରବାଦ ଓ ଆକ୍ରମଣାତ୍ମକ ଆଭିମୁଖ୍ୟରୁ ଦୂରେଇ ଯାଇ ସୈନ୍ୟ ପ୍ରତ୍ୟାହାର କରିନେବାକୁ ବାଧ୍ୟ ହୋଇଛି।

## 'ତ୍ୟାଗ, ସଂଯମ,...

ସମସ୍ତ ନୀତିକାନ୍ତି ସୁରୁଖୁରୁରେ ଶେଷ ହୋଇଛି। ସେଥିପାଇଁ କୋଟି କୋଟି ଜଗନ୍ନାଥପ୍ରେମୀ, ସମସ୍ତ ସେବାୟତ, ପୁରୀ ଜନସାଧାରଣ, ପୋଲିସ କର୍ମଚାରୀଙ୍କ ସମେତ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ଶ୍ରୀମନ୍ଦିର ଓ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସାରା ଦେଶ ଅନ୍‌ଲକ୍ ହେବା ଆରମ୍ଭ କରିଛି। ଆଉ ବିଶେଷ କିଛି କଟକଣା ନାହିଁ। ସାରା ବିଶ୍ୱରେ କୋଭିଡ ସଂକ୍ରମଣରେ ଭାରତ ତୃତୀୟ ସ୍ଥାନରେ ପହଞ୍ଚିଲାଣି। ଭାରତରେ ସଂକ୍ରମଣ ପ୍ରତି ୪ ଦିନରେ ଲକ୍ଷେ ଟପୁଛି। ଆମ ରାଜ୍ୟରେ ମଧ୍ୟ ସଂକ୍ରମଣ ବଢୁଛି। ବର୍ଷା ଋତୁ ପାଇଁ ଆଗରୁ ସାବଧାନ କରିଥିଲି। କୋଭିଡ୍ ପାଇଁ କୌଣସି ଔଷଧ ବାହାରିବା ଯାଏ ଜୀବନ କେବେ ବି ପୂର୍ବପରି ସ୍ୱାଭାବିକ ହେବନାହିଁ। ସମସ୍ତଙ୍କ ମଙ୍ଗଳ ପାଇଁ ଆମକୁ ତ୍ୟାଗ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୋଭିଡ୍ ଗାଇଡଲାଇନ କଡ଼ାକଡ଼ି ଭାବେ ପାଳନ କରିବା ସହ ନିହାତି ଦରକାର ନ ହେଲେ ବାହାରକୁ ନ ବାହାରିବାକୁ ମୁଖ୍ୟମନ୍ତ୍ରୀ ପୁଣି ଥରେ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ମାସ୍କ ବ୍ୟବହାର, ସାମାଜିକ ଦୂରତା ରକ୍ଷା କରିବା, ବାରମ୍ବାର ସାବୁନରେ ହାତ ଧୋଇବା, କୌଣସି ସ୍ଥାନରେ ଗହଳି ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅନେକ ସମୟରେ ଯୁବଗୋଷ୍ଠୀ କୋଭିଡ ନିୟମକୁ ପାଳନ କରୁ ନ ଥିବା ଦୃଷ୍ଟିଗୋଚର ହେଉଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଯୁବଗୋଷ୍ଠୀଙ୍କୁ କୋଭିଡ୍ ନିୟମକୁ ଠିକ୍ ଭାବେ ପାଳନ କରିବାକୁ ସ୍ୱତନ୍ତ୍ର ଭାବେ ଅନୁରୋଧ କରିଛନ୍ତି। ଆପଣ ସଂକ୍ରମିତ ହେଲେ ଆପଣଙ୍କ ବାପା, ମା', ପରିବାରବର୍ଗ ସଂକ୍ରମଣ ହେବା ଆଶଙ୍କା ବଢ଼ିବ, କେବେ ବି ଅବହେଳା ନ କରି ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚତୁର୍ଥଭାବ ଚନ୍ଦ୍ର ଦୃଷ୍ଟ ଯୋଗୁ ଆପଣଙ୍କୁ ବନ୍ଧୁମାନଙ୍କ ସହ ଆକସ୍ମିକ ଯାତ୍ରା କରିବାର ସୁବିଧା ମିଳିବ। ପଡ଼ୋଶୀଙ୍କ ପରାମର୍ଶ କ୍ରମେ ସକାଳୁ ସକାଳୁ ଅର୍ଥ ସମ୍ପର୍କୀୟ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଦିନ ମଧ୍ୟରେ ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ବୃଷ**
ଧନସ୍ଥାନ ପାପଯୁକ୍ତ ଯୋଗୁ ଅର୍ଥ ସମ୍ପର୍କୀୟ ସାମାନ୍ୟ ସମସ୍ୟା ଆସିବାର ଆଶଙ୍କା ଦେଖାଦେବ। ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ଆଜିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧପଡ କରିବାକୁ ପଡିବ। ବନ୍ଧୁଙ୍କ ପାଇଁ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ମିଥୁନ**
ଆପଣଙ୍କ ରାଶିରେ ବୁଧ ପାପଗ୍ରହ ରାହୁଯୁକ୍ତ ହୋଇଥିବାରୁ ବିଚାରଧାରାର ବିଭିନ୍ନତା ମାନସିକ ଅସ୍ଥିରତାର କାରଣ ହେବ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ନିଜ ଭୁଲ୍‌କୁ ଦେଖିପାରିବେ ନାହିଁ। ଜମିଜମା ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ବ୍ୟବସାୟ କ୍ଷେତ୍ରରେ ବାଧାପ୍ରାପ୍ତ ହୋଇପାରେ।

**କର୍କଟ**
ଆଜି ଏକାଦଶସ୍ଥ ଶୁକ୍ରଙ୍କ ଯୋଗୁ ଅନ୍ୟମାନଙ୍କ ସାହାଯ୍ୟ ଲାଭ କରି କାର୍ଯ୍ୟ ହାସଲ କରିପାରିବେ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ**
ରାହୁ ଯୁକ୍ତ ବୁଧ ହେତୁ ଟଙ୍କା ପଇସା ଯୋଗାଡ କରିବା ସକାଶେ ବିଭିନ୍ନ ପ୍ରକାରର ଫନ୍ଦି ଫିକର କରିବାକୁ ପଡିପାରେ। ବହୁତ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ।

**କନ୍ୟା**
ନିଜଭାବରୁ ଧନାଧିପ ଅଷ୍ଟମସ୍ଥ ହେତୁ ଅର୍ଥାଭାବ କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। କୌଣସି କ୍ଷେତ୍ରରେ ତରବର ନ ହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା**
ଦୁଃସ୍ଥାନସ୍ଥ ଶୁକ୍ର ପ୍ରଭାବରେ ମନରେ ସୁଖ, ସୌହାର୍ଦ୍ଦ୍ୟ ନ ଥିଲେ ମଧ୍ୟ କେତେକ କାମ ବାଧ୍ୟତା ମୂଳକ ଭାବରେ କରିବାକୁ ପଡିପାରେ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡା ଲାଗିବାର ସମ୍ଭାବନା ରହିଛି।

**ବିଛା**
ମଙ୍ଗଳଗ୍ରହ ଦାମ୍ଭିକ ରାଶିରେ ଥିବାରୁ ଆଜି କୌଣସି ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ପାରିବାରିକ ପ୍ରତିରୋଧ ଅଧିକାଂଶ ସମୟ କାମକୁ ବିଶୃଙ୍ଖଳିତ କରିପାରେ। ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହା କି ସମସ୍ୟା ସୃଷ୍ଟିର କାରଣ ହେବ। ଅର୍ଥ ଲାଭ କାରଣରୁ ସାମୟିକ ମନ ପ୍ରଫୁଲ୍ଲ ରହିବାର ଆଶା ରହିଛି।

**ଧନୁ**
ଆଜି ସ୍ୱାସ୍ଥ୍ୟ ସମସ୍ୟା ବହୁଳାଂଶରେ ସୁଧୁରି ଯିବାର ସମ୍ଭାବନା ରହିଛି। ଜମିଜମା କାରବାର କିମ୍ବା ରେଜିଷ୍ଟ୍ରେସନ ସମ୍ପର୍କୀୟ ସମସ୍ୟାକୁ ନେଇ ବିବ୍ରତ ରହିପାରନ୍ତି। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅଭାବ ଲାଗି ରହିଥିଲେ ମଧ୍ୟ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର**
ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ପାଖ ପଡୋଶୀମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ସକାଳ ସମୟରେ ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। ରାଜନୈତିକ ସ୍ତରରେ ଟେନ୍ସନ ଲାଗି ରହିବ।

**କୁମ୍ଭ**
ସମସ୍ୟା ପ୍ରତିହତ କରି କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ କରିବାରେ ସମର୍ଥ ହେବେ। ଯେତେ ପ୍ରକାରର ସମସ୍ୟା ଆସିଲେ ମଧ୍ୟ ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ। ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ**
ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବାର ସୂଚନା ରହିଛି। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହା କି ବ୍ୟସ୍ତତାର କାରଣ ହୋଇପାରେ।

ଆଜି ଶ୍ରାବଣ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ମଙ୍ଗଳବାର, ଜୁଲାଇ ୭ ତାରିଖ, ଶ୍ରୀଜଗନ୍ନାଥସଂସ୍କୃତବିଶ୍ୱବିଦ୍ୟାଳୟପ୍ରତିଷ୍ଠାଦିବସ,ରାଶିନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଶରଣଂ, ସକାଳ ଘ.୦୫.୧୭ମି.ଗତେ ଘ.୦୭.୫୫ ମି. ମଧ୍ୟେ, ଘ.୦୯.୪୦ମି.ଗତେ ଘ.୧୨.୧୮ମି.ମଧ୍ୟେ, ଘ.୦୩.୪୮ମି.ଗତେ ଘ.୦୪.୪୦ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୬ମି.ଗତେଘ.୦୭.୦୯ମି.ମଧ୍ୟେ, ରାତ୍ରି ଘ.୧୨.୧୩ମି.ଗତେ ଘ.୦୨.୨୩ମି. ମଧ୍ୟେ ଅମୃତବେଳା। ଦିବା ଘ.୦୨.୫୫ମି.ଗତେ ଘ.୦୩.୪୮ମି.ମଧ୍ୟେ, ଘ.୦୪.୪୦ମି.ଗତେ ଘ.୦୫.୩୩ମି. ମଧ୍ୟେ, ରାତ୍ରି ଘ.୦୮.୩୬ମି. ଗତେ ଘ.୧୦.୦୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୩.୦୯ମି. ଗତେ ଘ.୦୪.୪୭ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଆଜି ଉତ୍ତର, ପଶ୍ଚିମ ଓଡ଼ିଶାରେ ବର୍ଷା

**ଭୁବନେଶ୍ୱର, ୬।୭(ବ୍ୟୁରୋ):** ରାଜ୍ୟରେ ଏବେ ବିଭିନ୍ନ ଜିଲାରେ ବର୍ଷା ଜାରି ରହିଛି। ମଙ୍ଗଳବାର ଉତ୍ତର ଓଡ଼ିଶା ଓ ପଶ୍ଚିମ ଓଡ଼ିଶାର ଅନେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି ତେବେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏହି ୩ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୯ ତାରିଖ ଦିନ ବିଭିନ୍ନ ଜିଲାକୁ ଝଡ଼ତୋଫାନ ସହ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ଝଡ଼ତୋଫାନ ଓ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ୧୦ ତାରିଖରେ ମଧ୍ୟ ୩ ଜିଲାକୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କୋରାପୁଟ, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଆଦି ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିଦିନ ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଅନୁଗୋଳ,କନ୍ଧମାଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଆଦି ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ତେଣୁ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।

### ହୀରାକୁଦର ଜଳସ୍ତର ୫୯୯.୯୭ ଫୁଟ୍

**ସମ୍ବଲପୁର,୬।୭ (ବ୍ୟୁରୋ):** ହୀରାକୁଦ ଡ୍ୟାମ୍‌ର ଜଳସ୍ତର ସୋମବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୫୯୯.୯୭ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୩୧ହଜାର ୯୩ କ୍ୟୁସେକ ଜଳ ପ୍ରବେଶ କରୁଛି। ଡାହାଣ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ୍, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୨୬ହଜାର ୧୨୮ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ବେଲଗାଁରେ ୩୧ହଜାର, ପଥର୍ଲାରେ ୫୩ ହଜାର ୭୦୧, ଖଇରମାଳରେ ୧ ଲକ୍ଷ ୪୨ ହଜାର, ବରମୁଲାରେ ୧ଲକ୍ଷ ୪୫ ହଜାର ୩୭୫, ମୁଣ୍ଡଲିରେ ୬୪ ହଜାର ୭୦୦ କ୍ୟୁସେକ ଜଳ ପ୍ରବାହିତ ହେଉଛି।

# ଆରମ୍ଭ ହେବ ଆଣ୍ଟିଜେନ୍ ଟେଷ୍ଟ

ଭୁବନେଶ୍ୱର,୬।୭(ବ୍ୟୁରୋ)

- ପ୍ରଥମ ପର୍ଯ୍ୟାୟରେ ପହଞ୍ଚିଲା ୫ ହଜାର କିଟ୍
- ସପ୍ତାହ ଶେଷସୁଦ୍ଧା ଭୁବନେଶ୍ୱରରେ ସେରୋଲୋଜିକାଲ ସର୍ଭେ

ରାଜ୍ୟରେ ଦିନକୁ ଦିନ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଥିବାରୁ ପରୀକ୍ଷା ଚିହ୍ନଟ ପ୍ରକ୍ରିୟାକୁ ଆହୁରି ବ୍ୟାପକ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ବିଶେଷକରି ଅଧିକ ସଂକ୍ରମିତ ଅଞ୍ଚଳରେ ସେରୋଲୋଜିକାଲ ସର୍ଭେ ଓ ଆଣ୍ଟିଜେନ୍ ଟେଷ୍ଟ କରି ଆକ୍ରାନ୍ତଙ୍କ ଚିହ୍ନଟ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ରାଜ୍ୟରେ ଆଣ୍ଟିଜେନ୍ କିଟ୍ ମାଧ୍ୟମରେ କରୋନା ପରୀକ୍ଷା କରାଯିବ। ଏହାଦ୍ୱାରା ସଂକ୍ରମଣ ହୋଇଛି କି ନାହିଁ ଖୁବ୍ କମ୍ ସମୟରେ ଜଣାପଡ଼ିବ। ଏଥିଲାଗି ସୋମବାର ଭୁବନେଶ୍ୱରରେ ୫ ହଜାର କିଟ୍ ପହଞ୍ଚିଛି। ଏହି କିଟ୍‌ଗୁଡ଼ିକୁ ପ୍ରଥମେ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ, କଟକର ଏସ୍‌ସିବି ଏବଂ ଭୁବନେଶ୍ୱରର କେତେକ ମେଡିକାଲକୁ ପଠାଯିବ। ପରେ କିଟ୍‌ଗୁଡ଼ିକୁ ଅଧିକ ପ୍ରଭାବିତ ଜିଲାଗୁଡ଼ିକୁ ପଠାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଆହୁରି ୨୦ ହଜାର ଆଣ୍ଟିଜେନ୍ କିଟ୍ ଆସିଥିବ ବୋଲି ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆର୍‌ଏମ୍‌ଆର୍‌ସି) ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଚଳିତ ସପ୍ତାହ ରାଜଧାନୀରେ ସେରୋଲୋଜିକାଲ ସର୍ଭେ ଆରମ୍ଭ ହେବ। ଭୁବନେଶ୍ୱରରେ ଶେଷ ୨୪ ଘଣ୍ଟାରେ ୧୭ ପଜିଟିଭ୍ ଚିହ୍ନଟ ହେବାପରେ ଆକ୍ରାନ୍ତଙ୍କ ସଂଖ୍ୟା ୪୫୦ରେ ପହଞ୍ଚିଛି। ସେହିଭଳି ଏଠାରେ ୬ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସହରରେ ଗୋଷ୍ଠୀ ସଂକ୍ରମଣ ରୋକିବା ସହ ଅଧିକ ଟେଷ୍ଟ ମାଧ୍ୟମରେ ଆକ୍ରାନ୍ତ ଚିହ୍ନଟ କରିବାକୁ ଦିନକୁ ୨ରୁ ୨.୫ ହଜାର ଟେଷ୍ଟ ହେବାକୁ ଲକ୍ଷ୍ୟ ରଖାଯାଇଛି। ଚଳିତ ସପ୍ତାହ ଶେଷସୁଦ୍ଧା ସେରୋଲୋଜିକାଲ ସର୍ଭେ ଆରମ୍ଭ ହେବାନେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି। ସଂକ୍ରମଣ ରୋକିବା ପାଇଁ ମାଇକ୍ରୋ ପ୍ଲାନ୍ କରାଯାଉଥିବା ସେ କହିଛନ୍ତି।

### ଆର୍‌ଏମ୍‌ଆର୍‌ସି ଶ୍ରେଷ୍ଠ ତୃତୀୟ କୋଭିଡ୍ ପରୀକ୍ଷାଗାର

ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆର୍‌ଏମ୍‌ଆର୍‌ସି)ରେ କୋଭିଡ୍ ପରୀକ୍ଷାଗାର କାର୍ଯ୍ୟ କରୁଛି। ଏବେ ଆର୍‌ଏମ୍‌ଆର୍‌ସି ରାଜ୍ୟରେ ୧ ଲକ୍ଷରୁ ଊର୍ଦ୍ଧ୍ୱ କୋଭିଡ୍-୧୯ ନମୁନା ପରୀକ୍ଷଣ କରି ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଗତ ୩.୫ ମାସ ମଧ୍ୟରେ ଏହି ପ୍ରତିଷ୍ଠାନରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷଣ ହୋଇଛି। କୋଭିଡ୍ ପରୀକ୍ଷଣ କ୍ଷେତ୍ରରେ ଦେଶର ତିନୋଟି ଶ୍ରେଷ୍ଠ ପରୀକ୍ଷାଗାର ମଧ୍ୟରେ ଆର୍‌ଏମ୍‌ଆର୍‌ସି ସ୍ଥାନ ପାଇଥିବା ମୁଖ୍ୟମନ୍ତ୍ରୀ ଟ୍ୱିଟ୍ ଯୋଗେ ସୂଚନା ଦେଇଛନ୍ତି।

# ୫ ମତ୍ସ୍ୟଜୀବୀ ପରିବାର ସଦସ୍ୟଙ୍କୁ ଆକ୍ରମଣ

ବ୍ରହ୍ମଗିରି,୬।୭(ଡି.ଏନ୍.ଏ.)

### ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଆଗରେ ଧାରଣା



ବ୍ରହ୍ମଗିରି ଥାନା ଅନ୍ତର୍ଗତ କରିମପୁର ଗ୍ରାମରେ ଭୂମିହୀନ ୫ ମତ୍ସ୍ୟଜୀବୀ ପରିବାର ସଦସ୍ୟଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୦୬/୨୦)ରୁଜୁକରି ତଦନ୍ତ ଚଳାଇଛି। ଅନ୍ୟପଟେ ଅଭିଯୁକ୍ତଙ୍କ ଗିରଫ ଦାବିରେ ସୋମବାର ମତ୍ସ୍ୟଜୀବୀଙ୍କ ପରିବାର ସଦସ୍ୟମାନେ ଥାନା ଆଗରେ ଧାରଣା ଦେଇଥିଲେ।

ସୂଚନା ଅନୁଯାୟୀ, କରିମପୁର ଗ୍ରାମ ନିକଟରେ ଥିବା ଏକ ସରକାରୀ ଜାଗାରେ ମତ୍ସ୍ୟଜୀବୀ ବିସୁନି ଘଡେଇ, ସୁରଥ ଘଡେଇ, ଅଖିଳ ଘଡେଇ, ସାବିତ୍ରୀ ଘଡେଇ ଓ ବିରଞ୍ଚି ଘଡେଇଙ୍କ ପରିବାର ରୁହନ୍ତି। କିଛି ଦିନ ପୂର୍ବେ ଏହି ୫ପରିବାରକୁ ଗ୍ରାମରୁ ବାହାରି ଯିବା ପାଇଁ କେତେଜଣ ଗ୍ରାମବାସୀ ଧମକ ଦେବା ସହ ଗତ ଜୁନ୍ ୨୩ ରେ ସେମାନଙ୍କ ଘର ସମ୍ମୁଖରେ ମାଟି ଗଦା କରିଥିଲେ। ଘର ସମ୍ମୁଖରେ କାହିଁକି ମାଟି ଗଦା କରୁଛ ବୋଲି ବିସୁନି କହିବାରୁ କେତେଜଣ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ଘର ଭଙ୍ଗାରୁଜା କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପରେ ଘଟଣାର ସମାଧାନ ପାଇଁ ଗତ ୫ତାରିଖରେ ସ୍ଥାନୀୟ କେତେଜଣ ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ଆଲୋଚନା ହୋଇଥିଲା। ଏହି ସମୟରେ ବଚସା ହେବାରୁ ଉକ୍ତ ୫ମତ୍ସ୍ୟଜୀବୀ ପରିବାର ସଦସ୍ୟଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରାଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ କରିବା ସହ ପରିବାର ସଦସ୍ୟମାନେ ଧାରଣା ଦେଇଥିଲେ। ଖବରପାଇ ପୁରୀ ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ମନୋଜ କୁମାର ଶତପଥୀ କହିଛନ୍ତି।

# ସର୍ବସାଧାରଣଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ମନା

### ଇ-ମେଲ୍, ହ୍ୱାଟ୍ସଆପ୍‌ରେ କରିପାରିବେ ଅଭିଯୋଗ

ଖୋର୍ଦ୍ଧା ଅଫିସ,୬।୭

କୋଭିଡ୍-୧୯ ସଂକ୍ରମଣକୁ ଏଡ଼ାଇବା ଲାଗି ଜିଲାପାଳଙ୍କ କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ପ୍ରବେଶ ଉପରେ କଟକଣା ଲଗାଇଛି ଜିଲା ପ୍ରଶାସନ। ଏ ନେଇ କାର୍ଯ୍ୟାଳୟ ଆଗରେ ଏକ ନୋଟିସ ଲଗାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟକୁ ନ ଆସି ଅଭିଯୋଗପତ୍ର ଇ-ମେଲ fgrievancekhordha@gmail.com କିମ୍ବା ହ୍ୱାଟସଆପ ନଂ. ୯୮୬୧୮୨୧୨୪୪ ଜରିଆରେ ପଠାଇବାକୁ ଜନସାଧାରଣଙ୍କୁ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ଅନୁରୋଧ କରିଛନ୍ତି। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି କଟକଣା ଜାରି କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟକୁ କୌଣସି ବ୍ୟକ୍ତି ନ ଆସି ଘରେ ରହି ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ପଠାଇବା ଲାଗି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।



ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ରୋଡ୍‌ରେ ବ୍ୟାରିକେଡ୍ କରି ରାସ୍ତା ବନ୍ଦ କରାଯାଇଛି।

# ୩୧ ଯାଏ ସହରର ପ୍ରମୁଖ ରାସ୍ତା, ଛକ ସିଲ୍

ଖୋର୍ଦ୍ଧା ଅଫିସ, ୬।୭

- ବିନା ମାସ୍କରେ ବୁଲିଲେ ଜରିମାନା
- କୋଭିଡ୍ ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

ଖୋର୍ଦ୍ଧା ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କେତେଜଣ ଅମାନିଆ ବିନା ମାସ୍କରେ ବୁଲୁଥିବା ବେଳେ ସାମାଜିକ ଦୂରତ୍ୱ ଓ କୋଭିଡ୍-୧୯ ଗାଇଡ୍‌ଲାଇନକୁ ଉଲ୍ଲଂଘନ କରୁଛନ୍ତି। ଫଳରେ ଗୋଷ୍ଠୀ ସଂକ୍ରମଣ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ସହରର ପ୍ରମୁଖ ରାସ୍ତା ଓ ଛକ ସ୍ଥାନକୁ ବ୍ୟାରିକେଡ ଦେଇ ସିଲ୍ କରାଯାଇଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି କରାଯାଇଛି ବୋଲି ଜିଲାପାଳ ସିଦ୍ଧାର୍ଥ କୁମାର ରାଉତ କହିଛନ୍ତି।

ସୂଚନାଥାଉ କି, ଗତ ମାର୍ଚ୍ଚ, ଏପ୍ରିଲ ଓ ମେ’ ମାସ ଶେଷ ପର୍ଯ୍ୟନ୍ତ ଲୋକେ କୋଭିଡ୍ ଗାଇଡ୍‌ଲାଇନକୁ ପାଳନ କରୁଥିଲେ। ମାତ୍ର ଜୁନ୍‌ରୁ ଅନ୍‌ଲକ୍ ତଥା ନିୟମ କୋହଳ ହେବା ପରେ ଏହି ନିୟମକୁ କେହି ମାନୁ ନ ଥିବା ଦେଖିବାକୁ ମିଳିଛି। ତେଣୁ ଅମାନିଆଙ୍କୁ ସାବାଡ୍ କରିବା ତଥା ଲୋକଙ୍କ ହିତ ଦୃଷ୍ଟିରୁ ସହରର ସମସ୍ତ ପ୍ରମୁଖ ରାସ୍ତା ଓ ଛକ ସ୍ଥାନକୁ ସିଲ୍ କରାଯାଇଛି। ବିନା ମାସ୍କରେ ବୁଲିଲେ ଓ ଦୋକାନୀମାନେ ସାମାଜିକ ଦୂରତ୍ୱ ପ୍ରତି ଗୁରୁତ୍ୱ ନ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଜରିମାନା ଆଦାୟ କରାଯିବ। ପୂର୍ବ ଘୋଷଣା ଅନୁଯାୟୀ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନବଜାର ଖୋଲାରହିବ। ଏହା ପରେ କୌଣସି ଦୋକାନ ଖୋଲା ରହିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଭିନ୍ନ ଛକରେ ଯାନବାହନ ଯାଞ୍ଚ ପାଇଁ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ମୁତୟନ କରାଯିବ। ଅତ୍ୟାବଶ୍ୟକ ନ ଥିଲେ ଘରୁ ବାହାରକୁ ଯାଆନ୍ତୁ ନାହିଁ, ଘରେ ରୁହନ୍ତୁ ସୁରକ୍ଷିତ ରୁହନ୍ତୁ ବୋଲି ଜିଲାପାଳ ରାଉତ ବାର୍ତ୍ତା ଦେଇଛନ୍ତି।

# ଅଶ୍ଳୀଳ ଭିଡିଓ ପଠାଇ ଅଡୁଆରେ ଓଏଏସ୍ ଅଫିସର

ଭୁବନେଶ୍ୱର,୬।୭ (ବ୍ୟୁରୋ)

- ମହିଳା ଥାନାରେ ଅଭିଯୋଗ କଲେ ମହିଳା କର୍ମଚାରୀ
- ଚାକିରିରୁ ବାହାର କରିଦେବାକୁ ମିଳୁଛି ଧମକ

ମହିଳା କର୍ମଚାରୀଙ୍କ ପାଖକୁ ବାରମ୍ବାର ଅଶ୍ଳୀଳ ଭିଡିଓ ଓ ମେସେଜ ପଠାଇ ଅଡୁଆରେ ପଡିଛନ୍ତି ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଜଣେ ଓଏଏସ୍ ଅଫିସର। ଯୁବତୀ ଜଣଙ୍କ ଏହାକୁ ବିରୋଧ କରିବାରୁ ଚାକିରିରୁ ବିଦା କରିଦେବାର ଧମକ ଦେଉଛନ୍ତି। ଶେଷରେ କିଛି ଉପାୟ ନ ପାଇ କର୍ମଚାରୀ ଜଣକ ଏନେଇ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଲିଖିତ ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗକାରିଣୀଙ୍କ ଘର କେନ୍ଦ୍ରାପଡା ଜିଲାରେ ହୋଇଥିବାବେଳେ ସେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଭଡ଼ାରେ ରହି ନ’ ତାଲାରେ ଥିବା ଏକ ସରକାରୀ ବିଭାଗରେ ଚାକିରି କରନ୍ତି। ଚୁକ୍ତି ଭିତ୍ତିରେ ଆକାଉଟାଣ୍ଟସ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ଓଏଏସ୍ ଅଫିସର ଜଣକ ଉକ୍ତ ବିଭାଗର ନିର୍ଦ୍ଦେଶକ ଅଛନ୍ତି। ଅଭିଯୋଗ ଅନୁଯାୟୀ, ଅଫିସର ଜଣକ ତାଙ୍କ ଉପରେ ବହୁଦିନ ହେବ ଖରାପ ନଜର ପକାଇ ଆସୁଛନ୍ତି। ଜୁନ୍ ୨୮ରୁ ସେ ତାଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ପ୍ରଥମେ ଅଶ୍ଳୀଳ ମେସେଜ ପଠାଇଥିଲେ। ପରେ ନଗ୍ନ ଭିଡ଼ିଓ ପଠାଉଛନ୍ତି। ପ୍ରତିବାଦ ପରେ ଅଫିସର ଜଣକ ନ ମାନି ନାଲିଆଖି ଦେଖାଇବାରୁ ଶେଷରେ ମହଳା କର୍ମଚାରୀ ଜଣକ ତାଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ବ୍ଲକ୍ କରିଦେଇଥିଲେ। ଏହାସତ୍ତ୍ୱେ ଉକ୍ତ ଅଫିସରଙ୍କ ପାଗଳାମି କମି ନ ଥିଲା। ସେ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ଫୋନ୍ କରି ଗାଳିଗୁଲଜ କରିବା ସହ ଅଶ୍ଳୀଳ ଇଙ୍ଗିତ ଦେଇ କଥା ହୋଇଥିଲେ। ଉକ୍ତ କଥାବାର୍ତ୍ତାର ଅଡିଓକୁ ମଧ୍ୟ ଅଭିଯୋଗବେଳେ ପୋଲିସକୁ ଦେଇଛନ୍ତି। ତେବେ ଗତ ଶୁକ୍ରବାର ଅଫିସର ପୁଣି ଫୋନ କରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଯୁବତୀ ଏହାର ପ୍ରତିବାଦ କରିବାକୁ ତାଙ୍କୁ ଚାକିରିରୁ ବିଦା କରି ଦେବାକୁ ଧମକ ଦେଇଥିଲେ। ଏହାକୁନେଇ ମହିଳା କର୍ମଚାରୀ ଜଣକ ମାନସିକ ଚିନ୍ତାରେ ରହିବା ସହ ଅଫିସ ଯିବାକୁ ଡରୁଛନ୍ତି। ଅଫିସରେ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ସେ ପୋଲିସକୁ ନିବେଦନ କରିଛନ୍ତି।

ଏନେଇ ଥାନାଧିକାରୀ ବନିତା ମହାରଣା କହିଛନ୍ତି, ଅଫିସଙ୍କ ବିରୋଧରେ ଆସିଥିବା ଅଭିଯୋଗର ଯାଞ୍ଚ ଚାଲିଛି। ସତ୍ୟାସତ୍ୟ ଜଣାପଡିଲେ ମାମଲା ରୁଜୁ ସହ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଟ୍ରିବ୍ୟୁନାଲ ତୁରନ୍ତ କାର୍ଯ୍ୟକ୍ଷମ କର

କଟକ ଅଫିସ,୬।୭



- ଓଆର୍‌ଇଏଟି ଅକାମୀ ପ୍ରସଙ୍ଗରେ ହାଇକୋର୍ଟଙ୍କ ନିର୍ଦ୍ଦେଶ
- ରାଜ୍ୟ ସରକାରଙ୍କୁ ଦେଲେ ୧୫ ଦିନର ମହଲତ
- କାର୍ଯ୍ୟକାରୀ ନ ହେଲେ ରୁଜୁ ହେବ କୋର୍ଟ ଅବମାନନା ମାମଲା

ଗଠନର ପ୍ରାୟ ଦେଢ଼ ବର୍ଷ ପରେ ମଧ୍ୟ ଅକାମୀ ହୋଇ ପଡ଼ିଛି ଓଡ଼ିଶା ରିୟଲ ଇଷ୍ଟେଟ୍ ଆପିଲେଟ୍ ଟ୍ରିବ୍ୟୁନାଲ୍ (ଓଆର୍‌ଇଏଟି)। ଏଯାବତ୍ ଗୃହ ଏବଂ ଜମିର କ୍ରେତା ଓ ବିକ୍ରେତାଙ୍କ ଗୋଟିଏ ବି ଅଭିଯୋଗର ଶୁଣାଣି କି ଫଇସଲା ହୋଇନାହିଁ। ଏନେଇ ଓଡ଼ିଶା ହାଇକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଟ୍ରିବ୍ୟୁନାଲ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାର କାର୍ଯ୍ୟକାରୀ କରିବାରେ ବିଫଳ ହେଲେ ଏହାକୁ କୋର୍ଟର ଅବମାନନା ଭାବେ ନେଇ ହାଇକୋର୍ଟ ନିଜଆଡୁ ମାମଲା ରୁଜୁ କରିବାକୁ ଚେତାବନୀ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଓଆର୍‌ଇଏଟି ଅକାମୀ ପଡ଼ିଥିବା ଯୋଗୁ ସେମାନଙ୍କ ଅଭିଯୋଗର ବିଚାର ହେଉ ନ ଥିବା ଦର୍ଶାଇ ଗୃହ କ୍ରେତା ବିମଳେନ୍ଦୁ ପ୍ରଧାନ ଏବଂ ଦୁଇଟି ବିଲଡର୍ ସଂସ୍ଥା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏହି ୩ଟି ମାମଲାର ଏକସଙ୍ଗେ ଶୁଣାଣିକରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସରକାରୀ ଆଇନଜୀବୀ ପି.କେ. ମୁଦୁଲି କହିଥିଲେ ଯେ, ଆର୍ଥିକ ସ୍ୱାଧୀନତା ମିଳି ନ ଥିବା ଓ ଆବଶ୍ୟକ ନିଯୁକ୍ତି ହୋଇ ନ ଥିବା ଯୋଗୁ ଟ୍ରିବ୍ୟୁନାଲ୍ ଠିକ୍‌ରେ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ରାଜ୍ୟ ସରକାର ଏନେଇ ବିଚାର କରିବା ସହ ଟ୍ରିବ୍ୟୁନାଲ୍‌କୁ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି। କିନ୍ତୁ କରୋନା ଯୋଗୁ ବିଳମ୍ବ ହେଉଛି ବୋଲି ଯୁକ୍ତି ଦର୍ଶାଇ ମହଲତ ଦେବା ପାଇଁ ସେ ନିବେଦନ କରିଥିଲେ। ଆବେଦନକାରୀ ଓ ସରକାରଙ୍କ ପକ୍ଷ ଶୁଣିବା ପରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ଟ୍ରିବ୍ୟୁନାଲ୍‌ର କାର୍ଯ୍ୟକ୍ଷମ ପାଇଁ ସରକାର ଏକ ସ୍ୱତନ୍ତ୍ର ବଜେଟ୍ ପ୍ରସ୍ତୁତ କରିବେ। ଏହାର ପରିଚାଳନା ପାଇଁ ରିୟଲ୍ ଇଷ୍ଟେଟ୍ ରେଗୁଲେଟୋରୀ ଫଣ୍ଡରୁ ପାଣ୍ଠି ଯୋଗାଇ ଦେବା ସହ ଆର୍ଥିକ ସ୍ୱାଧୀନତା ଦିଆଯାଉ। ଓଡ଼ିଶା ପ୍ରାଶାସନିକ ଟ୍ରିବ୍ୟୁନାଲ୍‌ର ଯେଉଁ ୧୯ ଜଣ କର୍ମଚାରୀ ନିଯୁକ୍ତି ପାଇଛନ୍ତି, ସେମାନଙ୍କ ଦରମା ଓ ଅନ୍ୟ ସୁବିଧା ନେଇ ନିଷ୍ପତ୍ତି ହେଉ। ନୂତନ ସ୍ଥାୟୀ ନିଯୁକ୍ତି ନେଇ ସରକାରଙ୍କ ଉଚ୍ଚସ୍ତରୀୟ କମିଟିରେ ହୋଇଥିବା ନିଷ୍ପତ୍ତି କାର୍ଯ୍ୟକ୍ଷମ କରାଯାଉ। ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପର୍ଯ୍ୟନ୍ତ ଅସ୍ଥାୟୀ କାର୍ଯ୍ୟାଳୟକୁ ପ୍ରସ୍ତୁତ କରାଯିବ। ସ୍ଥାୟୀ କାର୍ଯ୍ୟାଳୟର ନିର୍ମାଣ ଶୀଘ୍ର ସାରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୧ ତାରିଖରେ ମାମଲାର ଶୁଣାଣି ହୋଇଥିବା ବେଳେ ଏହାର ୧୫ ଦିନ ମଧ୍ୟରେ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ରହିଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୋହିତ ଅଗ୍ରୱାଲ, ଦେବାଶିଷ ନନ୍ଦ ଓ ଏସ୍. ମହାପାତ୍ର ମାମଲାର ପରିଚାଳନା କରୁଥିଲେ।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Lifeline of Odisha EHT (O&M) DIVISION, JAYANAGAR-764005 CIN: U40102OR2004SGC007553
NOTICE INVITING TENDER
Sealed Tenders are invited by the undersigned from registered contractors / vehicle owners having valid License, I.T PAN No & GST Registration Certificate for Hiring of diesel run commercial registered light vehicles Non AC Camper on monthly basis with daily hiring rate for 132/33 KV Grid S/S, Umerkote and Dabugaon & 132KV TL S/D, Jeypore for the periods of two years under EHT (O&M) Division, Jayanagar. **Cost of Tender Papers** are of Rs.2240.00 (non-refundable) in shape of Cash and **EMD** is of Rs.5000.00 in the shape of DD. **Sale of Tender Documents** from Dt.06.07.2020 to upto 12:00 Noon of Dt.16.07.2020. **Last Date of Submission of Tender** on or before Dt.16.07.2020 upto 04:00PM. **Tenders Will be Opened** on Dt.16.07.2020 at 04:30 PM.
**Corrigendum if any will be published in the website only.**
Sd/-
GM (Ele.)
Please connect us: optcl.odisha optcl_odisha energyodisha

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org
ପତ୍ର ସଂଖ୍ୟା: ୬୦ ତା: ୨୨।୦୬।୨୦୨୦
ବିଜ୍ଞାପନ
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଷଣ୍ଢକୁଦ, ପାରାଦ୍ୱୀପ ହାଉସିଂ ପ୍ରକଳ୍ପରେ ଘର ନଂ.– ଏଚ୍.ଆଇ.ଜି.–୦୯ (HIG-09) କୁ ମିଡ୍‌ଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲସ୍ ଲିମିଟେଡ୍, ରେଜିଷ୍ଟରଡ୍ଡ ଅଫିସ୍– ପ୍ଲଟ ନଂ.– ୩୯୧୫, ଲୁଇସ୍ ରୋଡ୍, କେଦାରଗୌରୀ ଛକ, ଭୁବନେଶ୍ୱରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତାଙ୍କ ତରଫରୁ ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଶ୍ରୀ ରଞ୍ଜିତ କୁମାର ବାରିକ, ପି.– କାଶୀନାଥ ବାରିକ, ପ୍ଲଟ ନଂ.– ଡି/୨୧୧୪, ପଦ୍ମାବତୀ, ଚିନ୍ତାମଣିଶ୍ୱର, ପୋ: ବୁଦ୍ଧେଶ୍ୱରୀ କଲୋନୀ, ଥା: ଲକ୍ଷ୍ମୀସାଗର, ଜି: ଖୋର୍ଦ୍ଧା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ମେସ୍‌କୋ ମାଇନିଂ ଲିମିଟେଡ୍, ରେଜିଷ୍ଟେରଡ୍ଡ ଅଫିସ୍– ପ୍ଲଟ ନଂ.– ୩୯୧୫, ମେସ୍‌କୋ ଟାୱାର, କେଦାରଗୌରୀ ଛକ, ଲୁଇସ୍ ରୋଡ୍, ଭୁବନେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଶ୍ରୀ ଅସିତ୍ କୁମାର ରାୟ, ପି.– ୰ଜେନାମଣି ପ୍ରଫୁଲ୍ଲ କୁମାର ରାୟ, ଏଲ୍.ଆଇ.ସି. କଲୋନୀ, ୱାର୍ଡ ନଂ.– ୧୯, ମୁକୁନ୍ଦପୁର, କେନ୍ଦୁଝରଗଡ଼, ଥା: କେନ୍ଦୁଝର ଟାଉନ୍, ଜି.– କେନ୍ଦୁଝରଙ୍କ ମାଧ୍ୟମରେ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା’ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।
ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

GOVERNMENT OF ODISHA
OFFICE OF THE
EXECUTIVE ENGINEER, R.W.S&S DIVISION, KORAPUT.
e-mail-eerwss_kpt@rediffmail.com
Ph. No. (Off) 06852-250281, (Res) 06852-250680, Fax. No. 06852-251098
National Competitive Bidding Through E-Procurement
Tender Identification No.02/EE/ RWSS / KPT /2020-21P Dt.30.06.2020
No. O-151: The Executive Engineer, RWS&S. Division, Koraput on behalf of the Governor of Odisha invites Percentage Rate Bids in **Double** cover (P1contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN.The bid should be submitted on-line in the website **www.tendersorissa.gov.in** separately for the works.

| | | |
|---|---|---|
| 1 | Nature of Work. | Rural Piped Water Supply Work (Civil) |
| 2 | Estimated Cost. | Varies from 104.00 Lakhs to 155.68 Lakhs |
| 3 | No. of Works | **04 Nos.** |
| 4 | Tender cost . | **10000.00** |
| 5 | Class of Contractor. | "B" & "A" |
| 6 | Availability of Bid document in the website | **Dt.10.07.2020** 17 hours to **18.07.2020** 17 hours. |
| 7 | Date of Seeking clarification. | During the Office hours of **10.07.2020 to 17.07.2020** |
| 8 | Date of Opening of Bid. | **Dt. 21.07.2020** at 11 hours |

Further details can be seen in the bidding documents which is available in the e-procurement portal **https//www.tendersorissa.gov.in** subsequent corrigendum if required shall be appeared in the website Authority reserves the right to reject any or all tenders without assigning any reason thereof.
Sd./- Executive Engineer,
R.W.S&S. Division, Koraput.
OIPR-25034/11/0001/2021

OFFICE OF THE EXECUTIVE ENGINEER
LIFT IRRIGATION DIVISION, BARGARH
E-mail: eeolicbgh@gmail.com
National Competitive Bidding through e-Procurement
Corrigendum Call Notice
No. 1120 Date: 06.07.2020
No. CAD-247: Due to some unavoidable circumstances the Tender Call Notice No. 02/2020-21 Dtd.30.05.2020 published in the Newspaper on Dtd.02.06.2020 is hereby cancelled.
Sd./- Executive Engineer
LI Division, Bargarh
OIPR-32277/11/0003/2021

OFFICE OF MUNICIPAL COUNCIL, SUNABEDA
E-PROCUREMENT NOTICE
No. 2052 Date: 29.06.20
Bid Identification No. M.C.-SBD-02/2020-21

| | | |
|---|---|---|
| Total No. of Works | : | 23 Nos. |
| Tender Value | : | Rs.5,00,000/- to Rs.20,00,000/- |
| Bid Security | : | Rs.5000/- to Rs.20,000/- |
| Available Period | : | Dt.06.07.2020 at 11.00 A.M. to 17.07.2020 at 5.00 P.M. |
| Tender Opening Date | : | 21.07.2020 at 11.00 A.M. |

Bidders are requested to participate in advance with their Class - D & C and Class above DSC before the closing date.
Further details please visit: **https://www.tendersorissa.gov.in**.
Sd./- Executive Officer
Sunabeda Municipality
No. C-72 OIPR-13076/11/0002/2021

ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE SR. GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No. CAD-241 Email-hpschiplima@yahoo.in, Fax No. (0663) 2460505
No.-CHEP/TW-102 (Vol.-III)/1888 Date: 03.07.2020
TENDER CALL NOTICE NO.-CHEP-07/2020-21
Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from Reputed Firms / Agencies for the following work as mentioned below.

| Description | Cost of Tender Paper (Non-refundable) | Estimated Cost / EMD (Refundable) |
|---|---|---|
| Providing Under water diving & salvage works at Chiplima Power House | Rs.4,720/- (Rs.4,000/- + GST @18%) | Rs.5,10,300/- EMD=Rs.5,110/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.08.07.2020 up to 12:30 PM of dtd.21.07.2020.**
OIPR-04006/11/0007/2021 Sd/- Unit Head, CHEP, Chiplima

ତହସିଲଦାରଙ୍କ କାର୍ଯ୍ୟାଳୟ, ସୋନପୁର
ଦୀର୍ଘ ମିଆଦୀ ଲିଜ୍ ନିଲାମ ଇସ୍ତାହାର
ବିଜ୍ଞପ୍ତି ସଂଖ୍ୟା: ୩୪୦୫ ତାରିଖ: ୦୪।୦୭।୨୦୨୦
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୋନପୁର ତହସିଲ ଅନ୍ତର୍ଗତ ସୈରାତ ଉତ୍ସଗୁଡ଼ିକ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ୍, ୨୦୧୬ (O.M.M.C. Rules, 2016) ମୁତାବକ ପାଞ୍ଚବର୍ଷ ନିମନ୍ତେ ୨୦୨୦–୨୧ ଆର୍ଥିକବର୍ଷଠାରୁ ୨୦୨୪–୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା: ବିଜ୍ଞାପନ, ସର୍ତ୍ତାବଳୀ, ସୈରାତ ଉତ୍ସର ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି **www.subarnapur.nic.in**ରେ ଉପଲବ୍ଧ କରାଯାଇଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣ କରି ତତ୍ ସହିତ ଆବଶ୍ୟକ ଦସ୍ତାବିଜ୍ ସଂଲଗ୍ନ କରି ଜଉମୁଦା ଲଫାପାରେ ତହସିଲଦାର, ସୋନପୁରଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଅଥବା ରେଜେଷ୍ଟ୍ରି ଡାକଯୋଗେ ଦତ୍ତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ।
ସ୍ୱା./– ତହସିଲଦାର, ସୋନପୁର

ଯେଉଁମାନେ ଯୋଗ ସାଧନା କରନ୍ତି– ସେମାନଙ୍କ ପାଇଁ ଜାତକର କିଛି ଗୁରୁତ୍ୱ ନାହିଁ। କାରଣ, ଯୋଗ ସାଧନାର ଯେଉଁ ପ୍ରଭାବ ଜୀବନ ଉପରେ ପଡେ, ତାହା ଗ୍ରହମାନଙ୍କ ପ୍ରଭାବ ଅପେକ୍ଷା ଅଧିକ ଶକ୍ତିଶାଳୀ। –ଶ୍ରୀମା

# ଅନ୍‌ଲାଇନ୍ ଶିକ୍ଷା

କୋଭିଡ୍–୧୯ ମହାମାରୀ ଯୋଗୁ ସମାଜରେ ଯେଉଁ ପରିବର୍ତ୍ତନ ଆସିଛି ତାହାକୁ ଇଂଲିଶରେ 'ନ୍ୟୁ ନର୍ମାଲ' କୁହାଯାଉଛି। ସାମାଜିକ, ଅର୍ଥନୈତିକ, ରାଜନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପ୍ରତି କ୍ଷେତ୍ର ଏହାଦ୍ୱାରା ପ୍ରଭାବିତ ହୋଇଛି। ତେଣୁ ପରିବର୍ତ୍ତିତ ପରିସ୍ଥିତି ସହ ଖାପ ଖୁଆଇ ପ୍ରତ୍ୟେକଙ୍କୁ ଚଳିବାକୁ ପଡ଼ିବ। ଶିକ୍ଷା ଭଳି ମୌଳିକ ଭିତ୍ତିଭୂମି ସହ ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଜଡ଼ିତ। ବର୍ତ୍ତମାନ ଏଥିରେ ଯେଉଁ ନୂଆ ପରୀକ୍ଷଣ ଲକ୍ଷ୍ୟ କରାଯାଇଛି, ତନ୍ମଧ୍ୟରୁ ଅନ୍‌ଲାଇନ୍ ଶିକ୍ଷା ବିଶେଷ ଗୁରୁତ୍ୱ ଧାରଣ କରିଛି। ତେବେ ବିପୁଳ ଜନସଂଖ୍ୟାବହୁଳ ରାଷ୍ଟ୍ର ଭାରତରେ ଅନ୍‌ଲାଇନ୍ ଶିକ୍ଷା ଏକ କଷ୍ଟସାଧ୍ୟ ବ୍ୟାପାର। ଏହାର ଭୌଗୋଳିକ ସ୍ଥିତି, ସବୁ ଅଞ୍ଚଳରେ ବିଦ୍ୟୁତ୍‌ଶକ୍ତି ଉପଲବ୍ଧ ହେଉ ନ ଥିବା, ଯଦି ବିଦ୍ୟୁତଶକ୍ତି ବି ମିଳୁଛି, ତେବେ ଅନବରତ ଇଣ୍ଟରନେଟ୍ ସେବା ମିଳିବା କଷ୍ଟକର ହେଉଛି। ଏହାସବୁ ଅନ୍‌ଲାଇନ୍ ଶିକ୍ଷାକୁ ସୁଗମ କରିଦେଉ ନାହିଁ। ଏହାପରେ ସର୍ବୋପରି ରହିଯାଉଛି ପରିବାରର ଅର୍ଥନୈତିକ ପରିସ୍ଥିତି। ମାତାପିତାଙ୍କ ପାଖରେ ଡେସ୍କଟପ୍, ଲାପ୍‌ଟପ୍, ଭଲ ସ୍ମାର୍ଟଫୋନ୍ ଥିବା ସହିତ ଦାମୀ ଇଣ୍ଟରନେଟ୍ ସଂଯୋଗ ମଧ୍ୟ ରହିବା ଆବଶ୍ୟକ। ଏଥିସହିତ ଗୋଟିଏ ପରିବାରରେ ଏକରୁ ଅଧିକ ପିଲା ଥିଲେ, ଯଦି ଏକସଙ୍ଗେ ଭିନ୍ନ ଶ୍ରେଣୀର ପାଠପଢ଼ା ହେଉଛି, ତେବେ ପ୍ରତ୍ୟେକ ପିଲାକୁ ଭିନ୍ନ ମୋବାଇଲ୍ ଫୋନ୍ କିମ୍ବା କମ୍ପ୍ୟୁଟର ଦରକାର ହେବ। ଏହି ପଦ୍ଧତିରେ ପାଠ ପଢ଼ାଇବାର ଉଦ୍ୟମ ଏବେ ସବୁ ପିଲାଙ୍କ ପାଇଁ ଲାଗୁ ହେଉଥିବା ବେଳେ ଦୁର୍ବଳ ଅର୍ଥନୈତିକ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଏହା ନିଶ୍ଚିତ ଭାବେ ଏକ କଠୋର ପରିସ୍ଥିତି ଆଣିଦେଇଛି।

ଏହି ପରିପ୍ରେକ୍ଷୀରେ ଓଡ଼ିଶା କଥା ଦେଖିଲେ ପ୍ରାଥମିକ ଶିକ୍ଷା ମୂଳରୁ ଦୁର୍ବଳ ଥିଲା। ଏହାସତ୍ତ୍ୱେ ବି ଅନେକ ସ୍ଥାନରେ କ୍ଲାସ ହେଉଥିଲା। ଅବଶ୍ୟ ପିଲାଙ୍କ ତୁଳନାରେ ଅଧିକାଂଶ ସ୍କୁଲରେ ଶିକ୍ଷକଙ୍କ ସଂଖ୍ୟା ଯଥେଷ୍ଟ କମ୍ ଥିବା ବେଳେ ଆଉ କେତୋଟି ସ୍ଥାନରେ ଶିକ୍ଷକଙ୍କ ସଂଖ୍ୟା ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ଥାଏ। ଘରୋଇ ତଥା ଇଂଲିଶ ମାଧ୍ୟମ ସ୍କୁଲର ଛାତ୍ରୀଛାତ୍ରମାନେ ସରକାରୀ ବିଦ୍ୟାଳୟର ପିଲାମାନଙ୍କଠାରୁ ଅପେକ୍ଷାକୃତ ସ୍ୱଚ୍ଛଳ ବର୍ଗର ହୋଇଥିବାରୁ ଅଧିକାଂଶ ଇଣ୍ଟରନେଟ୍ ସହ ଅଭ୍ୟସ୍ତ ହୋଇପାରୁଛନ୍ତି। ଏହାବ୍ୟତୀତ ସେହିସବୁ ସ୍କୁଲର ପରିଚାଳନା ବ୍ୟବସ୍ଥା ଏବଂ ମାଷ୍ଟରମାନେ ମଧ୍ୟ ଗୁଗଲ୍ କ୍ଲାସରୁମ୍, ଜୁମ୍, ଗୁଗଲ୍ ମିଟ୍ ଏବଂ ମାଇକ୍ରୋସଫ୍ଟ ଭଳି ଇଣ୍ଟରନେଟ୍ ମଞ୍ଚକୁ ନେଇ ପାଠପଢ଼ାଇବାରେ ସକ୍ଷମ ହେଉଛନ୍ତି। କିନ୍ତୁ ସରକାରୀ ସ୍କୁଲରେ ପଢୁଥିବା ଅନେକ ପିଲାଙ୍କ ପାଖରେ ସାଧନର ଅଭାବ ସହିତ ସ୍କୁଲ ପରିଚାଳନା ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରଶିକ୍ଷଣର ଘୋର ଅଭାବ ଦେଖାଦେଇଛି। ଓଡ଼ିଶା ସରକାରଙ୍କ ତଥ୍ୟ ଅନୁଯାୟୀ ରାଜ୍ୟରେ ୬୦ ଲକ୍ଷ ଛାତ୍ରୀଛାତ୍ର ପ୍ରାଥମିକ ଶିକ୍ଷା ଗ୍ରହଣ କରୁଛନ୍ତି। ସେଥିରୁ ୨୨ ଲକ୍ଷ ପିଲା ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷା ପାଇପାରୁଛନ୍ତି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଅର୍ଥାତ୍ ୩୮ ଲକ୍ଷ ଛାତ୍ରୀଛାତ୍ର ଦୀର୍ଘ ୪ ମାସ ଧରି ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି। ପୁଣି ଯେଉଁ ୨୨ ଲକ୍ଷ ପିଲାଙ୍କ ନିକଟରେ ଅନ୍‌ଲାଇନ୍ ଶିକ୍ଷା ପହଞ୍ଚିପାରିଛି ବୋଲି କୁହାଯାଉଛି ସେମାନେ ସମସ୍ତେ ଠିକ୍ ଭାବେ ଶିକ୍ଷା ପାଇପାରିଛନ୍ତି କି ବୋଲି ସନ୍ଦେହ ସୃଷ୍ଟି ହେଉଛି। ଭୁବନେଶ୍ୱର ଭଳି ସ୍ମାର୍ଟ ସିଟିରେ ଏଭଳି କେତେକ ଡାର୍କ ପ୍ୟାଚେସ୍ ବା ଅପହଞ୍ଚ ଅଞ୍ଚଳ ରହିଛି ଯେଉଁଠାରେ ଠିକ୍ ଭାବେ ଇଣ୍ଟରନେଟ୍ ଉପଲବ୍ଧ ହୋଇପାରୁନାହିଁ। ସେପରି ସ୍ଥଳେ ଗାଁଗଣ୍ଡା ବା ସହରର ବସ୍ତି ଇଲାକା କଥା ନ କହିବା ଭଲ।

ପ୍ରାଥମିକ ଶିକ୍ଷାର ଶେଷ ପର୍ଯ୍ୟାୟ ହେଉଛି ମାଟ୍ରିକ୍। ଏହି ସମୟରେ ଶିକ୍ଷାର ମୂଳଦୁଆ ପଡ଼ିଥାଏ। ପିଲାଟିଏ ଏହି ବୟସରେ ପଢ଼ାରେ କଞ୍ଚା ରହିଗଲେ ତା'ର ସମଗ୍ର କ୍ୟାରିୟର ଦୁର୍ବଳ ହୋଇପଡ଼େ। ସେଥିପାଇଁ ସରକାରୀ ସ୍ତରରୁ ଶିକ୍ଷକଙ୍କ ଯାଏ ପିଲାଙ୍କ ପଢ଼ାକୁ ଗୁରୁତ୍ୱ ଦେବା ନିତାନ୍ତ ଜରୁରୀ। ବର୍ତ୍ତମାନ ଯେହେତୁ କୋଭିଡ୍–୧୯ଜନିତ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି, ଅତିଶୀଘ୍ର ସ୍ଥିତି ସୁଧୁରି ଶ୍ରେଣୀକକ୍ଷରେ ପଢ଼ା ଆରମ୍ଭ ହେବ ବୋଲି ବିଶ୍ୱାସ ସୃଷ୍ଟି ହେଉ ନାହିଁ। ତେଣୁ ବିକଳ୍ପ ଶିକ୍ଷାଦାନ ପଦ୍ଧତି ଆପଣାଯିବା ଉଚିତ। ଯେହେତୁ ଶିକ୍ଷକମାନେ ନିୟମିତ ଦରମା ପାଉଛନ୍ତି, ସେମାନେ ଯଦି କିଛି କିଛି ପିଲାଙ୍କୁ ସାମାଜିକ ଦୂରତା ବଜାୟ ରଖି ପଢ଼ାଇବା କାର୍ଯ୍ୟ ଆରମ୍ଭ କରନ୍ତେ, ତାହା ହେଲେ ସମ୍ପୂର୍ଣ୍ଣ ପଢ଼ାରୁ ବଞ୍ଚିତ ହେଉଥିବା ପିଲାମାନେ ଉପକୃତ ହୋଇପାରନ୍ତେ। ନ ହେଲେ ସରକାରୀ ସ୍ତରରେ ଅନ୍‌ଲାଇନ୍ ଶିକ୍ଷା, ଅନ୍‌ଲାଇନ୍ ପଢ଼ା ଚାଲିଛି ବୋଲି କେବଳ କଥାରେ କୁହାଯାଇଚାଲୁଥିବ।

## ୨୫ ବର୍ଷ ତଳର ଧରିତ୍ରୀ

୭ ଜୁଲାଇ ୧୯୯୫

- ଆନ୍ଧ୍ରପ୍ରଦେଶରେ ନୌକା ଦୁର୍ଘଟଣା ଘଟି ୨୧ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି।
- ଆଦିବାସୀବହୁଳ ଗଜପତି ଜିଲାରେ ଅଖାଦ୍ୟ ଖାଇ ୧୨ ଜଣ ଲୋକ ଝାଡ଼ାବାନ୍ତିରେ ପ୍ରାଣ ହରାଇଥିବା ଜଣାପଡ଼ିଛି।
- ଅଷ୍ଟ୍ରେଲିଆ ପାଇଁ ଇଣ୍ଡୋନେସିଆ ତା'ର ରାଷ୍ଟ୍ରଦୂତ ଭାବେ ହରମାନ ବର୍ଣ୍ଣାର୍ଡଙ୍କ ନିଯୁକ୍ତିକୁ ବାତିଲ କରିଦେଇଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | 8 | 3 | | | | | | | | 6 | D | | E |
| C | | | D | | | | | 5 | B | 1 | 9 | 6 | | 3 |
| | | | | | | 2 | | | | 3 | 5 | 7 | | |
| 5 | | B | | | | | | | | | | | | |
| | | | | | C | | B | | | | 7 | | 9 | |
| | 8 | | 7 | | | | | D | E | | | | | |
| | 5 | | | 2 | | | 1 | | | 4 | 3 | | | 8 |
| 9 | | D | | | 1 | 4 | | | C | | | E | 7 | |
| 1 | | E | B | | 3 | | | | | 0 | A | | | 9 |
| | 0 | A | E | | | | | | | 8 | | | 2 | |
| 6 | | | 2 | | 8 | 9 | 0 | E | A | | 4 | | C | |
| | | | C | B | | | 3 | | | | | | | |
| | 4 | 3 | | | | | C | B | | E | 8 | 0 | | 7 |
| | | | 1 | | 7 | 5 | | | | 9 | | | | 2 |
| | | C | | | | | | 8 | | | | 5 | B | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 9 | B | 5 | 6 | 0 | 8 | A | 2 | 4 | 1 | D | E | 3 | 7 |
| E | 0 | 4 | 2 | 8 | 3 | C | 9 | 7 | 6 | A | B | 5 | D | 1 |
| 8 | 1 | 6 | E | 7 | A | D | B | 3 | 9 | 5 | 0 | 4 | C | 2 |
| 5 | 7 | D | 9 | B | C | 4 | 1 | 6 | 2 | 3 | E | 0 | A | 8 |
| 2 | 3 | A | 1 | D | 4 | E | 0 | 5 | C | 7 | 8 | B | 6 | 9 |
| B | 2 | 5 | C | E | 7 | A | 4 | D | 8 | 9 | 6 | 1 | 0 | 3 |
| 4 | 6 | 9 | 0 | 3 | 2 | 1 | C | E | A | B | 5 | 8 | 7 | D |
| 1 | C | 3 | 6 | 5 | B | 9 | 7 | 8 | D | 0 | 2 | A | 4 | E |
| 7 | A | E | 8 | 1 | D | 2 | 6 | 0 | 3 | C | 4 | 9 | B | 5 |
| 0 | D | 8 | A | 4 | 9 | 3 | 5 | B | 7 | E | 1 | 6 | 2 | C |
| A | 8 | 7 | D | 9 | E | 0 | 2 | 1 | B | 6 | 3 | C | 5 | 4 |
| 3 | 5 | C | B | 0 | 1 | 6 | D | 4 | E | 8 | 7 | 2 | 9 | A |
| 9 | E | 1 | 4 | 2 | 5 | B | 3 | A | 0 | D | C | 7 | 8 | 6 |
| 6 | 4 | 0 | 3 | C | 8 | 7 | E | 9 | 5 | 2 | A | D | 1 | B |
| D | B | 2 | 7 | A | 6 | 5 | 8 | C | 1 | 4 | 9 | 3 | E | 0 |

ଗତକାଲିର ଉତ୍ତର

# ହାଜତ ହିଂସା ସମାଜ ପାଇଁ କଳଙ୍କ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ସାରା ଦେଶ କରୋନା ମହାମାରୀ ଓ ଲକ୍‌ଡାଉନ୍‌ର ଦୋହରା ମାଡ଼କୁ ସାମ୍ନା କରୁଥିବା ବେଳେ ପୋଲିସ ଅତ୍ୟାଚାରର ଦୁଇଟି ଲୋମହର୍ଷଣକାରୀ ଘଟଣା ଆମକୁ ଲଜ୍ଜିତ କରିଛି। ଓଡ଼ିଶାର ବୀରମିତ୍ରପୁର ଓ ତାମିଲନାଡୁର ସାନ୍ଥାକୁଲମ୍ ଥାନାରେ ଘଟିଥିବା ଏହି ଦୁଇଟି ଘଟଣା ଦେଶର ଆଇନ ବ୍ୟବସ୍ଥା ନେଇ ପ୍ରଶ୍ନଚିହ୍ନ ଲଗାଇଥିବା ବେଳେ ଲକ୍‌ଡାଉନ୍ ଆଢୁଆଳରେ ପୋଲିସର ମାତ୍ରାଧିକତା ଓ ବର୍ବରତାକୁ ଉଜାଗର କରିଛି।

କ'ଣ ଲକ୍‌ଡାଉନ୍ ନିୟମର ଉଲ୍ଲଂଘନ ପାଇଁ ପୋଲିସ ଜଣକୁ ହତ୍ୟା କରିପାରେ? ଲକ୍‌ଡାଉନ୍‌ରେ ଫସି ରହି ଘରକୁ ଫେରିପାରୁ ନ ଥିବା ଜଣେ ଅସହାୟ ନାବାଳିକାକୁ ପୋଲିସ ଥାନାକୁ ନେଇ ଗଣବଳାତ୍କାର କରିପାରେ? ଗତ ମାର୍ଚ୍ଚ ୨୫ରେ ମେଳା ଦେଖିବାକୁ ଆସିଥିବା ଜଣେ ୧୩ ବର୍ଷୀୟା ନାବାଳିକା ଅପ୍ରତ୍ୟାଶିତ ଲକ୍‌ଡାଉନ୍‌ରେ ଫସି ଯାଇଥିବା ବେଳେ ତାକୁ ଉଦ୍ଧାର କରିବା ନାଁରେ ଥାନାକୁ ନେଇ ବୀରମିତ୍ରପୁର ପୋଲିସ ଆଇଆଇସି ଓ ଅନ୍ୟ ପୋଲିସ କର୍ମଚାରୀମାନେ ବାରମ୍ବାର ବଳାତ୍କାର କରିଛନ୍ତି। ପରେ ଝିଅଟି ଗର୍ଭବତୀ ହୋଇଥିବା ଜାଣି ଡାକ୍ତରଖାନାରେ ତା'ର ବଳପୂର୍ବକ ଗର୍ଭପାତ କରାଇଛନ୍ତି। ତେବେ ପରେ ଅତ୍ୟଧିକ ଯନ୍ତ୍ରଣା ଓ ରକ୍ତସ୍ରାବ ହେବାରୁ ଘଟଣାଟି ପ୍ରଘଟ ହୋଇଥିଲା ଏବଂ ଅଭିଯୁକ୍ତ ଆଇଆଇସି ଗିରଫ ହୋଇ ଚାକିରିରୁ ବରଖାସ୍ତ ହୋଇଛନ୍ତି।

ଅନ୍ୟ ଏକ ଘଟଣାରେ ତାମିଲନାଡୁର ଟୁଟିକୋରିନ୍ ଜିଲାର ସାନ୍ଥାକୁଲମ୍‌ଠାରେ ଜୁନ୍ ୧୯ରେ ଜୟରାଜ ନାମକ ଜଣେ ବ୍ୟବସାୟୀଙ୍କୁ ସ୍ଥାନୀୟ ପୋଲିସ ଲକ୍‌ଡାଉନ୍ ଅବଧିଠାରୁ ଅଧିକ ୧୫ ମିନିଟ୍ ଦୋକାନ ଖୋଲିଥିବାରୁ ଗିରଫ କରି ଥାନାକୁ ନେଇ ଅଟକାଇ ରଖିଥିଲା। ପରେ ଥାନାରେ ବାପାଙ୍କ ଖବର ଜାଣିବାକୁ ତାଙ୍କ ପୁଅ ବେନିକ୍ସ ଯିବାରୁ ତାଙ୍କୁ ବି ପୋଲିସ ଅଟକାଇ ରଖିଲା। ଦୀର୍ଘ ତିନିଦିନ କାଳ ଥାନା ହାଜତରେ ପୋଲିସ ଉଭୟ ବାପା ଓ ପୁଅଙ୍କୁ ବେଆଇନ ଭାବେ ଅଟକ ରଖି ପ୍ରବଳ ମାଡ଼ମାରିବା ସହିତ ସେମାନଙ୍କ ମଳଦ୍ୱାରରେ ଲୁହାରଡ୍ ଭର୍ତ୍ତିକରି ଭୟଙ୍କର ନିର୍ଯାତନା ଦେଇଥିଲା। ଅସହ୍ୟ ଯନ୍ତ୍ରଣା ଓ ରକ୍ତସ୍ରାବ ଯୋଗୁ ଶେଷରେ ବାପା ପୁଅ ଉଭୟଙ୍କର ଥାନା ହାଜତରେ ହିଁ ମୃତ୍ୟୁ ହୋଇଥିଲା।

ଟୁଟିକୋରିନ୍ ବା ବୀରମିତ୍ରପୁରର ଘଟଣା ଦେଶରେ ହାଜତ ନିର୍ଯାତନାର ଲମ୍ବା ତାଲିକାର ପ୍ରଥମ କିମ୍ବା ଶେଷ ଘଟଣା ନୁହେଁ। ଏହି ଘଟଣାର ପରେ ବି ଦେଶର ବିଭିନ୍ନ ସ୍ଥାନରେ ଏପରି କି ଖୋଦ ତାମିଲନାଡୁରେ ବି ହାଜତ ମୃତ୍ୟୁର ଖବର ସାମ୍ନାକୁ ଆସିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ତଥ୍ୟ ଅନୁଯାୟୀ ଦେଶରେ ୨୦୧୮ ମସିହାରେ ହାଜତରେ ମୋଟ ୧୯୬୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୧୯ରେ ତାହା ୧୭୩୧ ରହିଛି। ହାଜତ ମୃତ୍ୟୁ ଘଟଣାଗୁଡ଼ିକର ଗତ କିଛି ବର୍ଷର ହାରାହାରି ସଂଖ୍ୟାକୁ ଦେଖିଲେ ଆମ ଦେଶରେ ଦୈନିକ ୫ଟି ହାଜତ ମୃତ୍ୟୁ ହେଉଥିବା ଜଣାପଡ଼ିଛି।

ନିକଟରେ ନିର୍ଯାତନା ବିରୋଧୀ ଜାତୀୟ ଅଭିଯାନ ପକ୍ଷରୁ 'ଭାରତ: ନିର୍ଯାତନା ସମ୍ପର୍କରେ ବାର୍ଷିକ ରିପୋର୍ଟ' ପ୍ରକାଶିତ ହୋଇଛି। ସେଥିରୁ ଜଣାପଡ଼ିଛି ଯେ, ୨୦୧୯ ମସିହାରେ ଦେଶରେ ହୋଇଥିବା ୧୭୩୧ଟି ହାଜତ ମୃତ୍ୟୁ ମଧ୍ୟରୁ ୧୬୦୬ ଜଣଙ୍କ ମୃତ୍ୟୁ ବିଚାର ବିଭାଗୀୟ ହାଜତରେ ହୋଇଥିବା ବେଳେ ଅବଶିଷ୍ଟ ୧୨୫ ଜଣଙ୍କ ମୃତ୍ୟୁ ପୋଲିସ ହାଜତରେ ହୋଇଛି। ପୋଲିସ ହାଜତରେ ହେଉଥିବା ମୃତ୍ୟୁରେ ଉତ୍ତରପ୍ରଦେଶ ସର୍ବାଗ୍ରେ ରହିଥିବା ବେଳେ ତା' ପଛକୁ ତାମିଲନାଡୁ, ପଞ୍ଜାବ, ବିହାର, ମଧ୍ୟପ୍ରଦେଶ, ଗୁଜରାଟ ଆଦି ରାଜ୍ୟ ଏବଂ ସପ୍ତମ ସ୍ଥାନରେ ଓଡ଼ିଶା ରହିଛି।

ଏଞ୍ଜେଲୋ ଭେଣ୍ଡେରିସ୍କି ମାମଲାରେ ମୁମ୍ବାଇ ହାଇକୋର୍ଟ ମତ ଦେଇଥିଲେ ଯେ ହାଜତ ମୃତ୍ୟୁର ଅଧିକାଂଶ ଘଟଣାରେ ମୃତବ୍ୟକ୍ତିଟି ସମାଜର ଗରିବ ଶ୍ରେଣୀ ଏବଂ ବିଶେଷ କରି ଧାର୍ମିକ ସଂଖ୍ୟାଲଘୁ, ଆଦିବାସୀ, ଦଳିତ, ମହିଳା, ନାବାଳକ ଏବଂ ତୃତୀୟ ଲିଙ୍ଗୀମାନେ ହୋଇଥାନ୍ତି। ସେମାନଙ୍କର ରାଷ୍ଟ୍ରର ପୋଲିସ ବ୍ୟବସ୍ଥା ସମ୍ପର୍କରେ ବିଶେଷ ଜ୍ଞାନ ନ ଥାଏ ଏବଂ ଭଲ ଓକିଲର ସହାୟତା ନେବାରେ ବି ସେମାନେ ଅସମର୍ଥ ହୋଇଥାନ୍ତି। ଅନ୍ତର୍ଜାତୀୟ ସନନ୍ଦ ଯେଉଁଥିରେ ଖୋଦ୍ ଭାରତ ସରକାର ମଧ୍ୟ ଦସ୍ତଖତ କରିଛନ୍ତି, ସେଥିରେ ଥିବା ମାନବିକ ଓ ରାଜନୈତିକ ଅଧିକାର ମଧ୍ୟରେ ନିର୍ଯାତନା ନ ହେବାର ଅଧିକାରକୁ ବି ସାମିଲ କରାଯାଇଛି। ସମ୍ବିଧାନର ଧାରା ୨୧ ଅନ୍ତର୍ଗତ ରହିଥିବା ବଞ୍ଚିବାର ଅଧିକାରକୁ ବ୍ୟାଖ୍ୟା କରି ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଜୀବନର ଅଧିକାରର ଅର୍ଥ ପଶୁମାନଙ୍କ ପରି ବଞ୍ଚିବା ନୁହେଁ। ରାଷ୍ଟ୍ର ଦ୍ୱାରା ନିର୍ଯାତନା ବା ଆକ୍ରମଣରୁ ମୁକ୍ତ ରହିବାର ଏକ ସ୍ୱତଃସ୍ଫୂର୍ତ୍ତ ଗ୍ୟାରେଣ୍ଟି ବି ଧାରା ୨୧ରେ ରହିବା ଅତ୍ୟାବଶ୍ୟକ ବୋଲି କହିଛନ୍ତି।

ଉଭୟ ପୋଲିସ ଏବଂ ବିଚାର ବିଭାଗୀୟ ହାଜତରେ ଘଟୁଥିବା ହତ୍ୟା ଓ ଅପରାଧ ଏକ ଜଘନ୍ୟ ଅପରାଧ, ଯାହା କି ଯେକୌଣସି ସଭ୍ୟ ସମାଜ ପାଇଁ କଳଙ୍କ। ଆମର ପୋଲିସ ବ୍ୟବସ୍ଥାରେ ସଂସ୍ଥାଗତ ହୋଇ ରହି ଆସିଥିବା ଏହିଭଳି ନିର୍ଯାତନାର ସଂସ୍କୃତିକୁ ବଦଳାଇବାକୁ ହେଲେ ବ୍ୟବସ୍ଥାର ଢାଞ୍ଚାଗତ ପରିବର୍ତ୍ତନର ଆବଶ୍ୟକତା ରହିଛି। ଦେଶରେ ହାଜତ ହତ୍ୟାକୁ ରୋକିବା ପାଇଁ ଅତୀତରେ ସୁପ୍ରିମ୍‌କୋର୍ଟ ଡିକେ ବସୁଙ୍କ ମାମଲାରେ କିଛି ନିର୍ଦ୍ଦେଶାବଳୀ ଜାରି କରିଥିଲେ କିନ୍ତୁ ଆମେ ଆଜି ଯାଏ ଉପରୋକ୍ତ ନିର୍ଦ୍ଦେଶାବଳୀକୁ ଲାଗୁ କରିନାହୁଁ। ଖୋଦ୍ ସୁପ୍ରିମ୍‌କୋର୍ଟଙ୍କ ମତ ହେଲା ଯେ ମାନବ ଅଧିକାରର ସବୁଠାରୁ ନିକୃଷ୍ଟତମ ଉଲ୍ଲଂଘନ ହାଜତରେ ପଚରାଉଚୁରା ସମୟରେ ପୋଲିସ ଦ୍ୱାରା କରାଯାଇଥାଏ। ପୋଲିସ କୌଣସି ଘଟଣାରେ ପ୍ରମାଣ ହାସଲ କରିବାକୁ ଅଥବା ସ୍ୱୀକାରୋକ୍ତି ହାସଲ କରିବା ପାଇଁ ଶାରୀରିକ ନିର୍ଯାତନା ପରି ଥାର୍ଡ ଡିଗ୍ରୀ ପ୍ରକ୍ରିୟା ଲାଗୁ କରିଥାଏ। ଜଣେ ବ୍ୟକ୍ତିକୁ ଗିରଫ କରିବାର ୨୪ ଘଣ୍ଟା ମଧ୍ୟରେ କୋର୍ଟରେ ହାଜର କରିବା ସମ୍ପର୍କରେ ଯେଉଁ ନିୟମ କରାଯାଇଛି ତାକୁ ପ୍ରାୟତଃ ଲାଗୁ କରାଯାଉନି।

ଅଧ୍ୟୟନରୁ ଏହା ବି ଜଣାପଡ଼ିଛି ଯେ, ୨୦୧୫ରେ ହୋଇଥିବା ୯୭ ହାଜତ ମୃତ୍ୟୁ ଘଟଣାରେ ମାତ୍ର ୩୩ଟି ମାମଲାରେ ହିଁ କେସ୍ ଦାଏର ହୋଇଛି। ୨୬ ମାମଲାରେ ଅର୍ଥାତ୍ ପ୍ରାୟତଃ ଏକ ତୃତୀୟାଂଶ ମାମଲାରେ ଅଟୋପ୍‌ସି ହୋଇନାହିଁ। ପୋଲିସ ବ୍ୟବସ୍ଥା ମଧ୍ୟରେ ସଂସ୍ଥାଗତ ମାନ୍ୟତା ପାଇଥିବା ଏଭଳି ହାଜତ ନିର୍ଯାତନା ଏବଂ ହତ୍ୟା ପାଇଁ ପ୍ରାୟତଃ ଦଣ୍ଡବିଧାନ ହୋଇ ନ ଥାଏ। ଏ କ୍ଷେତ୍ରରେ ଅଭିଯୁକ୍ତ ପୋଲିସ ଅଧିକାରୀର ବିଚାରଣା ପାଇଁ ଖୋଦ୍ ପୋଲିସ ବିଭାଗରୁ ଆବଶ୍ୟକ ପଡୁଥିବା ଅନୁମତି ସେମାନେ ସାଧାରଣତଃ ପାଇ ନ ଥାନ୍ତି। ଏଭଳି ସ୍ଥିତି ଯୋଗୁ କେବଳ ସମ୍ପୃକ୍ତ ଅଭିଯୁକ୍ତ ଦଣ୍ଡମୁକ୍ତ ହୋଇ ନ ଥାଏ ବରଂ ଏଭଳି ନିର୍ଯାତନା କରିବା ପାଇଁ ଅନ୍ୟମାନଙ୍କୁ ଏକରକମ ପ୍ରୋତ୍ସାହିତ କରିଥାଏ। ହାଜତ ଭିତରେ କୌଣସି ବି ଅପରାଧ ଓ ନିର୍ଯାତନା ପାଇଁ ଦଣ୍ଡର ଭୟ ନ ରହିବା ଏଭଳି ଘଟଣା ବାରମ୍ବାର ଘଟିବା ପଛରେ ମୂଳ କାରଣ।

ଦେଶରେ କରୋନା ମହାମାରୀ ଭଳି ଜନସ୍ୱାସ୍ଥ୍ୟଜନିତ ସମସ୍ୟାର ମୁକାବିଲା ପାଇଁ ସରକାର ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ତେବେ ଲକ୍‌ଡାଉନ୍ ସମୟରେ ଦେଶର ବିଭିନ୍ନ ପ୍ରାନ୍ତରେ ପୋଲିସ ପକ୍ଷରୁ ଯେଉଁଭଳି ମାତ୍ରାଧିକ ହିଂସା, ମନଇଚ୍ଛା ଗିରଫଦାରି ଏବଂ ନିର୍ଯାତନାର ଘଟଣା ସବୁ ଦେଖିବାକୁ ମିଳିଛି ସେଥିରୁ ସରକାର ଏହାକୁ ଜନସ୍ୱାସ୍ଥ୍ୟଜନିତ ସମସ୍ୟା ପରିବର୍ତ୍ତେ ଏକ ଆଇନ ଶୃଙ୍ଖଳାର ସମସ୍ୟା ରୂପେ ବିଚାର କରୁଥିବା ସ୍ପଷ୍ଟ ହେଉଛି। ଲୋକଙ୍କୁ ମହାମାରୀ ସମ୍ପର୍କରେ ସଚେତନ କରିବା ପରିବର୍ତ୍ତେ ବଳପ୍ରୟୋଗ କରି ରୋକିବାର ସମସ୍ତ ଉଦ୍ୟମ ସତ୍ତ୍ୱେ ଆମେ ମହାମାରୀକୁ ରୋକି ନ ପାରିବା ଉପରୋକ୍ତ ଅଭିଯୋଗକୁ ହିଁ ସ୍ପଷ୍ଟ ପ୍ରମାଣିତ କରୁଛି।

ଜୟରାଜ ଓ ବେନିକ୍ସଙ୍କ ହାଜତ ହତ୍ୟା ତଥା ବୀରମିତ୍ରପୁରର ଘଟଣା ଲକ୍‌ଡାଉନ୍ ସମୟରେ ପୋଲିସ ମାତ୍ରାଧିକତା ଓ ଦମନର ଚରମ ଉଦାହରଣ ବୋଲି କୁହାଯାଇପାରେ। ଏହି ଘଟଣା ଏପରି ସମୟରେ ହୋଇଛି ଯେତେବେଳେ ଆମେରିକାରେ ଜର୍ଜ ଫ୍ଲୋଏଡ୍ ନାମକ ଜଣେ କଳା ଆମେରିକୀୟଙ୍କୁ ସେଠାକାର ପୋଲିସ୍ ରଙ୍ଗଭେଦୀ ଘୃଣା କାରଣରୁ ଗଳା ଉପରେ ଆଣ୍ଠୁ ମାଡ଼ି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛି। ଏହି ଘଟଣାରେ କେବଳ ଆମେରିକା ନୁହେଁ, ବିଶ୍ୱବ୍ୟାପୀ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ସେଠାକାର ସଂସଦ ଏଭଳି ପୋଲିସ ବର୍ବରତା ରୋକିବାକୁ ନିକଟରେ ଏକ ବିଲ୍ ପାସ୍ କରିବା ସହ ପୋଲିସ ନିର୍ଯାତନାର ଏକ ଜାତୀୟ ଡାଟାବେସ୍ ସୃଷ୍ଟି କରିବାକୁ ସରକାରଙ୍କୁ କହିଛି। ଆମ ଦେଶରେ ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ସରକାରମାନେ ବହୁ ପ୍ରତୀକ୍ଷିତ ପୋଲିସ ସଂସ୍କାର ଲାଗୁ କରୁନାହାନ୍ତି। ପୋଲିସ ନିର୍ଯାତନା ରୋକିବାକୁ ୨୦୧୦ରେ ଲୋକ ସଭାରେ ଗୃହୀତ 'ନିର୍ଯାତନାବିରୋଧୀ ଆଇନ' ବିଲ୍ ଏଯାଏ ଆଇନରେ ପରିଣତ ହୋଇପାରୁନି। ଅତଏବ ଏସବୁ ଘଟଣା ପାଇଁ ବ୍ୟବସ୍ଥାକୁ ଉତ୍ତରଦାୟୀ କରାଯିବା ସହିତ ଅଭିଯୁକ୍ତଙ୍କ ଦ୍ରୁତ ବିଚାର କରି ଦୃଷ୍ଟାନ୍ତମୂଳକ ଦଣ୍ଡର ବ୍ୟବସ୍ଥା କରିବା ଦରକାର।

ମୋ: ୯୪୩୭୧୬୬୩୯୧

# ବାଣିଜ୍ୟିକ ଅସ୍ପୃଶ୍ୟତା



ହରିହର ତ୍ରିପାଠୀ

ମହାମାରୀ କରୋନା ବିଶ୍ୱର ବାଣିଜ୍ୟ ଚିତ୍ରପଟରେ ଆଣିଛି ଯୁଗାନ୍ତକାରୀ ପରିବର୍ତ୍ତନ। ବିଶ୍ୱବାଣିଜ୍ୟରେ ଏକଚାଟିଆ ଆଧିପତ୍ୟ ବଜାୟ ରଖିଥିବା ଦେଶଗୁଡ଼ିକ ଭିତରେ ଦେଖାଦେଇଛି ବାଣିଜ୍ୟିକ ଛୁଆଁ ଅଛୁଆଁ ଭେଦଭାବ। ବିଶେଷକରି ଆମେରିକା କରୋନା ମହାମାରୀ ନିମନ୍ତେ ଚାଇନାକୁ ଦାୟୀ କରି ସମଗ୍ର ବିଶ୍ୱରେ ଏହାକୁ ଏକଘରିକିଆ କରିବାକୁ ଚାହୁଁଛି। ଫଳରେ ଏବେ ବିଶ୍ୱର ବିଭିନ୍ନ ଦେଶରେ ଚାଇନାନିର୍ମିତ ସାମଗ୍ରୀ ଅଛୁଆଁ ହୋଇଗଲାଣି। ଗୋଟିଏ ପଟେ ଦେଶ ଦେଶ ଭିତରେ ସବୁପ୍ରକାର ପରିବହନ ବନ୍ଦ ହୋଇଥିବାରୁ କୌଣସି ପ୍ରକାର ସାମଗ୍ରୀ ରପ୍ତାନି ବା ଆମଦାନି ହୋଇପାରୁନି। ଏହାର ସୁଯୋଗ ନେଇ ଆମେରିକା ଚାଇନାବିରୋଧୀ ପ୍ରଚାରକୁ ତୀବ୍ର କରୁଛି। ଅନ୍ୟପକ୍ଷରେ ଚାଇନା ମଧ୍ୟ କରୋନାଜନିତ ଅପବାଦରୁ ନିଜକୁ ମୁକ୍ତ କରିବା ପାଇଁ ଅତ୍ୟନ୍ତ ଘୃଣ୍ୟ ଉପାୟ ଅବଲମ୍ବନ କରି ଭାରତ ସହ ସୀମାରେ ଉତ୍ତେଜନା ସୃଷ୍ଟି କରୁଛି ଓ ଯୁଦ୍ଧଭଳି ପରିସ୍ଥିତି ଉପୁଜାଇଛି। ଚାଇନାର ଏଭଳି କୁଟିଳବୁଦ୍ଧିର ପ୍ରତ୍ୟୁତ୍ତର ଦେବାକୁ ଯାଇ ଭାରତ ବର୍ତ୍ତମାନ ଚାଇନାକୁ ଅଛୁଆଁ କରିବାକୁ ଅଭିଯାନ ଆରମ୍ଭ କରିଛି। ପ୍ରଥମେ ଦେଶରେ ଚାଇନାପ୍ରସ୍ତୁତ ଆଇଟି ପ୍ଲାଟଫର୍ମକୁ ନିଷିଦ୍ଧ କରିବା ଉଦ୍ଦେଶ୍ୟରେ ଭାରତ ସରକାର ଚାଇନାର ୫୯ଟି ଆପ୍‌କୁ ନିଷିଦ୍ଧ ଘୋଷଣା କରିଛନ୍ତି। ଲୋକପ୍ରିୟ ଟିକ୍‌ଟକ୍ ସମେତ ଚାଇନାର ଏହି ୫୯ଟି ମୋବାଇଲ ଆପ୍ ଭାରତରେ ପିଲାଙ୍କଠାରୁ ଆରମ୍ଭ କରି ବିଭିନ୍ନ ବୟସର ବ୍ୟକ୍ତିମାନେ ବହୁଳମାତ୍ରାରେ ବ୍ୟବହାର କରୁଥିଲେ। ନିଷିଦ୍ଧ ହୋଇଥିବା ଚାଇନାର ଅନ୍ୟ ଲୋକପ୍ରିୟ ଆପ୍‌ଗୁଡ଼ିକ ମଧ୍ୟରେ ରହିଛି ୟୁସି ବ୍ରାଉଜର, ଜେଣ୍ଡର, ସେୟାରଇଟ୍ ଓ କ୍ଲିନ୍‌ମାଷ୍ଟର ଇତ୍ୟାଦି। ଏସବୁ ଆପ୍ ଦେଶର ଏକତା, ସାର୍ବଭୌମତ୍ୱ, ପ୍ରତିରକ୍ଷା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଓ ସାର୍ବଜନୀନ ଶୃଙ୍ଖଳା ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ଥିବାରୁ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୯କ ବଳରେ ଏପରି ପଦକ୍ଷେପ ନିଆଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଦେଶରେ ବ୍ୟକ୍ତିଗତ ସ୍ତରରେ ଚାଇନା ସାମଗ୍ରୀ ବର୍ଜନ ଆନ୍ଦୋଳନ ଦାନା ବାନ୍ଧୁଥିବା ବେଳେ ସରକାରଙ୍କର ଏହି ପଦକ୍ଷେପ ଚାଇନାକୁ ଭାରତୀୟମାନଙ୍କ ନିକଟରେ ଅଧିକ ଅଛୁଆଁ କରିବାକୁ ଯାଉଛି।

ଗୋଟିଏ ଦେଶର ଜିନିଷ ବର୍ଜନ କରିବା, ନିଷିଦ୍ଧ କରିବା ଭଳି ପଦକ୍ଷେପ ନିଶ୍ଚିତଭାବେ ଫଳପ୍ରଦ ହୋଇଥାଏ ଓ ଏହା ବଡ଼ଧରଣର ପରିବର୍ତ୍ତନ ଆଣିଥାଏ। ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ, ଏମିତି ଏକ ବର୍ଜନ ଆନ୍ଦୋଳନ ବ୍ରିଟିଶ ଲୋକଙ୍କୁ କ୍ରୀତଦାସମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟଠାରୁ ଦୂରରେ ରହିବାକୁ ଉତ୍ସାହିତ କରିଥିଲା। ଏହା କାମ କଲା। ପ୍ରାୟ ତିନି ଲକ୍ଷ ଲୋକ ଚିନି କିଣିବା ବନ୍ଦ କରିଦେଲେ। ଘୃଣ୍ୟ ଦାସପ୍ରଥାକୁ ବନ୍ଦ କରିବା ଦିଗରେ ଏହା ଯଥେଷ୍ଟ ଚାପ ପ୍ରୟୋଗ କରିଥିଲା। ଭାରତରେ ମହାତ୍ମା ଗାନ୍ଧୀ ଆରମ୍ଭ କରିଥିଲେ ବିଦେଶୀ ବର୍ଜନ ଆନ୍ଦୋଳନ। ଏହା ମଧ୍ୟ ଭାରତୀୟ ସ୍ୱାଧୀନତା ସଂଗ୍ରାମ ନିମନ୍ତେ ସବୁଠାରୁ ବଡ଼ ଇନ୍ଧନ ଥିଲା। ସଂପ୍ରତି ଉଦାରୀକରଣ ବିଶ୍ୱରେ ଦେଶ ଦେଶ ଭିତରେ ବାଣିଜ୍ୟିକ ଦୂରତାକୁ ବିଲୁପ୍ତ କରିଛି। ମାତ୍ର ଗତ ଛଅମାସ ଭିତରେ ବିଶ୍ୱରେ ଦେଖାଦେଇଥିବା ମହାମାରୀ ପୁଣି ବାଣିଜ୍ୟିକ ଲକ୍ଷ୍ମଣରେଖା ଟାଣିବାରେ ସଫଳ ହୋଇଛି। ବିଭିନ୍ନ ଦେଶ ଏବେ ସ୍ୱଦେଶୀ ଆନ୍ଦୋଳନ ଉପରେ ଗୁରୁତ୍ୱପ୍ରଦାନ କରିବାକୁ ଆରମ୍ଭ କରିଛନ୍ତି ଓ ଅନେକ ବସ୍ତୁରେ ସ୍ୱାବଲମ୍ବୀ ହେବାକୁ ଶିଖୁଛନ୍ତି। ତେବେ ଏହାଦ୍ୱାରା ଯେଉଁ ଅନ୍ତର୍ଜାତୀୟ ସଂସ୍ଥାମାନେ ସାରା ବିଶ୍ୱରେ ନିଜର ବଣିଜ୍ୟ ପସରା ମେଲାଇଛନ୍ତି ସେମାନେ କ୍ଷତିଗ୍ରସ୍ତ ହେବେ। ବିଶେଷକରି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କମ୍ପାନୀମାନେ ବିଶ୍ୱର ବଡବଡ ସାମାଜିକ ଗଣମାଧ୍ୟମରେ ନିଜର ବିଜ୍ଞାପନ ଦେବା ବନ୍ଦ କରିଦେଲେଣି। ଫେସ୍‌ବୁକ୍ ଏବଂ ଅନ୍ୟାନ୍ୟ ସୋସିଆଲ୍ ମିଡିଆ କମ୍ପାନୀଗୁଡିକରୁ ବିଜ୍ଞାପନ ହଟାଇବାରେ ପ୍ରମୁଖ ଫୋର୍ଡ, ଆଡିଡାସ୍ ଏବଂ ଏଚ୍‌ପି ରହିଛନ୍ତି। ପୂର୍ବରୁ କୋକାକୋଲା, ୟୁନିଲିଭର ଏବଂ ଷ୍ଟାରବକ୍ସ ଆଦି ଏଭଳି ଧାରାରେ ସାମିଲ ଥିଲେ। ନ୍ୟୁଜ ୱେବ୍‌ସାଇଟ୍ ଆକ୍ସିଓସ୍ ରିପୋର୍ଟ କରିଛି ଯେ, ମାଇକ୍ରୋସଫ୍ଟ ମଧ୍ୟ ମେ ମାସରେ ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମ୍‌ରେ ବିଜ୍ଞାପନ ସ୍ଥଗିତ ରଖିଛି। ଏ ସବୁ ସଂସ୍ଥାମାନେ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକରେ ଅନୁପଯୁକ୍ତ ବିଷୟବସ୍ତୁ ପ୍ରକାଶିତ ହେଉଥିବାର ଅଭିଯୋଗ କରି ଏଭଳି ପଦକ୍ଷେପ ନେଉଛନ୍ତି। ବିଶେଷଜ୍ଞମାନଙ୍କର ମତ ଯେ, ଏଭଳି ପଦକ୍ଷେପ ସାମାଜିକ ଗଣମାଧ୍ୟମଗୁଡ଼ିକୁ ନିଶ୍ଚିତଭାବେ ପ୍ରଭାବିତ କରିବ। ବଡ଼ବଡ଼ ସାମାଜିକ ଗଣମାଧ୍ୟମର ପରାମର୍ଶଦାତାମାନେ କହିଛନ୍ତି ଯେ, ବିଶ୍ୱାସ ହରାଇବା ବିଶ୍ୱର ବାଣିଜ୍ୟିକ ପରିବେଶକୁ ନିଶ୍ଚିତ ରୂପେ ବିନଷ୍ଟ କରିବ। ଉଦାହରଣସ୍ୱରୂପ ଗତ ଶୁକ୍ରବାର ଫେସ୍‌ବୁକ୍‌ର ଶେୟାର ମୂଲ୍ୟ ୮% ହ୍ରାସ ପାଇଛି। ଏହା ନିଶ୍ଚିତରୂପେ ଫେସ୍‌ବୁକ୍‌ର ଦୀର୍ଘମିଆଦୀ ଭବିଷ୍ୟତ ପାଇଁ ଏକ ବିପଦ। କୋଭିଡ୍–୧୯ ପରିପ୍ରେକ୍ଷୀରେ ସଂସ୍ଥାମାନେ ଆର୍ଥିକ ଚାପରେ ରହିଥିବାରୁ ବର୍ତ୍ତମାନ ଏଭଳି ବାଣିଜ୍ୟିକ ଅଛୁଆଁ ନୀତି ଆପଣାଇବାକୁ ବାଧ୍ୟ ହୋଇଛନ୍ତି। କର୍ମଚାରୀ ଛଟେଇ କରି ଆର୍ଥିକ କ୍ଷତିକୁ ସୁଧାରିବା ବଦଳରେ ବିଜ୍ଞାପନରେ ହେଉଥିବା ବିପୁଳ ବ୍ୟୟକୁ କାଟି ସେଥିରେ ଆର୍ଥିକ ଭରଣା କରିବାକୁ ଅନେକ ସହଜ ଓ ସୁବିଧାଜନକ ଉପାୟ ମନେକରୁଛନ୍ତି। ଏହି ପରିପ୍ରେକ୍ଷୀରେ ବିକଳ୍ପ ବିଜ୍ଞାପନ ବ୍ୟବସ୍ଥା ନିମନ୍ତେ ମଧ୍ୟ ଅନେକେ ଚିନ୍ତା କରୁଛନ୍ତି।

ଭାରତର ଚାଇନା ଜିନିଷ ବର୍ଜନ ହେଉ ବା ବିଶ୍ୱର ବଡ଼ବଡ଼ ବାଣିଜ୍ୟିକ ସଂସ୍ଥାମାନେ ନିଜକୁ ସଙ୍କୋଚନ କରିବା ହେଉ ଏସବୁ ବିଶ୍ୱର ଆର୍ଥିକ ଅବସ୍ଥା ପ୍ରତି ଏକ ସତର୍କଘଣ୍ଟି। କୋଭିଡ଼ ବିପଦରୁ ଉଧୁରିବାର କୌଣସି ଲକ୍ଷଣ ଏତେ ଶୀଘ୍ର ଦେଖାଯାଉ ନ ଥିବାରୁ ଆଗାମୀ ଦିନରେ ଏଭଳି ବାଣିଜ୍ୟିକ ଅସ୍ପୃଶ୍ୟତା ଆହୁରି ବଢ଼ିବ। ଏଭଳି ସ୍ଥିତିରେ ଚାଇନା ଭଳି ଦୁଷ୍ଟବୁଦ୍ଧିସମ୍ପନ୍ନ ଦେଶମାନେ ଏହି ବିପଦକୁ ବହୁଗୁଣିତ କରୁଛନ୍ତି। ସେମାନଙ୍କ କୂଟବୁଦ୍ଧିରେ ପରିଚାଳିତ ନେପାଳ ଭଳି ଦେଶର ନିରୀହ ଜନସାଧାରଣ ବାଣିଜ୍ୟିକ ଅଛୁଆଁର ବଶବର୍ତ୍ତୀ ହୋଇ ଲୁଣ କିଲୋଗ୍ରାମ ୧ ଶହ ଟଙ୍କା ଦେଇ କିଣିବାକୁ ବାଧ୍ୟ ହେଲେଣି। ପାକିସ୍ତାନ, ନେପାଳ ଭଳି ଦେଶମାନେ ଭାରତ ଉପରେ ନିଜର ଆର୍ଥିକ ସ୍ୱାବଲମ୍ବନ ଲାଗି ଅନେକାଂଶରେ ନିର୍ଭରଶୀଳ ହୋଇଥିଲେ ବି ଭାରତ ପ୍ରତି ବୈରଭାବ ପୋଷଣ କରି ନିଜେ ନିଜେ ଅଛୁଆଁ ହୋଇଯାଉଛନ୍ତି। ବାଣିଜ୍ୟିକ ଅସ୍ପୃଶ୍ୟତା ଏକ ବିପରୀତ ଉଦାରୀକରଣ ସୃଷ୍ଟି କରିବାକୁ ଯାଉଛି। ଏହା ଭଲ କି ମନ୍ଦ ତାହା ସମୟ କହିବ।

କୁଦାନଗରୀ, କେନ୍ଦ୍ରାପଡ଼ା, ମୋ: ୯୪୩୯୦୯୦୩୨୨୦

## ଏଇ ଭାରତରେ

ଦେଶରେ ଲକ୍‌ଡାଉନ ଆରମ୍ଭ ହେବାଠାରୁ ଅଦ୍ୟାବଧି ପ୍ରାୟ ୨୦୦ ଲୋକଙ୍କୁ ସେମାନଙ୍କ ଘରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ନେଇଛନ୍ତି ମହାରାଷ୍ଟ୍ରର ବିଦ୍ୟା ଶେଲ୍‌କେ। ମୁମ୍ବାଇର ଉପାନ୍ତ ଅଞ୍ଚଳ ମୁଲନ୍ଦରେ ତାଙ୍କ ସ୍ୱାମୀ ଓ ଦୁଇ ସନ୍ତାନଙ୍କ ସହ ରହନ୍ତି ୨୭ ବର୍ଷୀୟା ବିଦ୍ୟା। ସେ ଚାକିରି କରିଥିଲେ। କିନ୍ତୁ କୋଭିଡ୍–୧୯ ମହାମାରୀ ଯୋଗୁ ତାହା ହରାଇଲେ। ଏହି ବିପର୍ଯ୍ୟୟ ତାଙ୍କ ପାଇଁ ସୁଯୋଗ ବି ଆଣିଦେଲା। କିଶୋରୀ ଅବସ୍ଥାରେ ଡ୍ରାଇଭିଂ ଶିଖିଥିବା ବିଦ୍ୟା ପୁଣି ଟ୍ୟାକ୍ସି ଚଳାଇବା ଆରମ୍ଭ କରି ପରିବାର ପ୍ରତିପୋଷଣ କରିବା ସହ ଅସହାୟ ଲୋକମାନଙ୍କୁ ସୁରକ୍ଷିତ ଭାବେ ସେମାନଙ୍କ ଘରେ ପହଞ୍ଚାଉଛନ୍ତି। ଅସହାୟମାନଙ୍କୁ ଠିକଣା ସ୍ଥାନରେ ପହଞ୍ଚାଇବା ସମ୍ପର୍କରେ ପ୍ରଥମେ ଏକ ଭିଡିଓ ମେସେଜ୍‌କୁ ସୋସିଆଲ ମିଡିଆରେ ଅପ୍‌ଲୋଡ କରିବା ପରେ ଲୋକମାନେ ତାଙ୍କ ସହଯୋଗ ଲୋଡିଥିଲେ। ଅପ୍‌ଲୋଡ କରିବାର ମାତ୍ର ୧୦ ମିନିଟ୍ ପରେ ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା, ପ୍ରବାସୀ ଶ୍ରମିକଙ୍କ ପରିବାରଙ୍କଠାରୁ କଲ୍ ପାଇଥିଲେ ଓ ତାଙ୍କୁ ସାହାଯ୍ୟ କରିବା ଲାଗି ବାହାରି ପଡିଥିଲେ। ସେବେଠାରୁ ପ୍ରତିକୂଳ ପରିସ୍ଥିତିରେ ସାହସିକତାର ପରିଚୟ ଦେଇଆସୁଛନ୍ତି ବିଦ୍ୟା। ଏମିତି କି ଶହ ଶହ କିଲୋମିଟର ଦୂରରେ ଲୋକମାନଙ୍କୁ ପହଞ୍ଚାଉଛନ୍ତି। ମହାମାରୀ ଯୋଗୁ ବିଭିନ୍ନ ସ୍ଥାନରେ କଟକଣା ଲାଗୁ କରାଯାଉଥିଲେ ବି ପ୍ରଶାସନର ଅନୁମତି ନେଇ ସେ ଲୋକମାନଙ୍କୁ ନେଉଛନ୍ତି।

## ଚିରନ୍ତନୀ

ବକୁଳ ଫୁଲର ଗନ୍ଧେ ଉଡ଼େ ପାଟ ପତନୀ,
କିମ୍ବା ଆସି ଧୀରପଦେ ଉଭା ହେଲ ସଜନୀ!
ଛନ୍ଦିଦେଲ ପ୍ରାଣ ମୋର କି ସ୍ୱପନ ଛନ୍ଦେ ଗୋ
ଅବଶ ଏ ହିଆ ତବ ହାସ–ମକରନ୍ଦେ ମୋ।
(ଛନ୍ଦ ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ସାର୍ବଜନୀନ ହେଉ

ମହାଶୟ,

କିଛିଦିନ ତଳେ ବିଶିଷ୍ଟ ଲେଖିକା ପ୍ରତିଭା ରାୟ ଏକ ଛୋଟ ସାକ୍ଷାତ୍କାରରେ କହିଥିଲେ, ରଥଯାତ୍ରାର ପୁନର୍ବିଚାର ପାଇଁ ପିଟିଶନ ଦାଖଲ କରିଥିବା ନୟାଗଡ଼ ଜିଲାର ଜଣେ ମୁସ୍‌ଲିମ୍ ଛାତ୍ର ଅଫତାବ ହୁସେନଙ୍କୁ ଶ୍ରୀମନ୍ଦିରକୁ ଅନୁମତି ମିଳିବା ଦରକାର। ଅଫତାବ ହୁସେନ ପ୍ରମାଣ କରିଦେଇଥିଲେ ଯେ ଭଗବାନ ସବୁ ଧର୍ମଠାରୁ ଊର୍ଦ୍ଧ୍ୱରେ। ଦିନ ଥିଲା ହରିଜନମାନଙ୍କୁ ଶ୍ରୀମନ୍ଦିରକୁ ଅନୁମତି ମିଳୁ ନ ଥିଲା। କିନ୍ତୁ ଏବେ ସେ ସମୟ ଆଉ ନାହିଁ। ଠିକ୍ ସେହିପରି ଆମକୁ ଶ୍ରୀମନ୍ଦିରକୁ ଧାର୍ମିକ ସ୍ତରରୁ ସାର୍ବଜନୀନ କରିବାକୁ ପଡ଼ିବ। ଯଦିଓ ଜଗନ୍ନାଥ ହିନ୍ଦୁ ମନ୍ଦିରରେ ପୂଜା ପାଉଛନ୍ତି କିନ୍ତୁ ତାଙ୍କ ଉପରେ ସମସ୍ତଙ୍କର ଅଧିକାର ରହିଛି। ଶଙ୍କରାଚାର୍ଯ୍ୟଙ୍କ ଭଳି ବିଜ୍ଞ ଲୋକ ଏହା ଉପରେ ବିଚାର କରିବା ଆବଶ୍ୟକ। ଏମିତି କଲେ ଆମ ଓଡ଼ିଶା ଓ ଜଗନ୍ନାଥ ସଂସ୍କୃତିର ଯଶ ଆହୁରି ବଢ଼ିଯିବ।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

### ନାକ୍‌କୁ ଅଣଦେଖା

'ଧରିତ୍ରୀ'(୨୧୬)ର 'ନାକ୍ ମାନ୍ୟତା' ଶୀର୍ଷକରେ ଓଡ଼ିଶାର ୧୦୬୩ଟି ଶିକ୍ଷାନୁଷ୍ଠାନରୁ କେବଳ ୧୭୨ଟିକୁ ନାକ୍ ଗ୍ରେଡ୍ ମିଳିଥିବାର ଖବର ପ୍ରକାଶ ପାଇଛି। ୧୦୫୧ ମହାବିଦ୍ୟାଳୟରୁ କେବଳ ୧୬୫ଟି ନାକ୍ ଗ୍ରେଡ୍ ହାସଲ କରିବା ରାଜ୍ୟରେ ଶିକ୍ଷାର ମାନ ସମ୍ବନ୍ଧରେ ଏକ ଶୋଚନୀୟ ଚିତ୍ର ସାମ୍ନାକୁ ଆସିଛି। ଆମ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନର ମାନ ସହ ପିଲାଙ୍କ କୃତିତ୍ୱ ସମ୍ବନ୍ଧରେ ଏକ ନକାରାତ୍ମକ ସଙ୍କେତ ଦେଉଛି। ଏଥିପାଇଁ ଊଣାଅଧିକେ ରାଜ୍ୟ ସରକାର ଦାୟୀ। ଦରମା ଆଦି ଯାବତୀୟ ଖର୍ଚ୍ଚ ସରକାର ରୀତିମତ ପ୍ରଦାନ କରୁଥିବା ବେଳେ ନାକ୍ ଯୋଗ୍ୟତା ପ୍ରାପ୍ତି ନିମନ୍ତେ କାହିଁକି ଉଦ୍ୟମ ହେଉନାହିଁ ତାହା ଜଣାପଡୁନାହିଁ। ଓଡ଼ିଶାର ପିଲାମାନେ ଭଲ ର୍‍ୟାଙ୍କିଙ୍ଗ୍ ନ ପାଇବାରୁ ସର୍ବଭାରତୀୟ ସ୍ତରରେ କେତେକ କ୍ଷେତ୍ରରେ ଆବେଦନ କରିବାକୁ ଯୋଗ୍ୟତା ହାସଲ କରି ନ ପାରିବା କ୍ଷୋଭର ବିଷୟ। ରାଜ୍ୟର ଶିକ୍ଷା ବିଭାଗରେ ବହୁ ଅଭିଜ୍ଞ ଶିକ୍ଷାବିତ୍ ରହିଥିବା ବେଳେ ଏଥିପ୍ରତି ଦୃଷ୍ଟି ନ ଦେବା ପରିତାପର ବିଷୟ। କେବଳ ସେତିକି ନୁହେଁ, ବିଗତ ୫ ବର୍ଷ ହେଲା ଏନ୍‌ଆଇଆର୍‌ଏଫ୍‌ର ର୍‍ୟାଙ୍କ୍‌ରେ କଲେଜ ବର୍ଗରେ ରାଜ୍ୟର କୌଣସି ଗୋଟିଏ କଲେଜ ସାମିଲ ହୋଇନାହିଁ, ଫଳରେ କଲେଜଗୁଡ଼ିକ ବିପୁଳ ଆର୍ଥିକ ଅନୁଦାନରୁ ବଞ୍ଚିତ ହେଉଛନ୍ତି। କେବଳ ଆବେଦନ ପ୍ରକ୍ରିୟା ଜଟିଳ ନୁହେଁ, ଆବଶ୍ୟକୀୟ ଭିତ୍ତିଭୂମି ଅଛି କି ନାହିଁ ତା'ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ସରକାର ଏଥିପ୍ରତି ଗୁରୁତ୍ୱ ଦେବା ସମୀଚୀନ ମନେ ହୁଏ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭୋଜି ଖାଇବାକୁ ଡାକି ଯୁବକଙ୍କୁ ହତ୍ୟା

ସମ୍ବଲପୁର,୬ା୭(ବ୍ୟୁରୋ): ସମ୍ବଲପୁର ଜିଲା ଅଇଁଠାପାଲି ଥାନା କରମଟୁଲିରେ ରବିବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ସୋନୁ ଖଡିଆ (୨୪)। ଏହି ଘଟଣାରେ ଉମେଶ ମୁଣ୍ଡା ଗୁରୁତର ହୋଇଛନ୍ତି। ତାଙ୍କୁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି। ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୩୨୮/୨୦) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବ ଶତ୍ରୁତାରୁ ସୋନୁଙ୍କୁ ହତ୍ୟା କରିବାକୁ ତାଙ୍କ ବିପକ୍ଷ ଗୋଷ୍ଠୀ ଯୋଜନା ପ୍ରସ୍ତୁତ କରିଥିଲେ। ସେମାନେ ପଡାର ନରେଶ ଓରାମଙ୍କ ଘରକୁ ରାତିରେ ଭୋଜି ଖାଇବା ପାଇଁ ସୋନୁଙ୍କୁ ଡାକି ଥିଲେ। ସୋନୁଙ୍କ ସାଙ୍ଗରେ ଉମେଶ ମଧ ଯାଇଥିଲେ। ନରେଶଙ୍କ ଛାତ ଉପରେ ସୋନୁ ଓ ଉମେଶ ପହଞ୍ଚିଲା ପରେ ଅଭିଯୁକ୍ତମାନେ ଉଭୟଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ସ୍ଥାନୀୟ ଲୋକେ ସୋନୁ ଓ ଉମେଶଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କରିଥିଲେ। ହେଲେ ଏହି ସୁଯୋଗରେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇ ଯାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଭିମ୍‌ସାର ପଠାଇଥିଲା। ସେଠାରେ ସୋନୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଉମେଶ ଏବେ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ବୋଲି ଖବର ମିଳିଛି।

# ମୌସୁମୀରେ ଲାଗିବ ୬ କୋଟି ଚାରା

**୭୧ତମ ବନମହୋତ୍ସବ ସପ୍ତାହ**

- ସହରାଞ୍ଚଳରେ ୪ ଲକ୍ଷ ୯୧ ହଜାର ଚାରାରୋପଣ
- ଔଷଧୀୟ ବୃକ୍ଷ ସଂରକ୍ଷଣକୁ ଗୁରୁତ୍ୱ
- ସହରରେ ଜଣ ପିଛା ୫ ଓ ଗାଁରେ ୧୦ ଚାରା ମାଗଣା ମିଳିବ



୭୧ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

ଭୁବନେଶ୍ୱର,୬ା୭(ବ୍ୟୁରୋ)

ଚଳିତ ମୌସୁମୀରେ ରାଜ୍ୟର ୧ ଲକ୍ଷ ୩୦ ହଜାର ହେକ୍ଟର ଅଞ୍ଚଳରେ ମୋଟ ୬ କୋଟି ୩୦ ଲକ୍ଷ ଚାରା ରୋପଣ କରାଯିବ। ଏହାମଧ୍ୟରୁ ସହରାଞ୍ଚଳରେ ୪ ଲକ୍ଷ ୯୧ ହଜାର ଚାରାରୋପଣ କରାଯିବ। ସେହିଭଳି 'ଆମ ଜଙ୍ଗଲ' ଯୋଜନାରେ ୭ ହଜାର ବନ ସୁରକ୍ଷା ସମିତିକୁ ପର୍ଯ୍ୟାୟକ୍ରମେ ସାମିଲ କରାଯାଇ ୩.୫୦ ଲକ୍ଷ ହେକ୍ଟର ଜଙ୍ଗଲ ଜମିରେ ବନୀକରଣ ଓ ପୁନଃବନୀକରଣ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ଉଜୁଡା ଜଙ୍ଗଲର ପୁନରୁଦ୍ଧାର ନିମନ୍ତେ ଜାଇକା ପ୍ରକଳ୍ପ ମାଧ୍ୟମରେ ୫୭ ହଜାର ହେକ୍ଟର ଜଙ୍ଗଲ ଜମିରେ ବନୀକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ୭ଟି ବନଖଣ୍ଡ ଅଧୀନ ୪,୪୦୦ ହେକ୍ଟର ଅଞ୍ଚଳକୁ ଔଷଧୀୟ ବୃକ୍ଷ ସଂରକ୍ଷଣ ପାଇଁ ରଖାଯାଇଛି। ସେଠାରେ ୪୧ ପ୍ରଜାତିର ଦୁର୍ଲଭ ଓ ଲୁପ୍ତପ୍ରାୟ ଔଷଧୀୟ ବୃକ୍ଷର ବିକାଶ ନିମିତ୍ତ ପ୍ରଚେଷ୍ଟା ଜାରି ରହିଛି। ଔଷଧୀୟ ବୃକ୍ଷ ସମ୍ପର୍କରେ ଜନ ସଚେତନତା ବୃଦ୍ଧି ନିମନ୍ତେ ଭୁବନେଶ୍ୱର ପାତ୍ରପଡାଠାରେ ୩୧୧ ପ୍ରଜାତିର ଔଷଧୀୟ ବୃକ୍ଷର ପ୍ରଦର୍ଶନ କେନ୍ଦ୍ର ଖୋଲାଯାଇଥିବା ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ଘାଟିକିଆସ୍ଥିତ ଜଙ୍ଗଲ ବିଜ୍ଞାନ ଉଦ୍ୟାନରେ ଆୟୋଜିତ ୭୧ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି। ବନୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୧୫ରୁ ୨୦୧୯ ମଧ୍ୟରେ ରାଜ୍ୟରେ ୧୧୬୦ ବର୍ଗ କିମି ଜଙ୍ଗଲ ଓ ୬୬୨ ବର୍ଗ କିମି ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ବୃଦ୍ଧି ଘଟିଛି। ବିଗତ ୧୦ବର୍ଷ ମଧ୍ୟରେ ବିଭିନ୍ନ ବନୀକରଣ ଯୋଜନା ମାଧ୍ୟମରେ ପ୍ରାୟତଃ ବାର୍ଷିକ ୨.୩୫ ଲକ୍ଷ ହେକ୍ଟର ପରିମିତ ଉଜୁଡା ଜଙ୍ଗଲ ଜମିର ପୁନଃ ବନୀକରଣ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ, ଜନସାଧାରଣ, ବୃକ୍ଷପ୍ରେମୀ ଓ ବିଭିନ୍ନ ସଂସ୍ଥାଗୁଡିକୁ ସାମିଲ କରାଯାଇଛି। ଯୁଗ୍ମ ଜଙ୍ଗଲ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଉଦାହରଣ ସୃଷ୍ଟିକରିଛି ବୋଲି ମନ୍ତ୍ରୀ କହିଛନ୍ତି।

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସନ୍ଦୀପ ତ୍ରିପାଠୀ କହିଥିଲେ, ଚଳିତବର୍ଷ ୧୩ କୋଟି ବୃକ୍ଷ ଚାରା ପ୍ରସ୍ତୁତ କରାଯାଇଛି। ସମଗ୍ର ରାଜ୍ୟର ୪୭ଟି ବନଖଣ୍ଡରେ ବିଭିନ୍ନ କିସମର ୫ କୋଟି ଆଞ୍ଚଳିକ ତଥା ଦେଶୀୟ ଚାରା ବଣ୍ଟାଯିବ। ସହରାଞ୍ଚଳ ଲୋକେ ସିଧାସଳଖ ଚାରା ଉତ୍ପାଦନ କେନ୍ଦ୍ର ଓ ବିତରଣ ଷ୍ଟଲ୍‌ରୁ ସର୍ବାଧିକ ୫ଟି ଏବଂ ଗ୍ରାମ ପଞ୍ଚାୟତରେ ଲୋକେ ଭ୍ରାମ୍ୟମାଣ ଚାରା ବିତରଣ ଯାନରୁ ୧୦ଟି ଚାରା ପାଇପାରିବେ। ଅନୁଷ୍ଠାନ କ୍ଷେତ୍ରରେ ସର୍ବାଧିକ ୧୦୦ଟି ଚାରା ଦିଆଯିବ। କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା ଉପସ୍ଥିତ ଥିଲେ। ଏହି ଅବସରରେ ଭ୍ରାମ୍ୟମାଣ ଚାରା ବିକ୍ରୟ ଭ୍ୟାନ୍‌ଗୁଡିକୁ ମନ୍ତ୍ରୀ ଆରୁଖ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ପ୍ରଦୂଷିତ ହେଉଛି ସମୁଦ୍ରକୂଳ

ଭୁବନେଶ୍ୱର,୬ା୭(ବ୍ୟୁରୋ)

**ଏନ୍‌ଜିଟିଙ୍କ ଉଦ୍‌ବେଗ**

- ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ

ଶିଳ୍ପ, କୃଷି ଏବଂ ସହରାଞ୍ଚଳରୁ ବାହାରୁଥିବା ଦୂଷିତ ଜଳ ନଦୀରେ ମିଶୁଛି। ସେହି ଜଳ ସିଧାସଳଖ ସମୁଦ୍ରକୁ ଚାଲିଯାଉଛି। ଏଥିଯୋଗୁ ସମୁଦ୍ର କୂଳରେ ପ୍ରଦୂଷଣ ବଢ଼ିଯାଉଛି। ସମଗ୍ର ଦେଶର ଉପକୂଳ ଏବଂ ୩୫୧ଟି ନଦୀ ପ୍ରଦୂଷିତ ହୋଇଛି। ସେହି ନଦୀଗୁଡିକ ମଧ୍ୟରେ ଓଡ଼ିଶାର ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ଭଳି ବଡ଼ ବଡ଼ ନଦୀର ଜଳ ମଧ ପ୍ରଦୂଷିତ ହେଉଛି। ଏହାର ଜଳ ବିନା ବିଶୋଧାନରେ ସମୁଦ୍ରରେ ମିଶୁଛି। ଫଳରେ ଉପକୂଳ ଅତିମାତ୍ରାରେ ପ୍ରଦୂଷଣ ହେଉଛି। ଏନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତୁରନ୍ତ ରାଜ୍ୟଗୁଡ଼ିକର ସମୁଦ୍ରକୂଳକୁ ପ୍ରଦୂଷଣମୁକ୍ତ କରିବା ଲାଗି ପଦକ୍ଷେପ ନେବାକୁ ଟ୍ରିବ୍ୟୁନାଲ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମୁଦ୍ର ଉପକୂଳ ପ୍ରଦୂଷଣ ସମ୍ପର୍କିତ ଏକ ମାମଲାର ଶୁଣାଣିକରି ଏନ୍‌ଜିଟି ଏହି ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଏକ ଚିଠି ହସ୍ତଗତ ହୋଇଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଅଧିକାରୀ କହିଛନ୍ତି।

ସ୍ୱେରେଜ ପାଣି, ଅଳିଆ ଆବର୍ଜନା ଗଦାହେବା ଯୋଗୁ ଉପକୂଳ ବହୁମାତ୍ରାରେ ପ୍ରଦୂଷିତ ହୋଇଛି। ଶିଳ୍ପ, କୃଷି ଏବଂ ସହରାଞ୍ଚଳରୁ ନିର୍ଗତ ବର୍ଜ୍ୟଜଳ ଯୋଗୁ ଉପକୂଳ ୮୦ ପ୍ରତିଶତ ପ୍ରଦୂଷିତ ହୋଇଥିବା କୁହାଯାଇଛି। ସ୍ୱେରେଜ ପାଣିକୁ ସିଧାସଳଖ ନଦୀରେ ଛାଡ଼ିବା ଯୋଗୁ ତାହା ଉଭୟ ନଦୀ ଓ ସମୁଦ୍ର ଜଳକୁ ପ୍ରଦୂଷିତ କରିଛି।

ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଦେଶର ୭,୬୬୬ କି.ମି. ଉପକୂଳ ବିପଦସଙ୍କୁଳ ହୋଇପଡ଼ିଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ପ୍ରାୟ ୬୩ ନିୟୁତ ପରିବାର ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ଉପକୂଳରେ କୋଲକତା, ଚେନ୍ନାଇ, ମୁମ୍ବାଇ, କୋଚି, ବିଶାଖାପାଟଣା ଭଳି ୭୭ଟି ବୃହତ୍ ସହର ରହିଛି। ନଦୀକୁ ସିଧାସଳଖ ପ୍ରଦୂଷିତ ଜଳ ଛଡ଼ାଯାଉଥିବାରୁ ଉପକୂଳ ଜଳ ଅତିମାତ୍ରାରେ ପ୍ରଦୂଷଣ ହେଉଛି। ପୂର୍ବରୁ ସୁପ୍ରିମକୋର୍ଟ ମଧ ଏ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

ଦେଶର ୧୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୧୨୧ଟି ସହରରୁ ପ୍ରାୟ ଦୈନିକ ୬,୦୬୬ ନିୟୁତ ସ୍ୱେରେଜ ଜଳ ବାହାରୁଛି। ସେହିପରି ୧୦ଟି ଉପକୂଳବର୍ତ୍ତୀ ରାଜ୍ୟରେ ଥିବା ୪୮,୧୮୮ଟି ଶିଳ୍ପରୁ ପ୍ରାୟ ଦୈନିକ ୫୨୭୯ ନିୟୁତ ଲିଟର ବିଷାକ୍ତ ଜଳ ବାହାରୁଛି। ଏହାକୁ ରୋକିବା ସହିତ ନଦୀକୁ ଦୂଷିତ ଜଳ ଛାଡୁଥିବା ଶିଳ୍ପାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହିତ ଏହାକୁ ରୋକିବା ଦିଗରେ ପଦକ୍ଷେପ ନେବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି।

# ବିଧାନସଭା କମିଟି ବୈଠକ ବାତିଲ

ଭୁବନେଶ୍ୱର,୬ା୭(ବ୍ୟୁରୋ)

- ବିଧାନସଭା ଅଧିବେଶନ ଡାକିବା ନେଇ ଚାଲିଛି ଆଲୋଚନା: ବାଚସ୍ପତି
- ବୈଠକ ବନ୍ଦ ନିଷ୍ପତ୍ତିକୁ ବିରୋଧୀଙ୍କ ସମାଲୋଚନା

କୋଭିଡ୍-୧୯ ମହାମାରୀ ସଂକ୍ରମଣ ବଢୁଥିବାରୁ ବିଧାନସଭାର ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକକୁ ବାତିଲ କରାଯାଇଛି। ସୋମବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି , ବିଧାନସଭା କମିଟି ବୈଠକ କରିବାକୁ ଜୁନ୍‌ରେ ନିଷ୍ପତ୍ତି ହୋଇଥିଲା। ତେବେ କରୋନା ସ୍ଥିତିକୁ ଦେଖି ବୈଠକକୁ ସ୍ଥଗିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଧାନସଭା ଅଧିବେଶନ ମାର୍ଚ୍ଚ ୩୦ ତାରିଖରେ ଶେଷ ହୋଇଥିଲା। ଏହାର ୬ ମାସ ମଧ୍ୟରେ ପୁଣି ଥରେ ବିଧାନସଭା ଅଧିବେଶନ ଡାକିବା ବ୍ୟବସ୍ଥା ରହିଛି। ଆସନ୍ତା ସେପ୍ଟେମ୍ବର ମାସ ଯାଏ ସମୟ ଅଛି। ଏ ନେଇ ଲୋକସଭା ବାଚସ୍ପତି ଓ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିବା ବାଚସ୍ପତି କହିଛନ୍ତି। ଗତ ମାସରେ କିଛି ଷ୍ଟାଣ୍ଡିଂ କମିଟିର ବୈଠକ ପାଇଁ ଅନୁମତି ଦିଆଯାଇଥିଲା। ବୈଠକ ମଧ ହୋଇଛି। ସମସ୍ତ କମିଟିର ବୈଠକ ଜୁଲାଇରେ ବସିପାରିବ ନାହିଁ ବୋଲି ରବିବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ବିଧାନସଭା ବସିବା ନେଇ ଆଲୋଚନା ଚାଲିଛି। ଏ ନେଇ ପରେ ନିଷ୍ପତ୍ତି ନିଆଯିବ।

ଅନ୍ୟପକ୍ଷରେ ବିରୋଧୀ ଦଳ ବିଧାନସଭା ଅଧିବେଶନ ଡାକିବାକୁ ଦାବି କରୁଛନ୍ତି। ଆସନ୍ତା ଅଗଷ୍ଟ ତୃତୀୟ ସପ୍ତାହ ମଧ୍ୟରେ ବିଧାନସଭା ଅଧିବେଶନ ଡାକିବାକୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏ ନେଇ ସେ ଜୁଲାଇ ୨ତାରିଖରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଜଣାଇଛନ୍ତି। ନରସିଂହ କହିଛନ୍ତି, କୋଭିଡ୍-୧୯ ମହାମାରୀକୁ ମୁକାବିଲା କରିବା ପାଇଁ ବିଧାନସଭା ଅଧିବେଶନ ଆଗୁଆ ବନ୍ଦ କରିବାଠାରୁ ଆରମ୍ଭ କରି ଗୃହ ବାହାରେ ଆମେ ସରକାରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରି ଆସିଛୁ। ଲୋକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିନା ସର୍ତ୍ତାରେ ରାଜ୍ୟ ସରକାରଙ୍କୁ ସମର୍ଥନ କରିଛୁ। ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭ ହଜାରରେ ପହଞ୍ଚିଥିବା ବେଳେ ଏହା ବେଳକୁ ବେଳ ଭୟଙ୍କର ହେବାରେ ଲାଗିଛି। ରାଜ୍ୟରେ ବେକାରି ସମସ୍ୟା ଉତ୍କଟ ହୋଇଛି। ଅନ୍ୟ ରାଜ୍ୟରୁ ଆସିଥିବା ଶ୍ରମିକମାନଙ୍କର ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଚାଷୀମାନେ ସେମାନଙ୍କର ଉତ୍ପାଦ ବିକ୍ରି କରିପାରୁ ନାହାନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହୋଇଛି। ଜନପ୍ରତିନିଧିମାନଙ୍କୁ ବିଶ୍ୱାସକୁ ନିଆଯାଉ ନାହିଁ। ରାଜ୍ୟର ବିଭିନ୍ନ ସମସ୍ୟା ଆଲୋଚନା ପାଇଁ ଅଗଷ୍ଟ ୩ୟ ସପ୍ତାହ ମଧ୍ୟରେ ବିଧାନସଭା ଅଧିବେଶନ ଡାକିବାକୁ ନରସିଂହ ଦାବି କରିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ଷ୍ଟାଣ୍ଡିଂ କମିଟିର ସଦସ୍ୟ ସଂଖ୍ୟା ୧୨। ସେଥିରୁ ୭/୮ ଜଣ ଉପସ୍ଥିତ ରହୁଛନ୍ତି। କରୋନା ନିୟମକୁ ମାନି ବୈଠକ କରାଯାଇପାରନ୍ତା। ୧୫ରୁ ୫୦ ଜଣଙ୍କୁ ନେଇ ବୈଠକ କରାଯାଇପାରୁଛି। ୧୦/୧୨ ଜଣଙ୍କୁ ନେଇ କାହିଁକି ବୈଠକ କରାଯାଇପାରିବ ନାହିଁ । ବୈଠକ ବନ୍ଦ କରିବାର କୌଣସି ଯଥାର୍ଥତା ନାହିଁ ବୋଲି ସେ କହିଛନ୍ତି।

# ଲକ୍‌ଡାଉନ ନିୟମ ଉଲ୍ଲଂଘନ ପରେ ରାଜନୈତିକ ବିବାଦ

## ବିଏମ୍‌ସିର ମଲ୍ ପ୍ରେମ ଅଭିଯୋଗ ଆଣିଲା ଭାଜପା

ଭୁବନେଶ୍ୱର,୬ା୭(ବ୍ୟୁରୋ): ସର୍ବସାଧାରଣ ଜମିକୁ ଏକ ଘରୋଇ ମଲ୍ ହାତକୁ ବିଏମ୍‌ସି ଟେକିଦେଇଛି। ଏହାର ପ୍ରତିବାଦ କଲେ ମହାମାରୀ ନିୟନ୍ତ୍ରଣର କଡା ଆଇନ ଲଗାଇ ଜନ ଆନ୍ଦୋଳନକୁ ଚାପି ଦେବାକୁ ବିଏମ୍‌ସି କମିଶନର ପ୍ରେମଚାନ୍ଦ ଚୌଧାରୀ ଚେଷ୍ଟା କରୁଥିବା ଭାଜପା ନେତା ବାବୁ ସିଂ ଅଭିଯୋଗ କରିଛନ୍ତି। ତୁରନ୍ତ ତାଙ୍କୁ ବରଖାସ୍ତ କରିବା ପାଇଁ ଦଳ ତରଫରୁ ଦାବି କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବାବୁ କହିଛନ୍ତି, ଉକ୍ତ ମଲ୍‌ର ଜବରଦଖଲ ଉଚ୍ଛେଦ କରି ଏହା ଉପରେ ରାସ୍ତା ପ୍ରଶସ୍ତୀକରଣ କରାଯାଉ । ରାଜଧାନୀର ଛାତି ଉପରେ ଏହି ମଲ୍ ବେଆଇନ୍ ଜମି ଜବରଦଖଲର ସୁରକ୍ଷା କବଚ ବିଏମ୍‌ସି କମିଶନର ସାଜିଛନ୍ତି। ଫ୍ଲାଏ ଓଭର ବା ରାସ୍ତା ପ୍ରଶସ୍ତୀକରଣ କାମ ହେଲେ ଏହି ମଲ୍‌କୁ ସୌନ୍ଦର୍ଯ୍ୟକରଣ ପାଇଁ ଦିଆଯାଇଥିବା ଜମିକୁ ଫେରାଇ ଆଣିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ରହିଛି । ମାତ୍ର ମଲ୍ ଠାରୁ ଏହି ଜମି ଫେରାଇ ନେବା ବଦଳରେ ରାଜଧାନୀର ଐତିହ୍ୟର ମୂକସାକ୍ଷୀ ବିଜେବି କଲେଜ, ରାଜ୍ୟ ସଂଗ୍ରହାଳୟ ଓ ବିଏମସି ଅଫିସର ପାଚେରି ଭାଙ୍ଗି ଏହି ଅନୁଷ୍ଠାନ ଗୁଡିକର ଜମିରେ ରାସ୍ତା ପ୍ରଶସ୍ତୀକରଣ କରିବାର ଷଡଯନ୍ତ୍ର ବିଏମ୍‌ସି ପକ୍ଷରୁ କରାଯାଇଛି। ବିଜେବି କଲେଜର ଐତିହାସିକ ପାଚେରୀକୁ ଭାଙ୍ଗିବା ପାଇଁ ବିଏମସି ଚିହ୍ନ ଲଗାଇ ସାରିଛି । ମାତ୍ର ମଲ୍ ଦଖଲରେ ଥିବା ନୟନ ଯୋଡି କିଶମ ଜମିରେ କମିଶନର ହାତ ମାରୁନାହାନ୍ତି। ସେହିପରି ରସୁଲଗଡ ପାଖରେ ଥିବା ଆଉ ଏକ ମଲ୍ କମିଶନରଙ୍କ ସଲାସୁତୁରାରେ ହାଇକୋର୍ଟଙ୍କ ନିର୍ଦ୍ଦେଶର ବାହାନା ଦେଖାଇ କୋଟି କୋଟି ଟଙ୍କା ପାର୍କଫିସ୍ ମାଧ୍ୟମରେ ଆଦାୟ କରିବାର ତଥ୍ୟ ପ୍ରମାଣ ଆଗରୁ ରହିଛି ବୋଲି ସେ କହିଛନ୍ତି ।

## ଗୋଷ୍ଠୀକନ୍ଦଳ, ଏମ୍‌ପିଙ୍କ ଦୋଷ ଲୁଚାଇବାକୁ କମିଶନରଙ୍କୁ ଟାର୍ଗେଟ

ଭୁବନେଶ୍ୱର, ୬ା୭(ବ୍ୟୁରୋ): ଭାଜପା ପକ୍ଷରୁ ବିଏମ୍‌ସି କମିଶନରଙ୍କ ବିରୋଧରେ ଅଭିଯୋଗ ଅଣାଯିବା ପରେ ବିଜେଡି ପଲଟା ଆକ୍ରମଣ କରିଛି। ଭାଜପା ଭୁବନେଶ୍ୱର ସଙ୍ଗଠନ ଭିତରେ ଚାଲିଥିବା ଗୋଷ୍ଠୀ କନ୍ଦଳ ଏବଂ ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ବେଆଇନ କାର୍ଯ୍ୟକୁ ଘଣ୍ଟ ଘୋଡାଇବା ପାଇଁ ଦଳ ଏଭଳି ଆଗକୁ ଆସିଛି ବୋଲି ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି।

ଦଳ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲେନିନ କହିଛନ୍ତି, ଭୁବନେଶ୍ୱର ଭାଜପାରେ ଏବେ ଗୋଷ୍ଠୀ ବିବାଦ ଜୋରସୋରରେ ଚାଲିଛି। ବାବୁ ସିଂହ ହେଉଛନ୍ତି ଅପରାଜିତାଙ୍କ ଏକାନ୍ତ ଅନୁଗତ । ଅପରାଜିତା ରାଜନୈତିକ ସଭା ସମିତି କରି ଜାଣିଶୁଣି କୋଭିଡ୍ ପାଇଁ ଜାରି ହୋଇଥିବା କେନ୍ଦ୍ରୀୟ ମାର୍ଗଦର୍ଶିକାକୁ ଉଲ୍ଲଙ୍ଘନ କରୁଛନ୍ତି। ଯେଉଁଥିପାଇଁ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ ସଂକ୍ରାନ୍ତୀୟ ଜାତୀୟ ମାର୍ଗଦର୍ଶିକାକୁ ପାଳନ କରିବା ପାଇଁ ଲୋକଙ୍କୁ ଅନୁରୋଧ କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ବ୍ୟକ୍ତି ଯେତେ ବଡ ହୁଅନ୍ତୁ କୋଭିଡ ନିୟମ ଭଙ୍ଗିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ । କରୋନା ନିୟମ ଭାଙ୍ଗିବା ଅଭିଯୋଗରେ ଅପରାଜିତାଙ୍କ ବିରୋଧରେ ବିଏମ୍‌ସି କମିଶନର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ଭାଜପା ବିଷ ଓଗାଳୁଥିବା ଲେନିନ କହିଛନ୍ତି।

# ଆଜିଠୁ କାଉଣ୍ଟରରେ ମିଳିବ ଦେଶୀ ମଦ

ଭୁବନେଶ୍ୱର,୬ା୭(ବ୍ୟୁରୋ)

ପୂର୍ବରୁ ଅବକାରୀ ବିଭାଗ ପକ୍ଷରୁ ଅନ୍‌ଲାଇନରେ ଦେଶୀ ଓ ରନ୍ଧା ମଦ ଦିଆଯିବା ନେଇ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। ସେହିପରି ମଙ୍ଗଳବାର ଠାରୁ କାଉଣ୍ଟରରେ ମଧ ଦେଶୀ ମଦ ଦିଆଯିବ। ଏନେଇ ସୋମବାର ଅବକାରୀ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ସକାଳ ୭ଟାରୁ ସନ୍ଧ୍ୟା ୬ଟା ଭିତରେ କାଉଣ୍ଟରରେ ଏହା ମିଳିବ। ଗତ ୧ ତାରିଖରୁ ଦେଶୀ ମଦର ଅନ୍‌ଲାଇନ ହୋମ ଡେଲିଭରି ଆରମ୍ଭ ହୋଇଥିଲା।

ତେବେ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, କଣ୍ଟେନମେଣ୍ଟ ଜୋନକୁ ଛାଡି ଦେଲେ ବାକି ସମସ୍ତ ଅଞ୍ଚଳରେ ଏହା କାଉଣ୍ଟର ଜରିଆରେ ଦିଆଯିବ। ଏହାସହ ଅନ୍‌ଲାଇନ୍‌ରେ ମଧ ମିଳିବ। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଜନଗହଳି ନ ହେବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଯେଉଁ ସ୍ଥାନରେ ଆବଶ୍ୟକ କାଉଣ୍ଟର ବାହାରେ ବ୍ୟାରିକେଡ୍ କରାଯିବ। ଏହାସହ ଆବଶ୍ୟକସ୍ଥଳେ ଅତିରିକ୍ତ କର୍ମଚାରୀଙ୍କୁ ମଧ ଜନଗହଳି ନିୟନ୍ତ୍ରଣ ଲାଗି ରଖାଯିବ। ସାମାଜିକ ଦୂରତା ଉପରେ ବିଶେଷ ଧ୍ୟାନ ରହିବା ଜରୁରୀ। ସେହିପରି ସାମାଜିକ ଦୂରତା ନିୟମକୁ ନିଶ୍ଚିତ କରିବା ସକାଶେ ଅଧିକ ଜାଗା କାଉଣ୍ଟର ବାହାରେ ଥିବା ଦରକାର। କାଉଣ୍ଟରରେ ଥିବା କର୍ମଚାରୀମାନେ ମାସ୍କ ପିନ୍ଧିବା ଜରୁରୀ। କାଉଣ୍ଟର ଅଞ୍ଚଳକୁ ବାରମ୍ବାର ସାନିଟାଇଜ କରାଯିବ। ଯେଉଁ ଗ୍ରାହକମାନେ ମାସ୍କ ପିନ୍ଧି ନ ଥିବେ ଏବଂ ସାମାଜିକ ଦୂରତା ଭଙ୍ଗ କରିବେ ସେମାନଙ୍କୁ ମଦ ନ ଦେବା ଲାଗି କୁହାଯାଇଛି। ଯଦି କୌଣସି ପରିସ୍ଥିତିରେ ମଦ ଦୋକାନ ଆଗରେ ବିଶୃଙ୍ଖଳା ହେବାର ଲକ୍ଷ୍ୟ କରାଯିବ କିମ୍ବା ସରକାରୀ ନିୟମ ପାଳନ ହେଉ ନ ଥିବା ସେଠାରେ ସ୍ଥାନୀୟ ପୋଲିସ ଏବଂ ଅବକାରୀ ଅଧିକାରୀ ରହି ନଜର ରଖିବେ। ଜିଲାପାଳ ଉକ୍ତ ଦୋକାନକୁ ବନ୍ଦ କରାଇବାକୁ ନିଶ୍ଚିତ କରିବେ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

ପୂର୍ବରୁ ବିଦେଶୀ ମଦ ହୋମ ଡେଲିଭରୀ ଲାଗି ଓଡିଶା ରାଜ୍ୟ ପାନୀୟ ନିଗମ(ଓଏସବିସି) ପକ୍ଷରୁ ପୋର୍ଟାଲ ଲଞ୍ଚ କରାଯାଇଛି। ଏନଆଇସି ସହଭାଗିତାରେ ଏହି ପୋର୍ଟାଲ ନିର୍ମିତ ହୋଇଥିଲା। ଏହି ପୋର୍ଟାଲରେ ସମସ୍ତ ଜିଲାଗୁଡିକର ମଦ ବିକ୍ରେତାଙ୍କ ନାମ ଓ ଠିକଣା ଗୋଟିଏ ସ୍ଥାନରେ ମିଳିବ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

କୋଭିଡ୍-19 (ସ୍ପେଶାଲ ଋଣ ଅଫର)
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ଛାଡ଼
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
079061-42337
094682-97482
ADDRESS: T-51, GAUTAMPURI, DELHI

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାଓ୍ୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168

BUSINESS
ମୋବାଇଲ ଟାୱାର
ବନ୍‌ସଲ ଟାୱାର (Govt. Approved) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୪୫,୦୦୦/-, ଆଡଭାନ୍ସ - ୬୦ଲକ୍ଷ + ଚାକିରୀ
86858-58468
89305-21981
Web: www.bansaltower.com

FINANCE
ପଇସା ଆମର କାମ ତମର
SREE Vinayak capital
ବ୍ୟକ୍ତିଗତ ସମ୍ପତ୍ତି, ଶିକ୍ଷା, ଆଧାରକାର୍ଡ ଉପରେ କେବଳ ୨୪ ଘଣ୍ଟା ଭିତରେ 3 % ବର୍ଷକୁ ସୁଧରେ ଋଣ ଯୋଗାଇ ଦେଉଛି । ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଲାଭ
2nd Floor, Block-B, Ansal Complex Boring Road, Patna-3
8570815828
8376093742

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

# ସବୁ ଥାନା କର୍ମଚାରୀଙ୍କ ସିଡିଆର୍ ଯାଞ୍ଚ ନିର୍ଦ୍ଦେଶ

ଭୁବନେଶ୍ୱର,୬।୭ (ବ୍ୟୁରୋ)

**ଥାନାରୁ ତଥ୍ୟ ଚୋରି ଚିନ୍ତା**

- ଉତ୍ତରପ୍ରଦେଶ ଘଟଣା ପରେ ରାଜ୍ୟ ପୋଲିସ ବିଭାଗରେ ଛନକା
- ବିଭିନ୍ନ ଥାନାର ଭିତିରି ତଥ୍ୟ ପଦାକୁ ଯାଉଛି
- ଥାନା ଅଧିକାରୀଙ୍କୁ ତାଗିଦ୍ କଲେ ଡିସିପି

ଉତ୍ତରପ୍ରଦେଶ କାନପୁର ଘଟଣା ପରେ ରାଜ୍ୟ ପୋଲିସ ବିଭାଗରେ ଛନକା। କାରଣ ଥାନର କେତେକ ପୋଲିସ କର୍ମଚାରୀଙ୍କ ପାଇଁ ଥାନାରୁ ସବୁ ଟିକ୍‌ନିଖି ଖବର ଗ୍ୟାଙ୍ଗଷ୍ଟାରଙ୍କ ନିକଟରେ ପହଞ୍ଚି ଯାଉଛି। ଯାହାଫଳରେ ସେମାନେ ସଜାଗ ହୋଇଯାଉଛନ୍ତି। ପରିଣାମ ସ୍ୱରୂପ ଉତ୍ତରପ୍ରେଦେଶର ୮ ଜଣ ପୋଲିସ ଅଫିସରଙ୍କର ମୃତ୍ୟୁ ଘଟିଛି। ଯେପରି ଏହି ଘଟଣା ଭୁବନେଶ୍ୱରରେ ପୁନରାବୃର୍ତ୍ତ ନଘଟେ ସେଥିଲାଗି କମିଶନରେଟ ପୋଲିସ ଉଦ୍ୟମ ଆରମ୍ଭ କରିଛି। କାରଣ ଥାନାର ଅନେକ କର୍ମଚାରୀଙ୍କ ସହ ଗ୍ୟାଙ୍ଗଷ୍ଟାର,ବିଲ୍ଡର ଏବଂ ଖବରଦାତାଙ୍କ ଯୋଗାଯୋଗରେ ରହୁଛି। ଯାହାଫଳରେ ଥାନାର ସବୁ ଟିକ୍‌ନିଖି ଖବର ଖବରଦାତା ଏବଂ ଗ୍ୟାଙ୍ଗଷ୍ଟାର ନିକଟରେ ପହଞ୍ଚି ଯାଉଛି। ତେଣୁ ଥାନାର କେଉଁ ଅଫିସର କିମ୍ବା କର୍ମଚାରୀ ଏମାନଙ୍କ ଯୋଗାଯୋଗରେ ରହୁଛନ୍ତି ସେ ନେଇ ଏବେ ଖୋଳତାଡ଼ ଆରମ୍ଭ ହୋଇଛି। ଥାନା ଭିତରୁ ତଥ୍ୟ ଚୋରି ହେଉଥିବାରୁ ପୋଲିସର ତଦନ୍ତରେ ବାଧା ସୃଷ୍ଟି ହେବା ସହ ପୋଲିସର ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ କଣ ରହିବ ସେନେଇ ଏହି ଗ୍ୟାଙ୍ଗଷ୍ଟାରମାନେ ଜାଣି ସଜାଗ ହୋଇଯାଉଛନ୍ତି। ତେଣୁ କିଭଳି ଏହାକୁ ରୋକି ହେବ ସେନେଇ ଭୁବନେଶ୍ୱର ଡିସିପି ଉଦମ୍ୟ ଆରମ୍ଭ କରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ରବିବାର ଡିସିପି ପ୍ରତି ଥାନା ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକି ଆଲୋଚନା କରିଥିବା ଜଣାପଡିଛି। ସେ ଥାନାର ସବୁ କର୍ମଚାରୀ ତଥା ଏଏସ୍ଆଇ,ଏସ୍ଆଇ,କନ୍‌ଷ୍ଟେବଳ ଏବଂ ଅନ୍ୟ କର୍ମଚାରୀଙ୍କ ସିଡିଆର ରିପୋର୍ଟ ମଗାଯାଇଥିବା ଜଣାପଡିଛି। ଏଥିସହ ଥାନା ଅଧିକାରୀଙ୍କୁ ଥାନାର ଅନ୍ୟ କର୍ମଚାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି। ଏହି ସିଡିଆର ରିପୋର୍ଟ ଆସିବା ପରେ ଥାନା ଭିତରକୁ ଖବର ଦେଉଥିବା କର୍ମଚାରୀଙ୍କୁ ଧରିବା ପାଇଁ ସେମାନେ ସଫଳ ହେବେ ବୋଲି କୁହାଯାଉଛି। ଯଦି ଥାନାର କୌଣସି ଅଫିସର ଖବରଦାତା ଏବଂ ଗ୍ୟାଙ୍ଗଷ୍ଟାର ସହ ବରାବର ଲିଙ୍କରେ ରହୁଥିବା ନେଇ ଜଣାପଡିବ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଡିସିପି ନିର୍ଦ୍ଦେଶ ଦେଇଥିବା କହାଯାଉଛି। କାରଣ ବିଗତ ଦିନରେ କମଶନରେଟ ପୋଲିସର ଥାନାର ଏକାଧିକ ଗୁରୁତ୍ୱପୂର୍ଣ୍ଣ ଖବର ଏନେଇ ଧରିତ୍ରୀରେ ଲଗାତାର ପ୍ରକାଶ ପାଇଥିଲା। ଯାହାକୁ ନେଇ ପୋଲିସ ବିଭାଗର ବହୁନ ଭିତରି କଥା ପଦାକୁ ଆସିଥିଲା। ତେଣୁ ପୋଲିସ ଥାନା କର୍ମଚାରୀଙ୍କ ସିଡିଆର ରିପୋର୍ଟ ମଗାଇ ଥାନାରୁ ହେଉଥିବା ତଥ୍ୟ ଚୋରିକୁ ରୋକିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଏପରିକି ଚର୍ଚ୍ଚା ହେଉଛି ପୋଲିସ କେତେକ ଖବର ଦାତାଙ୍କର ମଧ୍ୟ ଲୁଚାଛପାରେ ସିଡିଆର ଯାଞ୍ଚ କରୁଥିବା ଚର୍ଚ୍ଚା ହେଉଛି। ଯାହା ଆଇନି ବିରୋଧି।

ଏନେଇ ଆଇନଜୀବୀ ଚିତ୍ତରଞ୍ଜନ ଦାଶ କହିଛନ୍ତି ଯେ, ଇଣ୍ଡିଆନ ଟେଲିଗ୍ରାଫ୍ ଆକ୍ଟ ଅନୁସାରେ ବିନା ଅଭିଯୋଗ ଏବଂ ଉପରିସ୍ଥ ଅଧିକାରୀଙ୍କ ଅନୁମତିରେ ଏଭଳି କରିବା ଆଇନଗତ ଅପରାଧ। ଯଦି ସେମାନେ ଏଭଳି କରୁଥିବେ ତେବେ ସେମାନଙ୍କ ନାମରେ ମାମଲା ହେବ। ଏପରିକି ସେମାନେ ତାଙ୍କ ପୋଲିସ କର୍ମଚାରୀଙ୍କର ସିଡିଆର ମଗାଇ ପାରିବେ। କିନ୍ତୁ ଜଣେ ଖବରତାତାଙ୍କର ନୁହେଁ।



# ଖାଁ ଖାଁ ଲୋକନାଥ ପୀଠ

ପୁରୀ ଅଫିସ, ୬।୭

**ଫିକା ପଡ଼ିଲା ଶ୍ରାବଣ ପ୍ରଥମ ସୋମବାର**

ଶ୍ରାବଣ ମାସର ପ୍ରଥମ ସୋମବାର। ଏହିଦିନ ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ପୁରୀର ଶ୍ରୀଲୋକନାଥଙ୍କ ପୀଠ କାଉଡ଼ିଆଙ୍କ ଗହଳିଚହଳିରେ ଫାଟି ପଡ଼ିଥାନ୍ତା। ପ୍ରଭୁ ଲୋକନାଥଙ୍କୁ ଜଳଲାଗି ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବୋଲ୍‌ବମ ଭକ୍ତଙ୍କ ଭିଡ଼ ଜମିଥାନ୍ତା। ହେଲେ ସୋମବାର ଖାଁ ଖାଁ ରହିଥିଲା ଶ୍ରୀଲୋକନାଥ ମନ୍ଦିର ପ୍ରାଙ୍ଗଣ। ନ ଥିଲେ କାଉଡ଼ିଆ କି ମନ୍ଦିରକୁ ପ୍ରବେଶ କରି ନ ଥିଲେ ଶ୍ରଦ୍ଧାଳୁ। ମହାମାରୀ କରୋନା ପାଇଁ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ପ୍ରବେଶ ବନ୍ଦ ରହିଥିବା ବେଳେ କୌଣସି ବୋଲ୍‌ବମ ଭକ୍ତ ଆସି ନ ଥିଲେ। ପ୍ରତିବର୍ଷ ଶ୍ରାବଣ ମାସ ସୋମବାରରେ ଜଳଲାଗି ପାଇଁ ଲୋକନାଥଙ୍କ ପୀଠରେ ବୋଲ୍‌ବମ ଭକ୍ତଙ୍କ ଭିଡ଼ ଜମେ। ମନ୍ଦିର ଓ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଏ। କିନ୍ତୁ ଏଥର କରୋନା ପାଇଁ ଜଳଲାଗି ବନ୍ଦ କରିଛନ୍ତି ସରକାର। ଉପଜିଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାଳିଆ ସେବାୟତ, ପୋଲିସଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ କାଉଡ଼ିଆଙ୍କୁ ବାରଣ କରାଯାଇଛି।

## ସଂକ୍ଷେପରେ

### ଭକ୍ତଙ୍କୁ ରଥ ଛୁଇଁବା ସୁଯୋଗ ମିଳୁ

ପୁରୀ ଅଫିସ, ୬।୭: ରଥଯାତ୍ରା ଶେଷ ହୋଇଛି। ଚତୁର୍ଦ୍ଧାବିଗ୍ରହ ରତ୍ନସିଂହାସନକୁ ବିଜେ କରିଛନ୍ତି। ତେଣୁ ସିଂହଦ୍ୱାରରେ ଏବେ ରହିଥିବା ତିନିରଥଙ୍କୁ ଛୁଇଁବା ଲାଗି ଭକ୍ତଙ୍କୁ ସୁଯୋଗ ଦିଆଯାଉ ବୋଲି ଦଇତାପତି ସେବକ ବିନାୟକ ଦାସମହାପାତ୍ର ଦାବି କରିଛନ୍ତି। ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ବିନାୟକ କହିଛନ୍ତି, ଚଳିତବର୍ଷ ମହାମାରୀ କରୋନା ପାଇଁ ବିନା ଭକ୍ତରେ ରଥଯାତ୍ରା ବେଶ୍ ସୁରୁଖୁରୁରେ ସରିଛି। କୋଭିଡ୍ ଗାଇଡ୍‌ଲାଇନ ଏବଂ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ମାନି ଭକ୍ତମାନେ ଘରେ ରହି ଟିଭିରେ ରଥଯାତ୍ରା ଦେଖିଛନ୍ତି। ଏବେ ରଥରେ ଠାକୁର ନାହାନ୍ତି। ରଥକୁ ଚତୁଃପାର୍ଶ୍ୱରୁ ବ୍ୟାରିକେଡିଂ କରାଯାଇଛି। ତେଣୁ ସିଂହଦ୍ୱାରକୁ ଆସୁଥିବା ଶ୍ରଦ୍ଧାଳୁ ଯେପରି ବ୍ୟାରିକେଡିଂ ବାହାରୁ ରଥକୁ ଛୁଇଁପାରିବେ ସେହିଭଳି ବ୍ୟବସ୍ଥା କରାଯାଉ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏଥିପ୍ରତି ଗୁରୁତ୍ୱ ଦିଅନ୍ତୁ ବୋଲି ବିନାୟକ ଅନୁରୋଧ କରିଛନ୍ତି।

### ଟ୍ରାକ୍ଟର ଧକ୍କାରେ ଚାଷୀ ମୃତ

ଲୋକଙ୍କ ଟ୍ରାକ୍ଟର ପୋଡ଼ି



କଣ୍ଟାପଡା,୬।୭(ଡି.ଏନ୍.ଏ.): କଟକ ସଦରଥାନା ଅନ୍ତର୍ଗତ ଆମଣ ପଞ୍ଚାୟତ ବିଶ୍ୱାଳପଡ଼ା ନିକଟରେ ସୋମବାର ଅପରାହ୍ନରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ଚାଷୀଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବିଶ୍ୱାଳପଡା ଗ୍ରାମର ଦାମୋଦର ଖଟୁଆ (୫୫)। ସୂଚନା ମୁତାବକ, ବିଶ୍ୱାଳପଡା ନିକଟରେ ମୃତ ଦାମୋଦରଙ୍କ ଜମିରେ ନଂ.ଓଆର ୦୫ ଏଭି ୨୦୯୩ ବିଶିଷ୍ଟ ଟ୍ରାକ୍ଟରଟି ଚାଷ କରୁଥିଲା। ଦାମୋଦର ନିଜ ଜମି ଚିହ୍ନଟ କରିବା ପାଇଁ ସେଠାରେ ବାଇକ୍ ଧରି ଛିଡା ହୋଇଥିଲେ। ଏହି ସମୟରେ ଟ୍ରାକ୍ଟରଟି ଉକ୍ତ ଜମି ଚାଷକରି ଅନ୍ୟ ଜମିରେ ଚାଷ କରିବା ପାଇଁ ଯାଉଥିବାବେଳେ ଭାରସାମ୍ୟ ହରାଇ ହଠାତ ଦାମୋଦରଙ୍କ ଉପରେ ମାଡିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଦେଖି ଗ୍ରାମବାସୀଙ୍କୁ ଜଣାଇବା ପରେ ଲୋକେ ଆସିବାବେଳେ ଦାମୋଦରଙ୍କ ମୃତ୍ୟୁ ହୋଇଥିବା ଜାଣି ଉତ୍ତ୍ୟକ୍ତ ହୋଇଯାଇଥିଲେ। ଫଳରେ ଲୋକେ ଟ୍ରାକ୍ଟରରେ ନିଆଁ ଲଗାଇ ଦେବା ସହ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ନାଗବାଲି-ଶାଶୋଳ ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ କଟକସଦର ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା ପୋଲିସ ଫୋର୍ସସହ ଘଟଣାସ୍ଥଳରେ ପହଞ୍ଚି ଦାମୋଦରଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ପରେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ସରକାର ନିୟମ ଅନୁଯାୟୀ କ୍ଷତିପୂରଣ ମିଳିବ ବୋଲି କହିବା ପରେ ରାସ୍ତାରୋକୋ ହଟିଥିଲା। ଅନ୍ୟପଟେ ଦୁର୍ଘଟଣା ପରେ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିବାବେଳେ ପୋଲିସ ଦୁଇ ଗାଡ଼ିକୁ ଜବତ କରିଛି।

# ଭୁବନେଶ୍ୱର-କଟକ ଏନ୍ଏଚ୍ ହେବ ଲେନ୍ ଡ୍ରାଇଭିଂ

ଭୁବନେଶ୍ୱର,୬।୭ (ବ୍ୟୁରୋ)

- ଲେନ୍ ଅନୁଯାୟୀ ରହିବ ଗାଡ଼ି ସ୍ପିଡ୍ ଲିମିଟ୍
- ଟ୍ରାଫିକ୍ ଡିସିପିଙ୍କ ପ୍ରସ୍ତାବକୁ ଗୃହବିଭାଗର ଗ୍ରୀନ୍ ସିଗ୍‌ନାଲ

ଦୁର୍ଘଟଣା କମାଇବା ପାଇଁ ଖୁବ୍‌ଶୀଘ୍ର ଲେନ୍ ଡ୍ରାଇଭିଂ ବ୍ୟବସ୍ଥା ହେବ। ପ୍ରଥମ ପର୍ଯ୍ୟାୟରେ କଟକ-ଭୁବନେଶ୍ୱର ଜାତୀୟ ରାଜପଥରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ। ଏନେଇ ଟ୍ରାଫିକ ଡିସିପି ସାଗରିକା ନାଥ ଦେଇଥିବା ପ୍ରସ୍ତାବକୁ ଗୃହ ବିଭାଗ ଗ୍ରୀନ୍ ସିଗ୍‌ନାଲ ଦେଇଛି। ଆଗାମୀ ଦିନରେ ଗୃହ ବିଭାଗ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍ଏଚ୍ଏଆଇ), ପୂର୍ତ୍ତ ବିଭାଗ ଓ କମିଶନରେଟ ପୋଲିସର ଏକ ମିଳିତ ବୈଠକ ବସି ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହେବ। ଏହାପରେ ଲେନ୍ ଡ୍ରାଇଭିଂ ବ୍ୟବସ୍ଥାକୁ କଡ଼ାକଡ଼ି ଲାଗୁ କରାଯିବ। ବ୍ୟବସ୍ଥା ଅନୁଯାୟୀ, ଜାତୀୟ ରାଜପଥର ପ୍ରଥମ ଲେନ୍(ବାମପଟ)ରେ ବାଇକ ଓ ଅଟୋ ଚାଲିବ। ସ୍ପିଡ୍ ଲିମିଟ ଘଣ୍ଟାପ୍ରତି ୬୦ କି.ମି. ରହିବ। ସେହିପରି ମଝି ଲେନ୍‌ରେ ୭୬ କି.ମି. ସ୍ପିଡ୍ ଲିମିଟ୍‌ରେ ବସ୍ ଓ ଟ୍ରକ୍ ଯାତାୟାତ କରିବ। ତୃତୀୟ ଲେନ୍(ଡାହାଣ ପଟ)ରେ ୮୬ କି.ମି. ସ୍ପିଡ୍ ଲିମିଟ୍‌ରେ କେବଳ କାର ଯାତାୟାତ କରିବ। କେହି କାହାର ଲେନ୍ ଡେଇଁ ଓଭରଟେକ୍ କରି ଆଗକୁ ଯିବେ ନାହିଁ। ଆମ୍ବୁଲାନ୍ସ ତୃତୀୟ ଲେନ୍‌ରେ ଯାତାୟାତ କରିବ। ଏନେଇ ପ୍ରଥମେ ଲୋକଙ୍କୁ ସଚେତନ କରାଯିବ। ଦ୍ୱିତୀୟରେ ଲୋକଙ୍କୁ ଲେନ୍ ଡ୍ରାଇଭିଂକୁ ଅଭ୍ୟସ୍ତ ପାଇଁ ପ୍ରତି ୫ କି.ମି.ରେ ଟୋଲ୍‌ଗେଟ୍ ଭଳି ବ୍ୟବସ୍ଥା ରହିବ। ତୃତୀୟ ଷ୍ଟେଜ୍‌ରେ ପୋଲିସ ନିୟମ ଉଲ୍ଲଂଘନକାରୀ ଗାଡି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି।

# ଶହୀଦନଗରର ୨୦୦ ପରିବାରକୁ ଲ୍ୟାଣ୍ଡ ଫୋନ୍ ସେବା ବିଚ୍ଛିନ୍ନ



ଭୁବନେଶ୍ୱର, ୬।୭ (ବ୍ୟୁରୋ)

- ପାଣିପାଇପ୍ କାମବେଳେ ତାଡ଼ି ଦିଆଗଲା ତାର
- ଲିଖିତ ଜଣାଇଲେ ଶୁଳ୍କ ନେବନି ବିଏସ୍ଏନ୍ଏଲ୍

ଭୁବନେଶ୍ୱରରେ ଏବେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣି ପାଇପ୍ ବିଛା କାମ ଚାଲିଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ରାସ୍ତାକୁ ଜେସିବିରେ ଖୋଳାଯାଉଛି। ହେଲେ ଏହି କାର୍ଯ୍ୟରେ ସମନ୍ୱୟ ରହୁ ନ ଥିବାରୁ ମାଟିତଳେ ପୂର୍ବରୁ ରହିଥିବା ଟେଲିଫୋନ୍, ବିଦ୍ୟୁତ୍ ଓ ଅନ୍ୟ ତାର ଛିଡିଯାଇ ଦିନ ଦିନ ଧରି ସେବା ବ୍ୟାହତ ହେଉଛି। ଏବେ ଶହୀଦନଗର ଅଞ୍ଚଳରେ ପାଇପ୍ ବିଛା ପାଇଁ ରାସ୍ତା ଖୋଳାବେଳେ ବିଏସ୍ଏନ୍ଏଲ୍‌ର ଲ୍ୟାଣ୍ଡଫୋନ୍ ତାର ତାଡ଼ି ଦିଆଯାଇଥିବାରୁ ପାଖାପାଖି ୨୦୦ ପରିବାରକୁ ୫ରୁ ଊର୍ଦ୍ଧ୍ୱ ଦିନ ହେବ ସେବା ବନ୍ଦ ହୋଇଯାଇଛି। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଲ୍ୟାଣ୍ଡ ଫୋନ୍ ସେବାରୁ ବଞ୍ଚିତ ଶହୀଦନଗରର ଏକ ପରିବାରର ଜଣେ ବ୍ୟକ୍ତି ଟୁଇଟ୍ ଯୋଗେ ବିଏସ୍ଏନ୍ଏଲ୍‌କୁ ଏ ସମ୍ପର୍କରେ ଜଣାଇ ଉତ୍ତର ଚାହିଁଥିଲେ। ମରାମତି ପରେ ସେବା ପାଇବା ପାଇଁ ଆଉ ୧୫ ଦିନ ଲାଗିବ ବୋଲି ବିଏସ୍ଏନ୍ଏଲ୍‌ର ଏସ୍‌ଡିଓ କହିଥିଲେ। ହେଲେ କ୍ଷତିର ଭରଣା କିଏ କରିବ? ବିଏସ୍ଏନ୍ଏଲ୍ କ'ଣ ପାଇଁ ଏହା ବିରୋଧରେ ଏତଲା ଦେଉନାହିଁ ବୋଲି ସେ ଟୁଇଟ୍‌ରେ ପ୍ରଶ୍ନ କରିଥିଲେ। ଘଟଣା ସମ୍ପର୍କରେ ବିଏସ୍ଏନ୍ଏଲ୍‌ର ଭୁବନେଶ୍ୱର ଡିଷ୍ଟ୍ରିକ୍ଟ ଟେଲିକମ୍ ମ୍ୟାନେଜର ଦୁଷ୍ମନ୍ତ କୁମାର ବେହେରା କହିଛନ୍ତି, ବିଏସ୍ଏନ୍ଏଲ୍ ଏଭଳି କ୍ଷତି ଆଗରୁ ମଧ୍ୟ ସହି ଆସିଛି। ବର୍ତ୍ତମାନ ଆମେ ବହୁ ସମସ୍ୟା ଦେଇ ଗତି କରୁଛୁ। ଅଧିକ ସରଞ୍ଜାମ ନ ଥିବାରୁ ମରାମତି ଓ ପୁନରୁଦ୍ଧାରରେ ବିଳମ୍ବ ହେଉଛି। ଯେହେତୁ ବିଏସ୍ଏନ୍ଏଲ୍ ରାଜ୍ୟ ସରକାରଙ୍କ ଜମିରେ ତାର ବିଛାଇଛି, ସରକାରଙ୍କ ଅନ୍ୟ କାର୍ଯ୍ୟବେଳେ ତାର ଛିଡ଼ିଲେ ବା ଅନ୍ୟ କିଛି କ୍ଷତି ହେଲେ ନିଜେ ଭରଣା କରୁଛି। ଯେଉଁଠି ଲୋକେ ସେବାରୁ ବଞ୍ଚିତ ହେଉଛନ୍ତି ବା ସେମାନଙ୍କର କିଛି କ୍ଷତି ହୋଇଛି, ତାହା ଲିଖିତ ଭାବେ ଜଣାଇଲେ ବିଏସ୍ଏନ୍ଏଲ୍ ସେହି ସମୟର ଶୁଳ୍କ ନେବ ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ପାଇପ୍ କାମ କରୁଥିବା ୱାଟ୍‌କୋର ଜେନେରାଲ୍ ମ୍ୟାନେଜର ଗୁରୁଚରଣ ଦାସ କହିଛନ୍ତି, ୨୪ ଘଣ୍ଟା ପାଣି ଯୋଗାଣ ପାଇଁ ଶହୀଦନଗରରେ ପାଇପ୍ ବିଛା କାମ ଚାଲିଛି। କାର୍ଯ୍ୟ ସମୟରେ ତାର ଛିଡ଼ିବା ସହ ଅନ୍ୟ କିଛି ସମସ୍ୟା ଉପୁଜିବା ସାମାନ୍ୟ କଥା। ବିଏସ୍ଏନ୍ଏଲ୍ କର୍ତ୍ତୃପକ୍ଷଙ୍କ ସହ ୱାଟ୍‌କୋ ଅଧିକାରୀଙ୍କ ଯୋଗାଯୋଗ ରହିଛି। ପୂର୍ବରୁ ପୋଖରୀପୁଟ ଓ ୟୁନିଟ୍-୬ ଅଞ୍ଚଳରେ ଉଭୟ ମିଳିମିଶି କାମ କରିଛନ୍ତି। କିଛି ଦିନ ବାଧା ଉପୁଜିଛି ସତ, କିନ୍ତୁ ପର ମୁହୂର୍ତ୍ତରେ ତାହା ଠିକ୍ ହୋଇଯାଇଛି ବୋଲି ସେ କହିଛନ୍ତି।

# ଗୋପୀନାଥପୁର: ୩ ସାହି ଶଟ୍‌ଡାଉନ

ପୁରୀ ଅଫିସ,୬।୭

**ବୀରହରେକୃଷ୍ଣପୁର ଗାଁ କଣ୍ଟେନମେଣ୍ଟ ଜୋନ୍**

ପୁରୀ ସଦର ବ୍ଲକ ଗୋପୀନାଥପୁର ପଞ୍ଚାୟତରୁ କରୋନା ପଜିଟିଭ ଚିହ୍ନଟ ହେବା ପରେ ସରପଞ୍ଚ ରାଜକିଶୋର ରାଉତ ପଞ୍ଚାୟତର ୩ଟି ସାହି ମୁକୁନ୍ଦମିଶ୍ର ନଗର, ଗୋପୀନାଥପୁର ତଳ ନୂଆସାହି ଏବଂ ଡଗରାବନ୍ଧକୁ ୩୬ଘଣ୍ଟା ଶଟ୍‌ଡାଉନ ଘୋଷଣା କରିଛନ୍ତି। ମୁକୁନ୍ଦମିଶ୍ର ନଗର ଅଞ୍ଚଳରୁ କରୋନା ପଜିଟିଭ ଚିହ୍ନଟ ହେବା ପରେ ସଂକ୍ରମଣକୁ ଏଡ଼ାଇବା ପାଇଁ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ଜରୁରୀ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଚିହ୍ନଟ ବ୍ୟକ୍ତି ତାଙ୍କ ପରିବାର ଲୋକଙ୍କ ସହିତ ମିଳାମିଶା କରିଛନ୍ତି। ତାଙ୍କ ପରିବାରବର୍ଗ ସାହିର କେତେଜଣଙ୍କ ସଂସ୍ପର୍ଶରେ ଆସିଥିବାରୁ ବୈଠକରେ ମୁକୁନ୍ଦମିଶ୍ର ନଗର ଏବଂ ଏହା ସଂଲଗ୍ନ ଗୋପୀନାଥପୁର ତଳ ନୂଆସାହି ଓ ଡଗରାବନ୍ଧକୁ ଶଟ୍‌ଡାଉନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସୋମବାର ମଧ୍ୟାହ୍ନ ୧୨ଟାରୁ ମଙ୍ଗଳବାର ରାତି ୧୨ଟା ପର୍ଯ୍ୟନ୍ତ ୩୬ ଘଣ୍ଟା ଶଟ୍‌ଡାଉନ ରହିବ। ଏହି ସମୟରେ କେବଳ ଔଷଧ ଦୋକାନକୁ ଛାଡ଼ି ଆଉ ସମସ୍ତ ଦୋକାନ ବଜାର ବନ୍ଦ ରହିବ। କୌଣସି ବ୍ୟକ୍ତି ଯଦି କୋଭିଡ୍-୧୯ର ଗାଇଡ୍‌ଲାଇନ ଉଲ୍ଲଂଘନ କରନ୍ତି ସେ ଆଇନ ଅନୁସାରେ ଦଣ୍ଡିତ ହେବେ ବୋଲି ସରପଞ୍ଚ ରାଉତ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ, ବିଡିଓ, ଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ, ପୁରୀ ସଦର ଥାନା ଅଧିକାରୀଙ୍କୁ ଅବଗତ କରାଯାଇଛି। ଜିଲାପାଳ କ୍ଷମତା ପ୍ରୟୋଗ କରି ସରପଞ୍ଚ ରାଉତ ଉପରୋକ୍ତ ୩ଟି ସାହିକୁ ଶଟ୍‌ଡାଉନ କରିଛନ୍ତି। ସଦର ବ୍ଲକ ଅଧୀନ ବୀରହରେକୃଷ୍ଣପୁର ପଞ୍ଚାୟତର ବୀରହରେକୃଷ୍ଣପୁର ଗ୍ରାମକୁ ୪୮ ଘଣ୍ଟା ପାଇଁ ସରପଞ୍ଚ ରମାକାନ୍ତ ପଣ୍ଡା କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି।

# ଏମ୍‌ବିବିଏସ୍ ଶେଷବର୍ଷ ପରୀକ୍ଷା ଆରମ୍ଭ

କଟକ ଅଫିସ,୬।୭

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଏମ୍‌ବିବିଏସ୍ ଶେଷ ବର୍ଷର ପରୀକ୍ଷା ସୋମବାରଠାରୁ ଆରମ୍ଭ ହୋଇଛି। କରୋନା କଟକଣା ମଧ୍ୟରେ ପରୀକ୍ଷା ଚାଲିଛି ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ମୋଟ୍ ୨୫୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୯ ଜଣ ପରୀକ୍ଷା ହଲ୍‌କୁ ଆସିଥିବା ବେଳେ ଜଣେ କ୍ୱାରାଣ୍ଟାଇନରେ ରହି ପରୀକ୍ଷା ଦେଉଥିବା ଜଣାପଡ଼ିଛି। ପରୀକ୍ଷାର୍ଥୀମାନେ ୨୦ଦିନ ପୂର୍ବରୁ ହଷ୍ଟେଲରେ ରହିବା ବାଧ୍ୟତାମୂଳକ କରାଯାଇଥିଲା। ମୋଟ୍ ୩ଟି ପ୍ରକୋଷ୍ଠରେ ପରୀକ୍ଷା ଚାଲିଛି।

# ସିଡିଏରୁ ଉଠିଲା କଣ୍ଟେନ୍‌ମେଣ୍ଟ କଟକଣା

କଟକ ଅଫିସ,୬।୭

ଜଣେ ପୋଲିସ ଅଧିକାରୀ ତଥା ସ୍ଥାନୀୟ ବାସିନ୍ଦା କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହେବା ପରେ ସିଡିଏ ସେକ୍ଟର-୯ର ଏକ ଅଂଶକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ଗତ ୨୮ ତାରିଖରେ ଏହି ଘୋଷଣା ହୋଇଥିବା ବେଳେ ରବିବାର ଏହା ପ୍ରତ୍ୟାହାର କରାଯାଇଛି। ସିଏମ୍‌ସି କମିଶନର ଅନନ୍ୟା ଦାସ ଏହି ସୂଚନା ଦେଇଛନ୍ତି। କଣ୍ଟେନ୍‌ମେଣ୍ଟ ଜୋନ୍ ପରେ ୯ଟି ପର୍ଯ୍ୟାୟରେ ଅଞ୍ଚଳରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। କରୋନା

**ବ୍ୟାପିନି ସଂକ୍ରମଣ**

ଲକ୍ଷଣ ଥିବା ବ୍ୟକ୍ତିମାନଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ହୋଇଥିଲା। ହେଲେ ସଂପୃକ୍ତ ପୋଲିସ ଅଧିକାରୀଙ୍କ ସ୍ତ୍ରୀଙ୍କ ବ୍ୟତୀତ ଆଉ ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ରହିଛି। ଏଣୁ ଅଞ୍ଚଳରେ କରୋନା ବ୍ୟାପି ନ ଥିବା ସ୍ପଷ୍ଟ ହୋଇଛି। ଏଣୁ କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ଉଠାଇ ନିଆଯାଇଥିବା ସେ ପ୍ରକାଶ କରିଛନ୍ତି। ଅପରପକ୍ଷେ ପ୍ରଥମେ ଆକ୍ରାନ୍ତ ହୋଇଥିବା ପୋଲିସ ଅଧିକାରୀ ସୁସ୍ଥ ହେବା ପରେ ମେଡିକାଲ୍‌ରୁ ଡିସ୍‌ଚାର୍ଜ ହୋଇଥିବା ସୂଚନା ମିଳିଛି।

# ଥମୁନି ସଂକ୍ରମଣ: ଏସ୍‌ସିବିରୁ ୮, ଆଚାର୍ଯ୍ୟ ହରିହରରୁ ୩ ସଂକ୍ରମିତ

କଟକ ଅଫିସ,୬।୭

**କଟକ ଜିଲାରୁ ୩୩ ଆକ୍ରାନ୍ତ ଚିହ୍ନଟ**

ରାଜ୍ୟର ଦୁଇ ପ୍ରମୁଖ ଚିକିତ୍ସାଳୟ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସ୍ପିଟାଲ୍ ଏବେ କରୋନା ଭୂତାଣୁର ହଟ୍‌ସ୍ପଟ୍ ପାଲଟିଛି। ନିୟମିତ ଉଭୟ ହସ୍ପିଟାଲ୍‌ରୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ସୋମବାର ଏହି ଦୁଇଟି ହସ୍ପିଟାଲରୁ ୧୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏସ୍‌ସିବିରୁ ୮ ଜଣ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୪ ଜଣ ଆଇସୋଲେଶନ୍ ୱାର୍ଡ଼ରେ ଚିକିତ୍ସିତ ହେଉଥିଲେ। ଅନ୍ୟ ୪ ଜଣଙ୍କ ମଧ୍ୟରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରୁ ୨ଜଣ ଏବଂ ଅସ୍ଥିଶଲ୍ୟ ବିଭାଗରୁ ୨ଜଣ ରହିଛନ୍ତି। ତେବେ ସ୍ତ୍ରୀ ଏବଂ ପ୍ରସୂତି ରୋଗ ବିଭାଗରୁ ଚିହ୍ନଟ ହୋଇଥିବା ୨ ଜଣ ଆକ୍ରାନ୍ତ ସୋମବାର ଭର୍ତ୍ତି ହୋଇଥିଲେ। ସେମାନଙ୍କ ଆଡମିଶନ ବେଳେ ପରୀକ୍ଷା କରାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିଛି। ସେହିଭଳି ଆଚାର୍ଯ୍ୟ ହରିହରରୁ ଚିହ୍ନଟ ହୋଇଥିବା ୩ ଜଣ ଆକ୍ରାନ୍ତ ନର୍ସ ଥିବା ସୂଚନା ମିଳିଛି। ଏମାନେ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ସମସ୍ତଙ୍କ ଘର ଚାଉଳିଆଗଞ୍ଜ। ଗଞ୍ଜାମର ପ୍ରଥମ ଆକ୍ରାନ୍ତ ଚିହ୍ନଟ ହେବା ପରଠୁ ଏଯାବତ୍ ଆଚାର୍ଯ୍ୟ ହରିହରରୁ ୧୧୭ ଜଣ ପଜିଟିଭ୍ ବାହାରିଲେଣି। ଅପରପକ୍ଷେ ବାଙ୍କୀ ଗ୍ରାମାଞ୍ଚଳରୁ ୧୨ ଜଣ, ବଡ଼ମ୍ବାରୁ ୫ଜଣ, ନିଆଳିରୁ ୨ଜଣ ଏବଂ ଟାଙ୍ଗୀ, ବେଣ୍ଟକାର ଏବଂ ସାଲେପୁରରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କଟକ ଜିଲାରୁ ସୋମବାର ମୋଟ ୩୩ ଜଣ ଆକ୍ରାନ୍ତ ବାହାରିଛନ୍ତି।

# ଶଟ୍‌ଡାଉନକୁ ଫୁଃ: ବିପତ୍ତିକୁ ଡାକୁଛି ଭିଡ଼

**ତିନିଦିନିଆ ଶଟ୍‌ଡାଉନ୍‌ର ପ୍ରଥମ ଦିନ**

କଟକ ଅଫିସ,୬।୭

କଟକ ସହରରେ ସୋମବାର ଥିଲା ତିନିଦିନିଆ ଶଟ୍‌ଡାଉନର ପ୍ରଥମଦିନ। କିନ୍ତୁ ସହରର ରାସ୍ତାଘାଟ, ଗଳିକନ୍ଦିକୁ ନଜର ପକାଇଲେ କେହି ବି କହିବେ ନାହିଁ ଶଟ୍‌ଡାଉନ ଚାଲିଛି। ଯେଉଁଆଡ଼େ ଦେଖିବ ସିଆଡ଼େ ଭିଡ଼। ମାଳମାଳ ଗାଡ଼ି ଆଉ ଶହଶହ ଲୋକଙ୍କ ଚଳପ୍ରଚଳ। କଟକରେ କରୋନା ସଂକ୍ରମଣ ବଢୁଥିବା ବେଳେ ଏହା ଉପରେ ଲଗାମ କଷିବାକୁ ଜାରି ହୋଇଥିଲା ଶଟ୍‌ଡାଉନ। କିନ୍ତୁ ପ୍ରଥମ ଦିନର ଏଭଳି ଚିତ୍ରରୁ ସ୍ଥିତି ଅଧିକ ବିଗିଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ଲୋକଙ୍କ ଖାମଖିଆଲି ଆଚରଣ ବିପତ୍ତିକୁ ଆମନ୍ତ୍ରଣ କରୁଛି। ଅନ୍ୟପକ୍ଷରେ ପୋଲିସ କିମ୍ବା ପ୍ରଶାସନ କେହି ବି କଡ଼ା ଆଭିମୁଖ୍ୟ ରଖୁ ନ ଥିବା ଦେଖିବାକୁ ମିଳୁଛି।

ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ଇତି ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଛୁଇଁଲାଣି। ସପ୍ତାହାନ୍ତ ଶଟ୍‌ଡାଉନ୍ ପରେ ସୋମବାରଠାରୁ ବୁଧବାର ରାତି ପର୍ଯ୍ୟନ୍ତ ଯେଉଁ ଶଟ୍‌ଡାଉନ୍ ଜାରି ହୋଇଥିଲା, ତାହାର ପ୍ରଥମଦିନରେ ସବୁ କଟକଣା କୋହଳ ଥିବା ଭଳି ମନେ ହୋଇଥିଲା। ହାତଗଣତି ଛକରେ ପୋଲିସ ଯାଞ୍ଚ କରୁଥିବା ବେଳେ ଅନ୍ୟ ସମସ୍ତ ଛକରେ ହାତବାନ୍ଧି ବସିଥିଲେ ପୋଲିସ ଅଧିକାରୀ, କର୍ମଚାରୀ। ବିନା କାରଣରେ ଶହଶହ ଗାଡ଼ି ସହର ରାସ୍ତାରେ ଘୂରି ବୁଲୁଥିଲା। କଟକ ମହାନଗର ନିଗମ (ସିଏମ୍‌ସି) ଓ ଜିଲା ପ୍ରଶାସନ ସଂକ୍ରମଣ ରୋକିବାକୁ ପଦକ୍ଷେପ ତ ନେଉଛନ୍ତି, କିନ୍ତୁ ତାହାର ଆଭିମୁଖ୍ୟ କଠୋର ନ ହେବା ଯାଏ ସଂକ୍ରମଣକୁ ରୋକିବା ସମ୍ଭବ ହେବନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



### ପରିବା ବ୍ୟାଗ୍ ଥିଲେ ମାଫ୍

ଗାଡ଼ିରେ ପରିବା ବ୍ୟାଗ ଝୁଲିଥିଲେ କିଛି ପ୍ରଶ୍ନ କରୁନି ପୋଲିସ। ପରିବା ବ୍ୟାଗ ଖଣ୍ଡକୁ ଦେଖାଇ ଛାଡ୍ ପାଇଯାଉଛନ୍ତି ଲୋକେ। ସୋମବାର ଖାନ୍‌ନଗର ଓ ବାଦାମବାଡ଼ି ଟ୍ରାଫିକ ଛକରେ ଏଭଳି ଶହଶହ ଗାଡ଼ି ପୋଲିସ ପାଖରୁ ଛାଡ଼ ପାଇଥିବା ଦେଖିବାକୁ ମିଳିଥିଲା। ଦିନତମାମ ଏହି ପରିବା ବ୍ୟାଗ୍ ପକାଇ ଲୋକେ ପୋଲିସକୁ ଠକି ଚାଲିଥିଲେ। ଗତ ଦୁଇ ଦିନ ପରିବା ମାର୍କେଟ ବନ୍ଦ ଥିବା ହେତୁ ସୋମବାର ଏଠାରେ ଭିଡ଼ ହୋଇଥିଲା।

### ଶଟ୍‌ଡାଉନ ବଢ଼ାଇବାକୁ ଦାବି

କଟକରେ ଶଟ୍‌ଡାଉନ ଅବଧି ଆହୁରି ୧୫ ଦିନ ବୃଦ୍ଧି କରିବାକୁ ଦାବି କରିଛି ମିଲେନିୟମ କଟକ ଫାଉଣ୍ଡେଶନ। ସହରରେ ସଂକ୍ରମିତଙ୍କ ସଂଖ୍ୟା ଯେପରି ଭାବେ ବଢ଼ିଚାଲିଛି, ଶଟ୍‌ଡାଉନ ନ ବଢ଼ାଇଲେ ସ୍ଥିତି ଜଟିଳ ହେବ ବୋଲି ଫାଉଣ୍ଡେଶନର ଟ୍ରଷ୍ଟି ଦେବୀପ୍ରସାଦ ଦାଶ ପ୍ରେସ ବିବୃତ୍ତିରେ କହିଛନ୍ତି।

# ଭୁବନେଶ୍ୱର ଫେରନ୍ତାଙ୍କ ପାଇଁ ଲାଗୁ ହେବନି ସଙ୍ଗରୋଧ

**ସିଏମ୍‌ସିର ବିଜ୍ଞପ୍ତି**

କଟକ ଅଫିସ,୬।୭

କରୋନା ପ୍ରଭାବିତ ଜିଲାରୁ ଆସୁଥିବା ବ୍ୟକ୍ତିଙ୍କ ଯୋଗୁ କଟକ ସହରରେ କରୋନା ସଂକ୍ରମଣ ବଢୁଛି। ଏଥିପାଇଁ ରାଜ୍ୟର ୫ଟି ଜିଲା ଓ କଟକ ଜିଲାର ୫ଟି ବ୍ଲକରୁ ସହରକୁ ଆସୁଥିବା ବ୍ୟକ୍ତିମାନେ ସଙ୍ଗରୋଧରେ ରହିବା ବାଧ୍ୟତାମୂଳକ ବୋଲି କଟକ ମହାନଗର ନିଗମ (ସିଏମ୍‌ସି) ଘୋଷଣା କରିଥିଲା। ମାତ୍ର ଯେଉଁମାନେ ଚାକିରି ଓ ବ୍ୟବସାୟ ଉଦ୍ଦେଶ୍ୟରେ ଭୁବନେଶ୍ୱରରୁ କଟକ ମଧ୍ୟରେ ଦୈନିକ ଯାତାୟତ କରୁଛନ୍ତି, ସେମାନଙ୍କ ପାଇଁ ସଙ୍ଗରୋଧ ନିୟମ ଲାଗୁ ହେବନାହିଁ। ସିଏମ୍‌ସି ସୋମବାର ଏଭଳି ନିର୍ଦ୍ଦେଶନାମା ଜାରି କରିଛି। ଏହାଛଡ଼ା ଶଟ୍‌ଡାଉନ ସମୟରେ ଦ୍ୱୈତ ନଗରୀ ମଧ୍ୟରେ ଅନାବଶ୍ୟକ କାର୍ଯ୍ୟରେ ଯାତ୍ରାକୁ ବାରଣ କରାଯାଇଛି।

## ସଂକ୍ଷେପରେ

### ଆଧାର-ପାନ୍ ସଂଯୋଗର ଶେଷ ତାରିଖ ବଢ଼ିଲା




ନୂଆଦିଲ୍ଲୀ,୬।୭ : ଆଧାର ସହ ପାନ୍ ସଂଯୋଗ କରାଇବାର ଶେଷ ତାରିଖକୁ ସରକାର ସୋମବାର ଆସନ୍ତା ବର୍ଷ ମାର୍ଚ୍ଚ ଶେଷ ଯାଏ ବଢ଼ାଇଛନ୍ତି। କରୋନା ଭାଇରସ୍ ଯୋଗୁ ଲୋକମାନେ ବର୍ତ୍ତମାନ ସମସ୍ୟାରେ ରହିଥିବାରୁ ଏହାକୁ ଧ୍ୟାନରେ ରଖି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାଦ୍ୱାରା ଲୋକମାନେ ଆଧାର-ପାନ୍ ସଂଯୋଗ କରାଇବାକୁ ଅଧିକ ସମୟ ପାଇପାରିବେ। ଆୟକର ବିଭାଗ ପକ୍ଷରୁ ଏହାର ଟୁଇଟର ହ୍ୟାଣ୍ଡେଲରେ ଏଭଳି ସୂଚନା ଦିଆଯାଇଛି। ସେହିଭଳି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସେଲ୍ଫ ଆସେସ୍‌ମେଣ୍ଟ ଟିକସ ପ୍ରଦାନ କ୍ଷେତ୍ରରେ ଶେଷ ସୀମାକୁ ଚଳିତ ବର୍ଷ ନଭେମ୍ବର ଶେଷ ଯାଏ ବୃଦ୍ଧି କରାଯାଇଛି।

### ସିବିଡିଟି, ସିବିଆଇସି ମିଶ୍ରଣ ହେବନି




ନୂଆଦିଲ୍ଲୀ,୬।୭ : କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଏବଂ କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି)ର ମିଶ୍ରଣ ହେବ ନାହିଁ। ଏ ନେଇ କୌଣସି ପ୍ରସ୍ତାବ ଉପରେ ସରକାର ବିଚାର କରୁ ନ ଥିବା ଜଣାପଡିଛି। ସୋମବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ଗଣମାଧ୍ୟମରେ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏ ଭଳି କୌଣସି ପ୍ରସଙ୍ଗ ଉପରେ ସରକାର ବର୍ତ୍ତମାନ କାର୍ଯ୍ୟ କରୁ ନ ଥିବା ଜଣାପଡ଼ିଛି।

# ଆତ୍ମନିର୍ଭର ସୂତ୍ର ଦେଲା ଆସୋଚାମ

ନୂଆଦିଲ୍ଲୀ,୬।୭

ଚାଇନା ଉପରେ ନିର୍ଭରତାକୁ ଦେଖି ଅନେକ ବିଶେଷଜ୍ଞ କୁହନ୍ତି ଯେ ବର୍ତ୍ତମାନ ସ୍ଥିତିରେ ଭାରତ ଆତ୍ମନିର୍ଭର ହେବା ଏକ କଷ୍ଟସାଧ୍ୟ ବ୍ୟାପାର। ହେଲେ ଶିଳ୍ପ ସଂଘ ଆସୋଚାମ ଘରୋଇ ବଜାରକୁ ଆତ୍ମନିର୍ଭର କରାଇବା ଲାଗି ନୂଆ ଆଶାର କିରଣ ଦେଖାଇଛି। ଏଥିଲାଗି ଆସୋଚାମ ୧୫ ସୂତ୍ରୀ ଏଜେଣ୍ଡା ପ୍ରଦାନ କରିଥିବା ଜଣାପଡିଛି। ଯଦି ଭାରତ ଚାଇନା ବଜାରରୁ ୧୫ ବଡ଼ ଆମଦାନୀକୁ ଘରୋଇ ବଜାରରେ ଉତ୍ପାଦନ କରିବା ଲାଗି ଧ୍ୟାନଦିଏ ତେବେ ଆତ୍ମନିର୍ଭର ହେବାକୁ କେହି ଅଟକାଇ ପାରିବେ ନାହିଁ ବୋଲି ରିପୋର୍ଟରେ କୁହାଯାଇଛି। ସେହି ମୁତାବକ ଭାରତ ଉତ୍ପାଦନ କ୍ଷମତା ଦେଶରେ ବଢ଼ିଲେ ଚାଇନାକୁ ଏକ ଶକ୍ତ ଧକ୍କାଦେବାକୁ ଭାରତ ସକ୍ଷମ ହୋଇପାରିବ। ଏହି ଶିଳ୍ପ ସଂଘ ଏମିତି ୧୫ ଉତ୍ପାଦକୁ ଚିହ୍ନଟ କରିଛି ଯାହାର ଘରୋଇ ଉତ୍ପାଦନ ବଢାଇବାକୁ ହେବ।

### ମାନୁଫାକ୍ଚରିଂ ଉପରେ ଧ୍ୟାନଦେବାକୁ ପରାମର୍ଶ




ଘରୋଇ ଉତ୍ପାଦନ ବଢାଇ ଆଗାମୀ ୩ ବର୍ଷ ମଧ୍ୟରେ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ହାସଲ କରାଯାଇପାରେ।

ଏହି ଉତ୍ପାଦଗୁଡିକ ମଧ୍ୟରେ ଇଲେକ୍‌ଟ୍ରୋନିକ୍ସ, କୋଇଲା, ଲୁହା ଚାଦର, ଅଣ ଲୌହ ଧାତୁ ଏବଂ ବନସ୍ପତି ତେଲ ସହ ଅନ୍ୟ ସାମଗ୍ରୀ ସାମିଲ ରହିଛି। ଭାରତ ପ୍ରତି ମାସରେ ପ୍ରାୟ ୫ ବିଲିୟନ ଡଲାରର ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଆମଦାନୀ କରୁଛି। ଏହା ମଧ୍ୟରେ ଚାଇନାର ଏକ ବୃହତ୍ ଅଂଶ ରହିଛି। ସେହିଭଳି କେବଳ ଇଲେକ୍‌ଟ୍ରୋନିକ୍ସ ପାର୍ଟସର ୪୩% ଚାଇନାରୁ ଆମଦାନୀ ହେଉଛି। ଚଳିତ ବର୍ଷ ମେ ମାସରେ ଚାଇନାରୁ ୨.୮ ବିଲିୟନ ଡଲାରର ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଆମଦାନୀ ହୋଇଛି। ଏଥିଲାଗି ବହୁଳ ପରିମାଣର ବିଦେଶୀ ମୁଦ୍ରା ଖର୍ଚ୍ଚ କରିବାକୁ ପଡୁଛି। ଆସୋଚାମ ମହାସଚିବ ଦୀପକ ସୁଦ କହିଛନ୍ତି ଯେ, ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରୋତ୍ସାହନ ଯୋଜନା ଲାଭ ଦେଇପାରେ। ଏ ଦିଗରେ ଉଭୟ ଘରୋଇ ଏବଂ ବିଦେଶୀ ନିବେଶକଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି।

ଦେଶ ମଧ୍ୟରେ ମୋବାଇଲ ଫୋନ ଉତ୍ପାଦନ, ଇଲେକ୍‌ଟ୍ରୋନିକ୍ସ ସମେତ ମାନୁଫାକ୍ଚରିଂକୁ ଗୁରୁତ୍ୱ ଦେବାକୁ ପଡିବ। ଚାଇନାରୁ ଆସୁଥିବା ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ, ଇଲେକଟ୍ରୋନିକ୍ସ ଏବଂ ଅଣଇଲେକ୍‌ଟ୍ରୋନିକ୍ସ ମେଶିନେରି, ଲୌହ ଏବଂ ଇସ୍ପାତ, ଜୈବିକ ଏବଂ ଅଜୈବିକ ରସାୟନ, ଅଣ ଲୌହ ଧାତୁ, କୋଇଲା, ପରିବହନ ଉପକରଣ, ଫାର୍ମାସ୍ୟୁଟିକାଲ ଭଳି ଅନ୍ୟ କେତେକ ସାମଗ୍ରୀ ତାଲିକାରେ ସାମିଲ ରହିଥିବା ଜଣାପଡିଛି।

# ଚାଇନାର ୫୦ ନିବେଶ ପ୍ରସ୍ତାବ ଉପରେ ତର୍ଜମା

ନୂଆଦିଲ୍ଲୀ,୬।୭



ଚାଇନା କମ୍ପାନୀଗୁଡ଼ିକ ପକ୍ଷରୁ ୫୦ ନିବେଶ ପ୍ରସ୍ତାବ ଉପରେ ସରକାର ବର୍ତ୍ତମାନ ତର୍ଜମା କରୁଛନ୍ତି। ନୂଆ ସ୍କ୍ରିନିଂ ନୀତି ଅନୁସାରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ସରକାର ଏପ୍ରିଲରେ ଆଣିଥିବା ନୂଆ ନୀତି ଦ୍ୱାରା ପଡ଼ୋଶୀ ରାଷ୍ଟ୍ରଗୁଡିକ ଭାରତରେ ନିବେଶ କରିବା ପୂର୍ବରୁ ସରକାରଙ୍କ ଅନୁମତି ଲୋଡ଼ା ପଡିବ। ଭାରତ ସରକାରଙ୍କ ଏଭଳି ନୀତିକୁ ଚାଇନା ସରକାର ପୂର୍ବରୁ ସମାଲୋଚନା କରିଛନ୍ତି। ଚାଇନା ସେନା ପକ୍ଷରୁ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ଆସିଛି। ବର୍ତ୍ତମାନ ବଜାର ପ୍ରଭାବିତ ସ୍ଥିତିରେ ରହିଥିବା ବେଳେ ସୁଯୋଗର ଫାଇଦା ନେଇ ଚାଇନା କମ୍ପାନୀ ଭାରତୀୟ କମ୍ପାନୀଗୁଡିକରୁ ଶେୟାର କ୍ରୟ କରୁଥିବା ନଜରରେ ଆସିଛି। ଏଭଳି ପ୍ରକ୍ରିୟାକୁ ବନ୍ଦ କରିବାକୁ ସରକାର ନୀତିରେ ପରିବର୍ତ୍ତନ କରିଥିବା ଜଣାପଡିଛି। ସରକାରଙ୍କ ଆଗାମୀ କାର୍ଯ୍ୟପନ୍ଥା କ'ଣ ରହିବ ସେ ନେଇ କମ୍ପାନୀଗୁଡିକ ଅପେକ୍ଷାରେ ରହିଛନ୍ତି। ସରକାର ଗତ ସପ୍ତାହରେ ଟିକ୍‌ଟକ୍ ସମେତ ଅନ୍ୟ ୫୯ ଚାଇନା ଆପ୍ଲିକେଶନକୁ ବାତିଲ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଚାଇନା କମ୍ପାନୀଗୁଡିକ ଭାରତରେ ୨୬ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ନିବେଶ କରିଥିବା ଜଣାପଡିଛି।

# ସାମ୍‌ସଙ୍ଗର ହ୍ୱାଟ୍ସଆପ୍ ସପୋର୍ଟ ସର୍ଭିସ

ଭୁବନେଶ୍ୱର,୬।୭

ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ସାମ୍‌ସଙ୍ଗ ହ୍ୱାଟ୍ସଆପ୍ ସେବା ଦ୍ୱାରା ଗ୍ରାହକଙ୍କୁ ସହାୟତା ଆରମ୍ଭ କରିଛି। ଏହା ଦ୍ୱାରା ଗ୍ରାହକମାନେ ଘରେ ରହି ସମସ୍ୟା ସମାଧାନ କରିପାରୁଛନ୍ତି। ଗ୍ରାହକମାନେ କେବଳ ନିର୍ଦ୍ଦିଷ୍ଟ ହ୍ୱାଟ୍ସଆପ ସପୋର୍ଟ ନମ୍ବରରେ ମେସେଜ ପଠାଇ ଏହି ସେବା ପାଇଁ ରେଜିଷ୍ଟର କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ହ୍ୱାଟ୍ସଆପ୍‌ରେ ସେମାନେ ଯେକୌଣସି ସାମ୍‌ସଙ୍ଗ ଉତ୍ପାଦ ପାଇଁ ଟେକ୍ନିକାଲ ସହାୟତା ମଧ୍ୟ ନେଇପାରିବେ। ସେହିଭଳି କମ୍ପାନୀର ସର୍ଭିସ ସେଣ୍ଟର ସ୍ଥାନ ବିଷୟରେ ମଧ୍ୟ ସୂଚନା ପାଇପାରିବେ। ତା' ସହ ମରାମତିର ସ୍ଥିତି ବିଷୟରେ ମଧ୍ୟ ଜାଣିପାରିବେ ଏବଂ ସେମାନେ କିଣିଥିବା ସାମ୍‌ସଙ୍ଗ ଉତ୍ପାଦର ଡେମୋ ତଥା ଇନଷ୍ଟଲେସନ ପାଇଁ ଏହା ମାଧ୍ୟମରେ ଅନୁରୋଧ କରିପାରିବେ। ସାମସଙ୍ଗ ଦେଶରେ ଏହାର ସ୍ପର୍ଶବିହୀନ ସେବାକୁ ମଜଭୁତ କରୁଥିବା କହିଛି।

# ସଂକ୍ରମଣରୁ ସୁରକ୍ଷା ଦେବ ୟୁଭିସି ଉପକରଣ

ଭୁବନେଶ୍ୱର,୬।୭

ବର୍ତ୍ତମାନର କୋଭିଡ୍-୧୯ ସଂକ୍ରମଣ ଭୟାବହତାକୁ ଆଖି ଆଗରେ ରଖି ଲକ୍ଷ୍ୟ ଟେକ୍ନୋକ୍ରେଟସ ଇଣ୍ଡିଆ (ରାୟପୁର) ପକ୍ଷରୁ ବିଭିନ୍ନ ପ୍ରକାରର ସାନିଟାଇଜେସନ ସାମଗ୍ରୀ ପ୍ରସ୍ତୁତି କରାଯାଇଛି। ଏହି ସମସ୍ତ ସାନିଟାଇଜେସନ ଉପକରଣ ଡିଆର୍‌ଡିଓ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବୋଲି ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ କମ୍ପାନୀର ମୁଖ୍ୟ ମନୀଷ ସାହା କହିଥିଲେ ଯେ, କମ୍ପାନୀ ପକ୍ଷରୁ ପ୍ରସ୍ତୁତ ୟୁଭିସି ଲାଇଟ କୋଭିଡ୍-୧୯ଭୂତାଣୁ ନଷ୍ଟ କରିବାର କ୍ଷମତା ରଖିଛି। ଅପେରଶନ ଥିଏଟର, ଜଳ ବିଶୋଧନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ଏହା ବ୍ୟବହୃତ ହେଉଛି। ଏହା ଦ୍ୱାରା କୋଭିଡ୍-୧୯ ଭୂତାଣୁର ବିସ୍ତାର ବିରୋଧରେ ଲଢିବା ପାଇଁ ଏକ ନୂତନ ଦିଗ ଦେଇପାରେ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଚିନ୍ତା ବଢ଼ାଇପାରେ କର୍ପୋରେଟ ଋଣ

ନୂଆଦିଲ୍ଲୀ,୬।୭

କୋଭିଡ୍-୧୯ ଯୋଗୁ ବଜାର ବର୍ତ୍ତମାନ ପ୍ରଭାବିତ ହୋଇ ରହିଛି। ଘରୋଇ ବଜାରର ପ୍ରମୁଖ ୫୦୦ କମ୍ପାନୀ ନେଇଥିବା ୧.୬୭ ଲକ୍ଷ କୋଟିର କର୍ପୋରେଟ ଋଣ ବ୍ୟାଙ୍କଗୁଡିକ ଲାଗି ସମସ୍ୟା ସୃଷ୍ଟି କରିପାରେ। ମାର୍ଚ୍ଚ ୨୦୨୨ ଯାଏ ଏ ନେଇ ବ୍ୟାଙ୍କଗୁଡିକର ଚିନ୍ତା ବଢ଼ିବ ବୋଲି କୁହାଯାଉଛି। ବର୍ତ୍ତମାନ କାରବାର ଠିକ୍ ନ ଥିବା ଯୋଗୁ କମ୍ପାନୀଗୁଡିକ ଋଣ ପଇଠ କରିବାରେ ବିଭିନ୍ନ ସମସ୍ୟା ସାମ୍ନା କରିବେ ବୋଲି ଆଶଙ୍କା କରାଯାଉଛି। ଏହି ଋଣ ଏନ୍‌ପିଏ ହେବାର ସମ୍ଭାବନା ରହିଛି। ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ ପକ୍ଷରୁ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବର୍ତ୍ତମାନ ସ୍ଥିତି ଯୋଗୁ ଫସିଥିବା ମୋଟ ଋଣ ପରିମାଣ ୪.୨୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିପାରେ। ଏହା ମୋଟ ଋଣର ୧୧% ହେବ।

# ସ୍ୱଚ୍ଛତା ଉପରେ ଏନ୍‌ଟିପିସିର ଗୁରୁତ୍ୱ




ଅନୁଗୋଳ,୬।୭

କୋଭିଡ୍-୧୯ ସଂକ୍ରମଣକୁ ରୋକିବା ଲାଗି ଏନ୍‌ଟିପିସି କଣିହାଁ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ନିକଟରେ ଅନୁଷ୍ଠିତ ଜାତୀୟ ଡକ୍ଟର ଦିବସ ଅବସରରେ ବରିଷ୍ଠ ବିଶେଷଜ୍ଞ ଡଃ ବି.କେ. ବେହେରା କର୍ପୋରେଟ ମେଡିକାଲ ଷ୍ଟାଫ୍‌ଙ୍କୁ କୋଭିଡ୍ ବିରୋଧରେ ଲଢେଇ ଜାରି ରଖିବା ନେଇ ଆହ୍ୱାନ ଦେଇଥିଲେ। ଏହା ସହ ନିରାପତ୍ତା ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କ ନିୟମ ମାନି ହାତର ସ୍ୱଚ୍ଛତା, ଠିକ୍ ଭାବେ ଖାଦ୍ୟ ଗ୍ରହଣ, ସ୍ୱାସ୍ଥ୍ୟର ଯତ୍ନ ନେବା ଭଳି ବିଭିନ୍ନ ଦିଗ ଉପରେ ସେ ଆଲୋଚନା କରିଥିଲେ। କୋଭିଡ୍ ସଂକ୍ରମିତଙ୍କ ଯାଞ୍ଚ ଏବଂ ଚିକିତ୍ସା ଉପରେ ଏନ୍‌ଟିପିସି କଣିହାଁର ସିଏମ୍‌ଓ ଆର୍.କେ. ମିଶ୍ର ଏଥିରେ ମତ ରଖିଥିଲେ। ରୋଗୀଙ୍କ ଚିକିତ୍ସା ବେଳେ ଷ୍ଟାଫ୍ କିଭଳି ନିୟମ ପାଳନ କରିବେ ସେ ନେଇ ସଚେତନତା ବାର୍ତ୍ତା ଦିଆଯାଇଥିଲା। ବର୍ତ୍ତମାନ ଚ୍ୟାଲେଞ୍ଜିଂ ସମୟରେ ଡାକ୍ତରମାନେ ରୋଗୀସେବାରେ ନିୟୋଜିତ ଥିବାରୁ ସିଜିଏମ୍ ସୁଦୀପ ନାଗ ଶୁଭେଚ୍ଛା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପି.କେ. ବାନାର୍ଜୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଏମ୍ ଏନ୍.ଏସ୍.ରାଓ, ଜିଏମ୍ ପି.ଶିବରାମକୃଷ୍ଣନ, ଏଜିଏମ୍ କେ.ଏସ୍.ଶର୍ମା, ଏଜିଏମ୍ ପି.ଏମ୍.ଜି.ଭି. ଶ୍ରୀନିବାସ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ରାଜ୍ୟ ଖବର

# 'ବ୍ରାହ୍ମଣୀ ରାଷ୍ଟ୍ରୀୟ ଜଳମାର୍ଗ ପ୍ରକଳ୍ପ ଆରମ୍ଭ କର'

ଢେଙ୍କାନାଳ ଅଫିସ,୬।୭

- କେନ୍ଦ୍ରକୁ ଚିଠି ଲେଖିଲେ ରାଜ୍ୟ ସରକାର
- ଜାହାଜରେ ପରିବହନ ହେବ କୋଇଲା, ସାର
- ଦୁଇଟି ସେତୁର ଉନ୍ନତୀକରଣ ହେବ



ଢେଙ୍କାନାଳରେ ପ୍ରବାହିତ ବ୍ରାହ୍ମଣୀ ନଦୀ।

ଢେଙ୍କାନାଳ, ଅନୁଗୋଳ ଓ ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ହେବ ରାଷ୍ଟ୍ରୀୟ ଜଳମାର୍ଗ। ଏହି ଜଳପଥ ଦେଇ ଦେଶ ବିଦେଶକୁ ଜାହାଜରେ କୋଇଲା ଓ ସାର ପରିବହନ କରାଯିବ। ବର୍ଷେ ତଳେ କେନ୍ଦ୍ର ସରକାର ଏପରି ଘୋଷଣା କରିଥିବା ବେଳେ ଏବେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ଲେଖାଯାଇଥିବା ସୂଚନା ମିଳିଛି। ଏହି ପ୍ରକଳ୍ପ ପାଇଁ ଢେଙ୍କାନାଳ ଜିଲାରେ ଥିବା ଦୁଇଟି ପ୍ରମୁଖ ସେତୁର ଉନ୍ନତୀକରଣ କରାଯିବ। ଅନ୍ୟ ଦୁଇଟି ସେତୁ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଜଳମାର୍ଗର ଗାଇଡ୍‌ଲାଇନ୍ ଅନୁଯାୟୀ ନିର୍ମାଣ କରାଯିବ ବୋଲି ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ ସୂଚନା ଦେଇଛନ୍ତି।

ବ୍ରାହ୍ମଣୀ ନଦୀ କୂଳରେ ଢେଙ୍କାନାଳ ଓ ଅନୁଗୋଳ ଜିଲାର ବହୁ ଶିଳ୍ପାନୁଷ୍ଠାନ ଗଢି ଉଠିଛି। ରାଷ୍ଟ୍ରୀୟ ଜଳମାର୍ଗ ହେଲେ ବ୍ରାହ୍ମଣୀ ନଦୀରେ ଅଧିକ ୩ ମିଟର ଉଚ୍ଚତାରେ ସର୍ବଦା ଜଳ ପ୍ରବାହିତ ହେବ। ଏହା ମଧ୍ୟ କୃଷି ପାଇଁ ସହାୟକ ହୋଇପାରିବ। ଗତ ୬ ଫେବୃୟାରୀ ୨୦୧୯ରେ କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମଠାରେ ୫୩ନଂ. ଜାତୀୟ ରାଜପଥର ପୁନରୁଦ୍ଧାର ଓ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କେନ୍ଦ୍ର ସଡକ ପରିବହନ, ଜାତୀୟ ରାଜପଥ, ଜାହାଜ ଚଳାଚଳ ଓ ଜଳ ସମ୍ପଦ ମନ୍ତ୍ରୀ ନୀତିନ ଗଡକରୀ ପ୍ରଥମେ ଏହି ସୂଚନା ଦେଇଥିଲେ। ସେହି ସମୟରେ କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ପ୍ରଗତି ପାଇଁ ଜଳମାର୍ଗରେ ପରିବହନ ଆବଶ୍ୟକ। ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ହଜାର କୋଟି ଟଙ୍କାର ଜଳମାର୍ଗ ପ୍ରକଳ୍ପ ଆରମ୍ଭ ହେଉଛି। ବ୍ରାହ୍ମଣୀ ନଦୀରେ ମଧ୍ୟ ଜଳମାର୍ଗ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ବର୍ତ୍ତମାନ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖାଯାଇଥିବା ଖଣି, ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀଙ୍କ ସୂଚନାରୁ ଜଣାପଡିଛି। ଏହି ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ଢେଙ୍କାନାଳ-କାମାକ୍ଷାନଗର ମଧ୍ୟରେ ବ୍ରାହ୍ମଣୀ ନଦୀ ଉପରେ ଥିବା ସାରଙ୍ଗଧର ସେତୁ ଏବଂ ଢେଙ୍କାନାଳ-ଭୁବନ ମଧ୍ୟରେ ବାଜି ରାଉତ ସେତୁର ଉନ୍ନତୀକରଣ କରାଯିବ। କାରଣ ଏହି ସେତୁଗୁଡିକର ଉଚ୍ଚତା ୬ମିଟର ଓ ଚଉଡା ୩୫ ମିଟର ରହିଛି। ରାଷ୍ଟ୍ରୀୟ ଜଳମାର୍ଗ ବିଭାଗର ଗାଇଡ୍‌ଲାଇନ୍ ଅନୁଯାୟୀ ଏସବୁ ସେତୁର ଉଚ୍ଚତା ୯ ମିଟର ଏବଂ ଚଉଡା ୬୨.୦୭ ମିଟର ହେବ। ସେହିପରି ଗଁଦିଆ ବ୍ଲକ କାଲୁରିଆଠାରେ ବ୍ରାହ୍ମଣୀ ନଦୀ ଉପରେ ଓ ତାଳଚେର-ପରଜଙ୍ଗ ବ୍ଲକ ମଧ୍ୟରେ ସରାଙ୍ଗଠାରେ ନିର୍ମାଣ ହେବାକୁ ଥିବା ସେତୁ ରାଷ୍ଟ୍ରୀୟ ଜଳମାର୍ଗ ଗାଇଡ୍‌ଲାଇନ୍ ଅନୁଯାୟୀ କରାଯିବ ବୋଲି ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ ଜିଲା ସମଲ ବ୍ୟାରେଜଠାରୁ ଢେଙ୍କାନାଳ ଜିଲା ଦେଇ ପାରାଦୀପ ଓ ଧାମରା ମଧ୍ୟରେ ଏହି ଜଳମାର୍ଗ କାର୍ଯ୍ୟକ୍ଷମ ହେବ। ଏହାଦ୍ୱାରା ସହଜରେ କୋଇଲା ଓ ସାର ଦେଶର ବିଭିନ୍ନ ଅଞ୍ଚଳ ଏବଂ ବିଦେଶକୁ ପରିବହନ କରାଯାଇପାରିବ। ଯାହାଫଳରେ ଶିଳ୍ପାନୁଷ୍ଠାନ, କୃଷିକ୍ଷେତ୍ରରେ ବିକାଶ ସହ ପରିବେଶ ସୁରକ୍ଷିତ ରହିବ। ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ପର୍ଯ୍ୟଟନର ମଧ୍ୟ ବିକାଶ ହେବ। ତେଣୁ ଏହି ପ୍ରକଳ୍ପକୁ ତୁରନ୍ତ ଆରମ୍ଭ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଷ୍ଟ୍ରୀୟ ଜଳମାର୍ଗକୁ ଜଣାଯାଇଥିବା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରକାଶ କରିଛନ୍ତି।

# ସଡ଼କ ଦୁର୍ଘଟଣାରେ ବାପା, ଝିଅଙ୍କ ସମେତ ୩ ମୃତ

ବାଲିଗୁଡା,୬।୭(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳରେ ସୋମବାର ପୃଥକ ଦୁଇଟି ଦୁର୍ଘଟଣାରେ ବାପା-ଝିଅଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ଜକିକିଆ ନିକଟ ୫୯ନଂ. ଜାତୀୟ ରାଜପଥରେ ଅପରାହ୍ନରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଗୋଟିଏ ବାଇକ୍‌ରେ ଥିବା ବିପ୍ରବର ସାହୁ ଓ ତାଙ୍କ ଝିଅ ବାସନ୍ତୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ବାଇକ୍‌ଟିର ଚାଳକ ଗୁରୁତର ହୋଇଥିବାରୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବିପ୍ରବର ବାଇକ୍‌ରେ ଝିଅ ବାସନ୍ତୀଙ୍କୁ ବସାଇ ପାରିଗଡ଼ରୁ ସାରଙ୍ଗ ପଞ୍ଚାୟତ ସଲାଗୁଡ଼ା ଗ୍ରାମକୁ ଯାଉଥିଲେ। ଜକିକିଆଠାରେ ବିପରୀତ ଦିଗରୁ ଆସୁଥିବା ବାଇକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଦ୍ରୁତ ଗତିରେ ବାଇକ୍ ୨ଟି ଯାଉଥିବାରୁ ଏହି ଦୁର୍ଘଟଣା ଘଟିଥିବା ବାଲିଗୁଡା ଥାନା ପୋଲିସ କହିଛି।

ସେହିପରି ସକାଳେ ତଗାକିଆ ନିକଟସ୍ଥ ଜାତୀୟ ରାଜପଥରେ ଟାଟା ମ୍ୟାଜିକ ଧକ୍କାରେ ତଗାକିଆ ଗ୍ରାମର ୯୦ ବର୍ଷୀୟ ପ୍ରହଲ୍ଲାଦ ମଲ୍ଲିକଙ୍କ ମୃତ୍ୟୁ ଘଟିଛି। ପ୍ରହଲ୍ଲାଦ ରାସ୍ତା କଡ଼ରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ବାଲିଗୁଡ଼ାରୁ ତୁମୁଡ଼ିବନ୍ଧ ଅଭିମୁଖେ ଯାତ୍ରୀଙ୍କୁ ନେଇ ଦ୍ରୁତ ଗତିରେ ଯାଉଥିବା ଟାଟା ମ୍ୟାଜିକ ଭାରସାମ୍ୟ ହରାଇ ପ୍ରହଲ୍ଲାଦଙ୍କୁ ଧକ୍କାଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ୍ୟ ପଥଚାରୀ ପ୍ରହଲ୍ଲାଦ ଗୁରୁତର ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରହଲ୍ଲାଦଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଦୁର୍ଘଟଣା ଘଟାଇ ଗାଡ଼ି ଚାଳକ ଫେରାର୍ ହୋଇଯାଇଛନ୍ତି। ପୋଲିସ ଉକ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ପୁଅ ଟାଙ୍ଗିଆ ଚୋଟରେ ବାପାଙ୍କ ଜୀବନ ଗଲା



ଘଟଣାସ୍ଥଳରେ ପୋଲିସ ତଦନ୍ତ ଚଳାଇଛି।

ଆର୍. ଉଦୟଗିରି/ପାରଳାଖେମୁଣ୍ଡି, ୬।୭(ଡି.ଏନ୍.ଏ./ସ୍ୱ.ପ୍ର.)

### ପାରିବାରିକ କଳହରୁ ହତ୍ୟା

ପୁଅ ଟାଙ୍ଗିଆ ଚୋଟରେ ବାପାଙ୍କ ଜୀବନ ଗଲା। ଗଜପତି ଜିଲା ମୋହନା ଥାନା ଅଧୀନ ପେଜପାଣି ଗ୍ରାମରେ ରବିବାର ସନ୍ଧ୍ୟାରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ପାରିବାରିକ କଳହକୁ କେନ୍ଦ୍ରକରି ଗାଁର ଦୁର୍ମନ ଶବର(୫୫)ଙ୍କୁ ତାଙ୍କ ବଡ଼ପୁଅ କେପାସ ଟାଙ୍ଗିଆରେ ହାଣି ହତ୍ୟାକରିବା ପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଦୁର୍ମନ ଦ୍ୱିତୀୟ ସ୍ତ୍ରୀ ପୁଷ୍ପାଞ୍ଜଳିଙ୍କ ପାଖରେ ରହୁଥିଲେ। ଜମି ଭାଗବଣ୍ଟାକୁ ନେଇ ୨ସ୍ତ୍ରୀ ଏବଂ ସ୍ୱାମୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିରହିଥିଲା। ଦ୍ୱିତୀୟ ସ୍ତ୍ରୀ ଏବଂ ସ୍ୱାମୀ ଦୁର୍ମନ ମିଶି ଶୁକ୍ରବାର ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏହି ଘଟଣା ଜାଣିବା ପରେ ରବିବାର ପ୍ରଥମ ସ୍ତ୍ରୀଙ୍କ ବଡ଼ପୁଅ କେପାସ ଓ ବାପାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ସେ ପ୍ରତିହିଂସା ପରାୟଣ ହୋଇ ସନ୍ଧ୍ୟାରେ ଗାଁର ଶୂନଶାନ ଜାଗାରେ ବାପାଙ୍କୁ ହାଣି ହତ୍ୟା କରିଥିଲେ। ଏ ନେଇ ପ୍ରଥମ ସ୍ତ୍ରୀ ଥାନାରେ ଦୁଇ ପୁଅଙ୍କ ନାଁରେ ଏତଲା ଦେଇଛନ୍ତି। ତେବେ ହତ୍ୟାକାରୀ ବଡ଼ ପୁଅ ରବିବାର ରାତିରେ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ସହ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଘଟଣାସ୍ଥଳରେ ଆର୍.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ଏବଂ ମୋହନା ଥାନା ଆଇଆଇସି ସୁଜିତ ନାୟକ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ସୋମବାର ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଏନେଇ ମୋହନା ଥାନାରେ ୧୦୭/୨୦ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ମୋହନା କୋର୍ଟକୁ ଚାଲାଣ କରାଯାଇଥିବା ସୂଚନା ମିଳିଛି।

# କୋଭିଡ୍ ହସ୍ପିଟାଲ କାନ୍ଥ ଡେଇଁ କରୋନା ଆକ୍ରାନ୍ତ ଚମ୍ପଟ

ନବରଙ୍ଗପୁର,୬।୭(ବି.ପ୍ର.)

ନବରଙ୍ଗପୁରସ୍ଥିତ କୋଭିଡ୍ ହସ୍ପିଟାଲରୁ ଜଣେ କରୋନା ଆକ୍ରାନ୍ତ ଚମ୍ପଟ ମାରିଛନ୍ତି। ଏ ନେଇ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ନାଗ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। କୋଭିଡ୍ ହସ୍ପିଟାଲ କାନ୍ଥ ଡେଇଁ ଜଣେ କରୋନା ଆକ୍ରାନ୍ତ ରବିବାର ସକାଳୁ ଫେରାର ହୋଇଯାଇଥିବା ନେଇ ଜିଲାପାଳ ଅଜିତ କୁମାର ମିଶ୍ର ସୂଚନା ଦେଇଥିଲେ। ଏହି ଘଟଣାକୁ ୩୦ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ତାଙ୍କୁ ଧରିବାରେ ବିଫଳ ହୋଇଛି। ପ୍ରକାଶ ଯେ, ଗତ ୩ ତାରିଖରେ ଉମରକୋଟ ବ୍ଲକ ବେନୋରା ପଞ୍ଚାୟତ ବେନୋରାଜାନିପାରା ଗ୍ରାମର ଦାମୋଦର ଜାନି(୫୦)ଙ୍କ କରୋନା ରିପୋର୍ଟ ପଜିଟିଭ ଆସିଥିଲା। ପରେ ଜିଲା ପ୍ରଶାସନ ତାଙ୍କୁ ଘରୁ ଆଣି ନବରଙ୍ଗପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ରଖି ଚିକିତ୍ସା ଚଳାଇଥିଲା। ଦୈନିକ ରୋଟିନ ଅନୁଯାୟୀ ସକାଳେ ୫.୫୦ରେ ତାଙ୍କର ଚେକ୍‌ଅପ୍ କରାଯାଇଥିଲା। କିନ୍ତୁ ସକାଳ ପ୍ରାୟ ୭ଟାରେ ପ୍ରାତଃଭୋଜନ ସମୟରେ ସେ ହସ୍ପିଟାଲରେ ନ ଥିଲେ। ପରେ ଦାମୋଦର ହସ୍ପିଟାଲ କାନ୍ଥ ଡେଇଁ କେଉଁଆଡ଼େ ଚାଲିଯାଇଥିବା ଜଣାପଡିଥିଲା। ଘଟଣାକୁ ୨୪ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏବେବି ପୋଲିସ ହାତ ଖାଲି। ଖୋଲାଖୋଲି ଭାବେ ଜଣେ କରୋନା ଆକ୍ରାନ୍ତ ବୁଲୁଥିବାରୁ ଲୋକେ ଏବେ ଭୟଭୀତ। ତୁରନ୍ତ ତାଙ୍କୁ ଧରିବାକୁ ଜିଲାବାସୀ ଦାବି କରିଛନ୍ତି।

# ଦେଢ଼ବର୍ଷର ଶିଶୁକନ୍ୟାଙ୍କୁ ହତ୍ୟା ଅଭିଯୋଗ

ନୟାଗଡ଼ ଅଫିସ/ରଣପୁର,୬।୭(ସ୍ୱ.ପ୍ର.)

### ଅପରାହ୍ଣରୁ ନିଖୋଜ ଥିଲେ, ରାତିରେ ମିଳିଲା ମୃତଦେହ

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଚାନ୍ଦପୁର ମଙ୍ଗଳାସାହିରେ ଦେଢ଼ବର୍ଷର ଶିଶୁକନ୍ୟା ପାଏଲ ବେହେରାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅପରାହ୍ଣରୁ ପାଏଲ ନିଖୋଜ ଥିବାବେଳେ ୧୦ ଘଣ୍ଟା ପରେ ରାତିରେ ମୃତଦେହ ଉଦ୍ଧାର କରାଯାଇଥିଲା। ଅଭିଯୋଗ ପରେ ପୋଲିସ ଅପମୃତ୍ୟୁ ମାମଲା (ନଂ.୨/୨୦) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୋଗ ଅନୁସାରେ ମଙ୍ଗଳାସାହିର ରଷିଆ ବେହେରାଙ୍କ ନାତୁଣୀ ପାଏଲ ରବିବାର ଘରେ ଖେଳୁଥିବାବେଳେ କୁଆଡେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଚାନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଆସି ଅନୁସନ୍ଧାନ କରିଥିଲେ ମଧ୍ୟ ଟେର ପାଇ ନ ଥିଲା। ଏପରିସ୍ଥଳେ ରାତି ପ୍ରାୟ ୧୧ଟାରେ ରଷିଆ ବାରିପଟକୁ ଯାଇଥିବାବେଳେ ପାଏଲର ମୃତଦେହ ପଡିଥିବା ଦେଖି ଚକିତ ହୋଇପଡିଥିଲେ। କେହି ତାଙ୍କୁ ହତ୍ୟା କରି ଫିଙ୍ଗିଦେଇଥିବା ନେଇ ସେ ଚାନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଘଟଣାର ପୁନଃ ତଦନ୍ତ କରୁଛି। ଉଲ୍ଲେଖଥାଉ କି ମଙ୍ଗଳାସାହିରେ ଜମିଜମା ବିବାଦରୁ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିରହିଥିଲା। ହତ୍ୟା ପଛରେ ଜମିଜମା ବିବାଦ ଥିବା ସନ୍ଦେହ ଉପୁଜିଛି। ପାଏଲର ଆଈ ବାସନ୍ତୀ ବେହେରା କୁହନ୍ତି, ମୋ ଝିଅ ଘର ଖାନ୍‌ସୀରେ। ଲକ୍‌ଡାଉନ ଯୋଗୁ ଖାନ୍‌ସୀ ଯିବା ସମ୍ଭବ ହେଲା ନାହିଁ। ଝିଅ ଓ ନାତୁଣୀ ଘରେ ରହୁଥିଲେ। ମୋ ନାତୁଣୀକୁ କେହି ମାରି ବାରିପଟେ ଫୋପାଡି ଦେଇଛି।

# ୭ ଦିନ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ବନ୍ଦ

ସମ୍ବଲପୁର,୬।୭(ବ୍ୟୁରୋ)

ସମ୍ବଲପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବୁର୍ଲାରେ ଭିସୁଟ୍ ଅଧ୍ୟାପକ ଓ କର୍ମଚାରୀ ମଧ୍ୟ ସଂକ୍ରମିତ ହୋଇଛନ୍ତି । ଏହାକୁ ନେଇ ବୁର୍ଲାରେ ଭୟର ବାତାବରଣ ଖେଳି ଯାଇଛି। ତେଣୁ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଏକ ସପ୍ତାହ ପାଇଁ ବନ୍ଦ କରାଯାଇଛି। ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ.୨୭୫୪/୨୦ରେ ଏ ସମ୍ପର୍କୀତ ନୋଟିସ ଜାରି କରାଯାଇଛି । ଜୁଲାଇ ୭ ତାରିଖଠାରୁ ଜୁଲାଇ ୧୩ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ବନ୍ଦ ଲାଗି ନିର୍ଦ୍ଦେଶ ରହିଛି। ଏହି ସମୟରେ ସମସ୍ତ କର୍ମଚାରୀଙ୍କୁ ଘରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଭିସୁଟର ଜଣେ ଅଧ୍ୟାପିକାଙ୍କଠାରେ କରୋନା ପଜିଟିଭ ବାହାରିଥିଲା । ତାଙ୍କ ସଂସ୍ପର୍ଶରେ ଆସି ପରେ ଅନ୍ୟ ୪ ଜଣ ଚିହ୍ନଟ ହୋଇଛନ୍ତି । ଭିସୁଟକୁ ଜୁଲାଇ ୩ ତାରିଖଠାରୁ ୧୧ ତାରିଖ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି।



ଛତିଶଗଡ଼ ଚାଷୀଙ୍କ ଆର୍ଥିକ ବିକାଶ ପାଇଁ ରାଜ୍ୟ ସରକାର ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଣିକି ସରକାର ଚାଷୀଙ୍କଠାରୁ କିଲୋ ପିଛା ଦେଢ଼ ଟଙ୍କାରେ ଗୋବର କିଣିବେ। ଏନେଇ ରାଜ୍ୟ କୃଷିମନ୍ତ୍ରୀ ରବୀନ୍ଦ୍ର ଚୌବେ ସୂଚନା ଦେଇଛନ୍ତି। ଏସମ୍ପର୍କରେ ରାଜ୍ୟ କ୍ୟାବିନେଟ ସହମତି ପ୍ରକାଶ କରିଛନ୍ତି। ଜୁଲାଇ ୨୧ଠାରୁ ଚାଷୀଙ୍କଠାରୁ ଗୋବର କିଣା ଆରମ୍ଭ ହେବ ବୋଲି ବିଭାଗୀୟ ମନ୍ତ୍ରୀ ଚୌବେ କହିଛନ୍ତି।



## ବୈଜ୍ଞାନିକଙ୍କ ଦାବି
# ବାୟୁରେ ବି ବ୍ୟାପିପାରେ କରୋନା





**ୱାଶିଂଟନ:** ମହାମାରୀ କରୋନାର ପ୍ରଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିରୁ କିପରି ମୁକ୍ତି ମିଳିବ, ସେଥିଲାଗି ବିଭିନ୍ନ ଦେଶର ବୈଜ୍ଞାନିକମାନେ ପ୍ରୟାସ ଜାରି ରଖିଛନ୍ତି। ପୃଥିବୀର ୨୧୩ ଦେଶ ଏହି ମହାମାରୀ ଯୋଗୁ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏପରିସ୍ଥଳେ ୩୨ ଦେଶର ୨୩୯ ବୈଜ୍ଞାନିକ ଦାବି କରିଛନ୍ତି ଯେ, କରୋନା ଭୂତାଣୁ ବାୟୁ ଦ୍ୱାରା ବି ବ୍ୟାପିପାରେ। ଏନେଇ ଶୀଘ୍ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆବଶ୍ୟକ ମାର୍ଗଦର୍ଶିକା ଜାରି କରୁ ବୋଲି ବୈଜ୍ଞାନିକମାନେ କହିଛନ୍ତି। ପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସୂଚନା ଦିଆ ଯାଇଥିଲା ଯେ, କରୋନା ଭୂତାଣୁ ବାୟୁ ଦ୍ୱାରା ବ୍ୟାପେ ନାହିଁ। ତେବେ ଏବେ ବୈଜ୍ଞାନିକଙ୍କ ଏଭଳି ଦାବି ସମସ୍ତଙ୍କ ନିଦ ହଜାଇ ଦେଇଛି। ଗଣମାଧ୍ୟମ ସଂସ୍ଥା ନ୍ୟୁୟର୍କ ଟାଇମ୍ସରେ ଏନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବାୟୁରେ କରୋନା ସଂକ୍ରମଣ ହେଲେ ଏହାକୁ ରୋକିବା କଷ୍ଟସାଧ୍ୟ ହେବ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି। ଏସମ୍ପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଟେକ୍ନିକାଲ ମୁଖ୍ୟ ଡ.ବେନେଡେଟା ଆଲେଗ୍ରାଞ୍ଜି କହିଛନ୍ତି ଯେ, ୬ ମାସ ପରେ ହୁଏତ କରୋନା ଭୂତାଣୁ ବାୟୁରେ ବ୍ୟାପୁଥିବ ବୋଲି ଅନୁମାନ କରାଯାଉଛି। ତେବେ ଏହା ଉପରେ ଅଧିକ ଗବେଷଣା ଜାରି ରହିଥିବା ସେ କହିଛନ୍ତି।

Marriage Anniversary

Nanu Bhai
&
Chinky Bhauja
Happy 1st Marriage Anniversary to Bhai & Bhauja
Best Wishes: Mithun (Nandapur)
D-17690

1st Marriage Anniversary

Trinath
weds
Sarita
May Shree Jagannath Mahaprabhu shower his blessings upon both of you.
-:Best Wishes From:-
Bapa, Bou, Bhai, Bhauni, Friends & Relatives.
D-17691



ବିଦ୍ୟା ବାଲାନ

# ୩୧ରେ ରିଲିଜ୍ ହେବ ବିଦ୍ୟାଙ୍କ ‘ଶକୁନ୍ତଳା ଦେବୀ’

**ମୁମ୍ବାଇ:** ବଲିଉଡ୍ ଡର୍ଟି ଗର୍ଲ ଭାବେ ପରିଚିତ ବିଦ୍ୟା ବାଲାନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମର ଅପେକ୍ଷାରେ ରହିଥିବା ଦର୍ଶକଙ୍କ ପାଇଁ ଏକ ଖୁସି ଖବର। ବିଦ୍ୟା ନିଜ ଅଭିନୀତ ଫିଲ୍ମର ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ଜୁଲାଇ ୩୧ରେ ଆମାଜନ ପ୍ରାଇମ୍ ଭିଡିଓରେ ଫିଲ୍ମ ଶକୁନ୍ତଳା ଦେବୀ ରିଲିଜ୍ ହେବ। ସୂଚନାଯୋଗ୍ୟ, ହ୍ୟୁମାନ କମ୍ପ୍ୟୁଟର କୁହାଯାଉଥିବା ଶକୁନ୍ତଳା ଦେବୀଙ୍କ ଅନ୍ଦାଜ୍‌ରେ ବେଶ୍ ମଜାଳିଆ ଢ଼ଙ୍ଗରେ ବିଦ୍ୟା ରିଲିଜ୍ ତାରିଖ ଘୋଷଣା କରିଥିବା ଦେଖିବାକୁ ମିଳିଛି। ବିଦ୍ୟା ଗଣିତର ଏକ କଠିନ ପ୍ରଶ୍ନ ପଚାରି ଏହାର ଉତ୍ତର ମଧ୍ୟ ସେ ନିଜେ ଦେଇଛନ୍ତି। ବିଦ୍ୟାଙ୍କ ଏହି ଅନ୍ଦାଜ୍‌କୁ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି। ଜୁଲାଇ ୩୧ରେ ଶକୁନ୍ତଳା ଦେବୀଙ୍କ ଏକ୍ସଟ୍ରା ଅର୍ଡିନାରୀ ମାଇଣ୍ଡର କାହାଣୀ ବିଷୟରେ ଦର୍ଶକ ଦେଖିପାରିବେ। ଏହାର ୱାର୍ଲ୍ଡ ପ୍ରିମିୟର ପାଇଁ ପ୍ରଶଂସକ ବେଶ୍ ଉତ୍ସାହିତ ଅଛନ୍ତି। ସୂଚନାଯୋଗ୍ୟ, ଏହି ଫିଲ୍ମରେ ବିଦ୍ୟା ଜିନିୟସ୍ ମ୍ୟାଥ୍‌ମାଟିସିଆନ୍ ଶକୁନ୍ତଳା ଦେବୀଙ୍କ ଚରିତ୍ରରେ ନଜର ଆସିବେ। ଏଥିସହ ବିଦ୍ୟାଙ୍କ ଝିଅ ଚରିତ୍ରରେ ସାନିୟା ମାଲହୋତ୍ରାଙ୍କୁ ଦେଖିବାକୁ ମିଳିବେ। ପୂର୍ବରୁ ଏହି ଫିଲ୍ମ ହଲ୍‌ରେ ରିଲିଜ୍ ହେବାକୁ ଥିଲା। କିନ୍ତୁ ଲକ୍‌ଡାଉନ ଯୋଗୁ ହଲ୍‌ଗୁଡ଼ିକ ବନ୍ଦ ରହିଥିବାରୁ ଏହାକୁ ଓଟିଟି ପ୍ଲାଟଫର୍ମରେ ରିଲିଜ୍ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

# ଗର୍ଭାଶୟ ଉପରେ ୧୦ହଜାର ମହୁମାଛି

**ନୂଆଦିଲ୍ଲୀ:** ପ୍ରେଗ୍‌ନାନ୍ସି ଫଟୋ ଶୁଟ୍ ଏବେ ଏକ ଫ୍ୟାଶନ ପାଲଟିଛି। ସେଲିବ୍ରିଟିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ବି ନିଜ ଗର୍ଭାଶୟର ଫଟୋ ଓ ଭିଡିଓ କରି ସୋସିଆଲ ମିଡିଆରେ ସାର୍ବଜନୀନ କରିବାକୁ ପସନ୍ଦ କରୁଛନ୍ତି। ଏହି ଲକ୍ଷ୍ୟରେ ଟେକ୍ସାସ୍‌ର ଜଣେ ମହିଳାଙ୍କ ଫଟୋଶୁଟ୍ ଏବେ ଭାଇରାଲ୍ ହେବାରେ ଲାଗିଛି। ମହିଳା ଜଣକ ନିଜ ଗର୍ଭାଶୟରେ ହଜାର ହଜାର ସଂଖ୍ୟାରେ ମହୁମାଛିଙ୍କୁ ବସାଇ ଫଟୋଶୁଟ୍ କରିଛନ୍ତି। ଟେକ୍ସାସ୍‌ର ଏହି ମହିଳାଜଣକ ହେଉଛନ୍ତି ବେଥାନୀ କାରୁଲକ୍ ବେକର।

ବେଥାନୀ ଜଣେ ପ୍ରଫେଶନାଲ୍ ମହୁମାଛି ଧରାଳି। ଏବେ ସେ ତାଙ୍କ ଗର୍ଭାଶୟର ଫଟୋଶୁଟ୍ କରି ପ୍ରଥମେ ନିଜ ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କରିଥିଲେ, ଯାହା ଖୁବ୍‌ଶୀଘ୍ର ଭାଇରାଲ୍ ହେବାରେ ଲାଗିଛି। ବେଥାନୀ ତାଙ୍କ ଗର୍ଭାଶୟ ଉପରେ ୧୦ହଜାର ମହୁମାଛିଙ୍କୁ ବସାଇଥିବା ଜଣାଇଛନ୍ତି। ଅବଶ୍ୟ ସେ ଏଭଳି ଫଟୋଶୁଟ୍ କରି ଏକ ଡିସ୍‌କ୍ଲେମର କ୍ୟାପସନ୍ ବି ଦେଇଛନ୍ତି ଯେ ଏଭଳି କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ କାମ। ତେଣୁ କେହି ହେଲେ ଏପରି କରିବାକୁ ଚେଷ୍ଟା କରନ୍ତୁ ନାହିଁ।

ଏହା ସହ ବେଥାନୀ ତାଙ୍କର ମହୁମାଛି ଅନୁଭୂତି ନେଇ କହିଛନ୍ତି ଯେ, ପ୍ରଥମେ ଏକ ରାଣୀ ମହୁମାଛି ପ୍ରଥମେ ତାଙ୍କ ପେଟ ଉପରେ ଆସି ବସିଥିଲା। ଏହାପରେ ଧୀରେ ଧୀରେ ଆହୁରି ଅନେକ ମହୁମାଛି ଆସି ସଂଯୋଗବଶତଃ ରହିଯାଇଥିଲେ ଓ କୌଣସି କ୍ଷତି କରି ନ ଥିଲେ। ତେଣୁ ସେ ଏପରି ଏକ ଫଟୋଶୁଟ୍ କରିବାର ସୁଯୋଗ ପାଇଛନ୍ତି। ଏହା ସହ ତାଙ୍କର ଅନେକ ଥର ମିସ୍ କ୍ୟାରେଜ୍ ହେବା ପରେ ଏଥର ସେ ସଫଳତା ପାଇ ବହୁତ ଖୁସି ଅଛନ୍ତି ବୋଲି ଜଣାଇଛନ୍ତି।



# ବିଲୁପ୍ତ ଅର୍କିଡ୍‌ର ସନ୍ଧାନ



ଭାରତରେ ୧୧୮ ବର୍ଷ ପରେ

**ବରେଲି:** ଉତ୍ତରପ୍ରଦେଶ ଦୁଧ୍‌ୱା ଜାତୀୟ ଉଦ୍ୟାନ(ନ୍ୟାଶନାଲ ପାର୍କ)ରେ ଏକ ବିରଳ ଏବଂ ବିଲୁପ୍ତ ପ୍ରଜାତି ଶ୍ରେଣୀ ଅନ୍ତର୍ଭୁକ୍ତ ଅର୍କିଡ୍ ଚାରା ଦେଖାଯାଇଛି। ଏହି ବିରଳ ଅର୍କିଡ୍ ଗ୍ରାଉଣ୍ଡ ଅର୍କିଡ୍(ୟୁଲୋଫିଆ ଓବ୍‌ଟୁସା) ନାମରେ ପରିଚିତ। ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା ଏ ପ୍ରକାର ଅର୍କିଡ୍ ପୂର୍ବରୁ ଦୁଧ୍‌ୱା ଜାତୀୟ ଉଦ୍ୟାନ କିମ୍ବା ଉତ୍ତରପ୍ରଦେଶର ଅନ୍ୟ କୌଣସି ଜଙ୍ଗଲରେ ଦେଖିବାକୁ ମିଳିନାହିଁ। ଦୀର୍ଘ ୧୧୮ ବର୍ଷ ତଳେ ଇଂଲଣ୍ଡର କ୍ୟୁ ହର୍‌ବାରିଅମ୍ ଏହାର ଦସ୍ତାବିଜ ପ୍ରସ୍ତୁତ କରିଥିଲେ। ୧୯୦୨ରେ ଶେଷଥର ପାଇଁ ଏହାକୁ ଉତ୍ତର ପ୍ରଦେଶର ପିଲିଭିତ୍‌ଠାରେ ଦେଖିବାକୁ ମିଳିଥିଲା। ଦୁଧ୍‌ୱା ଜାତୀୟ ଉଦ୍ୟାନର କ୍ଷେତ୍ର ନିର୍ଦ୍ଦେଶକ ସଞ୍ଜୟ ପାଠକ କହିଛନ୍ତି, ଜୁନ୍ ୩୦ରେ ମୁଦିତ୍ ଗୁପ୍ତା(ୱାର୍ଲଡ ୱାଇଡ୍ ଫଣ୍ଡ ଫର୍ ନେଚର୍ ଇଣ୍ଡିଆ) ଏବଂ ଫଜଲୁର୍ ରେହମନ୍(କାତ୍ରାନିଆଘାଟ ଫାଉଣ୍ଡେଶନ)ଙ୍କ ସହ ମିଶି ଦୁଧ୍‌ୱା ଉଦ୍ୟାନର କିଶନପୁର ଏବଂ ସୋନାରିପୁର ରେଞ୍ଜରେ ଘାସର ଏକ ସର୍ବେକ୍ଷଣ କରିବା ସମୟରେ ଆମେ ଘାସ ମଧ୍ୟରେ ଅନେକ ପରିମାଣରେ ଏହି ବିଲୁପ୍ତ ଶ୍ରେଣୀର ଚାରା ଦେଖିବାକୁ ପାଇଥିଲୁ। ସେଥିରେ ଅତି ସୁନ୍ଦର ଫୁଲ ମଧ୍ୟ ଫୁଟିଥିଲା। ତେବେ ପୂର୍ବରୁ କେବେ ମଧ୍ୟ ଏପରି ଫୁଲ ଚାରା ବିଷୟରେ ରିପୋର୍ଟ କରାଯାଇ ନ ଥିବାରୁ ଆମେ ଉତ୍ସୁକତାର ଫଟୋ ଉତ୍ତୋଳନ କରିଥିଲୁ। ପରେ ଏହି ଚାରାକୁ ଚିହ୍ନଟ କରିବା ପାଇଁ ପରିବେଶବିତ୍ ଏବଂ ଉଦ୍ଭିଦ ବିଜ୍ଞାନୀଙ୍କ ସହ ଯୋଗାଯୋଗ କରିଥିଲୁ। ସେହିପରି ବାଂଲାଦେଶର ଢ଼ାକାସ୍ଥିତ ନର୍ଥ ସାଉଥ ୟୁନିଭର୍ସିଟି ପରିବେଶ ବିଜ୍ଞାନ ଓ ପ୍ରବନ୍ଧନ ବିଭାଗରେ କାର୍ଯ୍ୟରତ ମହମ୍ମଦ ଶରିଫ୍ ସୈାରଭଙ୍କ ସହ ଆଲୋଚନା କରାଯାଇଥିବାବେଳେ ସେ ତାଙ୍କ ଦେଶରେ ଏହାଠାରୁ ସାମାନ୍ୟ ଭିନ୍ନ କିସମର ଫୁଲ ଚାରାକୁ ଦସ୍ତାବିଜ ପ୍ରସ୍ତୁତ କରିଥିବା କହିଛନ୍ତି। ଅର୍କିଡ୍‌ର ଏହି କିସମକୁ ଚିହ୍ନଟ କରିବା ପାଇଁ ୩ଦିନ ସମୟ ଲାଗିଥିଲା। ଶନିବାର ଏହାକୁ ବିରଳ ୟୁଲୋଫିଆ ଓବ୍‌ଟୁସା ବୋଲି ସ୍ପଷ୍ଟ କରାଯାଇଛି। ପାଠକ ଆହୁରି ମଧ୍ୟ କହିଛନ୍ତି, ଭାରତରେ ଏହି ଅର୍କିଡ ପ୍ରଜାତି ବିଷୟରେ କୌଣସି ପ୍ରମାଣିତ ରେକର୍ଡ ନ ଥିଲା। କିନ୍ତୁ କିଛି ରିପୋର୍ଟରେ ଉତ୍ତର ଭାରତ ଏବଂ ନେପାଳରେ ଏହାର ସ୍ଥିତି ନେଇ ଉଲ୍ଲେଖ ରହିଛି। ସଂଯୋଗବଶତଃ, ଫଜଲୁର୍ ରେହମନ୍ ୨୦୧୨ ଜୁଲାଇରେ ଦୁଧ୍‌ୱା ଜାତୀୟ ଉଦ୍ୟାନରୁ ଏକ ବିରଳ ଲାଲ୍ କୁକ୍ରି ସାପର ମଧ୍ୟ ସନ୍ଧାନ ପାଇଥିଲେ।

# ସ୍ୱାଗତ ଅପେକ୍ଷାରେ ପଶୁପକ୍ଷୀ



**ଲକ୍ଷ୍ନୌ:** ସହର ଭିତରକୁ ପଶିବା ମାତ୍ରେ ଆପଣଙ୍କୁ ସ୍ୱାଗତ କରିବା ପାଇଁ ରହିଥିବେ ବିଭିନ୍ନ ପ୍ରକାରର ପଶୁ ପକ୍ଷୀ। ପୂରା ପରିବାର ସହ ଲୋକଙ୍କୁ ସ୍ୱାଗତ କରିବା ପାଇଁ ପଶୁପକ୍ଷୀମାନେ ଅପେକ୍ଷା କରି ରହିଥିବେ। କଥାଟା ଅବଶ୍ୟ ଶୁଣିବାକୁ ଅଡୁଆ ଲାଗୁଛି କିନ୍ତୁ ଏଭଳି ବ୍ୟବସ୍ଥା ହୋଇଛି ଉତ୍ତରପ୍ରଦେଶର ନଏଡାରେ। ଅର୍ଥାତ୍ ସହରର ବିଭିନ୍ନ ସ୍ଥାନରେ ନଏଡା ପ୍ରାଧିକରଣ ପକ୍ଷରୁ ପଶୁପକ୍ଷୀଙ୍କର ପ୍ରତିକୃତି କରାଯିବାକୁ ପଦକ୍ଷେପ ନିଆଯାଉଛି, ତା’ପୁଣି ବିଭିନ୍ନ ପ୍ରକାରର ଗଛଲତାରେ।

ନଏଡାର ୩୧ଟି ସ୍ଥାନରେ ପଶୁପକ୍ଷୀଙ୍କର ଏଭଳି ପ୍ରତିକୃତି ଲଗାଇବା ପାଇଁ ସ୍ଥିର କରାଯାଇଛି। ଏସବୁ ସ୍ଥାନରେ ହାତୀ, ଭାଲୁ, ଜିରାଫ, କଙ୍ଗାରୁ, ଓଟ ଓ ଗାଈ ଆଦି ବିଭିନ୍ନ ପ୍ରକାରର ପଶୁଙ୍କୁ ସ୍ଥାନ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସ୍ଥାନରେ ଏଭଳି ପଶୁପକ୍ଷୀଙ୍କ କୃତିକରାଯାଇ ସାରିଛି। ବିଭିନ୍ନ ପ୍ରକାରର ଗଛରେ ଏଭଳି କୃତି ଅତ୍ୟନ୍ତ ଆକର୍ଷଣୀୟ ହୋଇପାରିଛି। ସହରର ମୁଖ୍ୟ ସ୍ଥାନଗୁଡ଼ିକରେ ଏଭଳି କୃତି ତିଆରି କରି ଲୋକଙ୍କୁ ଆକର୍ଷଣ କରିବା ସହ ପରିବେଶ ପ୍ରତି ସଚେତନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ନଏଡା ପ୍ରାଧିକରଣ ଉଦ୍ୟାନ ବିଭାଗ କହିଛି କି ଏଭଳି ଏକ ଉଦ୍ୟମ ଫଳରେ ସହରରେ ସବୁଜିମା ବୃଦ୍ଧି ପାଇବ ଓ ଲୋକଙ୍କୁ ମଧ୍ୟ ପରିବେଶ ସୁରକ୍ଷା ନେଇ ସଚେତନ କରାଯାଇପାରିବ। ଏଥିପାଇଁ ବିଭିନ୍ନ ପାର୍କ, ଫୁଟପାଥ, ଛକ ସ୍ଥାନରେ ବି ଏପରି କରିବା ପାଇଁ ସ୍ଥିର କରାଯାଇଛି। ଧୀରେ ଧୀରେ ଏହି ଯୋଜନାର ପରିସରକୁ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରହିଛି।

ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ରମାକାନ୍ତ ସାହୁ
ଜଗନ୍ନାଥପ୍ରସାଦ, ସମ୍ବଲପୁର
ଆବିର୍ଭାବ- ୦୧.୧୦.୧୯୫୧
ତିରୋଭାବ- ୧୪.୦୭.୨୦୧୪
(ଶ୍ରାବଣ, ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ।
ଧ-୧୭୬୮୭

ଷଷ୍ଠ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ରଜନୀକାନ୍ତ ସାହୁ
ଜଗନ୍ନାଥପ୍ରସାଦ, ସମ୍ବଲପୁର
ଆବିର୍ଭାବ- ୦୨.୦୪.୧୯୬୩
ତିରୋଭାବ- ୧୪.୦୭.୨୦୧୪
(ଶ୍ରାବଣ, ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ।
ଧ-୧୭୬୮୮

# ଭୂକମ୍ପରେ ବି ସୁରକ୍ଷିତ ରହିବ ଏହି ଟ୍ରେନ୍

**ଟୋକିଓ:** ଜାପାନ ଏକ ନୂଆ ପ୍ରକାର ବୁଲେଟ୍ ଟ୍ରେନ୍ ନିର୍ମାଣ କରିଛି। ଏହି ଟ୍ରେନ୍ ଭୂକମ୍ପରେ ମଧ୍ୟ ସୁରକ୍ଷିତ ରହିପାରିବ। ଘଣ୍ଟାପ୍ରତି ୩୬୦ କିମି ବେଗରେ ଯିବାକୁ ଏହା ସକ୍ଷମ। ଏନ୍-୭୦୦-ଏସ୍ ନାମକ ଏହି ଟ୍ରେନ୍‌କୁ ଜୁଲାଇ ୧ ଠାରୁ ଯାତ୍ରା କରିବାକୁ ଅନୁମତି ମିଳିଛି। ୨୦୧୯ରେ ଏହାକୁ ପରୀକ୍ଷାମୂଳକ ଭାବେ ଯାଞ୍ଚ୍ କରାଯାଇଥିଲା। ଯାତ୍ରୀଙ୍କୁ ନେଇ ଯିବା ସମୟରେ ଟ୍ରେନ୍‌ର ଗତି ଘଣ୍ଟାପ୍ରତି ୨୮୫ କିମିରେ ସୀମିତ ରହୁଥିବା ଜାପାନ ରେଳ ମନ୍ତ୍ରଣାଳୟ କହିଛି। ଗତ ୧୩ ବର୍ଷ ମଧ୍ୟରେ ଜାପାନ ରେଳ ବିଭାଗ ପକ୍ଷରୁ ଏହି ନୂଆ ବୁଲେଟ୍ ଟ୍ରେନ୍‌କୁ ଟୋକାଇଡୋ ରେଲୱେ ଲାଇନ୍ ଉପରେ ଯାତ୍ରା କରିବାକୁ ଅନୁମତି ଦେଇଛି। ଏହି ଟ୍ରେନ୍‌ର ଲୋକାର୍ପଣ ଚଳିତ ବର୍ଷ ହେବାକୁଥିବା ଟୋକିଓ ଅଲମ୍ପିକ୍ ସମୟରେ କରାଯିବାର ଥିଲା। ତେବେ କରୋନା ସଂକ୍ରମଣ ଯୋଗୁ ଅଲମ୍ପିକ୍‌କୁ ଆସନ୍ତା ବର୍ଷ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ତେଣୁ ଅଧିକ ବିଳମ୍ବ ନ କରି ଜାପାନ ରେଳ ବିଭାଗ ପକ୍ଷରୁ ଏହାର ଲୋକାର୍ପଣ କରାଯାଇଛି। ନୂଆ ବୁଲେଟ ଟ୍ରେନ୍‌ରେ ସୁରକ୍ଷା ଏବଂ ଘଣ୍ଟାପ୍ରତି ବେଗ ଉପରେ ଅଧିକ ଧ୍ୟାନ ଦିଆଯାଇଥିବା ରେଳ ବିଭାଗ ପକ୍ଷରୁ କୁହାଯାଇଛି।



# ଗୁରୁପୂର୍ଣ୍ଣିମାରେ ଭାବପ୍ରବଣ ହେଲେ ମାଧୁରୀ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଧକ୍ ଧକ୍ ଗର୍ଲ ମାଧୁରୀ ଦିକ୍ଷିତ ଓ କୋରିଓଗ୍ରାଫର ସରୋଜ ଖାଁଙ୍କ ଯୋଡ଼ି ସମସ୍ତ ପପୁଲାର ଯୋଡ଼ିଙ୍କ ମଧ୍ୟରୁ ଗୋଟିଏ। ଫିଲ୍ମ ଇଣ୍ଡଷ୍ଟ୍ରିରେ ଏହି ଗୁରୁ ଶିଷ୍ୟାଙ୍କ ବିଷୟରେ କିଏ ବା ନ ଜାଣେ। ଏବେ ଆଉ ସରୋଜ ଆମ ଗହଣରେ ନାହାନ୍ତି ସତ, ହେଲେ ତାଙ୍କର ପ୍ରତ୍ୟେକଟି କଥାକୁ ମନେପକାଇ ମାଧୁରୀ ଏକ ଭାବପ୍ରବଣ ପୋଷ୍ଟ ଲେଖିଛନ୍ତି। ଗୁରୁଙ୍କ ଉଦ୍ଦେଶ୍ୟରେ ରବିବାର ଦେଶବ୍ୟାପୀ ଗୁରୁପୂର୍ଣ୍ଣିମା ପାଳନ କରାଯାଇଛି। ଏହି ଅବସରକୁ ମାଧୁରୀ ହାତଛଡ଼ା ନ କରି ନିଜ ମାଷ୍ଟର୍ ଜୀଙ୍କ ପାଇଁ ଏକ ନୋଟ ଲେଖି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସୂଚନାଯୋଗ୍ୟ, ଇନ୍‌ଷ୍ଟାଗ୍ରାମରେ ଏକ ଭାବପ୍ରବଣ ନୋଟ ଲେଖି ମାଧୁରୀ ଜଣାଇଛନ୍ତି ଯେ, ସରୋଜ ଖାଁଙ୍କୁ କେତେ ଭଲ ପାଆନ୍ତି ଏବଂ ତାଙ୍କର କେତେ ସମ୍ମାନ କରନ୍ତି। ସେ ଲେଖିଛନ୍ତି, ବିଶ୍ୱାସ ହେଉନି, ମାଷ୍ଟରଜୀ ଆଉ ଏହି ଦୁନିଆରେ ନାହାନ୍ତି। ତାଙ୍କ ପରି ଜଣେ ବନ୍ଧୁ ଓ ଗୁରୁଙ୍କୁ ହରାଇବା ଯନ୍ତ୍ରଣାଦାୟକ ସଦୃଶ। ଏହି ଦୁଃଖକୁ ଶବ୍ଦରେ ବ୍ୟାଖ୍ୟା କରିହେବ ନାହିଁ ବୋଲି ମାଧୁରୀ କହିଛନ୍ତି। ସରୋଜ ହସ୍ପିଟାଲରେ ଥିବାବେଳେ ମାଧୁରୀ ତାଙ୍କ ଝିଅଙ୍କ ସହ କଥା ହୋଇଥିଲେ। ସେ କହିଥିଲେ, ଖୁବ୍‌ଶୀଘ୍ର ମା’ ଠିକ୍ ହୋଇଯିବେ। ହେଲେ ଦୁଇ ଦିନ ପରେ ସେ ଚିରନିଦ୍ରାକୁ ପଳାଇଥିଲେ। ତେବେ ଆମ ଭିତରେ ଥିବା ଗୁରୁ-ଶିଷ୍ୟାର ବଣ୍ଡିଂ, ସେଟ୍‌ରେ ମା’ ପରି ମୋର ଯତ୍ନ ନେବା ଆଦି ସବୁକିଛିକୁ କେବେ ଭୁଲି ପାରିବିନି ବୋଲି ଧକ୍ ଧକ୍ ଗର୍ଲ କହିଛନ୍ତି।

# କଟକଣାରେ ୱେଡ୍‌ଲକ୍



**ବାହାଘର। ସମସ୍ତଙ୍କ ବ୍ୟକ୍ତିଗତ ଜୀବନର ସବୁଠୁ ବଡ଼ ଉତ୍ସବ। ଏକଥା ଉଠିବା ମାତ୍ରେ ମନକୁ ଚାଲିଆସେ ଏକ ସୁନ୍ଦର ଭବ୍ୟ ଆୟୋଜନଭରା ବିଶାଳ ସେଲିବ୍ରେଶନ୍। ଖାସ୍ କରି କୁଆଁରୀ ଝିଅଟିଏ ପାଇଁ ଏହା ଦ୍ୱିତୀୟ ଜୀବନର ଅୟମାରମ୍ଭ। ଦ୍ୱିତୀୟ ଜୀବନର ଏହି ପ୍ରବେଶ ଉତ୍ସବ ଏବେ କରୋନା କଟକଣା ଯୋଗୁଁ ଏକ ଭିନ୍ନ ରୂପ ଧାରଣ କରିଛି। ତେବେ କରୋନା କାଳରେ ବାହାଘର ଆଣିଦେଇଛି ଏକ ନିଆରା ଅନୁଭୂତି...**

ବାହାଘର ମନର ହୃଦୟର ମିଳନ ନୁହେଁ, ଦୁଇ ଆତ୍ମାର ମିଳନ। ତାତ୍ତ୍ୱିକ ଦୃଷ୍ଟିରୁ ଏକଥା ଠିକ୍ ହେଲେ ବି ଲୌକିକ ଦୃଷ୍ଟିରୁ ଏହା ଯେକୌଣସି ମଣିଷ ଜୀବନର ସବୁଠାରୁ ବଡ଼ ସେଲିବ୍ରେସନ। ଏବେ ଲକ୍‌ଡାଉନ୍ ଓ କୋଭିଡ୍ କଟକଣା ପ୍ରାୟ ୪ ମାସ ହେବ ଲାଗିଛି। ଏହା ଭିତରେ ଶେଷ ହେବାକୁ ବସିଲାଣି ବାହାଘର ସିଜନ୍। ଅନେକ ବାହାଘର ଘୁଞ୍ଚାଇ ଦେଇଛନ୍ତି। ଏହା ଭିତରେ ଯେଉଁ କେତେକ ବାହାଘର ହେଉଛି ତାହା କୋଭିଡ୍ କଟକଣା ପାଳନ କରି ନିରାଡମ୍ବର ଭାବରେ ହେଉଛି। ତେବେ ଲକ୍‌ଡାଉନ୍‌ରେ ବାହାଘର କିଭଳି ହେଉଛି ତାକୁ ନେଇ ଲୋକଙ୍କର ନାନା ମତ...

**ବିବାହ ଆୟୋଜନ:** ବ୍ୟକ୍ତିଗତ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉତ୍ସବ ବିବାହ। ଏଥିପାଇଁ ଢେର ପୂର୍ବରୁ ଆରମ୍ଭ ହୋଇଯାଇଥାଏ ପ୍ରସ୍ତୁତି। କିନ୍ତୁ ଏବେ ହେଉଥିବା ବିବାହଗୁଡ଼ିକରେ ଅନେକ ବାଧ ବାଧକତା ରହିଛି। କାହାର ପୂର୍ବରୁ ସ୍ଥିର ହୋଇସାରିଛି ତ ଅନ୍ୟ କାହାର ସମୟ ସହ ଅଧିକ ଗଡ଼ାଇ ହେବ ନାହିଁ। ବର ଘର ଦେଖା, ନିର୍ବନ୍ଧ, ମୁଦି ଦେଖା ଓ ଅନ୍ୟ ଆୟୋଜନ ପାଇଁ ହାତରେ ବିଶେଷ ସମୟ ନାହିଁ। ତେଣୁ ଏଭଳି ପରିସ୍ଥିତିରେ ଅଧିକାଂଶ କାର୍ଯ୍ୟ ଖୁବ୍ ଅଳ୍ପ ସମୟ ମଧ୍ୟରେ ସାରିବାକୁ ପଡ଼ୁଛି। ଥରକେ ବରଘର ଦେଖା ମୁଦିପିନ୍ଧା ଓ ଶୀଘ୍ର ନିର୍ବନ୍ଧ କାର୍ଯ୍ୟ ଶେଷ ହେଉଛି।

**ସେଭଳି ମାର୍କେଟିଂ ନାହିଁ:** ବିବାହ ଲାଗି ଗହଣା ଗାଣ୍ଠି, ପୋଷାକପତ୍ର, ଶାଢ଼ିଲୁଗା, ସୌନ୍ଦର୍ଯ୍ୟ ପ୍ରସାଧନ, ଘରକରଣା, ଆସବାବପତ୍ର, ରୋଷେଇ ସାମଗ୍ରୀ ଆଦି ଏମିତି କେତେ କ'ଣ କିଣିବାକୁ ହୁଏ। ଆଉ ଖାସ୍ କରି ମହିଳାମାନେ ଏସବୁରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଏବେ ବଜାରରେ କୋଭିଡ୍ କଟକଣା। ଦୋକାନ ବଜାର ମଧ୍ୟ ଖୋଲିବା ସ୍ୱାଭାବିକ ହୋଇନି। ପୁଣି ଏକାଠି ହୋଇ ଅଧିକ ସଂଖ୍ୟକ ଲୋକେ ବଜାରକୁ ଯିବା ମନା। ତେଣୁ ମାର୍କେଟିଂ ପ୍ରିୟ ମହିଳାମାନଙ୍କୁ ବିବାହର ଏ ଦିଗକୁ ମଧ୍ୟ ହରାଇବାକୁ ପଡ଼ିଛି।

**କନିଆ ଡାକରା ବନ୍ଦ:** ବାହାଘର ପୂର୍ବରୁ ଝିଅ ପାଇଁ କନିଆ ଡାକରା ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ଏହି ସମୟରେ କନ୍ୟାକୁ ତା'ର ପ୍ରିୟ ପରିଜନ ବନ୍ଧୁବାନ୍ଧବ ଖାଇବାକୁ ନିମନ୍ତ୍ରଣ କରିଥାନ୍ତି। ଆଦର ଅଭ୍ୟର୍ଥନା ସହ ନାନା ପ୍ରକାର ସୁସ୍ୱାଦୁ ଖାଦ୍ୟ କରି ଖାଇବାକୁ ଦେଇଥାନ୍ତି। ଆଉ ତା' ସହ ଦେଇଥାନ୍ତି ଉପହାର, ବସ୍ତ୍ର, ଅଳଙ୍କାର। ଏବେ କୋଭିଡ୍ କଟକଣା ଯୋଗୁଁ କେହି କାହା ଘରକୁ ଯିବା ଆସିବା କରିବା ବିପଦମୁକ୍ତ ନୁହେଁ। ତେଣୁ ଏଥିରୁ ବଞ୍ଚିତ ହେଉଛନ୍ତି କନ୍ୟା। ମୁଖ୍ୟତଃ ଏହା ଦ୍ୱାରା ପୁରୁଣା ସମ୍ପର୍କ, ବନ୍ଧୁତା ପୁଣି ଥରେ ସଜାଗ ସଜୀବ ହେବାର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି।

**ବାଜା, ବାଣ, ରୋଶଣି ନାହିଁ:** ବିବାହ ଦିନ ମନର ମଣିଷଟି ବାଜା ବଜାଇ ବାଣ ଫୁଟାଇ ରୋଶଣି କରି ଗାଁ ଦାଣ୍ଡରେ ଆସିବ। ବରଯାତ୍ରୀ ପଟୁଆରରେ ପିଲାଏ ନାଚୁଥିବେ। ଗାଁ ଦାଣ୍ଡ ଦୁଲୁକୁଥିବ। ଏହା ଅଧିକାଂଶ ଝିଅଙ୍କର ଆକାଂକ୍ଷା ଥାଏ। କିନ୍ତୁ କରୋନା କଟକଣା ଯୋଗୁଁ ଏସବୁ ବନ୍ଦ। ଏବେ ବାହାଘର କେବଳ ଘର ଭିତରେ ବା ମନ୍ଦିରରେ ଅତି ନିକଟ ସମ୍ପର୍କୀୟ ଓ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ହେଉଛି। ତେଣୁ ବିବାହର ଏ ଦିଗଟି ମଧ୍ୟ ଫିକା ପଡ଼ିଯାଇଛି।

**ଭୋଜିଭାତ ନାହିଁ:** ବିବାହର ଅନ୍ୟତମ ଆକର୍ଷଣ ଭୋଜିଭାତ। ନାନା ରକମର ସୁସ୍ୱାଦୁ ବ୍ୟଞ୍ଜନ ପରଷା ଯାଉଥିବ। ବନ୍ଧୁବାନ୍ଧବ, ପ୍ରିୟପରିଜନ, ପଡ଼ା-ପଡ଼ୋଶୀଙ୍କୁ ଶଙ୍ଖୋଳା ଯାଉଥିବ। ବର ବଧୂଙ୍କ ପାଇଁ ବିଭିନ୍ନ ଉପହାର ଆଣିଥିବେ। ଏ ପ୍ରକାର ଦୃଶ୍ୟ ବିନା ବିବାହ ଉତ୍ସବ ଅସମ୍ପୂର୍ଣ୍ଣ। କିନ୍ତୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି କରୋନା ଭୂତାଣୁର ଭୟ ଯୋଗୁଁ । ଆଉ ଏହାକୁ ମାନି ନେବାକୁ ବାଧ ହୋଇଛନ୍ତି କନିଆଁ ବା ନବବଧୂ।

**ସୀମିତ ବନ୍ଧୁବାନ୍ଧବ:** ବିବାହ ଉତ୍ସବରେ ସମସ୍ତେ ଚାହାନ୍ତି ନିଜର ପ୍ରିୟଜନଙ୍କୁ ନିମନ୍ତ୍ରଣ କରିବାକୁ। କାରଣ ସାମାଜିକ ମହାମିଳନର ଏହା ଏକ ସୁ-ଅବସର। ଦୈନନ୍ଦିନ କର୍ମବ୍ୟସ୍ତ ଜୀବନରୁ ସମୟ ବାହାର କରି ବନ୍ଧୁବାନ୍ଧବ ସାଙ୍ଗସାଥୀ ଏକାଠି ହୁଅନ୍ତି। ପରିବେଶ ହର୍ଷ ଆନନ୍ଦରେ ଉଚ୍ଛୁଳିପଡ଼େ। ତା'ଛଡ଼ା ବିବାହ ଲାଗି ଦିନେ ଦୁଇଦିନ କିମ୍ବା ସପ୍ତାହେ ଯାଏ ସାଙ୍ଗସାଥୀ ବନ୍ଧୁବାନ୍ଧବଙ୍କ ମେଳରେ ସୃଷ୍ଟିହୁଏ ଅନେକ ସୁଖଦ ଅନୁଭୂତି। ଏବେ କିନ୍ତୁ କରୋନା ଯୋଗୁଁ ବିବାହ ମାତ୍ର କିଛି ଜଣଙ୍କ ଉପସ୍ଥିତିରେ ସମ୍ପନ୍ନ ହେଉଛି। ତେଣୁ ବନ୍ଧୁବାନ୍ଧବ ସାଙ୍ଗସାଥୀଙ୍କ ଅନୁପସ୍ଥିତି ବେଶ୍ ଉପଲବ୍ଧି କରି ହେଉଛି।

ଅନ୍ୟମାନଙ୍କ ସହଯୋଗ ଏବଂ ଉପସ୍ଥିତିରେ ସମ୍ପନ୍ନ ହୁଏ ବିବାହ। ବେଶ୍ ଘଟଣାବହୁଳ ଏହି ଉତ୍ସବ ସାରା ଜୀବନ ପାଇଁ ପାଲଟେ ମଧୁର ସ୍ମୃତି। କିନ୍ତୁ କରୋନା କଟକଣା ଯୋଗୁଁ ଏସବୁ କମି ଯାଇଥିଲେ ବି ଏହା ହେଉଛି ଏକ ନିଆରା ଅନୁଭୂତି। ଖାସ୍ କରି ବିବାହରେ ହେଉଥିବା ଅଯଥା ଆଡ଼ମ୍ବର ଓ ବ୍ୟୟବହୁଳତାକୁ ଏହା ନିୟନ୍ତ୍ରଣ କରିଛି। କନ୍ୟା ପକ୍ଷ ଉପରେ ପଡୁଥିବା ବୋଝ କିଛିଟା ଲାଘବ ହୋଇଛି। ବାଧବାଧକତାରେ ହେଉ ପଛକେ ସରଳ ଓ ନିରାଡମ୍ବର ବିବାହ ଯେ ଏକ ସୁସ୍ଥ ପରମ୍ପରା, ଏହାକୁ ପ୍ରମାଣ କରିବାରେ ସହଯୋଗ କରିଛି ଲକ୍‌ଡାଉନ୍ ବାହାଘର।

**-ସସ୍ମିତା ନାୟକ**

## କ'ଣ କୁହନ୍ତି ଏମାନେ...

**ଆସିପାରିଲେନି ସାଙ୍ଗସାଥୀ:** ଲକ୍‌ଡାଉନ୍ ତ ମାସ ମାସ ଧରି ଚାଲିଛି ଆଉ କେବେ କଟକଣା ବନ୍ଦ ହେବ ତା'ର କିଛି ଠିକ୍ ଠିକଣା ନାହିଁ। ଏପଟେ ବାହାଘର ତିଥି ସରି ଯାଉଥିବାରୁ ଘର ଲୋକେ ଲକ୍‌ଡାଉନ୍‌ରେ ଖୁବ୍ କମ୍‌ଦିନରେ ବାହାଘର କରିବାକୁ ସ୍ଥିର କରିଥିଲେ। ତେଣୁ କମ୍ ସମୟରେ ସବୁ କିଣାକିଣି କରାଗଲା। ସବୁ କାମ ପ୍ରାୟ ସୁରୁଖୁରୁରେ ହୋଇଗଲା। ଖୁବ୍ କମ୍ ଲୋକଙ୍କ ଉପସ୍ଥିତିରେ ବାହାଘର ଯଥାରୀତିରେ ହେଲା। ଅବଶ୍ୟ ବେଶି ଆଡ଼ମ୍ବର ହେଲା ନାହିଁ କିନ୍ତୁ ସବୁ ସାଙ୍ଗସାଥୀ ଆସିପାରିଲେନି, ସେଥିପାଇଁ ଟିକେ ମନଦୁଃଖ ହେଲା।

*-ଦେବସ୍ମିତା ପ୍ରିୟଦର୍ଶିନୀ, କଳାରାହାଙ୍ଗ, ଭୁବନେଶ୍ୱର*

**ସବୁ ପ୍ଲାନିଂ ଫିକା ପଡିଗଲା:** ହଠାତ୍ ବାହାଘର ସ୍ଥିର ହେଲା, ଆଉ ଶୀଘ୍ର କରିବା ନିମନ୍ତେ ଶାଶୁଘର ଲୋକଙ୍କ ପ୍ରସ୍ତାବରେ ଆମ ଘର ଲୋକେ ରାଜି ହୋଇଗଲେ। ତା'ପରେ ସବୁ ଆୟୋଜନ ଆରମ୍ଭ ହୋଇଗଲା। ଲକ୍‌ଡାଉନ୍ ପାଇଁ କଟକଣା ଥିବାରୁ ମାର୍କେଟିଂରେ ଟିକେ ଅସୁବିଧା ହେଲା। ହେଲେ ବରପକ୍ଷରୁ କୌଣସି ଯୌତୁକ ନ ଥିବାରୁ ବେଶି କିଛି କିଣାକିଣି କରିବାକୁ ପଡିଲାନି। ତା'ଛଡ଼ା ଆମର ଅନେକ ବନ୍ଧୁବାନ୍ଧବଙ୍କ ଘର ଦୂରରେ ଥିବାରୁ ଅଧିକାଂଶ ଯୋଗଦେବାକୁ ଆସି ପାରି ନ ଥିଲେ। କିନ୍ତୁ ବେଶି ମନଦୁଃଖ ହେଲା ମୋ ବାହାଘରରେ ସାଙ୍ଗମାନେ କେତେ ମଜା କରିବେ ବୋଲି ପ୍ଲାନିଂ କରିଥିଲେ। ହେଲେ କରୋନା ପାଇଁ ମଜା ତ ଦୂରର କଥା ଇଚ୍ଛା ଥିଲେ ବି ବାହାଘରକୁ ଆସି ପାରି ନ ଥିଲେ ସେମାନେ ।

*-ଲଳିତା ବାରିକ, ଛତିଆ, ଢେଙ୍କାନାଳ*







## ସୌନ୍ଦର୍ଯ୍ୟ

# ତ୍ୱଚାକୁ ଗ୍ଲୋ କରିବ କଖାରୁ

**କଖାରୁରେ ରହିଛି ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ। ଏହାକୁ ବ୍ୟବହାର କରି କିପରି ସୁନ୍ଦର ଆଉ ଗ୍ଲୋଇଂ ସ୍କିନ୍ ପାଇପାରିବେ ଜାଣି ରଖନ୍ତୁ ସେ ସମ୍ପର୍କରେ...**

- ଦୁଇ ଖଣ୍ଡ ଛୋଟ କଖାରୁକୁ ଭଲଭାବେ ପେଷ୍ଟ କରି ସେଥିରେ ୨ ବଡ଼ ଚାମଚ ଦହି ମିଶାନ୍ତୁ। ଆପଣ ଚାହିଁଲେ ଏଥିରେ ଏକ ଚାମଚ ମହୁ ବି ମିଶାଇ ପାରିବେ। ଏହାକୁ ଭଲଭାବେ ମିଶାଇ ଫେସ୍ ପ୍ୟାକ ତିଆରି କରି ମୁହଁରେ ଲଗାନ୍ତୁ। ଅଧଘଣ୍ଟା ପରେ ମୁହଁ ଧୋଇ ଦିଅନ୍ତୁ।
- କଖାରୁରେ ଭିଟାମିନ୍-ଇ ତିନୋଟି କ୍ୟାପ୍‌ସୁଲ ମିଶାଇ ଭଲଭାବେ ପେଷ୍ଟ କରନ୍ତୁ। ଏଥିରେ ଅଳ୍ପ ଲେମ୍ବୁ ରସ ମିଶାଇ ମୁହଁରେ ଲଗାନ୍ତୁ। ୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ।
- କଖାରୁ ପେଷ୍ଟରେ ଗୋଟିଏ ଅଣ୍ଡାର ଧଳା ଅଂଶ ଏବଂ ଏକ ବଡ଼ ଚାମଚ ମହୁ ମିଶାନ୍ତୁ। ଏହାକୁ ଭଲଭାବରେ ମିଶାଇ ମୁହଁ ଓ ବେକରେ ଲଗାନ୍ତୁ। ୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ।
- କଖାରୁ ପେଷ୍ଟରେ ଏକ ବଡ଼ ଚାମଚ ଓଟ୍‌ସ ଗୁଣ୍ଡ ଏବଂ ମହୁ ମିଶାନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ପ୍ରାୟ ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ।
- ତିନି ଚାରି ଖଣ୍ଡ ଛୋଟ କଖାରୁକୁ ସିଝାଇ ସେଥିରେ ୧ ଚାମଚ ମହୁ, ୧ ଚାମଚ କ୍ଷୀର ଏବଂ ଅଧା ଚାମଚ ଡାଳଚିନି ଗୁଣ୍ଡ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ୧୫ ମିନିଟ୍ ପରେ ଅଳ୍ପ ଉଷୁମ ପାଣିରେ ଧୋଇ ଦିଅନ୍ତୁ।



# ବାସନରୁ ଦୂରାନ୍ତୁ ଗନ୍ଧ

**ବେଳେବେଳେ ରୋଷେଇ କରିବା ପରେ ବାସନରେ ଗନ୍ଧ ରହିଯାଇଥାଏ। ଏହି ଗନ୍ଧ ଦୂର କରିବା ପାଇଁ ଜାଣି ରଖନ୍ତୁ କିଛି ଘରୋଇ ଉପାୟ...**



- ଗନ୍ଧ ହେଉଥିବା ପାତ୍ରରେ ତିନି ଚାରି କପ୍ ପାଣି ଦେଇ ସେଥିରେ କିଛି ଡାଳଚିନି ଗୁଣ୍ଡ କିମ୍ବା ଖଣ୍ଡ ପକାଇ ୫ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହାକୁ ଘୋଡ଼ାଇ ଥଣ୍ଡା ହେବା ପର୍ଯ୍ୟନ୍ତ ରଖି ଦିଅନ୍ତୁ। ଶେଷରେ ପାଣି ବାହାର କରି ଦିଅନ୍ତୁ, ପାତ୍ରରେ ଗନ୍ଧ ନ ଥିବ।
- ଗନ୍ଧ ହେଉଥିବା ପାତ୍ରରେ ଏକ କପ୍ ଭିନେଗାର ପକାଇ ତାକୁ ୧୦ ମିନିଟ୍ ଫୁଟାନ୍ତୁ। ଯେତେ ଖରାପ ଗନ୍ଧ ହୋଇଥିଲେ ବି ଚାଲିଯିବ। ରୋଷେଇ ଘରେ ଭିନେଗାରକୁ ଫ୍ଲେବରିଂ ଏଜେଣ୍ଟ ଭଳି ବ୍ୟବହାର କରିବା ସହିତ କ୍ଲିନର ଭଳି ମଧ୍ୟ ବ୍ୟବହାର କରିପାରିବେ।
- ବାସନରୁ ଗନ୍ଧ ଛଡ଼ାଇବା ପାଇଁ କଫି ମଧ୍ୟ ବ୍ୟବହାର କରିପାରିବେ। ବାସନରେ ଅଳ୍ପ ପାଣି ଦେଇ ସେଥିରେ କଫି ପକାଇ ୩-୪ ମିନିଟ୍ ଗ୍ୟାସରେ ବସାଇ ଫୁଟାନ୍ତୁ। ଏହାପରେ ୧୫ ମିନିଟ୍ ପର୍ଯ୍ୟନ୍ତ ତାକୁ ସେଥିରେ ଘୋଡ଼ାଇ ରଖି ଦିଅନ୍ତୁ। ତା'ପରେ ବାସନକୁ ଡିସ୍‌ୱାଶରେ ମାଜି ଦିଅନ୍ତୁ, ଗନ୍ଧ ରହିବ ନାହିଁ।
- ଯେକୌଣସି ପ୍ରକାରର ଗନ୍ଧ ଦୂର କରିବା ପାଇଁ ଆଳୁ ଉପଯୋଗୀ। ଆଳୁକୁ ମୋଟା କରି କାଟି ସେଥିରେ ଲୁଣ ପକାଇ ବାସନରେ ଘଷନ୍ତୁ। ଏହାପରେ ୧୫ ମିନିଟ୍ ପର୍ଯ୍ୟନ୍ତ ବାସନରେ ତାହା ରଖି ଧୋଇ ଦିଅନ୍ତୁ।
- ଗନ୍ଧ ହେଉଥିବା ବାସନରେ କିଛି ଲୁଣ ପକାଇ ସେଥିରେ ଲେମ୍ବୁକୁ ଘଷି ୨୦ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ଧୋଇ ଦିଅନ୍ତୁ, ଗନ୍ଧ ରହିବ ନାହିଁ। କେବଳ ଲେମ୍ବୁ ଚୋପାକୁ ପାଣିରେ ପକାଇ ଅଧଘଣ୍ଟା ଫୁଟାନ୍ତୁ। ବାସନରୁ ସବୁ ଗନ୍ଧ ଚାଲିଯିବ।
- ରାନ୍ଧିବା ପରେ ଯଦି ବାସନରେ ମାଂସ ଗନ୍ଧ ରହିଯାଇଥାଏ ତେବେ ୪-୫ ଚାମଚ ଭିନେଗାର ସହିତ ବେକିଂ ସୋଡାର ପେଷ୍ଟ କରି ଲେମ୍ବୁ ଚୋପାରେ ଘଷନ୍ତୁ। ସବୁ ଗନ୍ଧ ଦୂର ହୋଇଯିବ।

# ବଶିଷ୍ଠାସନ

**ବଶିଷ୍ଠାସନ କରିବା ଫଳରେ ପେଟର ଚର୍ବି କମ୍ ହେବା ସହିତ ହାତ, ଗୋଡ଼ର ଚର୍ବି କମ୍ ହୁଏ ଓ ମସଲ୍ସ ଷ୍ଟ୍ରଙ୍ଗ୍ ହୋଇଥାଏ।**

- ଏହି ଆସନ କରିବା ପାଇଁ ପ୍ରଥମେ ପ୍ଲେଙ୍କ୍ ପୋଜ୍ କରନ୍ତୁ।
- ଧୀରେ ଧୀରେ ଡାହାଣ ପଟରେ ହାତରୁ ପାଦ ପର୍ଯ୍ୟନ୍ତ ଶରୀରର ଓଜନ ଦିଅନ୍ତୁ।
- ବାମ ହାତ ଓ ପାଦକୁ ଉପର ଆଡ଼କୁ ଉଠାନ୍ତୁ।
- ବାମ ହାତକୁ ଜଙ୍ଘ ଉପରେ ରଖନ୍ତୁ।
- ଏବେ ଆପଣ ଡାହାଣ ହାତକୁ କାନ୍ଧ ଆଗରେ ରଖନ୍ତୁ। ଏହାପରେ ଡାହାଣ ହାତକୁ କାନ୍ଧଠାରୁ ଟିକେ ଆଗକୁ ରଖନ୍ତୁ।
- ନିଃଶ୍ୱାସ ଭିତରକୁ ନେଇ ବାମ ହାତକୁ ଏପରି ରଖନ୍ତୁ ଯେପରି ଭୂମିରୁ ସିଧା ଉପରକୁ ରହିପାରିବ। ଏହି ପୋଜରେ କିଛି ସେକେଣ୍ଡ ରହିବା ସମୟରେ ଅନ୍ୟ ହାତକୁ ଉପରକୁ ରଖନ୍ତୁ।
- ନିଃଶ୍ୱାସ ଧୀରେ ଧୀରେ ଛାଡ଼ିବା ସହ ପ୍ଲେଙ୍କ ପୋଜକୁ ଆସନ୍ତୁ।



# ମୁଡ୍ ରହିବ ଠିକ୍...

**କରୋନା କଟକଣାରେ ମହିଳାମାନେ ଘରେ ରହି ବିଭିନ୍ନ ପ୍ରକାରର କାମର ଚାପରେ ଚିନ୍ତିତ ହୋଇ ପଡୁଛନ୍ତି। ଫଳରେ ଧୀରେ ଧୀରେ ଅନେକଙ୍କ ଶରୀର ମଧ୍ୟ ଅସୁସ୍ଥ ହେଉଛି। ହେଲେ ଏ ପରିସ୍ଥିତିରେ କିଛି ଖାଦ୍ୟ ଷ୍ଟ୍ରେସ୍ ଦୂର କରିବାରେ ସାହାଯ୍ୟ କରିବ...**



**ଫଳ:** କମଳା, ମୌସମ୍ବି ଭଳି କେତେକ ଫଳରେ ଭିଟାମିନ୍-ସି ଓ ଆଣ୍ଟି ଅକ୍ସିଡାଣ୍ଟ ରହିଥାଏ। ତେଣୁ ଏହି ପ୍ରକାରର ଖାଦ୍ୟ ଷ୍ଟ୍ରେସ୍ ଦୂର କରିବାରେ ସକ୍ଷମ ହୋଇଥାଏ।

**ଡାର୍କ ଚକୋଲେଟ୍:** ମୁଡ୍ ଠିକ୍ କରିବା ପାଇଁ ଚକୋଲେଟ୍ ଏକ ଭଲ ବିକଳ୍ପ। ଚକୋଲେଟ୍ ଖାଇବା ଫଳରେ ଶରୀରରେ ଏକ ପ୍ରକାରର ଉପାଦାନ ବୃଦ୍ଧି ପାଇଥାଏ, ଯାହା ଷ୍ଟ୍ରେସ୍ ଦୂର କରିବାରେ ସାହାଯ୍ୟ କରିଥାଏ।

**କଦଳୀ:** କଦଳୀରେ ମହଜୁଦ ଥିବା ପୋଟାସିୟମ ବ୍ଲଡ ପ୍ରେସର କମ୍ କରିବାରେ ସାହାଯ୍ୟ କରେ। ଏଥିରେ ପ୍ରାକୃତିକ ଶର୍କରା ଥିବାରୁ ଫୁର୍ତ୍ତି ଲାଗିଥାଏ।

**ପିସ୍ତା:** ପିସ୍ତାରେ ଜିଙ୍କ୍ ଏବଂ ମ୍ୟାଗ୍ନେସିୟମ୍ ରହିଛି। ତେଣୁ ଏହାକୁ ଖାଇବା ଦ୍ୱାରା ସ୍ନାୟୁ ଠିକ୍ ରହିଥାଏ। ତେଣୁ ଚିନ୍ତିତ ଥିବା ସମୟରେ ପିସ୍ତା ଖାଇଲେ ରିଲାକ୍ସ ଲାଗିଥାଏ।



**ଦହି:** ରିସର୍ଚ୍ଚରୁ ଜଣାପଡ଼ିଛି, ପେଟରେ ଥିବା ବ୍ୟାକ୍ଟେରିଆ କାରଣରୁ ଷ୍ଟ୍ରେସ୍ ବଢ଼ିଥାଏ। ଦହି ଖାଇଲେ ସେସବୁ ବ୍ୟାକ୍ଟେରିଆ ନଷ୍ଟ ହୋଇଥାଏ। ତା'ଛଡା ଦହିରେ ପାଚନ ଶକ୍ତି ଅଧିକ ଥିବାରୁ ମସ୍ତିଷ୍କରେ ଭଲ ପ୍ରଭାବ ପଡ଼ିଥାଏ ଓ ଷ୍ଟ୍ରେସରୁ ମୁକ୍ତି ମିଳିଥାଏ।





## ନଈରୁ ବୃଦ୍ଧଙ୍କ ମୃତଦେହ ମିଳିଲା

ପୁରୀ ଅଫିସ: ସଦର ବ୍ଲକ ଅନ୍ତର୍ଗତ ଢୋଲ ଗ୍ରାମର କୁଞ୍ଜ ଭୋଇ (୬୫) ଗତ ୪ ତାରିଖ ଅପରାହ୍ନରେ ନୂଆନଈରେ ପହଁରି ପହଁରି ଗବକୁଣ୍ଡ ବଜାରକୁ ସଉଦା କିଣିବା ପାଇଁ ଯାଉଥିଲେ। ମାତ୍ର ନଦୀ ସ୍ରୋତରେ ସେ କେଉଁଆଡ଼େ ଭାସି ଯାଇଥିଲେ । ତାଙ୍କ ସହିତ ଯାଉଥିବା ଅନ୍ୟ ଜଣେ ବ୍ୟକ୍ତି ଏହା ଜାଣିବା ପରେ ଲୋକମାନଙ୍କୁ କହିଥିଲେ। ସ୍ଥାନୀୟ ଲୋକେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ।ଏହାପରେ ଓଡ୍ରାଫ୍ ଟିମ୍‌କୁ ଖବର ଦିଆଯାଇଥିଲା। ସେମାନେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ କୁଞ୍ଜଙ୍କର କୌଣସି ପତ୍ତା ନ ପାଇ ଫେରିଥିଲେ। ସୋମବାର ଅପରାହ୍ନରେ ଉରଠାରେ ତାଙ୍କ ମୃତଦେହ ଲାଗିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ।

## ସଂକ୍ଷେପରେ

### ବ୍ରାହ୍ମଣଦେଓ ଗାଁ କଣ୍ଟେନମେଣ୍ଟ ଜୋନ

**କୃଷ୍ଣପ୍ରସାଦ,୬।୭(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଦେଓ ଗାଁରେ ସୋମବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗୋଷ୍ଠୀ ସଂକ୍ରମଣକୁ ଆଶଙ୍କା କରି ରାମଲଙ୍କା ପଞ୍ଚାୟତ ସରପଞ୍ଚ ଗୋବିନ୍ଦ ପ୍ରଧାନ ଉକ୍ତ ଗ୍ରାମକୁ ୧୪ଦିନ ଲାଗି କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି। ସୋମବାର ସନ୍ଧ୍ୟା ୬ଟାରୁ ଆସନ୍ତା ୧୯ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ।

### କୋଭିଡ୍ ନିୟମ ଉଲ୍ଲଂଘନ: ଦଣ୍ଡ ଗଣିଲେ ୨୧

**ଖୋର୍ଦ୍ଧା ଅଫିସ/ବାଣପୁର, ୬।୭(ଡି.ଏନ୍.ଏ.):** କରୋନା ନିୟମ ଉଲ୍ଲଂଘନ ଓ ମାସ୍କ ପିନ୍ଧି ନ ଥିବା ୨୧ଜଣଙ୍କଠାରୁ ସୋମବାର ବାଣପୁର ତହସିଲଦାର ମନ୍ମଥ ବେହେରା ୧୦ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରିଛନ୍ତି। ବାଣପୁର ତହସିଲଦାର ବେହେରା ଓ ନାଚୁଣୀ ଫାଣ୍ଡି ଅଧିକାରୀ ଉମାକାନ୍ତ ସାହୁ ନାଚୁଣୀ ବଜାର ଏବଂ ଆଖପାଖ ଅଞ୍ଚଳରେ ଚଢ଼ାଉ କରିଥିଲେ। ବିନା ମାସ୍କରେ ବୁଲୁଥିବା ଅମାନିଆ, କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କୁ ତାଗିଦ କରିବା ସହ ଜରିମାନା ଆଦାୟ କରିଥିଲେ।

### ୧୫ରୁ ସେରୋଲୋଜି ଟେଷ୍ଟ

**ପୁରୀ ଅଫିସ, ୬।୭:** ପୁରୀ ସର୍କିଟ ହାଉସରେ ସୋମବାର ଜିଲାପାଳ ବଳବନ୍ତ ସିଂଙ୍କ ଅଧକ୍ଷତାରେ କୋଭିଡ-୧୯ ପରିଚାଳନା ସମ୍ବନ୍ଧରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ଆଗାମୀ ଦିନର ପ୍ରଶାସନିକ କାର୍ଯ୍ୟ ଖସଡ଼ା ସଂକ୍ରାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପୌରପାଳିକା ନିର୍ବାହୀ ଅଧିକାରୀ ବିଜୟ ଦାଶଙ୍କ ସମେତ ବହୁ ଅଧିକାରୀ ଓ ବିଭିନ୍ନ ଦଳର ପ୍ରତିନିଧି ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ବିନୟ ଦାଶ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ତଥ୍ୟ ଉପସ୍ଥାପନ କରିଥିଲେ। ରଥଯାତ୍ରା ପରେ ୫ଟି ଏନ୍‌ଫୋର୍ସମେଣ୍ଟ ଗଠନ କରାଯାଇ ୧୮୫୭ ଜଣ ନିୟମ ଉଲ୍ଲଂଘନକାରୀଙ୍କ ୩୯, ୩୧୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜୁଲାଇ ୧୦ରୁ ୧୪ତାରିଖ ମଧ୍ୟରେ ସେବାୟତଙ୍କ ତୃତୀୟ ପର୍ଯ୍ୟାୟ ସ୍ୱାବ ଟେଷ୍ଟ କରାଯିବ। ଆଣ୍ଟିବଡି ଷ୍ଟାଟସ ଜାଣିବା ପାଇଁ ୧୫ ତାରିଖଠାରୁ ସେରୋଲୋଜି ଟେଷ୍ଟ କରାଯିବ। ପୁରୀ ସହରରେ ୮୧୧୨ ଜଣଙ୍କ କୋଭିଡ ଟେଷ୍ଟ କରାଯାଇଛି। ସେଥିମଧ୍ୟରୁ ୨୩ ଜଣଙ୍କ ପଜିଟିଭ ରିପୋର୍ଟ ଆସିଛି। ସୋମବାର ୩ ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲାରେ ସଂଖ୍ୟା ୩୦୨ରେ ପହଞ୍ଚିଛି। ପ୍ରଥମ ପଜିଟିଭ ଚିହ୍ନଟ ହେବାର ୩ ମାସ ୩ ଦିନରେ ଏହି ସଂଖ୍ୟା ଛୁଇଁଛି।

### ସ୍ୱାମୀ ବିବେକାନନ୍ଦ ଯୁବ ସଂସଦର ଅନ୍‌ଲାଇନ ଭାଷଣମାଳା

**କଟକ ଅଫିସ,୬।୭:** ସ୍ୱାମୀ ବିବେକାନନ୍ଦ ଯୁବ ସଂସଦ ପକ୍ଷରୁ ୪ର୍ଥ ଅନଲାଇନ ଭାଷଣମାଳା ଗୁଗଲ ମିଟ୍ ଆପ୍ ମାଧମରେ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ଅର୍ଥନୀତି ସଙ୍ଗଠନର ସମ୍ପାଦକ ପ୍ରଫେସର ଅମରେନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶା ଅର୍ଥନୀତିରେ କରୋନାର ପ୍ରଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ, ସମସ୍ତ କ୍ଷେତ୍ରରେ କରୋନାର ପ୍ରଭାବ ପଡ଼ିଛି। ଓଡ଼ିଶା ଅର୍ଥନୀତିର ବର୍ତ୍ତମାନ ସ୍ଥିତି, ବିଭିନ୍ନ ଗବେଷଣା ସଂସ୍ଥା ଦ୍ୱାରା ପ୍ରଦତ୍ତ ଭବିଷ୍ୟତର ଆକଳନ ଏବଂ ବର୍ତ୍ତମାନ ପରିସ୍ଥିତିରେ ବିଭିନ୍ନ ଅନୁଷ୍ଠାନ ତଥା ଦେଶ ଦ୍ୱାରା ଅନୁସୃତ ସମାଧାନ ଉପରେ ଆଲୋଚନା କରାଯାଇଥିଲା। ସ୍ୱାୟତ୍ତ ସଂସ୍ଥା ଜରିଆରେ କ୍ଷୁଦ୍ର ଏବଂ କୁଟୀର ଶିଳ୍ପର ପ୍ରୋତ୍ସାହନ ଏବଂ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସଫଳ ରୂପାୟନ ମାଧମରେ ଏହି ସମସ୍ୟାର କିଛି ସମାଧାନ କରାଯାଇପାରେ। ଭାରତର ବିଭିନ୍ନ ପ୍ରାନ୍ତରୁ ଯୁବପିଢ଼ି ଏଥିରେ ଯୋଗ ଦେଇଥିଲେ। ସନ୍ଦିପ ପଣ୍ଡା, ସତ୍ୟସ୍ମିତା ଦାଶ, ଅନ୍ନପୂର୍ଣ୍ଣା ରାଉତ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ। ଅନୁଷ୍ଠାନର ଖୋର୍ଦ୍ଧା ଜିଲା ସଭାପତି ରମଣ ଅଗ୍ରୱାଲ ଅତିଥି ପରିଚୟ ଓ ମନୀଷା ମହାରଣା ଧନ୍ୟବାଦ ଦେଇଥିଲେ। ଆଗାମୀ ଭାଷଣମାଳାରେ ଶୋଭନୀୟ ଶିକ୍ଷା ପଦ୍ଧତି ବିଷୟବସ୍ତୁ ଉପରେ ଆଲୋଚନା କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ କହିଛନ୍ତି।

# ରାଜଧାନୀରେ ବେକାବୁ କରୋନା, ପୁଣି ୧୭ ଆକ୍ରାନ୍ତ

**ଭୁବନେଶ୍ୱର,୬।୭(ବ୍ୟୁରୋ)**

**ଚିନ୍ତା ବଢ଼ାଇଲାଣି ଅନ୍ୟ ଜିଲା ଫେରନ୍ତା**

ରାଜଧାନୀରେ କରୋନା ସ୍ଥିତି ବେକାବୁ ହେବାରେ ଲାଗିଛି। ସଂକ୍ରମଣ ଓ ସଂକ୍ରମିତଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟାରେ ପୁଣି ନୂଆ ୧୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୭ଜଣଙ୍କ ମଧ୍ୟରୁ ୧୦ ଜଣ ସ୍ଥାନୀୟ ସଂକ୍ରମଣର ଶିକାର ହୋଇଥିବାବେଳେ ୫ଜଣ ସଙ୍ଗରୋଧ କେନ୍ଦ୍ରର ଏବଂ ୨ଜଣ ଘରୋଇ ହସ୍ପିଟାଲର କର୍ମଚାରୀ ହୋଇଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଲା ଗତ ଦୁଇରୁ ତିନିଦିନ ମଧ୍ୟରେ ଭୁବନେଶ୍ୱରରେ ଅଧିକାଂଶ ପଡ଼ୋଶୀ ଜିଲାର ନାଗରିକ ତଥା ହଟ୍‌ସ୍ପଟ୍ ଜିଲାକୁ ଯାଇ ସଂକ୍ରମଣର ଶିକାର ହେଉଛନ୍ତି। ସୋମବାର ବିଏମ୍‌ସି ଜାରି କରାଯାଇଥିବା ଆକ୍ରାନ୍ତଙ୍କ ବିବରଣୀରେ ଏହା ସ୍ପଷ୍ଟ ଭାବେ ଉଲ୍ଲେଖ କରିଛି। ଗତ ୨୪ ଘଣ୍ଟାରେ ଚିହ୍ନଟ ୧୭ ଆକ୍ରାନ୍ତଙ୍କ ମଧ୍ୟରୁ ୫ଟି ମାମଲା ଅନ୍ୟ ଜିଲା ଗସ୍ତ କିମ୍ବା ଅନ୍ୟ ଜିଲାର ହୋଇଥିବା ଜଣାପଡ଼ିଛି। ୨ଟି ମାମଲା ଡୁମ୍‌ଡୁମା ରଘୁନାଥ ନଗର ବସ୍ତିରେ ଥିବାବେଳେ ପଟିଆ ଗାଁରୁ ଜଣେ, ଚକେଇସିଆଣୀରୁ ଜଣେ ଓ ଏକ ଘରୋଇ ହସ୍ପିଟାଲରୁ ଚିକିତ୍ସିତ ଥିବା ଜଣେ ବ୍ୟକ୍ତି ଅନ୍ୟ ହଟ୍‌ସ୍ପଟ୍ ଜିଲାର ହୋଇଥିବା ବିଏମ୍‌ସି ସୂଚନା ଦେଇଛି। ଅନ୍ୟ ୫ ସ୍ଥାନୀୟ ସଂକ୍ରମିତ ମଧ୍ୟରୁ ବିଜେବି ନଗର ପାଣିଟାଙ୍କି ବସ୍ତି, ଅନ୍ଧାରୁଆ ଦାଶପୁର, ଶତାବ୍ଦୀନଗର ଫେଜ୍ ୧ରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବାବେଳେ କେନ୍ଦ୍ରୀୟ ଚିକିତ୍ସାଳୟରୁ ଜଣେ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ସ୍ପଷ୍ଟ ଭାବେ ଦେଖିଲେ ଜିଲା ଫେରନ୍ତାଙ୍କୁ ନେଇ ଉକ୍ତ ଅଞ୍ଚଳଗୁଡ଼ିକରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଯିବାଆସିବା ନିୟମରେ ୫ ହଟ୍‌ସ୍ପଟ୍ ଜିଲା ବ୍ୟତୀତ ଅନ୍ୟ କୌଣସି ଜିଲା ପାଇଁ ବିଏମ୍‌ସି ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନେଇ ନ ଥିବାରୁ ଜିଲା ଫେରନ୍ତାଙ୍କୁ ନେଇ ଚିନ୍ତା ବଢ଼ିଯାଇଛି। କିଏ ବ୍ୟବସାୟୀ ତ ଆଉ କିଏ ଗାଡିମୋଟର ଚାଳକ ହୋଇଥିବାରୁ ଗାଁରୁ ଫେରି ସିଧାସଳଖ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏମାନଙ୍କୁ କିଭଳି ରୋକାଯିବ ସେନେଇ ବିଏମ୍‌ସି କୌଣସି ବ୍ୟବସ୍ଥା କରି ନ ଥିବାରୁ ବୁଦ୍ଧିଜୀବୀ ମହଲରେ ନାନା ପ୍ରଶ୍ନ ଉଠିଛି। ଏଥିସହ କୋଭିଡ୍ ହସ୍ପିଟାଲର ୨ଜଣ ଯୋଦ୍ଧା କରୋନା ଆକ୍ରାନ୍ତ ହେବା ସହ ୫ଜଣ ସଙ୍ଗରୋଧରେ ଥିବା ଲୋକ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ୫ ସଙ୍ଗରୋଧ ମାମଲା ମଧ୍ୟରୁ ଜୟଦେବ ବିହାରର ଇଏସ୍‌ଆଇ ହସ୍ପିଟାଲ କଲୋନୀରୁ ଜଣେ, ପଟିଆ ବିଗ୍ ବଜାରରୁ ୨ ଜଣ, ଚନ୍ଦ୍ରଶେଖରପୁର ପ୍ରଗତି ନଗର ଜଣେ ଏବଂ ୟୁନିଟ୍-୫ ଏମ୍‌ଏଲ୍‌ଏ କଲୋନୀର ଜଣେ ଏମାନେ ସମସ୍ତେ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ପଟିଆରୁ ଚିହ୍ନଟ ୨ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ୩ବର୍ଷର ନାବାଳକ ଥିବା ବିଏମ୍‌ସି ସୂଚନା ଦେଇଛି। ଏହାବ୍ୟତୀତ ଭୁବନେଶ୍ୱର ଆକ୍ରାନ୍ତଙ୍କ ମଧ୍ୟରୁ ୪ଜଣ ସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ଘରୋଇ ହସ୍ପିଟାଲର ହୋଇଥିବାବେଳେ ଜଣେ ଡୁମ୍‌ଡୁମା ଫେଜ୍-୧ ଓ ଅନ୍ୟ ଜଣେ ରସୁଲଗଡର ୨୪ ବର୍ଷିୟା ମହିଳା ହୋଇଥିବା ଜଣାପଡ଼ିଛି। ରାଜଧାନୀର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୫୦ରେ ପହଞ୍ଚି ଥିବାବେଳେ ସେମାନଙ୍କ ମଧ୍ୟରୁ ୨୭୪ଜଣ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ୧୬୯ଜଣ ବିଭିନ୍ନ କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ୬ଜଣ ମୃତ୍ୟୁ କରିଛନ୍ତି।

# ଭୁବନେଶ୍ୱରରେ ଏବେ ହେବନି ଶଟ୍‌ଡାଉନ୍

**ଭୁବନେଶ୍ୱର,୬।୭(ବ୍ୟୁରୋ)**

**ଗୁଜବକୁ ବିଶ୍ୱାସ କର ନାହିଁ- ବିଏମ୍‌ସି**

ରାଜଧାନୀରେ କରୋନା ସଂଖ୍ୟା ବୃଦ୍ଧି ହେଉଥିବା ଦେଖି ରବିବାର ଭୁବନେଶ୍ୱର ଶଟଡାଉନ ହେବ ବୋଲି ଏକ ଗୁଜବ ଖେଳିଯାଇଥିଲା। ଏହାକୁ ନେଇ ରାଜଧାନୀବାସୀ ଦ୍ୱନ୍ଦ୍ୱରେ ପଡ଼ିଥିବାବେଳେ ସୋମବାର ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ(ବିଏମ୍‌ସି) ଏହି ଗୁଜବକୁ ଦୂର କରିଛି। ଭୁବନେଶ୍ୱରରେ ଏବେ ଶଟ୍‌ଡାଉନ୍ ହେବ ନାହିଁ। ବିଏମ୍‌ସି ଯେପର୍ଯ୍ୟନ୍ତ ଶଟଡାଉନ ଘୋଷଣା ନ କରିଛି, ସେପର୍ଯ୍ୟନ୍ତ କେହି ଏହି ଖବରକୁ ବିଶ୍ୱାସ କରନ୍ତୁ ନାହିଁ। କୌଣସି ସମସ୍ୟା ଥିଲେ ବିଏମ୍‌ସିକୁ ଅନ୍‌ଲାଇନ୍ ମାଧମରେ ଜଣାନ୍ତୁ। ବିଏମ୍‌ସି କାର୍ଯ୍ୟାଳୟଠାରୁ ଦୂରେଇ ରୁହନ୍ତୁ ଓ ଘରେ ରୁହନ୍ତୁ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ସୋମବାର ଗଣମାଧମକୁ ସୂଚନା ଦେଇ କମିଶନର ଚୌଧାରୀ କହିଛନ୍ତି, ବିଏମ୍‌ସି ବର୍ତ୍ତମାନ କରୋନା ମୁକାବିଲା ଲାଗି ଲକ୍ଷ୍ୟ ରଖିଛି। ଭୁବନେଶ୍ୱରରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ନମୁନା ସଂଗ୍ରହକୁ ବଢ଼ାଇଥିବାବେଳେ ଚଳିତ ସପ୍ତାହ ଶେଷ ଆଡ଼କୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବିଏମ୍‌ସି ଲକ୍ଷ୍ୟ ରଖିଛି। ଫଳରେ ଏବେ ଅଧିକ ସଂକ୍ରମିତ ନଜରକୁ ଆସୁଛନ୍ତି ବୋଲି ଚୌଧାରୀ କହିଛନ୍ତି। ଏବେ ଭୁବନେଶ୍ୱରର ନାଗରିକ ବିଏମ୍‌ସିକୁ ସାହାଯ୍ୟ କରିବା ଆବଶ୍ୟକ। ଗୋଷ୍ଠି ସଂକ୍ରମଣକୁ ଏଡ଼ାଇବା ପାଇଁ ବିଏମ୍‌ସି ସହରର ସବୁ ୱାର୍ଡରେ ସଚେତକଙ୍କୁ ନିଯୁକ୍ତ କରିସାରିଲାଣି। ସେମାନେ ଥର୍ମାଲ ସ୍କାନିଂ କରିବା ସହ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖୁଛନ୍ତି। ହେଲେ ବିନା ନାଗରିକଙ୍କ ସହଯୋଗରେ ବିଏମ୍‌ସି ଏହି କରୋନା ମହାମାରୀର ମୁକାବିଲା କରିପାରିବ ନାହିଁ ବୋଲି ଚୌଧାରୀ କହିଛନ୍ତି।



ଅନ୍‌ଲାଇନ୍ ପରୀକ୍ଷା ବାତିଲ ଦାବିରେ ବିପିୟୁଟି ଛାତ୍ରମାନେ ସୋମବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାଜପାର ସ୍ମାରକପତ୍ର

**ଖୋର୍ଦ୍ଧା ଅଫିସ,୬।୭**

କୋଭିଡ୍-୧୯ ନିୟମ ଉଲ୍ଲଂଘନ ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଭାଜପା ପକ୍ଷରୁ ନିନ୍ଦା କରାଯାଇଛି। ଏ ନେଇ ସୋମବାର ଖୋର୍ଦ୍ଧା ଜିଲା ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଶୀତାଂଶୁ କୁମାର ରାଉତଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଏମ୍‌ପି ଷଡ଼ଙ୍ଗୀ ଜଣେ ଦକ୍ଷ ପ୍ରଶାସକ ଭାବେ ୨୫ବର୍ଷ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରିଛନ୍ତି। କୋଭିଡ-୧୯ ଗାଇଡଲାଇନକୁ ଏମ୍‌ପି ଷଡ଼ଙ୍ଗୀ କେବେ ବି ଉଲ୍ଲଂଘନ କରିନାହାନ୍ତି। ଗାଇଡଲାଇନକୁ ସମ୍ମାନ ଜଣାଇ ମାସ୍କ ଓ ସାମାଜିକ ଦୂରତ୍ୱ ପ୍ରତି ଗୁରୁତ୍ୱ ଦେଇ ଆସିଛନ୍ତି। ଗତ ଜୁଲାଇ ୨ତାରିଖରେ ଏକ ବର୍ଷ ପୂର୍ତ୍ତି ଅବସରରେ ଏମ୍‌ପି ଷଡ଼ଙ୍ଗୀ ନିଜ କାର୍ଯ୍ୟର ତର୍ଜମା ସହ ବିକାଶ ଧାରା ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି। ଏଥିରେ ଭୟଭୀତ ହୋଇ ଶାସକ ଦଳ ତାଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି। ଅପରାଜିତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି ଏଥିରେ ଦର୍ଶାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ଭାଜପା ନେତା ନିକୁଞ୍ଜ କିଶୋର ପଟ୍ଟନାୟକ, ଭାଜପା ନେତ୍ରୀ ଅନୁ ଚୌଧୁରୀ, ସୁବାସ ଗନ୍ତାୟତ, ଅବନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନାବାଳିକା ମୃତ

**ଖୋର୍ଦ୍ଧା ଅଫିସ,୬।୭**

ଟାଙ୍ଗୀ ଥାନା ଅଧୀନ ବାଲିପାଟପୁରରେ ସୋମବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ୭ବର୍ଷୀୟା ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ଘର ଛାତରେ ଖେଳୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାବାଳିକାଙ୍କ ଘର ଆଗରେ ଝୁଲିଥିବା ତାରକୁ ହଟାଇବା ଲାଗି ପରିବାରବର୍ଗ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିଲା।

## କରୋନା ଦାୟିତ୍ୱ ତୁଲାଇଥିବା ମୃତ ଶିକ୍ଷକଙ୍କୁ କ୍ଷତିପୂରଣ ମିଳୁ

**ଭୁବନେଶ୍ୱର,୬।୭(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ପକ୍ଷରୁ କରୋନା କେନ୍ଦ୍ର ଦାୟିତ୍ୱରେ ନିଯୁକ୍ତ ଥିବା ୨ ଶିକ୍ଷକ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁ ଘଟିଛି। ସରକାର ଏହି ଶିକ୍ଷକଦ୍ୱୟଙ୍କ ପରିବାରବର୍ଗଙ୍କୁ ଉଚିତ କ୍ଷତିପୂରଣ ଦେବା ସହ ସମଗ୍ର ରାଜ୍ୟରେ କରୋନା କେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକଙ୍କୁ କରୋନାଯୋଦ୍ଧା ଭାବେ ଘୋଷଣା କରିବା ପାଇଁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) କାର୍ଯ୍ୟକାରୀ କମିଟି ପକ୍ଷରୁ ଦାବି କରାଯାଇଛି। ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି, କରୋନା ସମ୍ପର୍କରେ ଶିକ୍ଷକମାନେ ଅନଭିଜ୍ଞ ଓ ଏହି ସେବା ପ୍ରଦାନ କରିବାରେ ସେମାନଙ୍କୁ କୌଣସି ଟ୍ରେନିଂ ମଧ ଦିଆଯାଇ ନାହିଁ। ତଥାପି ଶିକ୍ଷକମାନେ ନିଜ ଜୀବନକୁ ବାଜି ଲଗାଇ ପ୍ରବାସୀଙ୍କୁ ବସ୍ ଓ ଟ୍ରେନରୁ ନେଇ ସଙ୍ଗରୋଧ କେନ୍ଦ୍ରରେ ଛାଡ଼ିବା, କେନ୍ଦ୍ରର ଦାୟିତ୍ୱ ନେବା, ଘର ଘର ବୁଲି ଜନସାଧାରଣଙ୍କ ସ୍ୱାସ୍ଥ୍ୟଗତ ସର୍ଭେ କରିବା, ବହିପତ୍ର, ମଧ୍ୟାହ୍ନଭୋଜନ, ନାପକିନ୍ ଆଦି ବଣ୍ଟନ ସହ ସଙ୍ଗରୋଧ କେନ୍ଦ୍ରଗୁଡ଼ିକରେ ଥିବା ବିଦ୍ୟାଳୟକୁ ଯାଇ ଆଡ୍‌ମିସନ୍ କାର୍ଯ୍ୟ କରିଆସୁଛନ୍ତି। ଏଭଳି କ୍ଷେତ୍ରରେ ଶିକ୍ଷକମାନଙ୍କୁ ବୀମାଭୁକ୍ତ କରା ନ ଯିବା ଓ କରୋନାଯୋଦ୍ଧା ଭାବେ ଘୋଷଣା ନ କରିବା ଆଦି ବିଷୟ ସରକାରଙ୍କ ଶିକ୍ଷକଙ୍କ ଜୀବନ ପ୍ରତି ହେୟଜ୍ଞାନ ବୋଲି ଓଷ୍ଟା ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଦାୟିତ୍ୱ ତୁଲାଇ ୨ଶିକ୍ଷକଙ୍କ ମୃତ ହୋଇଥିବାରୁ ସେମାନଙ୍କ ପରିବାରବର୍ଗଙ୍କୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି ହୋଇଛି। ସରକାର ଓଷ୍ଟାର ଦାବିକୁ ଗ୍ରହଣ ନ କଲେ ବାଧହୋଇ କରୋନା ଦାୟିତ୍ୱରୁ ସମସ୍ତ ଶିକ୍ଷକ ଓହରି ଯିବେ ବୋଲି ସଙ୍ଗଠନ ଚେତାବନୀ ଦେଇଛି।

## ବିଷ୍ଣୁଙ୍କ ପରଲୋକ ଏକ ଶକ୍ତ ଧକ୍କା: ମହେଶ୍ୱର

**ପୁରୀ ଅଫିସ,୬।୭:**

ଜଗତ୍‌ସିଂହପୁରର ବିଜେଡି ନେତା ବିଷ୍ଣୁ ଦାସଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି। ସେ ଶୋକବାର୍ତ୍ତାରେ କହିଛନ୍ତି, ବିଷ୍ଣୁଦାସ କେବଳ ମୋର ଜଣେ ବ୍ୟକ୍ତିଗତ ବନ୍ଧୁ ନ ଥିଲେ ଜଣେ ଶୁଭେଚ୍ଛୁ, ସଖା ଓ ସହୋଦର ଥିଲେ। ତାଙ୍କର ପରଲୋକ ମୋ ପାଇଁ ଏକ ଶକ୍ତ ଧକ୍କା। ସେ ଦଳିତ, ଅବହେଳିତଙ୍କ ପାଇଁ ସଂଗ୍ରାମ କରୁଥିବା ନେତା ଥିଲେ। ତାଙ୍କର ବିୟୋଗ କେବଳ ଜଗତ୍‌ସିଂହପୁର ଜିଲା ନୁହେଁ, ସମଗ୍ର ରାଜ୍ୟ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିବ ଏହା ନିଃସନ୍ଦେହ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିବା ସହ ପ୍ରଭୁ ଜଗନ୍ନାଥ ତାଙ୍କ ପରିବାରକୁ ଶକ୍ତି ଦିଅନ୍ତୁ ବୋଲି ମହେଶ୍ୱର କହିଛନ୍ତି।



ବିଭିନ୍ନ ଦାବିରେ ପୁରୀ ସେସୁ ମିଟର ରିଡିଂ ଓ ବିଲ୍ କଲେକ୍ସନ୍ ସଂଘ ପକ୍ଷରୁ ସୋମବାର ସେସୁ ମୁଖ୍ୟ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

# ଖୋଲା ରହିବ ଶିଶୁଭବନ ଆଉଟ୍‌ଡୋର

**କଟକ ଅଫିସ,୬।୭**

**ବନ୍ଦ ଗୁଜବକୁ ଖଣ୍ଡନ କଲେ ଅଧୀକ୍ଷକ**

ଶିଶୁଭବନ ଆଉଟ୍‌ଡୋରକୁ ଆସିଥିବା ସାଲେପୁର ଅଞ୍ଚଳର ଜଣେ ଶିଶୁ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ଘଟଣା ପରେ ଶିଶୁଭବନ ଆଉଟ୍‌ଡୋର ବନ୍ଦ ହୋଇଛି ବୋଲି ଗୁଜବ ଉଠିଥିବା ବେଳେ ଏହାକୁ ଖଣ୍ଡନ କରିଛନ୍ତି ଶିଶୁଭବନ ଅଧୀକ୍ଷକ ଡ. ସରୋଜ ଶତପଥୀ। ଆଉଟଡୋର୍ ବନ୍ଦ କରାଯାଇନାହିଁ। ଖୁବ କମ୍ ସଂଖ୍ୟକ ରୋଗୀ ସୋମବାର ଆଉଟଡୋରକୁ ଆସିଥିଲେ। ରୋଗୀ ସେବାରେ କୌଣସି ବ୍ୟାଘାତ ଆସିବ ନାହିଁ ବୋଲି ସେ କହିଛନ୍ତି। ସଂକ୍ରମିତ ଜଣଙ୍କ ଆଉଟ୍‌ଡୋର ଆସିଥିଲେ। ତେଣୁ ଇନ୍‌ଡୋର ରୋଗୀଙ୍କ ପ୍ରତି କୌଣସି ବିପଦ ନାହିଁ। ଏହାଛଡ଼ା ସୋମବାର ଆଉଟ୍‌ଡୋରରେ ଥିବା ଜଣେ ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ କ୍ୱାରାଣ୍ଟାଇନକୁ ପଠାଯିବା ସହ ଉଭୟଙ୍କ ସ୍ୱାବ୍ ସଂଗ୍ରହ ହୋଇଛି। ଏହି ଦୁଇଜଣ ପିପିଇ କିଟ୍ ପିନ୍ଧିଥିଲେ ମଧ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଅଧୀକ୍ଷକ ଶତପଥୀ କହିଥିଲେ। ଅନ୍ୟପକ୍ଷରେ ସୋମବାର ସକାଳୁ ଶିଶୁଭବନ ଆଉଟ୍‌ଡୋର ଟିକେଟ କାଉଣ୍ଟର ବନ୍ଦ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଉଭୟ ଟିକେଟ କାଉଣ୍ଟର ଓ ଆଉଟ୍‌ଡୋର ବିଶୋଧନ କରାଯିବା ପରେ ଖୋଲାଯାଇଥିବା ଶିଶୁଭବନ କର୍ତ୍ତୃପକ୍ଷ କହିଛନ୍ତି। ରୋଗୀ ସଂଖ୍ୟା କମ୍ ଥିବାରୁ ଆଉଟ୍‌ଡୋର ବନ୍ଦ ଥିବା ମିଥ୍ୟା ପ୍ରଚାର ହୋଇଛି। ଅନ୍ୟପକ୍ଷରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗ ଆଉଟ୍‌ଡୋର ମଧ ସୋମବାର ବିଶୋଧିତ ହୋଇଛି। ଏଥିପାଇଁ ପୂର୍ବାହ୍ନରେ ପ୍ରାୟ ୩ ଘଣ୍ଟା ଆଉଟ୍‌ଡୋର ବନ୍ଦ ରହିଥିଲା।

## ୩ ଗାଡ଼ି ସହ ୬ ଅଟକ, ୧୨ ଗାଈ ଉଦ୍ଧାର

**ପୁରୀ ଅଫିସ, ୬।୭**

**ଗୋରୁ ଚୋରା ଚାଲାଣ ଅଭିଯୋଗ**

ଶାସନ ଦାମୋଦରପୁର ପଞ୍ଚାୟତ ପିଳିପିଳା ଗାଁରୁ ରବିବାର ବିଳମ୍ବିତ ରାତିରେ ୩ଟି ଟାଟା ଏସିଇ ଗାଡ଼ିରେ ୧୨ଟି ଗାଈ ଚାଲାଣ କରାଯାଉଥିଲା। ରାତି ପ୍ରାୟ ସାଢେ ୧ଟାରେ ଗାଈ ଚାଲାଣ କରାଯାଉଥିବାବେଳେ ନିକଟସ୍ଥ ପାଇକସାହିର କେତେଜଣ ଯୁବକ ଦେଖିଥିଲେ। ସେମାନଙ୍କର ସନ୍ଦେହ ହେବାରୁ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ଖୋଳତାଡ଼ ପରେ ଗୋରୁ ଚୋରା ଚାଲାଣ କରାଯାଉଥିବା ଜଣାପଡ଼ିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ନିମାପଡ଼ା ଅଞ୍ଚଳର ଜଣେ ବେପାରୀ ଗାଈ ନେବା ପାଇଁ ୩ଟି ଗାଡ଼ି ଆଣି ଆସିଥିଲେ। ରାତିରେ ପିଳିପିଳା ଗାଁର ଏକ ପଡ଼ିଆରୁ ଗାଈମାନଙ୍କୁ ଗାଡ଼ିରେ ଭର୍ତ୍ତି କରିଥିଲେ। ସମ୍ପୃକ୍ତ ବ୍ୟବସାୟୀ ଓ ଚାଳକଙ୍କ ସମେତ ପ୍ରତି ଗାଡ଼ିରେ ଦୁଇଜଣ ଲେଖାଏ ଥିଲେ। ରାତି ପ୍ରାୟ ସାଢେ ୧ଟାରେ ପାଇକସାହି ଦେଇ ସେମାନେ ଯାଉଥିଲେ। ଗାଁର ୪ଜଣ ଯୁବକ ସେମାନଙ୍କୁ ଦେଖି ସନ୍ଦେହରେ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ଏହାପରେ ଗ୍ରାମବାସୀ ରୁଣ୍ଡ ହୋଇଯାଇଥିଲେ। ସେମାନଙ୍କୁ ପଚାରିବାରୁ ଗାଈଗୁଡ଼ିକୁ କିଣିକରି ଆଣିଥିବା ସମ୍ପୃକ୍ତ ବ୍ୟବସାୟୀ କହିଥିଲେ। ଗାଈର ମାଲିକ କିଏ ପଚାରିବାରୁ ବ୍ୟବସାୟୀ ଜଣଙ୍କ ଡାକିବାକୁ ଯାଉଛି କହି ଖସି ପଳାଇଥିଲେ। ପାଇକସାହି ଗାଁ ଲୋକେ ଗାଈମାନଙ୍କୁ ମୁକୁଳାଇ ଦେଇଥିଲେ। ତେବେ ୩ଟି ଗାଡ଼ି ସହ ୬ ଜଣଙ୍କୁ ଅଟକ ରଖିଥିଲେ।

## ଘରେ ପଶି ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ନିମାପଡ଼ା, ୬।୭(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅଞ୍ଚଳର ମହିଳାଙ୍କୁ ଘରେ ପଶି ଜଣେ ଯୁବକ ବଳାତ୍କାର କରିଥିବା ସୋମବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୧୪୭/୨୦ରେ ମାମଲା ରୁଜୁ କରି ଉକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ଏହାସହ ଉଭୟ ମହିଳା ଓ ଯୁବକଙ୍କୁ ଡାକ୍ତରୀମାଇନା ପାଇଁ ନିମାପଡ଼ା ମେଡିକାଲକୁ ପଠାଯାଇଛି। ରବିବାର ବିଳମ୍ବିତ ରାତିରେ ମହିଳା ଜଣକ ପରିବାରଙ୍କ ସହ ଘରେ ଶୋଇଥିଲେ। ଏହି ସମୟରେ ଯୁବକ ଜଣକ ଘରେ ପଶି ମହିଳାଙ୍କୁ ବଳାତ୍କାର କରିଥିଲେ। ମହିଳା ପାଟି କରିବାରୁ ଯୁବକ ଜଣକ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ପରଦିନ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଚଢ଼ାଉ କରି ଯୁବକଙ୍କୁ ଧରିଥିଲା।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ

**ଭୁବନେଶ୍ୱର (ବ୍ୟୁରୋ)/ ଖୋର୍ଦ୍ଧା ଅଫିସ,୬।୭:**

ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୧୯ ତମ ଜୟନ୍ତୀରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତିଙ୍କ ସମେତ ନେତୃବୃନ୍ଦ ରାଜ୍ୟ କାର୍ଯ୍ୟାଳୟରେ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତିଚାରଣ କରିଛନ୍ତି। ଶ୍ୟାମ ପ୍ରସାଦ ମୁଖାର୍ଜୀ ହେଉଛନ୍ତି ଭାଜପା ବିଚାରଧାରା ଏବଂ ରାଜନୈତିକ ଆନ୍ଦୋଳନର ପ୍ରଣେତା। ମୁଖାର୍ଜୀଙ୍କ ନେତୃତ୍ୱରେ 'ଭାରତୀୟ ଜନସଂଘ' ପ୍ରତିଷ୍ଠା ହୋଇଥିଲା ଯାହା ପରବର୍ତ୍ତୀ ଅବସ୍ଥାରେ ଭାଜପା ଭଳି ବଡ ବଟ ବୃକ୍ଷ ଭାବେ ରୂପ ନେଇଛି। ତାଙ୍କ ବିଚାରଧାରାକୁ ନେଇ ବର୍ତ୍ତମାନ ଭାଜପା ଦେଶବାସୀଙ୍କ ସେବା କରୁଛି। ମୁଖାର୍ଜୀ ଜଣେ ଦୂରଦ୍ରଷ୍ଟା ଥିଲେ। ଦେଶର ବିକାଶ, ଅର୍ଥନୀତିର ବିକାଶ, ସମାଜିକ ନୀତି ଏବଂ ଦେଶର ରାଷ୍ଟ୍ରୀୟ ସୁରକ୍ଷାନୀତି କିଭଳି ହେବ ସେନେଇ ସେ ସର୍ବଦା କାର୍ଯ୍ୟ କରୁଥିଲେ । ସେ କହୁଥିଲେ 'ଏକ ଦେଶମେଁ ଦୋ ବିଧାନ, ଦୋ ପ୍ରଧାନ, ୱର ଦୋ ନିଶାନ ନହିଁ ଚଲେଙ୍ଗେ ନହି ଚଲେଙ୍ଗେ।' ତାଙ୍କ ସ୍ୱପ୍ନ ଆଜି ପୂରଣ ହୋଇଛି। ଅଗଷ୍ଟ ୫, ୨୦୧୯ରେ କାଶ୍ମୀରରେ ଧାରା ୩୭୦ ଓ ୩୫ 'ଏ' ଉଚ୍ଛେଦ ପରେ କାଶ୍ମୀର ଭାରତର ଅଭିନ୍ନ ଅଙ୍ଗଭାବେ ପରିଗଣିତ ହୋଇଛି । ମୁଖାର୍ଜୀଙ୍କ ବଳିଦାନ କେବେ ବି ବ୍ୟର୍ଥଯିବନି ବୋଲି ରାଜ୍ୟ ସଭାପତି କହିଛନ୍ତି । ସେହିପରି ଶ୍ୟାମାପ୍ରସାଦଙ୍କ ଜୟନ୍ତୀ ଉତ୍ସବ ଭାଜପା ପକ୍ଷରୁ ଖୋର୍ଦ୍ଧା ଜିଲା କାର୍ଯ୍ୟାଳୟରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ନିକୁଞ୍ଜ କିଶୋର ପଟ୍ଟନାୟକ, ସୁବାସ ଗନ୍ତାୟତ, ପ୍ରତାପ ମହାପାତ୍ର, ରାଜୀବ ଷଡ଼ଙ୍ଗୀ, ପ୍ରଦୀପ୍ତ ପାଣି, ଶକ୍ତି ମିଶ୍ର, ଅବନୀ ଜେନା ଉପସ୍ଥିତ ଥିଲେ।

## ପବ୍ ଜୀ ଖେଳରୁ ଚାପଡ଼ ଚୋଟ, ଦୁଇଭାଇ ଗୁରୁତର

**ଭୁବନେଶ୍ୱର,୬।୭ (ବ୍ୟୁରୋ)**

କ୍ୟାପିଟାଲ ଥାନା ଅନ୍ତର୍ଗତ ବାପୁଜୀନଗର ପାଣିଟାଙ୍କି ବସ୍ତିରେ ପବ୍ ଜୀ ଖେଳକୁ ନେଇ ଚାପଡ଼ରେ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଉକ୍ତ ବସ୍ତିର ଦୁଇ ଭାଇ ଟି.ଶଙ୍କର ରାଓ ଏବଂ ଟି.ରାମା ରାଓ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ରବିବାର ରାତିରେ ବସ୍ତିର ଏକାଧିକ ପିଲା ବସି ମୋବାଇଲ୍‌ରେ ପବ୍‌ଜୀ ଖେଳୁଥିଲେ। ଏହି ସମୟରେ ପିସିଆର ପୋଲିସ ପହଞ୍ଚି ସେମାନଙ୍କୁ ଗାଳିଗୁଲଜ କରିଥିଲା। ସୋମବାର ସକାଳେ ସେଠାରେ ରହୁଥିବା ଜଣେ ମହିଳାଙ୍କର ପରିବାର ଲୋକେ ଉକ୍ତ ପିଲାଙ୍କୁ ପାଟି କରିଥିଲେ। ହେଲେ ପାଟି କରିଥିବା ବ୍ୟକ୍ତିଙ୍କୁ ଶଙ୍କର ଓ ରାମା ପଠାଇଥିବା ଭାବି ଆକ୍ରମଣ କରିଥିଲେ।

# ଆର୍‌ପିଏଫ୍ ଆଇଜିଙ୍କ ଡ୍ରାଇଭର ସହ ୨ ଗିରଫ

**ଭୁବନେଶ୍ୱର,୬।୭ (ବ୍ୟୁରୋ)**

- ଜାତୀୟ ରାଜପଥରେ ଟ୍ରକ୍ ଅଟକାଇ ବଟି ନେଉଥିଲେ
- ନାଲିବତି ଗାଡ଼ିରେ ଲଗାଇଥିଲେ ନକଲି ନମ୍ବର ପ୍ଲେଟ୍

ଆର୍‌ପିଏଫ୍ ଆଇଜିଙ୍କ ନାଲିବତି ଗାଡ଼ି, କିନ୍ତୁ ଲାଗିଥିଲା ନକଲି ନମ୍ବର ପ୍ଲେଟ୍। ଜାତୀୟ ରାଜପଥର ଓଭରବ୍ରିଜ୍ ଉପରେ ଏହି ଗାଡ଼ି ରଖି ଟ୍ରକ୍ ଡ୍ରାଇଭରଙ୍କଠାରୁ ବଟି ଆଦାୟ କରୁଥିବା ୨ ନକଲି ପୋଲିସଙ୍କୁ ଗିରଫ କରିଛି ନୟାପଲ୍ଲୀ ଥାନା ପୋଲିସ। ଅଭିଯୁକ୍ତମାନେ ହେଲେ ଚନ୍ଦ୍ରଶେଖରପୁରସ୍ଥିତ ଲକ୍ଷ୍ମୀପୁର ବସ୍ତିରେ ରହୁଥିବା କଟକ ବାରଙ୍ଗର ସୌମ୍ୟରଞ୍ଜନ ରାଉତ (୨୯) ଓ ଯାଜପୁର ବରୀର ଚନ୍ଦ୍ରଶେଖର ଦାଶ (୪୦)। ସେମାନଙ୍କ ବିରୋଧରେ ପୋଲିସ ମାମଲା (ନଂ.୨୪୦/୨୦) ରୁଜୁ କରି ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ପୋଲିସ ସୂଚନାନୁଯାୟୀ, ସୌମ୍ୟରଞ୍ଜନ ଆର୍‌ପିଏଫ୍ ଆଇଜିଙ୍କ ଭଡ଼ା ଗାଡ଼ିର ଡ୍ରାଇଭର ଭାବେ କାମ କରନ୍ତି। ରବିବାର ସୌମ୍ୟରଞ୍ଜନ ଗାଡ଼ି ମାଲିକଙ୍କୁ ଆଇଜିଙ୍କ ନାଁରେ ମିଛ କହି ଗାଡ଼ି ଆଣିବା ପରେ ଚନ୍ଦ୍ରଶେଖର ଓ ଅନ୍ୟଜଣେ ଯୁବକଙ୍କୁ ନେଇ ଅପରାହ୍ନ ୨ଟାରେ ଇସ୍କନ ସମ୍ମୁଖ ଓଭରବ୍ରିଜ୍ ଉପରେ ପହଞ୍ଚିଥିଲେ। ଏହା ପୂର୍ବରୁ ନାଲିବତି ଗାଡ଼ିରୁ ଅସଲି ନମ୍ବର ପ୍ଲେଟ୍ କାଢ଼ି ନକଲି ଲଗାଇଥିଲେ। ପୋଲିସ ଢଙ୍ଗରେ ବାଡ଼ି ଧରି ବାହାରୁ ଆସୁଥିବା ଟ୍ରକ୍‌କୁ ଅଟକାଇ ଡ୍ରାଇଭରଙ୍କଠାରୁ ଦାଦାବଟି ନେଉଥିଲେ। ହେଲେ କେତେଜଣ ଲୋକ ସେମାନଙ୍କ ହାବଭାବରୁ ସନ୍ଦେହ କରିଥିଲେ। ସେମାନଙ୍କୁ ପଚରାଉଚରା କରିବାପରେ ଫଟୋ ଉଠାଇଥିଲେ। ଏହାପରେ ଥାନାକୁ ଫୋନ୍ କରିବାରୁ ୩ଜଣ ଅଭିଯୁକ୍ତ ଗାଡ଼ିଛାଡ଼ି ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ଉକ୍ତ ଗାଡିକୁ ଥାନାକୁ ନେଇ ତଦନ୍ତ କରିଥିଲା। ଗାଡିରେ ଲାଗିଥିବା ନମ୍ବର ପ୍ଲେଟ ଆଧାରରେ ପୋଲିସ ତଦନ୍ତ କରିବା ପରେ ଜାଣିବାକୁ ପାଇଥିଲା ତାହା ନକଲି। ଉକ୍ତ ନମ୍ବରରେ ଥିବା ଗାଡି ଗ୍ୟାରେଜରେ ପଡିଛି। ଏହାପରେ ପୋଲିସ ଅସଲି ନମ୍ବର ଜାଣିବା ପରେ ଗାଡି ମାଲିକଙ୍କ ନିକଟରେ ପହଞ୍ଚିବା ପରେ ତାଙ୍କ କାର୍ ଆରପିଏଫ ଆଇଜି ଭଡ଼ାରେ ବ୍ୟବହାର କରୁଥିବା କହିଥିଲେ। ତଦନ୍ତରୁ ଏହି ରାକେଟ ପଛରେ ଆର୍‌ପିଏଫ୍ ଆଇଜିଙ୍କ ଡ୍ରାଇଭର ସୌମ୍ୟରଞ୍ଜଙ୍କ ହାତ ଥିବା ଜଣାପଡିବା ପରେ ପୋଲିସ ସୋମବାର ତାଙ୍କୁ ଗିରଫ କରିଛି।

# ମ୍ୟାଚ୍ ଫିକ୍ସର ଦାଣ୍ଡିୱାଲ ଗିରଫ

**ଚଣ୍ଡିଗଡ଼, ୬।୭ (ପି.ଟି.):** ପଞ୍ଜାବ ପୋଲିସ ସୋମବାର ମୋହାଲି ଜିଲାରେ ଖେଳାଯାଇଥିବା ଏକ ଟି୨୦ ମାଚ୍ ସହିତ ସମ୍ପୃକ୍ତିକୁ ନେଇ ମ୍ୟାଚ ଫିକ୍ସର ବୋଲି କୁହାଯାଉଥିବା ରବିନ୍ଦର ଦାଣ୍ଡିୱାଲଙ୍କୁ ଗିରଫ କରିଛି। କିନ୍ତୁ ଅନ୍‌ଲାଇନ୍ ଷ୍ଟ୍ରିମ୍‌ରେ ଏହି ମ୍ୟାଚ ଶ୍ରୀଲଙ୍କାରେ ଖେଳାଯାଇଥିବା ଦର୍ଶାଯାଇଥିଲା। ଗତ ମାସରେ ଅନୁଷ୍ଠିତ ଏହି ମ୍ୟାଚ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଦୁର୍ନୀତି ନିବାରଣ ଶାଖା (ଏସିୟୁ), ପୋଲିସ ଓ ଶ୍ରୀଲଙ୍କା କ୍ରିକେଟ (ଏସଏଲସି)ର ଦୃଷ୍ଟି ଆକର୍ଷଣ କରିଥିଲା। ରବିନ୍ଦର ଦାଣ୍ଡିୱାଲ୍ ଏହି ର୍‍ୟାକେଟର କିଙ୍ଗ୍‌ପିନ୍ ବୋଲି କୁହାଯାଉଛି। ତାଙ୍କୁ ପଞ୍ଜାବରୁ ଗିରଫ କରାଯାଇଥିବା ଖରାର୍ ପୋଲିସ ଡିଏସ୍‌ପି ପାଲ୍ ସିଂ ସୂଚନା ଦେଇଛନ୍ତି। ଲକ୍‌ଡାଉନ୍ ସମୟରେ ଖେଳାଯାଇଥିବା ଏହି ଟି୨୦ ମ୍ୟାଚକୁ ନେଇ ପୂର୍ବରୁ ଅନ୍ୟ ଦୁଇ ଜଣ ଗିରଫ ହୋଇ ସାରିଛନ୍ତି। ଗିରଫ ସମୟରେ ଦାଣ୍ଡିୱାଲଙ୍କ ନିକଟରୁ କିଛି ଲାପ୍‌ଟପ୍, ମୋବାଇଲ ଫୋନ୍ ଏବଂ ଡକୁମେଣ୍ଟ ଜବତ ହୋଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଦାଣ୍ଡିୱାଲ ପ୍ରକୃତରେ ହେଉଛନ୍ତି ରାଜସ୍ଥାନ ବାସିନ୍ଦା। ସେ ଅତୀତରେ ଏହି ଭଳି ଠକାମି ଟୁର୍ନାମେଣ୍ଟମାନ ଆୟୋଜନ କରିଥିବା ନଜିର ରହିଛି। ଶୁକ୍ରବାର ଏକ ଖବର କାଗଜ ରିପୋର୍ଟରେ ପ୍ରକାଶ ପାଇଥିଲା ଯେ, ମ୍ୟାଚ୍‌ଟି ଜୁନ୍ ୨୯ରେ ଚଣ୍ଡିଗଡ଼ଠାରୁ ୧୬ କିଲୋମିଟର ଦୂର ସାୱାରା ଗ୍ରାମରେ ଖେଳାଯାଇଥିଲା। କିନ୍ତୁ ଅନ୍‌ଲାଇନ୍ ଷ୍ଟ୍ରିମ୍‌ରେ ଏହାକୁ ଶ୍ରୀଲଙ୍କା ଅନ୍ତର୍ଗତ ବାଦୁଲା ସିଟିରେ ଖେଳାଯାଇଥିବା 'ୟୁଭା ଟି୨୦ ଲିଗ୍'ର ଏକ ମ୍ୟାଚ ବୋଲି ଦର୍ଶାଯାଇଥିଲା। ହେଲେ ଏହି ଲିଗ୍ ସହ ସେମାନଙ୍କ ସମ୍ପୃକ୍ତି ନ ଥିବା ଉଭୟ ୟୁଭା ପ୍ରୋଭିନ୍ସ କ୍ରିକେଟ ଆସୋସିଏଶନ (ୟୁପିସିଏ) ଏବଂ ଶ୍ରୀଲଙ୍କା କ୍ରିକେଟ ସ୍ପଷ୍ଟ କରିଛନ୍ତି। ପଞ୍ଜାବ ପୋଲିସ୍ ପୂର୍ବରୁ କହିଥିଲା ଯେ, ଏହି ଲିଗ୍ ସହ କୌଣସି ବେଟିଂ ସିଣ୍ଡିକେଟ ସମ୍ପୃକ୍ତ ଅଛିକି ନା ସେ ନେଇ ତଦନ୍ତ ଚାଲିଛି। ଅନ୍ୟପକ୍ଷରେ ବିସିସିଆଇ କହିଥିଲା, ଘଟଣାଟି ଉପରେ ନଜର ରଖାଯାଇଛି। ଏହା ସହିତ କେଉଁମାନେ ସଂଶ୍ଳିଷ୍ଟ ଅଛନ୍ତି ତାହାର ଖୋଜ ଖବର ନିଆଯାଉଛି। ବିସିସିଆଇର ଦୁର୍ନୀତି ନିବାରଣ ଶାଖା ମଙ୍ଗଳବାର ଚଣ୍ଡିଗଡ଼ ଯିବ ଏବଂ ଦାଣ୍ଡିୱାଲଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବ ବୋଲି ଏହାର ମୁଖ୍ୟ ଅଜିତଥ ସିଂ କହିଛନ୍ତି।

# ନଭେମ୍ବରରୁ ଇଣ୍ଡିଆନ ସୁପର ଲିଗ୍

**ନୂଆଦିଲ୍ଲୀ, ୬।୭ (ପି.ଟି.)**



ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ୭ମ ସଂସ୍କରଣ ଆସନ୍ତା ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ରୁଦ୍ଧଦ୍ୱାରରେ ଅନୁଷ୍ଠିତ ହେବ। କୋଭିଡ୍-୧୯ ମହାମାରୀ ଯୋଗୁ ଏହି ଫୁଟ୍‌ବଲ ଇଭେଣ୍ଟ ଦୁଇଟି ରାଜ୍ୟ ମଧ୍ୟରେ ଖେଳାଯିବା ସମ୍ଭାବନା ରହିଛି। ପ୍ରତିଯୋଗିତା ଆୟୋଜନ ଦୌଡ଼ରେ ଗୋଆ ଓ କେରଳ ଆଗରେ ରହିଛନ୍ତି। ସୋମବାର ଆଇଏସ୍‌ଏଲ ଆୟୋଜକ ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ (ଏଫ୍‌ଏସ୍‌ଡିଏଲ୍) ଏବଂ କ୍ଲବ ପ୍ରତିନିଧିମାନଙ୍କର ଏକ ବୈଠକ ବସିଥିଲା। ଏଥିରେ କେରଳ, ଗୋଆ, ପଶ୍ଚିମବଙ୍ଗ ଏବଂ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା। ତେବେ ବର୍ତ୍ତମାନ ପରିସ୍ଥିତିରେ ଗୋଆ ଓ କେରଳ ଟୁର୍ନାମେଣ୍ଟ ପାଇଁ ଉପଯୁକ୍ତ ସ୍ଥାନ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଆଇଏସଏଲକୁ ଦୁଇଟି ରାଜ୍ୟର ଏକାଧିକ ସ୍ଥାନରେ ଆୟୋଜନ କରିବା ଲାଗି ଯୋଜନା ରହିଛି। ରାଜ୍ୟ ଏବଂ ଭେନ୍ୟୁ ଚୂଡ଼ାନ୍ତ କରିବା ପୂର୍ବରୁ ବିଭିନ୍ନ ଦିଗରୁ ବିଚାର କରାଯିବ ବୋଲି ଏଥିରେ ସ୍ଥିର କରାଯାଇଛି। ଅକ୍ଟୋବରରେ ଆଇଏସ୍‌ଏଲ୍ ୱାର୍କଶପ ଅୟୋଜିତ ହେବ। ସେତେବେଳେ ଇଭେଣ୍ଟ ସମ୍ପର୍କିତ ନୀତି ଓ ନିୟମର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରାଯିବ। ଉତ୍ତରପୂର୍ବାଞ୍ଚଳର ଆଇଜଲ, ଇମ୍ଫାଲ, ଶିଲଂ, ଗୁଆହାଟୀ ଏବଂ ଗାଙ୍ଗଟକ ଆଦିକୁ ସମ୍ଭାବ୍ୟ ଭେନ୍ୟୁ ନେଇ ଆଲୋଚନା ହୋଇଥିଲା। କୋଲକାତା ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା। ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ଟେଷ୍ଟ ସିରିଜକୁ ଏକ ଉଦାହରଣ ଭାବେ ଗ୍ରହଣ କରି ଟିମ୍ ଗୁଡ଼ିକୁ ଜୈବ ସୁରକ୍ଷିତ ପରିବେଶ ମଧ୍ୟରେ ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, କରୋନା ଭାଇରସ୍ ଯୋଗୁ ଗତ ମାର୍ଚ୍ଚ ୧୪ରେ ଗୋଆର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଏଟିକେ ଏବଂ ଚେନ୍ନାଇନ ଏଫ୍‌ସି ମଧ୍ୟରେ ଗତ ଆଇଏସ୍‌ଏଲ୍ ମ୍ୟାଚ ରୁଦ୍ଧଦ୍ୱାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

# ବ୍ରଡ୍ ବାଦ୍ ପଡ଼ିବା ସମ୍ଭାବନା

**ସାଉଥାମ୍ପଟନ, ୬।୭ (ପି.ଟି.):** ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ପ୍ରଥମ କ୍ରିକେଟ ଟେଷ୍ଟ। ଘରୋଇ ଇଂଲଣ୍ଡ ଦଳ ୩ ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନ, ଜୋଫ୍ରା ଆର୍ଚର ଓ ମାର୍କ ଉଡ୍‌ଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବା ସମ୍ଭାବନା ରହିଛି। ଏହା ହେଲେ ଅଭିଜ୍ଞ ପେସର ଷ୍ଟୁଆର୍ଟ ବ୍ରଡ୍ ଚୂଡ଼ାନ୍ତ ଏକାଦଶରୁ ବାଦ୍ ପଡ଼ିବେ। 'ଦି ଗାର୍ଡିଆନ'ର ରିପୋର୍ଟ ଅନୁସାରେ ୮ ବର୍ଷ ମଧ୍ୟରେ ବ୍ରଡ୍ ପ୍ରଥମଥରପାଇଁ ଘରୋଇ ପରିବେଶରେ ଟେଷ୍ଟ ଖେଳିବାକୁ ବଞ୍ଚିତ ହେବା ସମ୍ଭାବନା ସୃଷ୍ଟି ହୋଇଛି। କାରଣ ଇଂଲଣ୍ଡ ମ୍ୟାନେଜମେଣ୍ଟ ପେସ୍ ବିଭାଗରେ ଆଣ୍ଡରସନଙ୍କ ସହ ଆର୍ଚର ଓ ଉଡ୍ ଏବଂ ଏକମାତ୍ର ଅଫ୍ ସ୍ପିନର ଡମ୍ ବେସ୍‌ଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବାକୁ ଚିନ୍ତା କରୁଛି। ଅଧିନାୟକ ବେନ୍ ଷ୍ଟୋକ୍ସ ଜଣେ ଅଲରାଉଣ୍ଡର। ସେ ଆବଶ୍ୟକ ସମୟରେ ବୋଲିଂ କରି ପେସରଙ୍କ ଉପରୁ ଚାପ ହଟାଇବେ। ଆର୍ଚର ଓ ଉଡ୍ ଆହତ ସମସ୍ୟାରୁ ମୁକୁଳି ଏବେ ଫିଟ୍ ଅଛନ୍ତି। ନିକଟରେ ଶେଷ ହୋଇଥିବା ୱାର୍ମଅପ୍ ଗେମ୍‌ରେ ଅନ୍ୟତମ ଅଲରାଉଣ୍ଡର କ୍ରିସ୍ ୱୋକ୍ସ ଭଲ ଖେଳିଥିଲେ ହେଁ ପ୍ରଥମ ଟେଷ୍ଟରେ ସୁଯୋଗ ପାଇବା ସମ୍ଭାବନା କମ୍। ବ୍ରଡ୍ ଶେଷଥରପାଇଁ ୨୦୧୨ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଘରୋଇ ଗେମ୍ ମିସ୍ କରିଥିଲେ। ସେତେବେଳେ ତାଙ୍କୁ ବିଶ୍ରାମ ଦିଆ ଯାଇଥିଲା। କ୍ୟାରିୟରରେ ସେ ୪୮୫ଟି ଉଇକେଟ ନେଇ ଇଂଲଣ୍ଡର ସର୍ବାଧିକ ଉଇକେଟ ହାସଲକାରୀଙ୍କ ମଧ୍ୟରେ ଆଣ୍ଡରସନଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**ବୁଧବାରଠାରୁ ପ୍ରଥମ ଟେଷ୍ଟ**

# ସ୍ତ୍ରୀଙ୍କ ପାଇଁ ଗର୍ବିତ ଓ ଚିନ୍ତିତ ଗୌରମାଙ୍ଗି

**ନୂଆଦିଲ୍ଲୀ, ୬।୭ (ପି.ଟି.)**

ଭାରତର ଜଣାଶୁଣା ଫୁଟ୍‌ବଲର ଗୌରମାଙ୍ଗି ସିଂ ତାଙ୍କ ସ୍ତ୍ରୀ କମାଣ୍ଡର ପୁଷ୍ପାଞ୍ଜଳି ପୋତ୍‌ସାଙ୍ଗବାମ୍‌ଙ୍କ ପାଇଁ ଯେତେ ଗର୍ବିତ ସମ ପରିମାଣରେ ଚିନ୍ତିତ ମଧ୍ୟ। ପୁଷ୍ପାଞ୍ଜଳି ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନର ପାଇଲଟ ଅଛନ୍ତି। କୋଭିଡ୍-୧୯ ମହାମାରୀ ଯୋଗୁ ବିଶ୍ୱର ବିଭିନ୍ନ ସ୍ଥାନରେ ଅଟକି ରହିଥିବା ଭାରତୀୟମାନଙ୍କୁ ବିମାନଯୋଗେ ନିଜ ଦେଶକୁ ଆଣିବା ଲାଗି କାର୍ଯ୍ୟରେ ସେ ନିୟୋଜିତ ଅଛନ୍ତି। ଫଳରେ ନୂଆଦିଲ୍ଲୀରେ ଅବସ୍ଥାନ କରୁଥିବା ଏହି ପାଇଲଟ ୪ମାସ ହେବ ତାଙ୍କ ସ୍ୱାମୀଙ୍କଠାରୁ ଦୂରରେ ରହିଛନ୍ତି। ଏୟାରଇଣ୍ଡିଆର ଜଣେ କମାଣ୍ଡର ଭାବେ ମଣିପୁରର ଏହି ମହିଳା ସରକାରଙ୍କ ବନ୍ଦେ ଭାରତ ମିଶନରେ ସାମିଲ ହୋଇଛନ୍ତି। ବିଶ୍ୱର ବିଭିନ୍ନ ସ୍ଥାନରେ ଅଟକି ରହିଥିବା ଭାରତୀୟଙ୍କ ଉଦ୍ଧାର କାର୍ଯ୍ୟରେ ସେ ଲାଗିଛନ୍ତି। ଲକ୍‌ଡାଉନ୍ ବେଳେ ଜୈବିକ ଚାଷରେ ନିଜକୁ ନିୟୋଜିତ କରି ନିକଟରେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଭାରତର ପୂର୍ବତନ ସେଣ୍ଟ୍ରାଲ ଡିଫେଣ୍ଡର ଗୌରମାଙ୍ଗି। ସେ କହିଛନ୍ତି, ବର୍ତ୍ତମାନ ଭଳି ଅଭୂତପୂର୍ବ ପରିସ୍ଥିତିରେ ଯେତେବେଳେ ନିଜ ପରିବାରର ଜଣେ ସଦସ୍ୟ ଦେଶ ପାଇଁ କିଛି କରିବାକୁ ଚେଷ୍ଟା କରେ ନିଜକୁ ଭଲ ଲାଗେ।



ଗୀତାଞ୍ଜଳୀ ପୋତ୍‌ସାଙ୍ଗବାମ୍‌ଙ୍କ ସହ ଗୌରମାଙ୍ଗି।

ଏହା ସହଜ କାର୍ଯ୍ୟନୁହେଁ। ଏଥିରେ ମାନସିକ ଚାପର ବଶବର୍ତ୍ତୀ ହେବାକୁ ମଧ୍ୟ ପଡ଼ିଥାଏ। ପୁଷ୍ପାଞ୍ଜଳି ଦେଶର ସର୍ବ ବୃହତ୍ କ୍ୟାରିୟରରେ ଜଣେ ଫାଷ୍ଟ ଅଫିସର ଭାବେ ଯୋଗ ଦେଇ ୧୧ବର୍ଷ ହେଲା କାର୍ଯ୍ୟ କରି ଆସୁଛନ୍ତି। ସେ କେବଳ ଇଣ୍ଟରନ୍ୟାଶନାଲ ସେକ୍ଟରରେ କାର୍ଯ୍ୟ କରିଥାନ୍ତି। ଭାରତୀୟ ନାଗରିକଙ୍କୁ ଆଣିବା ଲାଗି ଗତ ସପ୍ତାହରେ ସେ ଦକ୍ଷିଣ ଆଫ୍ରିକାର ଲାଗୋସରେ ଥିଲେ। ଗୋଟିଏ ଥର ଉଡାଣରେ ୩ଥର କୋଭିଡ୍-୧୯ ଟେଷ୍ଟ ଦେବାକୁ ହୋଇଥାଏ। ଲକ୍ଷ୍ୟସ୍ଥଳ ଉଦ୍ଦେଶ୍ୟରେ ପ୍ରସ୍ଥାନ ବେଳେ, ମୂଳସ୍ଥାନରେ ପହଞ୍ଚିବା ପରେ ଏବଂ ୫ ଦିନ ପରେ ଆଉଥରେ କରୋନା ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥାଏ। ବିମାନର ସମସ୍ତ କର୍ମଚାରୀଙ୍କର ସବୁବେଳେ ଭାଇରସ୍ ସଂକ୍ରମଣର ଆଶଙ୍କା ରହିଥାଏ। କହିବାକୁ ଗଲେ ସେମାନେ କୋଭିଡ୍-୧୯ ବିରୋଧରେ ଚାଲିଥିବା ଲଢେଇରେ ଡାକ୍ତର ଏବଂ ନର୍ସଙ୍କ ଭଳି ଜଣେ ଜଣେ ଫ୍ରଣ୍ଟଲାଇନ୍ ଯୋଦ୍ଧା। ବହୁ ଦିନ ପ୍ରତୀକ୍ଷା ପରେ ଗୌରମାଙ୍ଗି ଶେଷରେ ତାଙ୍କ ସ୍ତ୍ରୀଙ୍କୁ ଦେଖା କରିବା ଲାଗି ନୂଆଦିଲ୍ଲୀ ଯିବା ଲାଗି ସ୍ଥିର କରିଛନ୍ତି। ୩୪ ବର୍ଷୀୟ ଗୌରମାଙ୍ଗି ଜଣେ ପ୍ରତିଭାସମ୍ପନ୍ନ ଭାରତୀୟ ଫୁଟ୍‌ବଲର ଭାବେ ଜଣାଶୁଣା। ସେ ତାଙ୍କ କ୍ୟାରିୟରରେ ନ୍ୟାଶନାଲ ଫୁଟ୍‌ବଲ ଲିଗ୍, ଫେଡେରେଶନ କପ୍ ଓ ଆଇ-ଲିଗ୍ ଟାଇଟଲ ହାସଲ କରିଛନ୍ତି। ୨୦୧୦ରେ ସେ ଏଆଇଏଫ୍‌ଏଫ୍ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଥିଲେ।

# ଚେସାବ୍ଲ ମାଷ୍ଟର୍ସ: କାର୍ଲସେନ ଚାମ୍ପିୟନ

**ଓସ୍‌ଲୋ, ୬।୭**



ରୁଷିଆ ଜନ୍ମିତ ଡଚ୍ ଚେସ୍ ତାରକା ଆନିଶ୍ ଗିରିଙ୍କୁ ଫାଇନାଲରେ ହରାଇ ବିଶ୍ୱ ଚାମ୍ପିୟନ ମ୍ୟାଗ୍ନ କାର୍ଲସେନ ଅନ୍‌ଲାଇନ୍ ଚେସାବ୍ଲ ମାଷ୍ଟର୍ସ ଚେସ୍ ଟାଇଟଲ ହାସଲ କରିଛନ୍ତି। ପ୍ରଥମ ଗେମ୍‌ରେ ପ୍ରଭାବୀ ବିଜୟ ହାସଲ କରିଥିବା ନରୱେର କାର୍ଲସେନ ଦ୍ୱିତୀୟ ମ୍ୟାଚରେ ମଧ୍ୟ ସହଜରେ ବିଜୟୀ ହୋଇଥିଲେ। ଗେମ୍‌କୁ ପ୍ରତ୍ୟାବର୍ତ୍ତନ ପାଇଁ ଗିରି ଅନେକ ସୁଯୋଗ ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲେ। କାର୍ଲସେନ ଟୁର୍‌ର ଏହାଥିଲା ତୃତୀୟ ଇଭେଣ୍ଟ। ଜୁନ୍ ୨୦ରୁ ଏହା ଆରମ୍ଭ ହୋଇଥିଲା। ପ୍ରତିଯୋଗିତାରେ ୧୨ ଜଣ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗ୍ରାଣ୍ଡମାଷ୍ଟର ଭାଗ ନେଇଥିଲେ। ''ଗତ ତିନୋଟି ମ୍ୟାଚରେ ମୁଁ ଯେପରି ଖେଳିଥିଲି ଗିରି ଫାଇନାଲରେ ତା'ଠାରୁ ଉନ୍ନତ ପ୍ରଦର୍ଶନ କରିଥିଲେ। ମାତ୍ର ବିଜୟୀ ହୋଇଥିବାରୁ ମୁଁ ଭାଗ୍ୟବାନ'' ବୋଲି କାର୍ଲସେନ କହିଛନ୍ତି। କରୋନା ଭାଇରସ ସଂକ୍ରମଣ ଜନିତ ସଙ୍କଟ ସମୟରେ କାର୍ଲସେନ ଖେଳିଥିବା ୫ ଅନ୍‌ଲାଇନ୍ ଚେସ୍ ଟୁର୍ନାମେଣ୍ଟ ମଧ୍ୟରୁ ଏହାଥିଲା ୪ର୍ଥ ବିଜୟ। ମ୍ୟାଗ୍ନସ କାର୍ଲସେନ ଟୁର୍‌ର ୪ର୍ଥ ଇଭେଣ୍ଟ ଚେସ୍‌ର ଲିଜେଣ୍ଡ ମାନଙ୍କୁ ନେଇ ଚଳିତମାସ ୨୧ରୁ ଆରମ୍ଭ ହେବ।

# ଆଇପିଏଲ୍ ଆୟୋଜନ ପାଇଁ ନ୍ୟୁଜିଲାଣ୍ଡର ପ୍ରସ୍ତାବ

**ନୂଆଦିଲ୍ଲୀ,୬।୭(ପି.ଟି.):** ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଓ ଶ୍ରୀଲଙ୍କା ପରେ ନ୍ୟୁଜିଲାଣ୍ଡ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ କରିବାକୁ ପ୍ରସ୍ତାବ ଦେଇଛି। ଏନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅଷ୍ଟ୍ରେଲିଆରେ ଅକ୍ଟୋବର- ନଭେମ୍ବରରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ସ୍ଥଗିତ ହେବା ନେଇ ଘୋଷଣା ନିକଟତର ହେଉଛି। ଫଳରେ ଆଇପିଏଲ୍ ପାଇଁ ୱିଣ୍ଡୋ ସୃଷ୍ଟି ହୋଇଛି।






# 'ଦ୍ରୁତ ବୋଲିଂରେ ଉନ୍ନତି ପଛରେ ଫିଟ୍‌ନେସ୍'

**ନୂଆଦିଲ୍ଲୀ,୬।୭**

ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ଦ୍ରୁତ ବୋଲିଂରେ ଦୃଷ୍ଟାନ୍ତମୂଳକ ଉନ୍ନତି ହୋଇଛି। ଭାରତୀୟ ଦ୍ରୁତ ବୋଲିଂ ଏବେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପେସ୍ ଆଟକ ବିବେଚିତ ହେଉଛି। ଏହା ପଛର ରହସ୍ୟ ଖୋଲିଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅଧ୍ୟକ୍ଷ ସୌରଭ ଗାଙ୍ଗୁଲି। ଫିଟ୍‌ନେସ୍ ସଂସ୍କୃତିରେ ପରିବର୍ତ୍ତନ ଯୋଗୁ ଏହା ସମ୍ଭବ ହୋଇଛି ବୋଲି ଗାଙ୍ଗୁଲି ବିସିସିଆଇ ଟୁଇଟର ହ୍ୟାଣ୍ଡଲରେ ଉଲ୍ଲେଖ କରିଛନ୍ତି।

ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମିଙ୍କ ସମେତ ୫ଜଣ ଭାରତୀୟ ଦ୍ରୁତ ବୋଲର ଏବେ ଭାରତୀୟ ଦ୍ରୁତ ବୋଲିଂ ବିଭାଗକୁ ନୂଆ ରୂପ ଦେଇଛନ୍ତି। ପୂର୍ବରୁ ଭାରତ ସ୍ପିନ୍ ବୋଲିଂ ଉପରେ ନିର୍ଭର କରୁଥିଲା। କିନ୍ତୁ ଏବେ ଆଉ ସେକଥା ନାହିଁ ବୋଲି ଗାଙ୍ଗୁଲି କହିଛନ୍ତି। ଅନ୍ୟ ଦେଶଗୁଡ଼ିକ ଭଳି ଭାରତରେ ମଧ୍ୟ ଉଚ୍ଚକୋଟୀର ଦ୍ରୁତ ବୋଲର ସୃଷ୍ଟି ହୋଇପାରିବେ ବୋଲି ଏବେ ଚିନ୍ତା କରାଯାଉଛି।



ସୌରଭ ଗାଙ୍ଗୁଲି

୧୯୭୦ ଓ ୮୦ ଦଶକରେ ମାଇକେଲ ହୋଲ୍ଡିଂ, ଆଣ୍ଡି ରବର୍ଟ୍ସ, ମାଲକମ ମାର୍ଶାଲ ଓ ଜୋଏ ଗାର୍ନରଙ୍କ ଭଳି ତାରକା ଦ୍ରୁତ ବୋଲରଙ୍କ ପ୍ରଦର୍ଶନ ବଳରେ ୱେଷ୍ଟଇଣ୍ଡିଜ ବିଶ୍ୱ କ୍ରିକେଟରେ ଆଧିପତ୍ୟ ବିସ୍ତାର କରିଥିଲା। ଏବେ ଭାରତରେ ଏହା ଦେଖିବାକୁ ମିଳିଛି। ଇଶାନ୍ତ ଶର୍ମା, ଉମେଶ ଯାଦବ, ଭୁବନେଶ୍ୱର କୁମାର, ସାମି ଓ ବୁମ୍‌ରାଙ୍କୁ ନେଇ ଭାରତୀୟ ଦ୍ରୁତ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ମନେହେଉଛି ଓ ଏହା ବିଶ୍ୱର ସବୁଠାରୁ ଶ୍ରେଷ୍ଠ ବୋଲି ଗାଙ୍ଗୁଲି କହିଛନ୍ତି। ବର୍ତ୍ତମାନ ଏମାନେ ସମସ୍ତେ ଅନ୍ତର୍ଜାତୀୟ କ୍ରିକେଟରେ ଯଥେଷ୍ଟ ଅଭିଜ୍ଞତା ହାସଲ କରିଛନ୍ତି। ଫିଟ୍‌ନେସ୍ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ବୋଲରଙ୍କୁ ବାଦ୍ ଦେଲେ ବ୍ୟାଟ୍ସମ୍ୟାନମାନେ ମଧ୍ୟ ପଛରେ ପଡ଼ିନାହାନ୍ତି।

ପୂର୍ବରୁ ଅବଶ୍ୟ ଜାଭାଗାଲ ଶ୍ରୀନାଥ, ଜାହିର ଖାନ, ଆଶିଷ ନେହେରାଙ୍କ ଭଳି ଉଚ୍ଚକୋଟୀର ବୋଲର ଭାରତ ସୃଷ୍ଟି କରିବାରେ ସକ୍ଷମ ହୋଇଛି। କିଛିଦିନ ତଳେ ଭାରତୀୟ ଦ୍ରୁତ ବୋଲିଂକୁ ପୂର୍ବତନ ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ଇଆନ ବିଶପ ମଧ୍ୟ ତାରିଫ କରିଥିଲେ। ଭାରତୀୟ ଦ୍ରୁତ ବୋଲିଂରେ ବିପ୍ଲବ ଆସିଛି ବୋଲି ସେ କହିଥିଲେ। ୱେଷ୍ଟଇଣ୍ଡିଜ ଅଧିବାସୀମାନେ ସାଧାରଣତଃ ଶକ୍ତିଶାଳୀ ଓ ଦୃଢ଼ ହୋଇଥାନ୍ତି। କିନ୍ତୁ ଭାରତୀୟମାନେ ସ୍ୱତଃପ୍ରବୃତ୍ତ ଭାବେ ଶକ୍ତିଶାଳୀ ହୋଇ ନ ଥାଉ। କିନ୍ତୁ ଶକ୍ତିଶାଳୀ ହେବା ପାଇଁ ଆମେ କଠିନ ପରିଶ୍ରମ କରି ସଫଳତା ପାଇଛୁ ବୋଲି ସେ କହିଛନ୍ତି।

# ଅଲିମ୍ପିକ୍ସ ହୋଇପାରିବନି ବୋଲି ଭାବୁଛନ୍ତି ୭୭ ପ୍ରତିଶତ ଜାପାନୀ

**ଟୋକିଓ,୬।୭:** ଟୋକିଓ ଅଲିମ୍ପିକ୍ସ ଆସନ୍ତାବର୍ଷ ଆୟୋଜନ ହୋଇପାରିବ ନାହିଁ ବୋଲି ଜାପାନର ୭୭ ପ୍ରତିଶତ ବ୍ୟକ୍ତି ଭାବୁଥିବା ଏକ ସର୍ଭେରୁ ଜଣାପଡ଼ିଛି। ଜାପାନ ନ୍ୟୁଜ୍ ନେଟ୍‌ୱର୍କ (ଜେଏନ୍‌ଏନ୍) ଦ୍ୱାରା ଏହି ସର୍ଭେ କରାଯାଇଥିଲା। ଟୋକିଓ ୨୦୨୦ ଅଲିମ୍ପିକ୍ସ ପ୍ରଥମେ ଚଳିତ ମାସ ଆରମ୍ଭ ହେବା କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ୍-୧୯ ମହାମାରୀ କାରଣରୁ ଏହାକୁ ଆସନ୍ତାବର୍ଷକୁ ଘୁଞ୍ଚାଇ ଦିଆଯାଇଥିଲା। ତେବେ ଏହି ମହାମାରୀର ପ୍ରକୋପ ଏପର୍ଯ୍ୟନ୍ତ କମିନାହିଁ। ତେଣୁ ଏହା ଆସନ୍ତାବର୍ଷ ଆୟୋଜନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି ମେଗା ଇଭେଣ୍ଟକୁ ଆୟୋଜନ କରିବାକୁ ଆୟୋଜକମାନେ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି। ମହାମାରୀକୁ ଦୃଷ୍ଟିରେ ରଖି କମ୍ ଖର୍ଚ୍ଚ ଓ ରିକ୍ସରେ ଏହାର ଆୟୋଜନ ପାଇଁ ପ୍ରୟାସ କରିବେ ବୋଲି ଆୟୋଜନମାନେ କହିଛନ୍ତି। ଗତ ସପ୍ତାହ ଶେଷରେ ଜେଏନ୍‌ଏନ୍ ଜାପାନ ରାଜନୀତିକୁ ନେଇ ଏକ ସର୍ଭେ କରିଥିଲା। ଏଥିରେ କୌଣସି ସ୍ୱତନ୍ତ୍ର କାରଣ ନ ଦର୍ଶାଇ ୭୭ ପ୍ରତିଶତ ଲୋକ ନକାରାତ୍ମକ ମତ ପୋଷଣ କରିଥିଲେ। ତେବେ ୧୭ ପ୍ରତିଶତ ଅଲିମ୍ପିକ୍ସ ହେବ ବୋଲି ମତ ଦେଇଛନ୍ତି। ମହାମାରୀ କାରଣରୁ ଗତ ମାର୍ଚ୍ଚରେ ଜାପାନ ସରକାର ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ମିଳିତ ଭାବେ ଅଲିମ୍ପିକ୍ସକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲେ।






# ମେଡିକାଲ ପ୍ରଫେସନାଲଙ୍କୁ ମାରିନ୍‌ଙ୍କ ଅଫର

**ମାଡ୍ରିଡ, ୬।୭**

କରୋନା ଭାଇରସ ସଂକ୍ରମଣକୁ ରୋକିବା ପାଇଁ ସ୍ପେନ୍‌ରେ ଉଦ୍ୟମ ଜାରି ରହିଛି। ଏହି ଲଢ଼େଇରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ମେଡିକାଲ ପ୍ରଫେଶନାଲଙ୍କୁ ଉତ୍ସାହିତ କରିବାକୁ ଆଗେଇ ଆସିଛନ୍ତି ଅଲିମ୍ପିକ୍ ଚାମ୍ପିୟନ ଗୋଲ୍ଡେନ ଗର୍ଲ କାରୋଲିନା ମାରିନ। କରୋନା ସମୟରେ ନିରନ୍ତର ସେବା ଦେଇ ଲଢ଼େଇ ଜାରି ରଖିଥିବା ପେସାଦାର ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ମାରିନ ନିଜେ ଜିତିଥିବା ସ୍ୱର୍ଣ୍ଣ ପଦକ ଅଫର କରିଛନ୍ତି। ସ୍ପେନର ଅନେକ ମେଡିକାଲ ପ୍ରଫେସନାଲଙ୍କ ସହ ଭାବ ବିନିମୟ କରି ସେମାନଙ୍କ ମନୋବଳ ବଢ଼ାଇଛନ୍ତି ଏହି ମହିଳା ବ୍ୟାଡ୍‌ମିଣ୍ଟନ ତାରକା।

ମାରିନ ରିଓ ଅଲିମ୍ପିକ୍ସର ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ବିଶ୍ୱ ଚାମ୍ପିୟନଶିପ୍‌ରେ ଏହି ସ୍ପାନିଶ ମହିଳା ୩ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କରୋନା ଭାଇରସ ସଂକ୍ରମଣ ସମୟରେ ସାଧାରଣ ନାଗରିକଙ୍କୁ ଘରେ ରହିବା ପାଇଁ କୁହା ଯାଉଛି। ମାତ୍ର ସମଗ୍ର ବିଶ୍ୱର ମେଡିକାଲ ପ୍ରଫେସନାଲମାନେ ପ୍ରକୃତ ଯୋଦ୍ଧାଭାବେ ଏହା ବିରୋଧରେ ଲଢ଼େଇ ଜାରି ରଖିଛନ୍ତି। ନିରନ୍ତର ସେବାପାଇଁ ଡାକ୍ତର ଏବଂ ଅନ୍ୟ ପେସାଦାର ସ୍ୱାସ୍ଥ୍ୟ କର୍ମଚାରୀମାନେ ଲକ୍ଷଲକ୍ଷ ଲୋକଙ୍କର ହୃଦୟ ଜିତିଛନ୍ତି। ବିଶ୍ୱରେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଦେଶଗୁଡ଼ିକ ମଧ୍ୟରେ ସ୍ପେନ ଅନ୍ୟତମ। ତେଣୁ ଏହା ବିରୋଧରେ ଲଢ଼େଇ ଜାରି ରଖିଥିବା ମେଡିକାଲ ପ୍ରଫେସନାଲଙ୍କୁ ସମର୍ଥନ କରିବା ସହ ନିଜର ସ୍ୱର୍ଣ୍ଣ ପଦକ ଦେଇ ଦେବାକୁ ଇଚ୍ଛା ଜାହିର କରିଛନ୍ତି ଏହି ବ୍ୟାଡ୍‌ମିଣ୍ଟନ ତାରକା। ୨୦୧୬ ରିଓ ଅଲିମ୍ପିକ୍ସ ଫାଇନାଲରେ ଭାରତର ପି.ଭି. ସିନ୍ଧୁଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିବା ମାରିନ ନିକଟରେ ମାଡ୍ରିଡସ୍ଥିତ ଭିର୍ଗେନ ଡେଲ୍ ମାର୍ ହସ୍ପିଟାଲର ଆଗଧାଡ଼ିର ମେଡିକାଲ ପ୍ରଫେସନାଲଙ୍କ ସହିତ ଭିଡିଓ କଲ୍ ମାଧ୍ୟମରେ ଭାବବିନିମୟ କରି ସମସ୍ତଙ୍କୁ ବିସ୍ମିତ କରିଥିଲେ। ''ସେମାନେ ପ୍ରକୃତରେ ସ୍ପେନର ହିରୋ। ସେମାନଙ୍କ ସହ କଥା ହେବାବେଳେ ମୁଁ ମୋ ପଦକ ଅଫର କରିଛି। ପ୍ରକୃତରେ ସେମାନେ ପ୍ରଶଂସାର ପାତ୍ର'' ବୋଲି ଏକ ସାକ୍ଷାତକାରରେ ମାରିନ କହିଛନ୍ତି। ବାର୍ସିଲୋନାସ୍ଥିତ ସାନିଟାସ କିମା ହସ୍ପିଟାଲର ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ମଧ୍ୟ ମାରିନ କଥା ହୋଇଛନ୍ତି। ସେଠାରେ ଜଣେ ୧୦୦ ବର୍ଷର ବ୍ୟକ୍ତିଙ୍କୁ କରୋନା ଭାଇରସ ସଂକ୍ରମଣରୁ ସଫଳତାର ସହ ସୁସ୍ଥ କରିବାରେ ଏମାନଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା।



କାରୋଲିନା ମାରିନ



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ